R.N.I. REGN. No. 65000/96 POSTAL REGN. No. OR/BN-32/12-14

ସମୟ SAMAYA

ସମୟ

ପ୍ରତିଷ୍ଠାତା - ବସନ୍ତ କୁମାର ବିଶ୍ୱାଳ

30th ANNIVERSARY

ଏକତ୍ରିଂଶତମ ବର୍ଷ
ସଂଖ୍ୟା : ୩୩୩
ତିଥି : ଏକାଦଶୀ
୦୫ ନଭେମ୍ବର ୨୦୨୬, ଗୁରୁବାର
ଭୁବନେଶ୍ୱର
ପୃଷ୍ଠା- ୧୨, ମୂଲ୍ୟ- ଟ.୫.୦୦
05 November 2026, Thursday

Bhubaneswar | Balasore | Angul | Berhampur | Sambalpur

କୋଟିଆରେ ଆନ୍ଧ୍ରର ପଛଘୁଞ୍ଚା

ବିରୋଧ ଯୋଗୁଁ ଫେରିଗଲେ ନିର୍ବାଚନ ଅଧିକାରୀ

୨୧ ଗ୍ରାମରେ ୧୬୩ ଧାରା ଜାରି



କୋରାପୁଟ, ୪ ।୧୧ (ସବ୍ୟୁ): ଓଡ଼ିଶା ସୀମାରେ ପଶି ଆନ୍ଧ୍ର ପଞ୍ଚାୟତ ନିର୍ବାଚନ କରାଇବାକୁ ନେଇ କୋଟିଆରେ ଉତ୍ତେଜନା ବଢ଼ିବାରେ ଲାଗିଛି । କୋଟିଆ ସୀମାରେ ପୁଣି ତେଜିଛି ଆନ୍ଧ୍ର-ଓଡ଼ିଶା ବିବାଦ । ବ୍ୟାରିକେଡ ଭାଙ୍ଗି ଓ ସୀମାକୁ ଧସେଇ ପଶିବାକୁ ଉଦ୍ୟମ କରୁଥିବା ଆନ୍ଧ୍ର ପୁଲିସ ଓ ସମର୍ଥକଙ୍କୁ ଅଟକାଇଥିଲା ଓଡ଼ିଶା ପ୍ରଶାସନ ଓ ପୁଲିସ । ଫଳରେ ଉଭୟ ରାଜ୍ୟର ପୁଲିସ ଓ ସମର୍ଥକଙ୍କ ମଧ୍ୟରେ ଦୀର୍ଘ ସମୟ ଧରି ଧସ୍ତାଧସ୍ତି, ଠେଲାପେଲା ସହ ଉଭୟ ପକ୍ଷ ମଧ୍ୟରେ ମାରପିଟ ହେବା ପରେ ଓ ସୀମା ଛାଡ଼ି ପଳାଇଥିଲେ ଆନ୍ଧ୍ର ସମର୍ଥକ ଏବଂ ପୁଲିସ । ତେବେ ଓଡ଼ିଶା ସୀମା ଛାଡ଼ିବା ସମୟରେ ଆନ୍ଧ୍ର ସମର୍ଥକ ଓ ପୁଲିସ, ପ୍ରଶାସନ ଓ ସ୍ଥାନୀୟ ଅଞ୍ଚଳବାସୀଙ୍କ ଉପରକୁ ଲଙ୍କାଗୁଣ୍ଡ ଫୋପାଡ଼ି ଥିବା ଅଭିଯୋଗ ହୋଇଛି । ନେରେଡ଼ିୱାଲେସା ସୀମାରୁ ଆନ୍ଧ୍ର ଅଧିକାରୀ ଓ ପୁଲିସଙ୍କୁ ବିଦା କରିବା ପରେ ସେଠାରେ ସୁରକ୍ଷା ବ୍ୟବସ୍ଥାକୁ ଅଧିକ କ ଡ଼ାକଡ଼ି କରାଯାଇଛି । ଦୁଇ ରାଜ୍ୟର ପୋଲିସ ଓ ପ୍ରଶାସନିକ ଅଧିକାରୀଙ୍କ ମଧ୍ୟରେ ଦେଖାଦେଇଛି ତୀବ୍ର ମୁହାଁମୁହିଁ ପରିସ୍ଥିତି । ସୀମାରେ ଚାଲିଛି ବାକଯୁଦ୍ଧ । ଆନ୍ଧ୍ର ପକ୍ଷରୁ ୧୦୦ରୁ (୯ ପୃଷ୍ଠାରେ)

ମୁଖ୍ୟମନ୍ତ୍ରୀଙ୍କୁ ନବୀନଙ୍କ ଚିଠି

ଭୁବନେଶ୍ୱର, ୪ ।୧୧ (ସବ୍ୟୁ) : କୋଟିଆ ପ୍ରସଙ୍ଗରେ ବିରୋଧୀଦଳ ନେତା ନବୀନ ପଟ୍ଟନାୟକ ଆଜି ମୁଖ୍ୟମନ୍ତ୍ରୀ ମୋହନ ମାଝୀ ଙ୍କୁ ପତ୍ର ଲେଖିଛନ୍ତି । ଶ୍ରୀ ପଟ୍ଟନାୟକ ତାଙ୍କ ପତ୍ର ରେ ଉଲ୍ଲେଖ କରିଛନ୍ତି, ଓଡ଼ିଶାବାସୀଙ୍କ ତୀବ୍ର ବିରୋଧ ସତ୍ତ୍ୱେ ଆନ୍ଧ୍ରପ୍ରଦେଶ ଆସନ୍ତାକାଲି କୋଟିଆରେ ନିର୍ବାଚନ କରାଇବାକୁ ଅଗ୍ରସର ହେଉଥିବା ନିଶ୍ଚିତ ଭାବରେ ଚିନ୍ତା ର ବିଷୟ ।

କୋଟିଆ ସମ୍ପର୍କରେ ସେ ଅକ୍ଟୋବର ୧୯ (୯ ପୃଷ୍ଠାରେ)

ଅଗ୍ନିପଥ ଯୋଜନାରେ ପରିବର୍ତ୍ତନ

୭୫% ଅଗ୍ନିବୀରଙ୍କୁ ଆଉ ଦୁଇବର୍ଷ ସୁଯୋଗ



ନୂଆଦିଲ୍ଲୀ, ୪ ।୧୧ : ଅଗ୍ନିପଥ ଯୋଜନାରେ ବଡ଼ ପରିବର୍ତ୍ତନ ଆଣିବାକୁ କେନ୍ଦ୍ର କ୍ୟାବିନେଟ୍ ବୁଧବାର ଅନୁମୋଦନ ପ୍ରଦାନ କରିଛି । ୨୦୨୨ରେ ସଶସ୍ତ୍ର ବାହିନୀର ବୟସଗତ ଗଠନକୁ ଯୁବ ରଖିବା ଉଦ୍ଦେଶ୍ୟରେ ଆରମ୍ଭ ହୋଇଥିବା ଏହି ଯୋଜନାରେ ଏବେ ଅଗ୍ନିବୀରମାନଙ୍କ ସେବା ଅବଧି ବୃଦ୍ଧି କରାଯାଇଛି । ଚାରି ବର୍ଷର ସେବା ଅବଧି ଅଳ୍ପ ମନେ କରୁଥିବା ଯୁବକଯୁବତୀଙ୍କ ପାଇଁ ଏହି ନିଷ୍ପତ୍ତି ଆଶ୍ୱସ୍ତି ଆଣିଛି ।

ନୂଆ ନିୟମ ଅନୁଯାୟୀ, ଚାରି ବର୍ଷର ସେବା ପରେ ନିୟମିତ ସେନାରେ ସ୍ଥାୟୀ ନିଯୁକ୍ତି ପାଇଁ ଚୟନ ହୋଇନଥିବା ୭୫ ପ୍ରତିଶତ ଅଗ୍ନିବୀରଙ୍କୁ ଅତିରିକ୍ତ ଦୁଇ ବର୍ଷ ସେନାରେ ସେବା କରିବାର ସୁଯୋଗ ମିଳିବ । ଏହି ଛଅ ବର୍ଷର ସେବା ଅବଧି ପରେ ସେମାନେ ନିଜ ଇଚ୍ଛା ଏବଂ ଯୋଗ୍ୟତା ଅନୁଯାୟୀ ଭାରତୀୟ ସ୍ଥଳସେନା, ନୌସେନା କିମ୍ବା ବାୟୁସେନାର ନିୟମିତ କ୍ୟାଡରରେ ନିଯୁକ୍ତି ପାଇଁ ପୁନର୍ବାର ଆବେଦନ କରିପାରିବେ ।

ଏହି ପରିବର୍ତ୍ତନକୁ ନୀତିଗତ ସ୍ତରରେ ଏକ ବଡ଼ ପଦକ୍ଷେପ ବୋଲି ବିବେଚନା କରାଯାଉଛି । ସଶସ୍ତ୍ର ବାହିନୀରେ ଦୀର୍ଘ ସମୟ ଧରି ସେବା କରିବାକୁ ଇଚ୍ଛୁକ ପ୍ରାର୍ଥୀଙ୍କ ପାଇଁ ଏହା ଅଧିକ ସୁଯୋଗ ସୃଷ୍ଟି (୯ ପୃଷ୍ଠାରେ)

ଆମେରିକା ମଧ୍ୟବର୍ତ୍ତୀ ନିର୍ବାଚନରେ ଟ୍ରମ୍ପଙ୍କୁ ଝଟ୍‌କା

ସିନେଟ୍, ପ୍ରତିନିଧି ସଭାରେ ବିରୋଧୀଙ୍କ ବିଜୟ



ୱାଶିଂଟନ୍, ୪ ।୧୧ : ଆମେରିକାର ମଧ୍ୟବର୍ତ୍ତୀ ନିର୍ବାଚନରେ ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ ଏବଂ ତାଙ୍କ ରିପବ୍ଲିକାନ୍ ପାର୍ଟିକୁ ଆମେରିକୀୟ ଭୋଟରମାନେ ଶକ୍ତ ଧକ୍କା ଦେଇଛନ୍ତି । ସିନେଟ୍ ଓ ପ୍ରତିନିଧି ସଭାରେ ଡେମୋକ୍ରାଟିକ୍ ପାର୍ଟି ବିପୁଳ ବିଜୟ ହାସଲ କରିଛି । ଅଦ୍ୟାବଧି ମିଳିଥିବା ସୂଚନା ଅନୁଯାୟୀ ୧୦୦ ସଦସ୍ୟ ବିଶିଷ୍ଟ ଆମେରିକା ସିନେଟରେ ୫୪ ସଦସ୍ୟ ଡେମୋକ୍ରାଟିକ୍ ପାର୍ଟିର ଜିତିଥିବାବେଳେ ରିପବ୍ଲିକାନ୍ ପାର୍ଟିର ୪୪ ଜଣ ଜିତିଛନ୍ତି । ସେହିଭଳି ପ୍ରତିନିଧି ସଭାରେ ୪୩୫ ସଦସ୍ୟ ଅଛନ୍ତି । ଡେମୋକ୍ରାଟିକ୍ ପାର୍ଟିର ୨୩୧ ସଦସ୍ୟ ଜିତିଥିବାବେଳେ ଟ୍ରମ୍ପଙ୍କ ରିପବ୍ଲିକାନ୍ ପାର୍ଟିର ୧୪୪ ଜଣ ଜିତିଥିବା ସୂଚନା ମିଳିଛି । ଉଭୟ ଆମେରିକୀୟ ସଂସଦର ସଦନ ସିନେଟ୍ ଓ ହାଉସ୍ ଅଫ୍ ରିପ୍ରେଜେଣ୍ଟେଟିଭ୍ସରେ ଡେମୋକ୍ରାଟ୍‌ମାନେ (୯ ପୃଷ୍ଠାରେ)

ରାଜଧାନୀରେ ଦୁଇ ହତ୍ୟାକାଣ୍ଡ

ଭୁବନେଶ୍ୱର, ୪ ।୧୧ (ସବ୍ୟୁ) : ଲକ୍ଷ୍ମୀସାଗର ଥାନା ଅନ୍ତର୍ଗତ ବୁଦ୍ଧେଶ୍ୱରୀ କଲୋନୀରେ ଜଣେ ବୟସ୍କା ମହିଳାଙ୍କୁ କେୟାରଟେକର ହତ୍ୟା କରି ସୁନା ଗହଣା ଓ ଟଙ୍କା ନେଇ ଫେରାର ହୋଇଯାଇଥିବା ବେଳେ ମଞ୍ଚେଶ୍ୱର ଥାନା ଅନ୍ତର୍ଗତ ଗାଡକଣା କେଳୁଚରଣ ପାର୍କ ନିକଟ ଜଙ୍ଗଲରୁ କଙ୍କାଳ ଉଦ୍ଧାର କରିଛି କମିଶନରେଟ୍ ପୋଲିସ । କଙ୍କାଳ ମହିଳା କିମ୍ବା ପୁରୁଷଙ୍କର ତାହା ସ୍ପଷ୍ଟ ଜଣାପଡ଼ିନାହିଁ । ଦୁଇଟିଯାକ ଘଟଣାସ୍ଥଳକୁ ସାଇଣ୍ଟିଫିକ୍ ଟିମ୍ ସହ ବରିଷ୍ଠ ପୋଲିସ ଅଧିକାରୀମାନେ ଯାଇ ତଦନ୍ତ ଆରମ୍ଭ କରିଛନ୍ତି ।


ବୁଦ୍ଧେଶ୍ୱରୀ କଲୋନୀରେ ରହୁଥିବା କୁଞ୍ଜଲତା ନନ୍ଦ (୭୬)ଙ୍କୁ ଦେଖାରଖା କରିବା ପାଇଁ ତାଙ୍କ ପିଲାମାନେ କେୟାରଟେକର (୯ ପୃଷ୍ଠାରେ)

ଅର୍ଣ୍ଣବ କ୍ଷତି ଲାଗି ୧୦୭ କୋଟି ମଞ୍ଜୁର

ଭୁବନେଶ୍ୱର, ୪ ।୧୧ (ସବ୍ୟୁ): ବାତ୍ୟା 'ଅର୍ଣ୍ଣବ' ଦ୍ୱାରା ପ୍ରଭାବିତ ପରିବାରକୁ ନଗଦ ଅନୁଗ୍ରହ ସହାୟତା ପ୍ରଦାନ ଲାଗି ରାଜ୍ୟ ସରକାର ଗଞ୍ଜାମ ଓ କୋରାପୁଟ ଜିଲ୍ଲା ପାଇଁ ପ୍ରାୟ ୧୦୭ କୋଟି ୭୦ ଲକ୍ଷରୁ ଉର୍ଦ୍ଧ୍ୱ ଟଙ୍କା ରାଜ୍ୟ ବିପର୍ଯ୍ୟୟ ପ୍ରଶମନ ପାଣ୍ଠି (ଏସଡିଆରଏଫ୍)ରୁ ମଞ୍ଜୁର କରିଛନ୍ତି । ଏଥିମଧ୍ୟରୁ ଗଞ୍ଜାମ ଜିଲ୍ଲା ପାଇଁ ୧୦୭ କୋଟି ୪୪ ଲକ୍ଷ ୫୫ ହଜାର ଟଙ୍କା ଏବଂ କୋରାପୁଟ ଜିଲ୍ଲା ପାଇଁ ୨୬ ଲକ୍ଷ ୨୭ ହଜାର ୫୦୦ ଟଙ୍କା ମୁକ୍ତ କରାଯାଇଛି ।

ମଞ୍ଜୁର ହୋଇଥିବା ଅର୍ଥରାଶି ଅନୁଯାୟୀ, ଗଞ୍ଜାମ ଜିଲ୍ଲାର ବାତ୍ୟା 'ଅର୍ଣ୍ଣବ' ପ୍ରଭାବିତ ୪ ଲକ୍ଷ ୨୯ ହଜାର ୭୮୨ଟି ପରିବାରକୁ ପରିବାର ପିଛା ୨,୫୦୦ ଟଙ୍କା ହାରରେ (୯ ପୃଷ୍ଠାରେ)







ଟ୍ରାଫିକ ନିୟନ୍ତ୍ରଣ କରୁଛି ରୋବଟ

ଚୀନ୍‌ରେ ଟ୍ରାଫିକ୍ ପରିଚାଳନା ପାଇଁ ସ୍ଥାନୀୟ ପୋଲିସ୍ ବର୍ତ୍ତମାନ ରୋବଟର ସହାୟତା ନେବା ଆରମ୍ଭ କରିଛି । ଏହି ରୋବଟଗୁଡ଼ିକ ରାସ୍ତାରେ ଯାନବାହାନ ଏବଂ ପଦଚାରୀଙ୍କ ଗତିବିଧି ଉପରେ ନଜର ରଖିବା ସହ ଟ୍ରାଫିକ୍ ନିୟମ ଭାଙ୍ଗୁଥିବା ଲୋକଙ୍କୁ ସଚେତନ କରୁଛନ୍ତି ଓ ଟ୍ରାଫିକ୍ ସଙ୍କେତ ଦେଉଛନ୍ତି । ନିକଟରେ ହାଙ୍ଗଝୋ ମାରାଥନ୍‌ରେ ପ୍ରାୟ ୩୬,୦୦୦ ଆଥଲେଟ୍‌ଙ୍କ ଭିଡ଼କୁ ସୁଚାରୁରୂପେ ନିୟନ୍ତ୍ରଣ କରିବା ପାଇଁ ଚାରୋଟି ସ୍ଥାନରେ ଏହି ରୋବଟଗୁଡ଼ିକୁ ମୁତୟନ କରାଯାଇଥିଲା । 'ହାଙ୍ଗସିଂ ନଂ. ୨' ନାମକ ଏହି ରୋବଟର ଉଚ୍ଚତା ୧୭୮ ସେଣ୍ଟିମିଟର । ଏହାକୁ 'ଡିପ୍ ରୋବୋଟିକ୍ସ' ସ୍ଥାନୀୟ ଟ୍ରାଫିକ୍ ପ୍ରଶାସନ ସହ ମିଶି ବିକଶିତ କରିଛି । ଏଥିରେ ଲାଗିଥିବା କ୍ୟାମେରା ଏବଂ ସେନ୍ସର୍ ସାହାଯ୍ୟରେ ଏହା ସ୍ୱାଧୀନ ଭାବେ ରାସ୍ତାରେ ପାଟ୍ରୋଲିଂ କରିପାରୁଛି । ବର୍ଷା, ଜଳ ଏବଂ - ୨୦ଡିଗ୍ରୀ ସେଲ୍ସିୟସରୁ ୫୫ଡିଗ୍ରୀ ସେଲ୍ସିୟସ୍ ପର୍ଯ୍ୟନ୍ତ ତାପମାତ୍ରାରେ ମଧ୍ୟ ଏହି ରୋବୋ ସହଜରେ କାମ କରିପାରେ । ପୂର୍ବରୁ ଏପ୍ରିଲ୍ ମାସରେ ବେଜିଂ ହାଫ୍ ମାରାଥନ୍‌ରେ ମଧ୍ୟ ଏହିପରି ରୋବୋ ନିୟୋଜିତ ହୋଇଥିଲେ । ତେବେ ଟ୍ରାଫିକ୍ ପୋଲିସ୍‌ଙ୍କ ସ୍ଥାନ ନୁହେଁ, ବରଂ ପୋଲିସ୍ କର୍ମଚାରୀଙ୍କ କାର୍ଯ୍ୟଭାର କମାଇବା ପାଇଁ ଏହି ବ୍ୟବସ୍ଥା କରାଯାଇଛି । ସୋସିଆଲ ମିଡିଆରେ ରୋବଟ ଗୁଡିକ ଖୁବ ଭାଇରାଲ ହେବାରେ ଲାଗିଛନ୍ତି ।



ଏକାଠି କରିବେ ସ୍କ୍ରିନ ସେୟାର

ସାଉଥ୍ ସିନେମାର ଲୋକପ୍ରିୟ ଅଭିନେତା ସିଲମ୍ବରସନ୍ ଟିଆର୍ ଏବଂ 'ଲେଡି ସୁପରଷ୍ଟାର୍' ନୟନତାରା ପୁଣିଥରେ ବଡ ପରଦାରେ ଏକାଠି ନଜର ଆସିବାକୁ ଯାଉଛନ୍ତି । ଗଣମାଧ୍ୟମ ରିପୋର୍ଟ ଅନୁସାରେ, 'ଡ୍ୟୁଡ୍' ଫିଲ୍ମର ନିର୍ଦ୍ଦେଶକ କୀର୍ତ୍ତିଶ୍ୱରନ୍‌ଙ୍କ ଆଗାମୀ ନିର୍ଦ୍ଦେଶିତ ଚଳଚ୍ଚିତ୍ରରେ ଏହି ଯୋଡ଼ି ତୃତୀୟ ଥର ପାଇଁ ସ୍କ୍ରିନ୍ ସେୟାର୍ କରିପାରନ୍ତି । ଯେଉଁଥିରେ ସିଲମ୍ବରସନ୍‌ଙ୍କୁ ଜଣେ ପୋଲିସ୍ ଅଫିସର ଭୂମିକାରେ ଦେଖିବାକୁ ମିଳିବାର ସମ୍ଭାବନା ରହିଛି । ତେବେ ଏ ନେଇ ପ୍ରଯୋଜକ କିମ୍ବା ନିର୍ମାତାଙ୍କ ପକ୍ଷରୁ କୌଣସି ଆନୁଷ୍ଠାନିକ ଘୋଷଣା କରାଯାଇ ନାହିଁ । ହେଲେ ଖବରଟି ପ୍ରଶଂସକଙ୍କ ମଧ୍ୟରେ ବେଶ୍ ଉତ୍ସାହ ସୃଷ୍ଟି କରିଛି । ପୂର୍ବରୁ ଏହି ଯୋଡ଼ିଙ୍କୁ ଏସଟିଆର୍‌ଙ୍କ ନିଜ ନିର୍ଦ୍ଦେଶିତ ରୋମାଣ୍ଟିକ୍ ଥ୍ରିଲର୍ 'ବଲ୍ଲଭନ୍' ଏବଂ ୨୦୧୬ର ରୋମାଣ୍ଟିକ୍ କମେଡି 'ଇଦୁ ନମ୍ମା ଆଲୁ'ରେ ଏକାଠି ଦେଖିବାକୁ ମିଳିଥିଲା । ଅନ୍ୟପଟେ ସିଲମ୍ବରସନ୍‌ଙ୍କୁ ନିକଟରେ କମଲ ହାସନ୍‌ଙ୍କ ସହ ମଣିରତ୍ନମ୍‌ଙ୍କ ଚଳଚ୍ଚିତ୍ର 'ଠଗ୍ ଲାଇଫ୍'ରେ ଦେଖିବାକୁ ମିଳିଥିଲା । ସେ ଆଗାମୀ ଦିନରେ ଭେଟ୍ରିମାରନ୍‌ଙ୍କ 'ଅରସନ୍' (୨୦୨୭) ଓ ଅଶ୍ୱଥ ମାରିମୁଥୁଙ୍କ ଏକ ଫାଣ୍ଟାସି ଆକ୍ସନ୍ ଫିଲ୍ମରେ ନଜର ଆସିବେ । ଅନ୍ୟପଟେ ନୟନତାରା, ସଲମାନ୍ ଖାନ୍‌ଙ୍କ ସହ 'ମନ୍‌ଷ୍ଟର' ଏବଂ ରଜନୀକାନ୍ତଙ୍କ 'ଧର୍ମନ୍' ସମେତ ଅନ୍ୟ କେତେକ ବଡ଼ ପ୍ରକଳ୍ପରେ ନଜର ଆସିବେ ।



ବିଶ୍ୱ ସୁନାମୀ ସଚେତନତା ଦିବସ

ପ୍ରତିବର୍ଷ ନଭେମ୍ବର ୫ ତାରିଖକୁ 'ବିଶ୍ୱ ସୁନାମୀ ସଚେତନତା ଦିବସ' ଭାବେ ପାଳନ କରାଯାଏ, ଯାହାର ମୁଖ୍ୟ ଉଦ୍ଦେଶ୍ୟ ହେଉଛି ସୁନାମୀ ଭଳି ପ୍ରାକୃତିକ ବିପର୍ଯ୍ୟୟ ସମ୍ପର୍କରେ ସାଧାରଣ ଜନତାଙ୍କୁ ସଚେତନ କରିବା । ଏହାର ମୁକାବିଲା ପାଇଁ ପୂର୍ବ ପ୍ରସ୍ତୁତିକୁ ମଜଭୁତ କରିବା ଏହାର ଉଦ୍ଦେଶ୍ୟ । ଏହି ଦିନଟି ସୁନାମୀର ବିନାଶକାରୀ ପ୍ରଭାବ ବିଷୟରେ ସଚେତନତା ସୃଷ୍ଟି କରିବା ସହ ଜୀବନ ଏବଂ ସମ୍ପତ୍ତି ରକ୍ଷା ପାଇଁ ପ୍ରଭାବଶାଳୀ ପୂର୍ବତନ ସତର୍କତା ବ୍ୟବସ୍ଥାର ଗୁରୁତ୍ୱକୁ ବର୍ଣ୍ଣନା କରିଥାଏ । ଇତିହାସରେ ଘଟିଥିବା ବିଭିନ୍ନ ବିନାଶକାରୀ ସୁନାମୀରୁ ଶିକ୍ଷା ନେଇ ବିଶ୍ୱର ବିଭିନ୍ନ ଉପକୂଳବର୍ତ୍ତୀ ଅଞ୍ଚଳରେ ଜନସଚେତନତା କାର୍ଯ୍ୟକ୍ରମ, ମକ୍ ଡ୍ରିଲ୍ ଏବଂ ସୁରକ୍ଷା ସମ୍ବନ୍ଧୀୟ ଆଲୋଚନାଚକ୍ର ଆୟୋଜନ କରାଯାଇଥାଏ । ଜଳବାୟୁ ପରିବର୍ତ୍ତନ ଏବଂ ସାମୁଦ୍ରିକ ଝଡ଼ର ପ୍ରଭାବ ବୃଦ୍ଧି ପାଉଥିବାରୁ ଉପକୂଳବର୍ତ୍ତୀ ସମୁଦାୟକୁ ସୁରକ୍ଷିତ ରଖିବା ପାଇଁ ସଠିକ୍ ସମୟରେ ସତର୍କ ସୂଚନା ପାଇବା ଏବଂ ନିରାପଦ ସ୍ଥାନକୁ ସ୍ଥାନାନ୍ତରିତ ହେବାର କୌଶଳ ଜାଣିବା ଅତ୍ୟନ୍ତ ଜରୁରୀ ଅଟେ । ଏହି ଦିବସ କେବଳ ସରକାରୀ ସ୍ତରରେ ନୁହେଁ, ବରଂ ବ୍ୟକ୍ତିଗତ ଏବଂ ସାମାଜିକ ସ୍ତରରେ ମଧ୍ୟ ବିପର୍ଯ୍ୟୟ ପରିଚାଳନା କ୍ଷମତାକୁ ବୃଦ୍ଧି କରିବା ପାଇଁ ସମସ୍ତଙ୍କୁ ପ୍ରେରଣା ଦେଇଥାଏ ।



ଇତିହାସ

- ୧୬୩୦- ସ୍ପେନ୍ ଏବଂ ଇଂଲଣ୍ଡ ମଧ୍ୟରେ ଶାନ୍ତି ଚୁକ୍ତି ସ୍ୱାକ୍ଷରିତ ।
- ୧୬୩୯- ମାସାଚୁସେଟ୍ସରେ ପ୍ରଥମ ଡାକଘର ସ୍ଥାପନ କରାଗଲା ।
- ୧୬୭୫- ଗୁପ୍ତ ବୁଝାମଣା ଉପରେ ସ୍ପେନ୍ ଏବଂ ଅଷ୍ଟ୍ରିଆର ସ୍ୱାକ୍ଷର ।
- ୧୮୭୦- ମହାନ ସ୍ୱାଧୀନତା ସଂଗ୍ରାମୀ ଚିତ୍ତରଞ୍ଜନ ଦାସଙ୍କ ଜନ୍ମ ।
- ୧୮୯୫- ଅଟୋ ମୋବାଇଲ୍ ପାଇଁ ଜର୍ଜ ବି ସେଲଡମ୍‌ଙ୍କୁ ଆମେରିକାର ପ୍ରଥମ ପେଟେଣ୍ଟ ମିଳିଲା ।
- ୧୯୨୦- ଇଣ୍ଡିଆନ୍ ରେଡ୍‌କ୍ରସ୍ ସୋସାଇଟିର ସ୍ଥାପନା ।
- ୧୯୩୦- ଆମେରିକାର ମହାନ ସାହିତ୍ୟିକ ସିନ୍‌କ୍ଲେଅର୍ ଲେଭିସ୍‌ଙ୍କୁ ସାହିତ୍ୟରେ ନୋବେଲ୍ ପୁରସ୍କାର ।
- ୧୯୬୧- ଭାରତର ପ୍ରଥମ ପ୍ରଧାନମନ୍ତ୍ରୀ ଜବାହରଲାଲ୍ ନେହେରୁ ନ୍ୟୁୟର୍କ ଯାତ୍ରା କଲେ ।
- ୨୦୦୭- ଚୀନ୍‌ର ପ୍ରଥମ ମହାକାଶ ଯାନ ଚେଞ୍ଜ୍ ୧ ଚନ୍ଦ୍ର କକ୍ଷରେ ପହଞ୍ଚିଲା ।

ୱାର୍କ ଫ୍ରମ ପାର୍କ



ଦୁବାଇରେ ଅଫିସ୍ କିମ୍ବା ଘର ବଦଳରେ ପାର୍କରେ ବସି କାମ କରିବାର ଏକ ନୂଆ ଧାରା ଆରମ୍ଭ ହୋଇଛି, ଯାହାକୁ 'ୱାର୍କ ଫ୍ରମ୍ ପାର୍କ' ନାମ ଦିଆଯାଇଛି । ଏଥିପାଇଁ ଗଛଲତା ଓ ପୋଖରୀ ସୁଶୋଭିତ ଖୋଲା ସ୍ଥାନଗୁଡ଼ିକରେ ବିନା କୌଣସି ଶୁଳ୍କରେ ଲ୍ୟାପଟପ୍ ରଖି କାମ କରିବାର ସୁବିଧା ସୃଷ୍ଟି କରାଯାଇଛି । ଦୁବାଇର ଅଲ୍ ବାର୍ଷା ପଣ୍ଡ ପାର୍କ ଠାରେ ଲୋକଙ୍କ କାମ କରିବା ପାଇଁ ବସିବା ସହିତ ଅନ୍ୟ ବ୍ୟବସ୍ଥା କରାଯାଇଛି । ଯେଉଁଠାରେ ୱାଇ-ଫାଇ ଏବଂ ଲ୍ୟାପଟପ୍ ଚାର୍ଜିଂ ପଏଣ୍ଟ ମିଳୁଛି । ଏହାସହ ୩୦ ଜଣ କ୍ଷମତାବିଶିଷ୍ଟ ଏକ ଏୟାର-କଣ୍ଡିସନ୍‌ଡ କୋ- ୱାର୍କିଂ ସ୍ପେସ୍ ମଧ୍ୟ ନିର୍ମାଣ କରାଯାଇଛି । ହେଲେ ଏହି ସ୍ପେସର ଦୈନିକ ଭଡ଼ା ପ୍ରାୟ ୧,୨୦୦ ଟଙ୍କା ଏବଂ ଏଥିରେ କଫି ଓ ୱାଇ-ଫାଇ ସୁବିଧା ଅନ୍ତର୍ଭୁକ୍ତ । ବୃତ୍ତିଗତ ଓ ବ୍ୟକ୍ତିଗତ ଜୀବନ ମଧ୍ୟରେ ଉତ୍ତମ ସନ୍ତୁଳନ ରକ୍ଷା କରିବା ଲକ୍ଷ୍ୟରେ ଆରମ୍ଭ ହୋଇଥିବା ଏହି ପଦକ୍ଷେପ ଯୋଗୁଁ ଲୋକମାନେ କାମ ସହ ଦୌଡ଼ିବା, ଫୁଟବଲ୍ ଓ ଟେନିସ୍ ଖେଳିପାରୁଛନ୍ତି ଏବଂ ନିଜ ପିଲାମାନଙ୍କୁ ମଧ୍ୟ ପାର୍କକୁ ସାଙ୍ଗରେ ଆଣିପାରୁଛନ୍ତି । ଏହି ଟ୍ରେଣ୍ଡଟି ସୋସିଆଲ ମିଡିଆରେ ଭାଇରାଲ ହେବାସହ ଲୋକମାନେ ଏହାକୁ ଖୁବ ପସନ୍ଦ କରୁଛନ୍ତି ।

ମାଛିମାନେ ନିଅନ୍ତି ମଦର ସାହାରା



ପ୍ରେମରେ ବିଫଳତା କେବଳ ମଣିଷକୁ ନୁହେଁ, ବରଂ ମାଛିମାନଙ୍କୁ ମଧ୍ୟ ପ୍ରଭାବିତ କରିଥାଏ ବୋଲି ଏକ ଗବେଷଣାରୁ ପ୍ରକାଶ ପାଇଛି । ଅଧ୍ୟୟନ ଅନୁସାରେ, ସ୍ତ୍ରୀ ମାଛି ଦ୍ୱାରା ପ୍ରତ୍ୟାଖ୍ୟାତ ହୋଇଥିବା ପୁରୁଷ ମାଛିମାନେ ମଦ୍ୟମିଶ୍ରିତ ଖାଦ୍ୟ ଖାଇବା ଆରମ୍ଭ କରିଦିଅନ୍ତି । ଯାହା ପ୍ରେମରେ ସଫଳ ହୋଇଥିବା ମାଛିଙ୍କ କ୍ଷେତ୍ରରେ ଦେଖାଯାଏ ନାହିଁ । ବୈଜ୍ଞାନିକମାନେ ଦୁଇଟି ଦଳର ପୁରୁଷ ମାଛିଙ୍କୁ ସାଧାରଣ ଖାଦ୍ୟ ଏବଂ ମଦ୍ୟମିଶ୍ରିତ ଖାଦ୍ୟ ଦେଇଥିଲେ । ସେଥିମଧ୍ୟରୁ ପ୍ରତ୍ୟାଖ୍ୟାତ ପୁରୁଷ ମାଛିମାନେ ଅଧିକ ମଦ୍ୟମିଶ୍ରିତ ଖାଦ୍ୟ ପସନ୍ଦ କରିଥିଲେ । 'ସାଇନ୍ସ' ଜର୍ଣ୍ଣାଲରେ ପ୍ରକାଶିତ ୨୦୧୨ର ଏକ ଅଧ୍ୟୟନ ଅନୁଯାୟୀ, ଏହି ବ୍ୟବହାର ପଛରେ 'ନ୍ୟୁରୋପେପ୍ଟାଇଡ୍ ଏଫ୍' ନାମକ ମସ୍ତିଷ୍କ କେମିକାଲର ଭୂମିକା ରହିଛି । ପ୍ରେମରେ ସଫଳ ହେଲେ ଏହି କେମିକାଲ୍‌ର ସ୍ତର ବୃଦ୍ଧି ପାଉଥିବା ବେଳେ ପ୍ରତ୍ୟାଖ୍ୟାତ ହେଲେ ଏହା କମିଯାଏ । ନିକଟରେ 'ନ୍ୟୁ ସାଇଣ୍ଟିଷ୍ଟ'ରେ ମଧ୍ୟ କୀଟପତଙ୍ଗଙ୍କ ଏହି ଅସାଧାରଣ ବ୍ୟବହାର ଉପରେ ଏକ ରିପୋର୍ଟ ପ୍ରକାଶ ପାଇଥିଲା । ଯାହା କୀଟପତଙ୍ଗଙ୍କର ମଧ୍ୟ ଭାବପ୍ରବଣତା ଥିବା ଦର୍ଶାଉଛି ।

ସୋସିଆଲ କୋଟ୍ସ



ରକି ଓ ରାନିକୀ ପ୍ରେମ କାହାଣୀରେ ରଣବୀରଙ୍କ ସହ କାମ କରି ମୋତେ ଖୁବ ଖୁସି ଲାଗିଥିଲା । ଏହା ମୋ କ୍ୟାରିୟରର ଯେପରି ଟର୍ଣ୍ଣି ପଏଣ୍ଟ ଥିଲା । ସେ ଖୁବ ଜଲଦି ଦିଲ୍ଲୀର କଥା କହିବାର ଶୈଳୀ ଶିଖିଯାଇଥିଲେ ।

ୟୁବରାଜ ଦୁଆ,ୟୁଟ୍ୟୁବର



କୋରିଓଗ୍ରାଫର ମୋତେ ପୂର୍ବରୁ ଡ୍ୟାନ୍ସର ରିହଲସଲ୍ କରାଇନଥିଲେ । ମୋତେ ଖାଲି ତାଳିମାରିବାର ଅଛି ବୋଲି କହିଥିଲେ । ହେଲେ ସେଟରେ ଜାଣିଲି ନାଚିବାର ଅଛି, ଯାହା ମୋତେ ନର୍ଭସ କରିଥିଲା ।

ସବାନା ଆଜମୀ, ଅଭିନେତ୍ରୀ



ପ୍ରଥମେ ମୁଁ ମାଟରନିଟି ଲିଭ୍‌ରେ ଥିଲି । ହେଲେ ପରେ ମୋ ସ୍ୱାମୀ ତାରକ ମେହେତା କା ଉଲଟା ଚଷମାରୁ ରିଜାଇନ୍ କରିଥିଲେ । ଏହାପରେ ମୋତେ ମଧ୍ୟ ସେଥିରୁ ବିନା ନୋଟିସରେ ବାହାର କରିଦିଆଗଲା ।

ପ୍ରିୟା ଅହୁଜା, ଅଭିନେତ୍ରୀ

ଓଡ଼ିଆ ରୁଚି


ଅମୃତଭଣ୍ଡା ପାଏସ୍



ସାମଗ୍ରୀ- ବଡ଼ ପାଚଲ ଅମୃତଭଣ୍ଡା, କ୍ଷୀର ୧ଲିଟର, ସୁଜି ଅଧକପ୍ ଚିନି ଦୁଇକପ୍, ଘିଅ ୬ ଚାମଚ, କାଜୁ ୧୦ଟି, କିସମିସ ୧୦ ଟା, ଖୁଆ ଅଧକପ୍, ଗୁଜୁରାତି ୫ଟା ।

ପ୍ରଣାଳୀ- ଗୁଜୁରାତିକୁ ଗୁଣ୍ଡ କରିଦିଅନ୍ତୁ । କାଜୁ, କିସମିସ, ସୁଜିକୁ ଅଲଗା ଅଲଗା ଘିଅରେ ଭାଜି ରଖନ୍ତୁ । ଅମୃତଭଣ୍ଡାର ଚୋପା ଓ ମଞ୍ଜି ଶିରାକୁ ବାହାର କରି କୋରି ଦିଅନ୍ତୁ । କ୍ଷୀର ସହିତ ଚିନି ମିଶାଇ ଆଞ୍ଚରେ ବସାନ୍ତୁ । କ୍ଷୀର ଫୁଟି ଆସିଲେ ସେଥି ରେ ଭଜା ସୁଜି ପକାଇ ଘାଣ୍ଟନ୍ତୁ । ସୁଜି ସିଝିଆସିଲେ ସେଥି ରେ ଅମୃତଭଣ୍ଡା କୋରା ପକାଇ ଘାଣ୍ଟନ୍ତୁ । ଏହା ବହଳିଆ ହୋଇଆସିଲେ ସେଥି ରେ ଭଜା କାଜୁ କିସିମିସ ଓ ଗୁଜୁରାତି ଗୁଣ୍ଡ ପକାଇ ଗୋଳାଇ ଦିଅନ୍ତୁ । ପ୍ରସ୍ତୁତ ହୋଇଯିବ ଅମୃତଭଣ୍ଡା ପାଏସ ।

ହାଃହାଃ



ରୋଗୀ: "ଡାକ୍ତରବାବୁ, ମୋର ଗୋଟିଏ ବଡ଼ ଅଭ୍ୟାସ ଅଛି... ମୁଁ ଶୋଇଲାବେଳେ ମଧ୍ୟ କଥା ହୁଏ । ଏହାର କିଛି ଉପାୟ ଅଛି କି?"

ଡାକ୍ତର: "ହଁ, ଅଛି । ଗୋଟିଏ କାମ କର, ଦିନବେଳେ କଥା ହେବା ବନ୍ଦ କରିଦିଅ, ରାତିରେ ଆପେ ଆପେ ବନ୍ଦ ହୋଇଯିବ!"



'ସମୟ' କାର୍ଯ୍ୟାଳୟରେ ଝାଡଖଣ୍ଡର ପୂର୍ବତନ ସ୍ୱାସ୍ଥ୍ୟମନ୍ତ୍ରୀ ଡାକ୍ତର ଦୀନେଶ ଷଡଙ୍ଗୀ, ତାଙ୍କ ସହଧର୍ମିଣୀ ଡାକ୍ତର ବିନି ଷଡଙ୍ଗୀଙ୍କ ଦ୍ୱାରା ଲିଖିତ ଓଡିଆ ପୁସ୍ତକର ବଙ୍ଗଳା ଅନୁବାଦ 'ଅସମର୍ଥ ପୁରୁଷ' ସମୟ ଲାଇବ୍ରେରୀକୁ ଉପହାର ସ୍ୱରୂପ ଦେଉଛନ୍ତି । ନିକଟରେ 'ସମୟ'ର ମୁଖ୍ୟ ସମ୍ପାଦକ ଗୁରୁକଲ୍ୟାଣ ମହାପାତ୍ର ଓ ଜେନେରାଲ ମ୍ୟାନେଜର ପ୍ରଦୀପ୍ତ କୁମାର ଲେଙ୍କା ଉପସ୍ଥିତ ଅଛନ୍ତି ।

ଅମିତ୍ ଶାହାଙ୍କୁ ଭେଟିଲେ ମୁଖ୍ୟମନ୍ତ୍ରୀ

ଭୁବନେଶ୍ୱର, ୪ ।୧୧ (ସବ୍ୟୁ) : ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ତାଙ୍କ ନୂଆଦିଲ୍ଲୀ ଗସ୍ତ ଅବସରରେ କେନ୍ଦ୍ର ଗୃହମନ୍ତ୍ରୀ ଅମିତ୍ ଶାହଙ୍କୁ ସାକ୍ଷାତ କରିଛନ୍ତି । ସୋସିଆଲ ମିଡ଼ିଆରେ ମୁଖ୍ୟମନ୍ତ୍ରୀ ଉଲ୍ଲେଖ କରିଛନ୍ତି ଯେ ସାକ୍ଷାତ ଆଲୋଚନା ସମୟରେ ରାଜ୍ୟର ସାମ୍ପ୍ରତିକ ବାତ୍ୟା ପରବର୍ତ୍ତୀ ସ୍ଥିତି ରିଲିଫ ତଥା ପୁନରୁଦ୍ଧାର କାର୍ଯ୍ୟ ଏବଂ ଆଗାମୀ ଦିନରେ ପ୍ରାକୃତିକ ବିପର୍ଯ୍ୟୟର ସ୍ଥାୟୀ ମୁକାବିଲା ନିମନ୍ତେ ଭିତ୍ତିଭୂମି ସୁଦୃଢ଼ୀକରଣ ସମ୍ପର୍କରେ ବିସ୍ତୃତ ଆଲୋଚନା ହୋଇଛି । ବିପର୍ଯ୍ୟୟ ପରିଚାଳନା କ୍ଷେତ୍ରରେ କେନ୍ଦ୍ର ସରକାର ତ୍ୱରିତ ସହାୟତା ତଥା ନିରନ୍ତର ସହଯୋଗ ଲାଗି ତାଙ୍କୁ କୃତଜ୍ଞତା ଜଣାଇଛି ।



ବାଣ ବିକ୍ରି , ଚାଲାଣ ଉପରେ ପୋଲିସର ଚଢ଼ାଉ

ସାକ୍ଷୀଗୋପାଳ,(ସବ୍ୟୁ): ସତ୍ୟବାଦୀ ଅଞ୍ଚଳରେ ବେଆଇନ ବାଣ ବିକ୍ରି ଓ ଚାଲାଣ ରୋକିବା ପାଇଁ ପୋଲିସ ପକ୍ଷରୁ ଦୁଇଟି ପୃଥକ ସ୍ଥାନରେ ଚଢ଼ାଉ କରାଯାଇ ବିପୁଳ ପରିମାଣର ବାଣ ଓ ଗୋଟିଏ ବାଇକ ଜବତ କରାଯାଇଛି । ଏହି ଘଟଣାରେ ଦୁଇଜଣଙ୍କ ବିରୋଧରେ ଦୁଇଟି ପୃଥକ ମାମଲା ରୁଜୁ କରି ପୋଲିସ ଆଇନଗତ ପଦକ୍ଷେପ ନେଇଛି । ପୋଲିସ ସୂତ୍ରନା ଅନୁଯାୟୀ, ଏଏସଆଇ ବିଭୀଷଣ ମାଝୀ ପାଟ୍ରୋଲିଂ କରୁଥିବା ସମୟରେ ଖବର ପାଇ ଇନ୍ଦିପୁର ବଜାରରେ ଚଢ଼ାଉ କରିଥିଲେ । ସେଠାରୁ ବିନା ଲାଇସେନ୍ସରେ ବିକ୍ରି ପାଇଁ ରଖାଯାଇଥିବା ୩୨ ପ୍ରକାରର ବାଣ ଜବତ କରାଯାଇଥିଲା । ଏହି ଘଟଣାରେ ଇନ୍ଦିପୁର ଗ୍ରାମର ମିଟୁ ବେହେରା (୩୨) ଙ୍କ ବିରୋଧରେ ସତ୍ୟବାଦୀ ଥାନାରେ ୪୨୮/୨୦୨୬ ନମ୍ବରରେ ମାମଲା ରୁଜୁ ହୋଇଛି ।ସେହିପରି ଏସଆଇ ଗୌରାଙ୍ଗ ଚରଣ ମହାପାତ୍ର ପାଟ୍ରୋଲିଂ ସମୟରେ ଇନ୍ଦିପୁରରୁ ସିଂହକୁଦା ଛକ ଅଭିମୁଖେ ବାଣ ଚାଲାଣ ହେଉଥିବା ଖବର ପାଇ ଅଳଗୁମ ରୋଡ୍ରେ ଯାଞ୍ଚ କରିଥିଲେ । ଏହି ସମୟରେ ବାଣ ସହ ଚାଲାଣରେ ବ୍ୟବହୃତ ଓଡି-୧୩-ଡବ୍ଲ୍ୟୁ-୩୩୫୨ ନମ୍ବର ବିଶିଷ୍ଟ ଗୋଟିଏ ବାଇକ ଜବତ ହୋଇଥିଲା । ଏ ଘଟଣାରେ ଡାହାଣ କୁମ୍ଭାରପଡ଼ା ଗ୍ରାମର ସନ୍ତୋଷ କୁମାର ସଓ୍ୱାଇଁ (୨୨)ଙ୍କ ବିରୋଧରେ ୪୨୯/୨୦୨୬ ନମ୍ବରରେ ମାମଲା ରୁଜୁ ହୋଇଛି ।

ବେସରକାରୀ ଅନୁଦାନପ୍ରାପ୍ତ ଅଧ୍ୟକ୍ଷଙ୍କ ପ୍ରୋତ୍ସାହନ ରାଶି ବୃଦ୍ଧି

୬୪୧ ମହାବିଦ୍ୟାଳୟର ଭାରପ୍ରାପ୍ତ ଅଧ୍ୟକ୍ଷଙ୍କୁ ବି ମିଳିବ

ଭୁବନେଶ୍ୱର (ସବ୍ୟୁ) : ରାଜ୍ୟର ବିଭିନ୍ନ ବେସରକାରୀ ଅନୁଦାନପ୍ରାପ୍ତ ମହାବିଦ୍ୟାଳୟର ଦାୟିତ୍ୱରେ ଥିବା ଭାରପ୍ରାପ୍ତ ଅଧ୍ୟକ୍ଷମାନଙ୍କ ପାଇଁ ଖୁସି ଖବର । ସେମାନେ ଏଣିକି ସ୍ଥାନ ଓ ପୋଷ୍ଟିଂ ଅନୁଯାୟୀ ପାଇବେ ମାସିକ ପ୍ରୋତ୍ସାହନ ରାଶି । ଏ ସମ୍ପର୍କିତ ପ୍ରସ୍ତାବକୁ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଅନୁମୋଦନ କରିଛନ୍ତି । ଏହାଦ୍ୱାରା ଏହି ବର୍ଗର ବିଭିନ୍ନ କଲେଜର ଅଧ୍ୟାପକମାନେ ଦୂର ଦୂରାନ୍ତରରେ ଥିବା କଲେଜ ଗୁଡ଼ିକରେ ଅଧ୍ୟକ୍ଷ ଦାୟିତ୍ୱ ନେବା ପାଇଁ ଆଗ୍ରହ ପ୍ରକାଶ କରିବେ ଏବଂ ଉଚ୍ଚଶିକ୍ଷା କ୍ଷେତ୍ରରେ ଶିକ୍ଷାଦାନ ପ୍ରକ୍ରିୟା ସୂଚାରୁ ରୂପେ ଜାରି ରହିବ ବୋଲି ମୁଖ୍ୟମନ୍ତ୍ରୀ ଆଶାପ୍ରକାଶ କରିଛନ୍ତି। ଏହି ନିଷ୍ପତ୍ତି ଅନୁଯାୟୀ ରାଜ୍ୟର ୪୮୮ ଓ ୬୬୨ ବର୍ଗର ବେସରକାରୀ ଅନୁଦାନପ୍ରାପ୍ତ ମହାବିଦ୍ୟାଳୟର ଭାରପ୍ରାପ୍ତ ଅଧ୍ୟକ୍ଷମାନେ ପାଇବେ ମାସିକ ପ୍ରୋତ୍ସାହନ ରାଶି । ଏହାଦ୍ୱାରା ଏହି ବର୍ଗର ପ୍ରାୟ ୬୪୧ଟି ମହାବିଦ୍ୟାଳୟର ଭାରପ୍ରାପ୍ତ ଅଧ୍ୟକ୍ଷମାନେ ଉପକୃତ ହେବେ ।

ନିଷ୍ପତ୍ତି ଅନୁଯାୟୀ ଯେଉଁ ଅଧ୍ୟକ୍ଷମାନେ ନିଜ ଜିଲ୍ଲାରେ କିମ୍ବା ଉନ୍ନତ ସହରାଞ୍ଚଳରେ ପୋଷ୍ଟିଂ ପାଇଥିବେ, ସେମାନଙ୍କୁ ମାସକୁ ୫ ହଜାର ଟଙ୍କାର ପ୍ରୋତ୍ସାହନ ରାଶି ମିଳିବ । ନିଜ ଜିଲ୍ଲାର ବାହାରେ ପୋଷ୍ଟିଂ ଥିଲେ ମାସକୁ ମିଳିବ ୭ ହଜାର ଟଙ୍କା । ନିଜ ଜିଲ୍ଲା କିମ୍ବା ଘର ଠାରୁ ୩୦୦ କିଲୋମିଟର ଦୂରରେ ପୋଷ୍ଟିଂ ଥିଲେ ୯ ହଜାର ଟଙ୍କା ମିଳିବ । ଯଦି ଭୌଗୋଳିକ ଭାବେ ଦୂର ଓ ଦୁର୍ଗମ ଅଞ୍ଚଳରେ ପୋଷ୍ଟିଂ ହୋଇଥିବ, ତେବେ ଏଥିପାଇଁ ସମ୍ପୃକ୍ତ ଭାରପ୍ରାପ୍ତ ଅଧ୍ୟକ୍ଷଙ୍କୁ ମାସକୁ ୧୦ ହଜାର ଟଙ୍କାର ପ୍ରୋତ୍ସାହନ ରାଶି ମିଳିବ । ଏହି ନିଷ୍ପତ୍ତି ଏକ କମିଟି ଦ୍ୱାରା ନିର୍ଦ୍ଧାରଣ କରାଯିବ । ଏହାଦ୍ୱାରା ରାଜ୍ୟ ସରକାର ବର୍ଷକୁ ପ୍ରାୟ ୬ କୋଟି ଟଙ୍କା ଖର୍ଚ୍ଚ କରିବେ । ଏ ସମ୍ପର୍କିତ ବିଜ୍ଞପ୍ତି ପ୍ରକାଶ ପାଇବା ପର ଠାରୁ ଏହା ଲାଗୁ ହେବ ।

ଭୁବନେଶ୍ୱର ବିଶ୍ୱ ଦକ୍ଷତା କେନ୍ଦ୍ରକୁ "ସେଣ୍ଟର ଅଫ୍ ଏକ୍ସଲେନ୍ସ-ସ୍କିଲ୍ସ' ମାନ୍ୟତା

ଭୁବନେଶ୍ୱର,(ସବ୍ୟୁ) : ଭୁବନେଶ୍ୱରଠାରେ ରାଜ୍ୟ ସରକାରଙ୍କ ପକ୍ଷରୁ ସ୍ଥାପିତ ବିଶ୍ୱ ଦକ୍ଷତା କେନ୍ଦ୍ରକୁ "ସେଣ୍ଟର ଅଫ ଏକ୍ସଲେନ୍ସ-ସ୍କିଲ୍ସ' ମାନ୍ୟତା ମିଳିଛି । ଭାରତ ସରକାରଙ୍କ ଦକ୍ଷତା ବିକାଶ ଓ ଉଦ୍ୟୋଗ ମନ୍ତ୍ରାଳୟ ପକ୍ଷରୁ ମଲଫି ସେକଫରାଲ ବର୍ଗରେ ତିନି ବର୍ଷ ପାଇଁ ଏହି ସ୍ୱୀକୃତି ବିଶ୍ୱ ଦକ୍ଷତା କେନ୍ଦ୍ରକୁ ପ୍ରଦାନ କରାଯାଇଛି । ନଭେମ୍ବର ୨ ତାରିଖରେ ନୂଆଦିଲ୍ଲୀସ୍ଥିତ କୌଶଳ ଭବନଠାରେ ଆୟୋଜିତ ଏକ ସ୍ୱତନ୍ତ୍ର କାର୍ଯ୍ୟକ୍ରମରେ ଦକ୍ଷତା ବିକାଶ ଓ ଉଦ୍ୟୋଗ ମନ୍ତ୍ରାଳୟର ସଚିବ ଦେବଶ୍ରୀ ମୁଖାର୍ଜୀ ବିଶ୍ୱ ଦକ୍ଷତା କେନ୍ଦ୍ରକୁ ଏହି ପ୍ରମାଣପତ୍ର ପ୍ରଦାନ କରିଥିଲେ । ଏହି ସ୍ୱୀକୃତି ୨୦୨୬ ଅକ୍ଟୋବର ୯ରୁ ୨୦୨୯ ଅକ୍ଟୋବର ୮ ପର୍ଯ୍ୟନ୍ତ ବଳବତ୍ତର ରହିବ । "ସେଣ୍ଟର ଅଫ ଏକ୍ସଲେନ୍ସ-ସ୍କିଲ୍ସ' ମାନ୍ୟତା ଲାଗି ଜାତୀୟ ସ୍ତରର ୧୯ଟି ପ୍ରତିଷ୍ଠିତ ଅନୁଷ୍ଠାନକୁ ମନୋନିତ କରାଯାଇଛି । ତା' ଭିତରେ ଓ ବିଶ୍ୱ ଦକ୍ଷତା କେନ୍ଦ୍ର ସ୍ଥାନ ପାଇଛି ।



""ବିଶ୍ୱ ଦକ୍ଷତା କେନ୍ଦ୍ର ପାଇଁ ଏହି ମାନ୍ୟତା ଏକ ବ ସଫଳତା ଦେଶର ଦକ୍ଷତା ବକାଶ କ୍ଷେତ୍ରକୁ ଆହୁରି ସଶକ୍ତ କରିବା ଦିଗରେ ଏହି ମାନ୍ୟତା ଆମ ଭିତରେ ଉତ୍ସାହ ସୃଷ୍ଟି କରିବ । "ସ୍କିଲ୍ଡ ଇନ ଓଡିଶା"ସ୍କିଲ୍ଡ ଫର୍ ଦ ୱାର୍ଲ୍ଡ"ରେ ପରିଣତ କରିବାକୁ ଆମେ ଲକ୍ଷ୍ୟ ରଖିଛୁ । ଓଡ଼ିଶାର ଯୁବପିଢ଼ୀ ନିଜ ଦକ୍ଷତା ବଳରେ କିପରି ବିଶ୍ୱସ୍ତରୀୟ ଫଂସ୍କାରେ ଅଧିକ ନିଯୁକ୍ତି ସୁଯୋଗ ପାଇପାରିବେ ସେ ଦିଗରେ ନିରନ୍ତର ଉଦ୍ୟମ ଜାରି ରହିଛି," କହିଛନ୍ତି ବିଶ୍ୱ ଦକ୍ଷତା କେନ୍ଦ୍ରର ସିଇଓ ରଶ୍ମି ରଞ୍ଜନ ମହାପାତ୍ର ।

ଭିଜିଲାନ୍ସ ହାତରେ ଧରା ପଡିଲେ ପୋଲିସ ଏସ୍ଆଇ

ସମ୍ବଲପୁର,(ସବ୍ୟୁ): ସାଧୁତା ଓ କର୍ତ୍ତବ୍ୟନିଷ୍ଠ ଭାବେ ଦାୟିତ୍ୱ ସମ୍ପାଦନ କରିବାକୁ ଦୁର୍ନୀତି ନିବାରଣ ସପ୍ତାହ ଅବସରରେ ମହୁଲପାଲି ଥାନାର ସବ୍ ଇନ୍ସପେକଫର (ଏସ୍ଆଇ) ସୁଜିତ୍ କୁମାର ମହନ୍ତ ଶପଥ ନେଇଥିଲେ । ମାତ୍ର ମିସଲେନିୟସ୍ ମାମଲା ଦଫାରଫା କରିବାକୁ ୧୦ହଜାର ଟଙ୍କା ଲାଞ୍ଚ ନେଉଥିବା ବେଳେ ଭିଜିଲାନ୍ସ ପୋଲିସ ତାଙ୍କୁ ବୁଧବାର ଗିରଫ କରିଛି । ତାଙ୍କ ଠାରୁ ରାସାୟନିକ ପ୍ରଲେପ ବୋଳା ଲାଞ୍ଚ ଟଙ୍କା ଜବତ ହୋଇଛି । ଏନେଇ ସମ୍ବଲପୁର ଭିଜିଲାନ୍ସ ଥାନାରେ ୨୧/୨୬ରେ ଏକ ମାମଲା ରୁଜୁ କରାଯାଇ ଅଧିକ



ତଦନ୍ତ କରାଯାଉଛି । ସୂଚନାଯୋଗ୍ୟ, ସୁଜିତ ୨୦୨୧ ମସିହାରେ ସିଧାସଳଖ ନିଯୁକ୍ତି ପାଇ ପୋଲିସ ସେବାରେ ଯୋଗ ଦେଇଥିଲେ । ସେ ମହୁଲପାଲି ଥାନାର ସବ୍-ଇନସପେକଫର ଭାବେ କାର୍ଯ୍ୟରତ ଥିବାବେଳେ ଜଣେ ଅଭିଯୁକ୍ତଙ୍କ ନାମରେ ଥିବା ମିସଲେନିୟସ ମାମଲାକୁ ଦଫାରଫା କରିବା ପାଇଁ ୧୦ ହଜାର ଟଙ୍କା ଲାଞ୍ଚ ମାଗିଥିଲେ । ଆଜି ସନ୍ଧ୍ୟାରେ ଥାନା ବାହାରେ ଏକ ନିର୍ଜନ ସ୍ଥାନକୁ ଅଭିଯୋଗକାରୀଙ୍କୁ ଡାକି ଲାଞ୍ଚ ନେଉଥିବା ବେଳେ ଭିଜିଲାନ୍ସ ଟିମ୍ ଚଢାଉ କରିଥିଲା । ଭିଜିଲାନ୍ସ ଟିମ୍କୁ ଦେଖି ସଂପୃକ୍ତ ଏସ୍ଆଇ ଜଣକ ଦୌଡି ପଳାଇବାକୁ ଚେଷ୍ଟା କରିଥିଲେ । ଶେଷରେ ନିକଟସ୍ଥ ପୋଖରୀକୁ ମଧ୍ୟ ଡେଇଁ ପଡିଥିଲେ । ତେବେ ଭିଜିଲାନ୍ସ ଅଧିକାରୀ ମାନେ ମଧ୍ୟ ପୋଖରୀକୁ ଡେଇଁ ପହଁରି ତାଙ୍କୁ କାବୁ କରିଥିଲେ । ତାଙ୍କ ପାଖରୁ ସମ୍ପୂର୍ଣ୍ଣ ଲାଞ୍ଚ ଟଙ୍କା ଜବତ ହୋଇଛି । ଏଥିସହ ତାଙ୍କ ଥାନା ବିଶ୍ରାମ କକ୍ଷ ଉପରେ ଚଢାଉ କରି ୧ ଲକ୍ଷ ୫୫ହଜାର ୭୦୦ ଟଙ୍କା ମଧ୍ୟ ଜବତ କରାଯାଇଛି ।


ମହିଳାଙ୍କୁ ଦୁଷ୍କର୍ମ ଉଦ୍ୟମ, ଅଭିଯୁକ୍ତ ଗିରଫ

ସମ୍ବଲପୁର,(ସବ୍ୟୁ): ଜଣେ ମହିଳାଙ୍କୁ ଅସଦାଚରଣ ଓ ଦୁଷ୍କର୍ମ ଉଦ୍ୟମ ଅଭିଯୋଗରେ ଗୋବିନ୍ଦପୁର ଥାନା ପୋଲିସ ଜଣେ ଅଭିଯୁକ୍ତକୁ ଗିରଫ କରି କୋର୍ଟ ଚାଲାଣ କରିଛି । ଗିରଫ ଅଭିଯୁକ୍ତ ଜଣକ ମୁଣ୍ଡାଢିପା ଅଞ୍ଚଳର ପବିତ୍ର କୁମାର ସାହୁ (୫୨) ବୋଲି ଜଣାପଡିଛି । ଏନେଇ ଗୋବିନ୍ଦପୁର ଥାନା ପୋଲିସ ୧୭୦/୨୬ରେ ଏକ ମାମଲା ରୁଜୁ ଘଟଣାର ଅଧିକ ତଦନ୍ତ କରୁଛି । ଅଭିଯୋଗ ଅନୁଯାୟୀ, ଗୋବିନ୍ଦପୁର ଥାନା ଅନ୍ତର୍ଗତ ମୁଣ୍ଡାଢିପା ଗ୍ରାମର ଜଣେ ମହିଳା ଗତ ୩୧ତାରିଖ ପୁରୀ-ରାଉରକେଲା ପାସେଞ୍ଜର ଟ୍ରେନ୍ରେ ଝାରସୁଗୁଡାରୁ ଘରକୁ ଫେରୁଥିଲେ । ଏହି ସମୟରେ ସେହି ଗ୍ରାମର ପବିତ୍ର ତାଙ୍କୁ ଗରିଆମାଲ ହୋଟେଲରେ ରାତ୍ରି ଭୋଜନ ପାଇଁ ଡାକିଥିଲେ । ଭୋଜନ ପରେ ସେମାନେ ବାଇକ୍ ଗାଡି ନମ୍ବର (ଓଆର୧୫କେ-୮୦୮୭) ଯୋଗେ ଯାଇଥିଲେ । ମାତ୍ର ଫେରିବା ବାଟରେ ଅଭିଯୁକ୍ତ ଜଣକ ତାଙ୍କୁ ଦୁଷ୍କର୍ମ କରିବାକୁ ଉଦ୍ୟମ କରିଥିବା ଅଭିଯୋଗ ହୋଇଛି । ପୀଡିତାଙ୍କ ଅଭିଯୋଗକୁ ଆଧାର କରି ପୋଲିସ ଉଭୟଙ୍କ ଡାକ୍ତରୀ ମାଇନା କରିବା ସହ ଘଟଣାର ଅଧିକ ତଦନ୍ତ କରୁଛି ।

ପୂର୍ବତନ ମନ୍ତ୍ରୀ ରାସବିହାରୀ ବେହେରାଙ୍କ ପରଲୋକ

ମୁଖ୍ୟମନ୍ତ୍ରୀଙ୍କ ଶୋକ ପ୍ରକାଶ

ଭବାନୀପାଟଣା,(ସବ୍ୟୁ) : ଓଡ଼ିଶା ରାଜନୀତିର ଜଣେ ବରିଷ୍ଠ ତଥା ବିଶିଷ୍ଟ ରାଜନେତା, ପୂର୍ବତନ ମନ୍ତ୍ରୀ ରାସବିହାରୀ ବେହେରାଙ୍କ ବୁଧବାର ଭୋର ସମୟରେ ଭବାନୀପାଟଣାସ୍ଥିତ ତାଙ୍କ ବାସଭବନରେ ପରଲୋକ ଘଟିଛି । ଏହି ଘଟଣା ପ୍ରଚାରିତ ହେବା ପରେ ସହର ଓ ଆଖପାଖ ଅଞ୍ଚଳରେ ଶୋକର ଛାୟା ଖେଳି ଯାଇଥିଲା । ବହୁ ମାନ୍ୟଗଣ୍ୟ ବ୍ୟକ୍ତି ସ୍ୱର୍ଗତ ବେହେରାଙ୍କ ଘରକୁ ଆସି ଶେଷ ଦର୍ଶନ କରିଥିଲେ । ପରେ ଶବାଧାରରେ ବହୁ ଲୋକଙ୍କ ସମାଗମ ହୋଇଥିଲା । ବଡ଼ପୁଅ ନୀଳକ= ବେହେରା ଆଶା ସାଗର ନିକଟସ୍ଥ ଶ୍ମଶାନରେ ମୁଖାଗ୍ନି ଦେଇଥିଲେ । ୧୨ ଏପ୍ରିଲ ୧୯୩୮ରେ ଜନ୍ମଗ୍ରହଣ କରିଥିବା ସ୍ୱର୍ଗତ ବେହେରା ୧୯୭୭ ଓ ୧୯୮୫ରେ କୋକସରା ବିଧାନସଭା ଆସନରୁ ଦୁଇଥର ବିଧାୟକ ଭାବରେ ନିର୍ବାଚିତ ହୋଇ ତତ୍କାଳୀନ ରାଜ୍ୟ ସରକାରଙ୍କ ମନ୍ତ୍ରୀମଣ୍ଡଳରେ କୃଷି , ସମବାୟ ଓ ଆଦିବାସୀ ଉନ୍ନୟନ ବିଭାଗର ମନ୍ତ୍ରୀ ଭାବରେ ଦାୟିତ୍ୱ ତୁଲାଇଥିଲେ ।୧୯୮୦ରେ ଜାତୀୟ ରାଜନୀତିରେ ପାଦ ଥାପିବା ସହ କଳାହାଣ୍ଡି ଲୋକସଭା ଆସନରୁ



ସାଂସଦ ଭାବେ ନିର୍ବାଚିତ ହୋଇଥିଲେ । ଜଣେ ଦକ୍ଷ ସଂଗଠକ, ଅଭିଜ୍ଞ ରାଜନେତା ଓ ଜନପ୍ରିୟ ନେତା ଭାବେ ସମାଜ ପ୍ରତି ତାଙ୍କର ଅବଦାନ ଅତୁଳନୀୟ । ସେ କେବଳ ଜଣେ ରାଜନେତା ଥିଲେ ତାହା ନୁହେଁ ଜଣେ ଲେଖକ, ଔପନ୍ୟାସିକ ଭାବରେ ମଧ୍ୟ ଉପନ୍ୟାସ 'ବିଜୟୀ' ଓ 'ଅନନ୍ୟ ସୃଷ୍ଟି କାନାଡା' ଭଳି ବହି ରଚନା କରି ସ୍ୱତନ୍ତ୍ର ପରିଚୟ ସୃଷ୍ଟି କରି ପାରିଥିଲେ । ନିଜର ସାମଗ୍ରିକ ସାହିତ୍ୟ କୃତୀ ପାଇଁ ସେ ଓଡିଶା ସାହିତ୍ୟ ଏକାଡେମୀ ପୁରସ୍କାର, କଳାହାଣ୍ଡି ବରପୁତ୍ର ସମ୍ମାନ, ମହାବୀର ସମ୍ମାନରେ ସମ୍ମାନିତ ହୋଇଥିଲେ । ତାଙ୍କ ପରିକଳ୍ପନାରେ କଳାହାଣ୍ଡି ଲେଖକ କଳା ପରିଷଦ, ମହାବୀର ସାଂସ୍କୃତିକ ଅନୁଷ୍ଠାନ ଭଳି ଅନେକ ଅନୁଷ୍ଠାନର ସୃଷ୍ଟି ହୋଇଥିଲା । କଳାହାଣ୍ଡିର କଳା ସଂସ୍କୃତି ଓ ପରମ୍ପରାକୁ ଆଗକୁ ବଢ଼ାଇବାରେ ତାଙ୍କର ଥିଲା ସ୍ୱତନ୍ତ୍ର ଅବଦାନ । ତାଙ୍କ ବିୟୋଗରେ କଳାହାଣ୍ଡି ସମେତ ସମଗ୍ର ରାଜ୍ୟରେ ଶୋକର ଲହରୀ ଖେଳିଯାଇଛି । ତାଙ୍କ ପରଲୋକରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଗଭୀର ଶୋକ ପ୍ରକାଶ କରିଛନ୍ତି । ସେହିପରି ପିସିସି ସଭାପତି ଭକ୍ତଚରଣ ଦାସ, ପୂର୍ବତନ ମନ୍ତ୍ରୀ ଭୁପିନ୍ଦର ସିଂହ, ଜଗନ୍ନାଥ ପଟ୍ଟନାୟକ, ସାଂସଦ ସୁଜିତ କୁମାର, ବିଧାୟକ ଦିବ୍ୟଶଙ୍କର ମିଶ୍ର, ସାଗର ଚରଣ ଦାସ, ବର୍ଷାୟାନ ସଂସ୍କୃତି ସଂଗଠକ ଜୟନ୍ତ ବେହେରା, ମହାବୀର ସାଂସ୍କୃତିକ ଅନୁଷ୍ଠାନର ସଭାପତି ଶାନ୍ତନୁ ବେହେରା, ଉପସଭାପତି ସଞ୍ଜୟ କୁମାର, ସାଧାରଣ ସଂପାଦକ ସତ୍ୟନାରାୟଣ ସିଂହ, ବରିଷ୍ଠ ସାମ୍ବାଦିକ ଶିବଶଙ୍କର ନନ୍ଦଙ୍କ ସମେତ ଜିଲ୍ଲାର ବିଭିନ୍ନ ସାହିତ୍ୟ, ସଂସ୍କୃତି ସଂଗଠନ ଓ ସାମ୍ବାଦିକ ସଂଘର କର୍ମକର୍ତ୍ତାମାନେ ଗଭୀର ଶୋକ ପ୍ରକାଶ କରିବା ସହିତ ଶୋକସନ୍ତପ୍ତ ପରିବାରବର୍ଗଙ୍କୁ ସମବେଦନା ଜଣାଇଛନ୍ତି ।

26001/66/2627

ଓଡିଶା ସରକାର
ଅନୁସୂଚିତ ଜନଜାତି ଓ ଅନୁସୂଚିତ ଜାତି ଉନ୍ନୟନ
ଏବଂ ସଂଖ୍ୟାଲଘୁ ସମ୍ପ୍ରଦାୟ ଓ ପଛୁଆ ବର୍ଗ କଲ୍ୟାଣ ବିଭାଗ

ପ୍ରାକ୍ ମାଟ୍ରିକ ଓ ମାଟ୍ରିକ ପରବର୍ତ୍ତୀ ଛାତ୍ରବୃତ୍ତି
ଆବେଦନର ପରିବର୍ଦ୍ଧିତ ସମୟସୀମା

୨୦୨୬-୨୭ ଶିକ୍ଷାବର୍ଷ ନିମନ୍ତେ ଯୋଗ୍ୟ ଅନୁସୂଚିତ ଜନଜାତି (ST), ଅନୁସୂଚିତ ଜାତି (SC), ଅନ୍ୟାନ୍ୟ ପଛୁଆ ବର୍ଗ (OBC), ସାମାଜିକ ଓ ଶିକ୍ଷା କ୍ଷେତ୍ରରେ ଅନଗ୍ରସର ବର୍ଗ (SEBC) ଏବଂ ଆର୍ଥିକ ଅନଗ୍ରସର ବର୍ଗର (EBC) ଛାତ୍ରଛାତ୍ରୀମାନଙ୍କ ପାଇଁ ପ୍ରାକ୍-ମାଟ୍ରିକ୍ ଏବଂ ମାଟ୍ରିକ୍-ପରବର୍ତ୍ତୀ ଛାତ୍ରବୃତ୍ତି ନିମନ୍ତେ ନୂତନ ପଞ୍ଜୀକରଣ ତଥା ନବୀକରଣ (Renewal) ଆବେଦନର ସମୟସୀମା ବୃଦ୍ଧି କରାଯାଇଛି।

ସମସ୍ତ ଯୋଗ୍ୟ ଛାତ୍ରଛାତ୍ରୀଙ୍କୁ ଅନୁରୋଧ କରାଯାଉଛି ଯେ, ସେମାନେ ରାଜ୍ୟ ଛାତ୍ରବୃତ୍ତି ପୋର୍ଟାଲ୍ର ଅଫିସିଆଲ୍ ୱେବସାଇଟ୍

http://www.scholarship.odisha.gov.in

ପରିଦର୍ଶନ କରି ନିର୍ଦ୍ଧାରିତ ପରିବର୍ଦ୍ଧିତ ତାରିଖ ମଧ୍ୟରେ ଅନଲାଇନ୍ ଆବେଦନ କିମ୍ବା ନବୀକରଣ ପ୍ରକ୍ରିୟା ସମ୍ପୂର୍ଣ୍ଣ କରନ୍ତୁ।

ପରିବର୍ଦ୍ଧିତ ସମୟସୀମା	
ଅନଲାଇନ୍ ଆବେଦନ କରିବା ନିମନ୍ତେ ଶେଷ ତାରିଖ	୩୧.୧୨.୨୦୨୬
ଅନୁଷ୍ଠାନ ଦ୍ୱାରା ଆବେଦନ ଯାଞ୍ଚର ଶେଷ ତାରିଖ	୧୫.୦୧.୨୦୨୭
ଜିଲ୍ଲା ଏବଂ ବ୍ଲକ/ ସହରାଞ୍ଚଳ ସ୍ଥାନୀୟ ସଂସ୍ଥା କର୍ତ୍ତୃପକ୍ଷଙ୍କ ଦ୍ୱାରା ଅନୁମୋଦନର ଶେଷ ତାରିଖ	୩୧.୦୧.୨୦୨୭

ଉପରୋକ୍ତ ବର୍ଗର ଛାତ୍ରଛାତ୍ରୀମାନଙ୍କୁ ଅନୁରୋଧ କରାଯାଉଛି ଯେ, ଛାତ୍ରବୃତ୍ତି ଆବେଦନଗୁଡ଼ିକର ଠିକ୍ ସମୟରେ ପ୍ରକ୍ରିୟାକରଣ ଏବଂ ଯୋଗ୍ୟ ହିତାଧିକାରୀମାନଙ୍କୁ ଛାତ୍ରବୃତ୍ତି ସୁବିଧାର ସମୟୋପଯୋଗୀ ବିତରଣ ସୁନିଶ୍ଚିତ କରିବା ପାଇଁ ଉପରୋକ୍ତ ସମୟସୂଚୀକୁ କଡ଼ାକଡ଼ି ଭାବରେ ପାଳନ କରିବେ। ନିର୍ଦ୍ଧାରିତ ସମୟସୂଚୀ ବୃଦ୍ଧି ପାଇଁ ଅନୁରୋଧ ସାଧାରଣତଃ ଗ୍ରହଣ କରାଯିବ ନାହିଁ।

OIPR: 26001/26053/2/26-27/0002

ସ୍ୱଳ୍ପ ସମୟ ମଧ୍ୟରେ ରେକର୍ଡ ସଂଖ୍ୟକ ବାଦଲଫଟା ବର୍ଷା

ବିଜେଡି ସରକାରରେ ଗୋଟିଏ ବି ଜଳଭଣ୍ଡାର ନିର୍ମାଣ ନହେବା ବନ୍ୟା ବିପ୍ୱାତ ପାଇଁ ଦାୟୀ

ଭୁବନେଶ୍ୱର, (ସବ୍ୟୁ) : ସମ୍ପ୍ରତି ରାଜ୍ୟରେ ପ୍ରଳୟଙ୍କରୀ ବାତ୍ୟା ଅର୍ଣ୍ଣବ ପ୍ରଭାବରେ ଓଡ଼ିଶାର ଦକ୍ଷିଣ ଓ ଦକ୍ଷିଣ-ପଶ୍ଚିମାଂଚଳର କେତେକ ଜିଲ୍ଲାରେ ବ୍ୟାପକ କ୍ଷୟକ୍ଷତି ଘଟିଛି। ବିଶେଷକରି ଗଜପତି, ଗଞ୍ଜାମ ଓ କନ୍ଧମାଳ ଆଦି ଜିଲ୍ଲାରେ ବାତ୍ୟା ଓ ପ୍ରବଳ ବର୍ଷା ଯୋଗୁଁ ବ୍ୟାପକ ଧନଜୀବନ, ଘରଦ୍ୱାର, ବିଦ୍ୟୁତ୍ ସରବରାହ ଏବଂ କୃଷିକ୍ଷେତ୍ର ପ୍ରଭାବିତ ହୋଇଛି। ବିଜେପି ସରକାର ଏହି ପ୍ରାକୃତିକ ବିପର୍ଯ୍ୟୟକୁ ଗୁରୁତ୍ୱର ସହ ଗ୍ରହଣ କରିଛି। ମୁଖ୍ୟମନ୍ତ୍ରୀ ଏବଂ ରାଜସ୍ୱ ମନ୍ତ୍ରୀ ଉଭୟ କଂଟ୍ରୋଲ ରୁମରେ ବସି ଦିନ ରାତି ୨୪ ଘଂଟା ଏହି ସମୟରେ ମନିଟରିଂ କରିଛନ୍ତି ବୋଲି ରାଜ୍ୟ ସାଧାରଣ ସମ୍ପାଦକ ବିରଂଚି ନାରାୟଣ ତ୍ରିପାଠୀ କହିଛନ୍ତି। ଶ୍ରୀ ତ୍ରିପାଠୀ କହିଛନ୍ତି, ଗଜପତି, ଗଞ୍ଜାମ ଓ କନ୍ଧମାଳ ଜିଲ୍ଲାରେ ଏହି ବାତ୍ୟା ବିଶେଷ ଭାବେ କ୍ଷତି ପହଁଚାଇଛି। ଏହା ମୁଖ୍ୟ କାରଣ ହେଉଛି ବାତ୍ୟା ସମୟରେ ସର୍ବାଧିକ ବୃଷ୍ଟିପାତ। ଗଞ୍ଜାମ, ଗଜପତି ଏବଂ କନ୍ଧମାଳ ଜିଲ୍ଲାରେ ବନ୍ୟା ନିୟନ୍ତ୍ରଣ କରିବା ପାଇଁ ତତ୍କାଳୀନ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ୨୪ ବର୍ଷର ସରକାରରେ କୌଣସି ଜଳସେଚନ ପ୍ରକଳ୍ପ ବା ବୃହତ ଡ୍ୟାମର ବ୍ୟବସ୍ଥା କରାଯାଇନାହିଁ। ଭଞ୍ଜନଗରକୁ ଛାଡ଼ିଦେଲେ ଅଧିକାଂଶ ଜଳଭଣ୍ଡାର ପାନୀୟଜଳ ଓ ଜଳସେଚନ ପାଇଁ ଉଦ୍ଦିଷ୍ଟ। ଏଗୁଡିକ ଗେଟ୍ ବିହୀନ ଜଳଭଣ୍ଡାର ଓ ଏଥିରେ ବନ୍ୟା ଜଳ ନିୟନ୍ତ୍ରଣ କରିବାର କୌଣସି ସୁବିଧା ନାହିଁ। ଏଥିପାଇଁ ରେକର୍ଡବୃଷ୍ଟିପାତ ଓ ଜଳପ୍ରବାହ ରୋକିବାରେ ବ୍ୟର୍ଥ ହୋଇଥିଲା।



ଦୀର୍ଘ ୨୪ ବର୍ଷ ମଧ୍ୟରେ ନବୀନ ସରକାରରେ କୌଣସି ଗୋଟିଏ ହେଲେ ଡ୍ୟାମ୍ ବା ରିଜର୍ଭହେୟାର ପ୍ରତିଷ୍ଠା କରାଯାଇନାହିଁ। ତତ୍କାଳୀନ ମୁଖ୍ୟମନ୍ତ୍ରୀ ନିଜେ ଅଧିକାଂଶ ସମୟ ଜଳ ସେଚନ ବିଭାଗର ଦାୟିତ୍ୱରେ ଥିଲେ ମଧ୍ୟ ଏ ସଂକ୍ରାନ୍ତରେ କୌଣସି ପଦକ୍ଷେପ ନ ନେବା ଦୁଃଖଦାୟକ। ତେଣୁ ଏହି ବନ୍ୟା ବିପ୍ୱାତ ପାଇଁ ନବୀନ ବାବୁଙ୍କ ଅପାରଗତା ଓ ଅପରିଣାମଦର୍ଶିତା ଦାୟୀ। ଯଦି ପିପଲପଙ୍କାରେ ଡ୍ୟାମ ହେଇଥାନ୍ତା, ତାହାଲେ ବିଶେଷ କରି ସୋରଡ଼ା, ଶେରଗଡ଼ ଆଦି ଅଂଚଳରେ ଅନେକାଂଶରେ ବନ୍ୟା ନିୟନ୍ତ୍ରଣ କରାଯାଇପାରିଥାନ୍ତା। ମାତ୍ର ବିଜେପି ସରକାରର ୨ ବର୍ଷର ଶାସନ ଅବଧିରେ ଧନେଇ ରିଜର୍ଭରରେ ସ୍ୱଙ୍ଗ ଚାଳିତଗେଟ୍ ପ୍ରତିଷ୍ଠା କାର୍ଯ୍ୟ ଜାରି ରହିଛି। ସେହିଭଳି ଅନ୍ୟ ନଦୀବନ୍ଧ ଓ ଡ୍ୟାମ୍‌ର ରକ୍ଷଣାବେକ୍ଷଣା କାମ ହାତକୁ ନିଆଯାଇଛି । ଅକ୍ଟୋବର ୨୩ ତାରିଖରେ ବାତ୍ୟା ଅର୍ଣ୍ଣବ ସୂଚନା ଆସିବା ମାତ୍ରେ ସରକାରଙ୍କ ତରଫରୁ ଯଥେଷ୍ଟ ପ୍ରତିଶେଧମୂଳକ ପ୍ରସ୍ତୁତି କରାଯାଇ ଏସ୍‌ଆରସି, ଆଇଏମଡି, ସିଡବ୍ଲ୍ୟୁସି ଓ ଜିଲ୍ଲା ପ୍ରଶାସନ ଭଳି ବିଭିନ୍ନ ବିଭାଗ ମଧ୍ୟରେ ସମନ୍ୱୟ ସ୍ଥାପନ କରାଯାଇଥିଲା। ପ୍ରତ୍ୟେକ ଘଂଟାରେ ବର୍ଷାର ପରିମାଣ, ନଦୀର ଜଳ ପ୍ରବାହ, ଜଳ ଭଣ୍ଡାରର ସ୍ଥିତିର ସମୀକ୍ଷା କରାଯାଇଥିଲା। ବାତ୍ୟା ସମୟରେ ବିଜେପି ସରକାରଙ୍କ ପକ୍ଷରୁ ତ୍ୱରିତ ପଦକ୍ଷେପ ନିଆଯାଇଛି। ବନ୍ୟା, ବାତ୍ୟାରେ ଯେଉଁ ସବୁ ଅଂଚଳରେ ରାସ୍ତାଘାଟ ଭାଙ୍ଗିଯାଇଥିଲା, ସେସବୁ ସ୍ଥାନରେ ମାତ୍ର ୨୪ ଘଂଟା ମଧ୍ୟରେ ରାସ୍ତା ତିଆରି କରି ଯୋଗାଯୋଗ ବ୍ୟବସ୍ଥା ପୁନଃସ୍ଥାପିତ କରାଯାଇଛି। ଉଦ୍ଧାର ଓ ସହାୟତା କାର୍ଯ୍ୟ ପାଇଁ ହେଲିକପ୍ଟର ବ୍ୟବସ୍ଥା କରାଯିବା ସହ ଏସ୍‌ଡିଆର୍‌ଏଫ୍, ଏନ୍‌ଡିଆର୍‌ଏଫ୍ ଏବଂ ରାଜ୍ୟ ସରକାରଙ୍କ ସବୁ ବିଭାଗର କର୍ମଚାରୀମାନେ ରିଲିଫ୍ କାର୍ଯ୍ୟରେ ସହଯୋଗ କରିଛନ୍ତି। ସେହି ଅଂଚଳରୁ ନିର୍ବାଚିତ ବିଜେପିର ୧୧ ଜଣ ବିଧାୟକ(ଯେଉଁଥିରୁ ୨ ଜଣ ମନ୍ତ୍ରୀ) ଓ ୩ ଜଣ ସାଂସଦ ନିରନ୍ତର ରିଲିଫ୍ କାର୍ଯ୍ୟର ତଦାରଖ କରୁଛନ୍ତି। ରାଜ୍ୟ ସରକାର ଜନସାଧାରଣଙ୍କ ଜୀବନ ଓ ସମ୍ପତି ସୁରକ୍ଷା ପାଇଁ ପ୍ରତିବଦ୍ଧ ଅଛନ୍ତି। ସରକାରୀସ୍ତରରେ ତ୍ୱରିତ ରିଲିଫ୍ ଓ ପୁନରୁଦ୍ଧାର କାର୍ଯ୍ୟ ଜାରି ରହିଥିବାବେଳେ ଦଳୀୟସ୍ତରରେ ମଧ୍ୟ ପ୍ରଭାବିତ ପରିବାରଗୁଡ଼ିକୁ ସମସ୍ତ ସହାୟତା ପ୍ରଦାନ ପାଇଁ ନିରନ୍ତର ତଦାରଖ କରାଯାଉଛି ବୋଲି ଶ୍ରୀ ତ୍ରିପାଠୀ କହିଛନ୍ତି। ଏହି ପ୍ରେସବାର୍ତ୍ତାରେ ରାଜ୍ୟ ମୁଖପାତ୍ର ଦିଲ୍ଲୀପ ମଲ୍ଲିକ ଉପସ୍ଥିତ ଥିଲେ।

ସୋଆ ପକ୍ଷରୁ ପଦ୍ମଶ୍ରୀ ଅଶୋକ ମହାପାତ୍ରଙ୍କୁ ଶେଷ ସମ୍ମାନ ପ୍ରଦାନ

ପୁରୀରେ ରାଷ୍ଟ୍ରୀୟ ମର୍ଯ୍ୟାଦା ସହ ଶେଷକୃତ୍ୟ ସମ୍ପନ୍ନ

ଭୁବନେଶ୍ୱର, (ସବ୍ୟୁ) : ଭାରତର ବିଶିଷ୍ଟ ସ୍ନାୟୁଶଲ୍ୟ ବିଶେଷଜ୍ଞ ତଥା ଶିକ୍ଷା ଓ ଅନୁସନ୍ଧାନ (ସୋଆ) ର ପୂର୍ବତନ କୁଳପତି ଓ ପ୍ରମୁଖ ଉପଦେଷ୍ଟା (ସ୍ୱାସ୍ଥ୍ୟ ବିଜ୍ଞାନ) ପଦ୍ମଶ୍ରୀ ପ୍ରଫେସର (ଡାକ୍ତର) ଅଶୋକ କୁମାର ମହାପାତ୍ରଙ୍କୁ ବିଶ୍ୱବିଦ୍ୟାଳୟ ପରିସରରେ ଶ୍ରଦ୍ଧାଞ୍ଜଳି ଅର୍ପଣ କରାଯିବା ସହ ଶେଷ ସମ୍ମାନ ପ୍ରଦାନ କରାଯାଇଛି। ସୋମବାର ନୂଆଦିଲ୍ଲୀ ଏମ୍ସରେ ପଦ୍ମଶ୍ରୀ ପ୍ରଫେସର ମହାପାତ୍ରଙ୍କର ପରଲୋକ ହୋଇଥିବା ବେଳେ ମଙ୍ଗଳବାର ସନ୍ଧ୍ୟାରେ ତାଙ୍କ ମର ଶରୀର ଭୁବନେଶ୍ୱରକୁ ଅଣାଯାଇଥିଲା। ଭୁବନେଶ୍ୱର ବିମାନ ବନ୍ଦରରେ ସ୍ୱାସ୍ଥ୍ୟ ମନ୍ତ୍ରୀ ମୁକେଶ ମହାଲିଙ୍ଗ, ସତ୍ୟବାଦୀ ବିଧାୟକ ଓମ ପ୍ରକାଶ ମିଶ୍ର ଓ ଦୈତ୍ୟନଗରୀର ପୋଲିସ୍ କମିଶନର ସୁରେଶ ଦେବଦତ ସିଂ ପ୍ରମୁଖ ତାଙ୍କୁ ଶ୍ରଦ୍ଧାଞ୍ଜଳି ଅର୍ପଣ କରିଥିଲେ। ବିମାନ ବନ୍ଦରରୁ ତାଙ୍କ ମୃତ ଶରୀରକୁ ସୋଆର କ୍ୟାମ୍ପସ-୨କୁ ଅଣାଯାଇ ଶେଷ ଦର୍ଶନ ପାଇଁ ରଖାଯାଇଥିଲା। ସେଠାରେ ଉପମୁଖ୍ୟମନ୍ତ୍ରୀ ପ୍ରଭାତି ପରିଡ଼ା, ରାଜସ୍ୱ ମନ୍ତ୍ରୀ ସୁରେଶ ପୁଜାରୀ, ରାଜ୍ୟସଭା ସାଂସଦ ମନମୋହନ ସାମଲ, ଭୁବନେଶ୍ୱର ଉତର ବିଧାୟକ ସୁଶାନ୍ତ ରାଉତ, ଭୁବନେଶ୍ୱର ମେୟର ସୁଲୋଚନା ଦାସ, ପୂର୍ବତନ ସାଂସଦ ଡକ୍ଟର ପ୍ରସନ୍ନ ପାଟ୍ଟଶାଣୀ, ପୂର୍ବତନ ମନ୍ତ୍ରୀ ଅଶୋକ ପଣ୍ଡା ପ୍ରମୁଖ ସୋଆ କ୍ୟାମ୍ପସ-୨ରେ ପହଞ୍ଚି ପଦ୍ମଶ୍ରୀ ମହାପାତ୍ରଙ୍କୁ ଶ୍ରଦ୍ଧାଞ୍ଜଳି ଅର୍ପଣ କରିଥିଲେ। ସେହିପରି ସୋଆର ଉପସଭାପତି ଶାଶ୍ୱତି ଦାସ ବିଶ୍ୱବିଦ୍ୟାଳୟ କ୍ୟାମ୍ପସ-୨ରେ ପହଂଚି ସ୍ୱର୍ଗତ ମହାପାତ୍ରଙ୍କର ଶେଷ ଦର୍ଶନ କରିଥିବା ବେଳେ ଅନ୍ୟମାନଙ୍କ ମଧ୍ୟରେ କୁଳପତି ପ୍ରଫେସର ପ୍ରଦୀପ୍ତ କୁମାର ନନ୍ଦ, ପ୍ରଫେସର (ଡାକ୍ତର) ସଂଘମିତ୍ରା ମିଶ୍ର, ପୁଷ୍ପରାଜ ସାମନ୍ତସିଂହାର, ଆଇଏମ୍‌ଏସ୍ ଆଣ୍ଡ ସମ ହସ୍ପିଟାଲ୍ କ୍ୟାମ୍ପସ-୨ ଫୁଲନଖରାର ଡିନ୍ ପ୍ରଫେସର (ଡାକ୍ତର) ସ୍ନିଗ୍ଧା ପ୍ରଭା ମିଶ୍ର, ପ୍ରମେୟର ମୁଖ୍ୟ ସମ୍ପାଦକ ଗୋପାଳ କୃଷ୍ଣ ମହାପାତ୍ର ଓ ପ୍ରମେୟ ନ୍ୟୁଜ୭ର କାର୍ଯ୍ୟକାରୀ ସମ୍ପାଦକ ଦେବନାରାୟଣ ସେଠୀଙ୍କ ସମେତ ସୋଆ ଏବଂ ସମ୍ ହସ୍ପିଟାଲ୍‌ର କର୍ମକର୍ତ୍ତା ଓ ଡାକ୍ତରମାନେ ଉପସ୍ଥିତ ରହି ଶେଷ ଦର୍ଶନ କରିଥିଲେ। ସୋଆରୁ ସ୍ୱର୍ଗତ ମହାପାତ୍ରଙ୍କ ମର ଶରୀରକୁ ଭୁବନେଶ୍ୱର ଏମ୍ସ ଓ ତାଙ୍କ ପୈତୃକ ଗ୍ରାମ ବୀରଗୋବିନ୍ଦପୁରକୁ ନିଆଯିବା ସହ ପୁରୀରେ ଶେଷ କୃତ୍ୟ ସମ୍ପନ୍ନ କରାଯାଇଥିଲା।



ଛାତ୍ରୀନିବାସରେ ଜଣ୍ଡିସ୍ ସାଙ୍ଗକୁ ଝାଡାବାନ୍ତି, ଖାଦ୍ୟରେ ବେଙ୍ଗ

ଭୁବନେଶ୍ୱର, (ସବ୍ୟୁ) : ଉତ୍କଳ ବିଶ୍ୱବିଦ୍ୟାଳୟ ୭ ନମ୍ବର ଛାତ୍ରୀନିବାସରେ ଜଣ୍ଡିସ୍ ବ୍ୟାପିବା ସାଙ୍ଗକୁ ଝାଡାବାନ୍ତିରେ ଆକ୍ରାନ୍ତ ହୋଇଛନ୍ତି ଅନ୍ତେବାସୀ । ଏଥିପାଇଁ ଅନ୍ତେବାସୀ ଭୟଭୀତ ଥିବାବେଳେ ଖାଦ୍ୟରେ ମଲା ବେଙ୍ଗ ବାହାରିବାକୁ ନେଇ ଚର୍ଚ୍ଚା ହେଉଛି । ସେହି ଫଟୋ ସୋସିଆଲ ମିଡିଆରେ ଛାତ୍ରୀଙ୍କ ମଧ୍ୟରେ ଭାଇରାଲ ହେଉଛି ।

୭ ନମ୍ବର ଛାତ୍ରୀନିବାସରୁ ପରୀକ୍ଷା ପାଇଁ ସଂଗ୍ରହ ହୋଇଥିବା ନମୂନା ମଧ୍ୟରୁ ଦୁଇଟି ଜଣ୍ଡିସ୍ ପଜିଟିଭ୍ ରିପୋର୍ଟ ଆସିଥିବା ବେଳେ ଆଉ ୧୦ଟି ନମୂନାର ରିପୋର୍ଟ ଆସିନାହିଁ । ଅନ୍ୟ ପକ୍ଷରେ ବିଏମ୍‌ସି ଖାଦ୍ୟ ନିରାପତ୍ତା ଅଧିକାରୀମାନେ ପହଞ୍ଚି ଉତ୍କଳ ବିଶ୍ୱବିଦ୍ୟାଳୟ କ୍ୟାମ୍ପରୁ ଚଟପଟି ଖାଦ୍ୟର ନମୂନା ସଂଗ୍ରହ କରିଛନ୍ତି ପରୀକ୍ଷା ପାଇଁ । ଏଥିସହ ସେହି ବ୍ୟବସାୟୀମାନଙ୍କୁ ଚେତାବନୀ ଦେଇଛନ୍ତି ନିଜେ ପରିଷ୍କାର ପରିଚ୍ଛନ୍ନ ରହିବା ସହ ଖାଦ୍ୟପେୟ ପ୍ରସ୍ତୁତି ପରିଷ୍କାର ଭାବେ କରନ୍ତୁ ।

ଜଣ୍ଡିସ୍ ଓ ଝାଡାବାନ୍ତିକୁ ଡରି ଛାତ୍ରୀମାନେ ଘରକୁ ପଳାଉଥିବା ବେଳେ ଆଉ ଯେଉଁ କେତେକ ଛାତ୍ରୀ ରହୁଛନ୍ତି ସେମାନେ ଖାଦ୍ୟରେ ମଲା ବେଙ୍ଗକୁ ଦେଖି ଭୟଭୀତ ହୋଇଛନ୍ତି । ସେମାନଙ୍କୁ ବାହାରୁ ପାଣି ମଗାଇ ଯୋଗାଇ ଦିଆଯାଉଥିବା ବେଳେ ଖାଦ୍ୟରେ ମଲାବେଙ୍ଗ ବାହାରିବାକୁ ନେଇ ଚର୍ଚ୍ଚା ଜୋର୍ ହେଉଛି । ଛାତ୍ର ନେତାମାନଙ୍କ ମଧ୍ୟରେ ଏଥିନେଇ ପ୍ରତିକ୍ରିୟା ପ୍ରକାଶ ପାଇଛି ।

ମା' ଉଗ୍ରତାରାଙ୍କ ହୁଣ୍ଡିରୁ ମିଳିଲା ୮.୪୫ ଲକ୍ଷ

ନିରାକାରପୁର,(ସବ୍ୟୁ): ଓଡ଼ିଶାର ଅନ୍ୟତମ ପ୍ରସିଦ୍ଧ ତନ୍ତ୍ରପୀଠ ତଥା ଖୋର୍ଦ୍ଧା ଜିଲ୍ଲା ଟାଙ୍ଗୀ ଭୂଷଣ୍ଡପୁର ନିକଟସ୍ଥ ମୁଳିଝର ଗଡ଼ରେ ବିରାଜମାନ ମା' ଉଗ୍ରତାରାଙ୍କର ଶ୍ରଦ୍ଧାଳୁଙ୍କ ଦାନ ହୁଣ୍ଡି ମଙ୍ଗଳବାର ଦିନ ଖୋଲାଯାଇଛି । ଏହି ହୁଣ୍ଡିରୁ ମୋଟ ୮ ଲକ୍ଷ ୪୫ ହଜାର ୪୩୦ ଟଙ୍କା ସଂଗୃହୀତ ହୋଇଛି ।ଟାଙ୍ଗୀ ଅତିରିକ୍ତ ତହସିଲଦାର ସନାତନ ମଲ୍ଲିକଙ୍କ ପ୍ରତ୍ୟକ୍ଷ ଉପସ୍ଥିତିରେ ଏବଂ ଟାଙ୍ଗୀ ପୋଲିସର ସୁରକ୍ଷା ବ୍ୟବସ୍ଥା ମଧ୍ୟରେ ଏହି ଗଣତି ସମ୍ପନ୍ନ ହୋଇଥିଲା ।

ଶିଶୁ ଚକ୍ଷୁ ସୁରକ୍ଷାକୁ ଗୁରୁତ୍ୱ

ଏଏସ୍‌ଜି ହସ୍ପିଟାଲର ସୁରକ୍ଷିତ ଆଖି, ସୁରକ୍ଷିତ ଦୀପାବଳି ଅଭିଯାନ

କଟକ, (ସ୍ୱପ୍ର) : ଦୀପାବଳି ପର୍ବକୁ ଆନନ୍ଦମୟ ଓ ସୁରକ୍ଷିତ କରିବା ସହ ଶିଶୁମାନଙ୍କ ମୂଲ୍ୟବାନ ଦୃଷ୍ଟିଶକ୍ତିର ସୁରକ୍ଷା ନିମନ୍ତେ ସ୍ଥାନୀୟ ଲିଙ୍କ ରୋଡ୍ ସ୍ଥିତ ଏଏସ୍‌ଜି ହସ୍ପିଟାଲ୍ ଲିମିଟେଡ୍ ପକ୍ଷରୁ 'ସୁରକ୍ଷିତ ଆଖି, ସୁରକ୍ଷିତ ଦୀପାବଳି' ନାମକ ଏକ ସ୍ୱତନ୍ତ୍ର ଜନସଚେତନତା ଅଭିଯାନ ଆରମ୍ଭ କରାଯାଇଛି । ଫଟକା ଫୁଟାଇବା ସମୟରେ ଚକ୍ଷୁ ଆଘାତର ଶିକାର ହେଉଥିବା ୧୫ ବର୍ଷରୁ କମ୍ ବୟସର ଶିଶୁମାନଙ୍କୁ ଏଏସ୍‌ଜି ଆଇ ହସ୍ପିଟାଲ୍ ପକ୍ଷରୁ କମ୍ପାନୀର ସାମାଜିକ ଦାୟିତ୍ୱବୋଧ କାର୍ଯ୍ୟକ୍ରମ ଅଧୀନରେ ଚିକିତ୍ସା ସହାୟତା ଯୋଗାଇ ଦିଆଯିବ । ଏହି ସୁବିଧାରେ ପ୍ରାଥମିକ ଚିକିତ୍ସା, ଜରୁରୀକାଳୀନ ଚକ୍ଷୁ ଚିକିତ୍ସା ସହ ଆବଶ୍ୟକ ସ୍ଥଳେ ଅସ୍ତ୍ରୋପଚାର ମଧ୍ୟ ଅନ୍ତର୍ଭୁକ୍ତ ରହିଛି । ବାଣ ଫୁଟାଇବା ସମୟରେ ସୁରକ୍ଷା ଚଷମା ପିନ୍ଧିବା, ବୟସ୍କଙ୍କ ତଦାରଖ ବିନା ଶିଶୁମାନଙ୍କୁ ଫଟକା ଜଳାଇବାରୁ ନିବୃତ ରଖିବା, ଫଟକା ନଫୁଟିଲେ ପୁନର୍ବାର ତାହାକୁ ଜଳାଇବାକୁ ଚେଷ୍ଟା ନକରିବା , ଆଘାତପ୍ରାପ୍ତ ଆଖିକୁ ନଘଷିବା ପାଇଁ ସମ୍ବାଦିକ ସମ୍ମିଳନୀରେ ହସ୍ପିଟାଲ ପକ୍ଷରୁ ପରାମର୍ଶ ଦିଆଯାଇଛି । ଏହି ସାମ୍ବାଦିକ ସମ୍ମିଳନୀରେ ଡ. ରାଜ ଅଗ୍ରୱାଲ, ଡ. ସୋନାଲି ଷଡଙ୍ଗୀ, ଡ. ଖୁସି ଅଗ୍ରୱାଲ, ଡ. ଅରିନ୍ଦମ ରକ୍ଷିତ ଓ ଡ. ଆଦିତ୍ୟ ଆନନ୍ଦ ପ୍ରମୁଖ ସଚେତନତାର ପରାମର୍ଶ ଦେଇଥିଲେ । ଯଦି କିଛି ଆଘାତ ଲାଗେ ହେବେ ଡାକ୍ତର ବିନା ପରାମର୍ଶରେ ଅନ୍ୟ କୌଣସି ଘରୋଇ ଉପଚାର କରିବାରୁ ନିବୃତ୍ତ ରୁହନ୍ତୁ । ତୁରନ୍ତ ୧୮୦୦ ୧୨୦୦ ୧୧୧ ହେଲପଲାଇନ ଯୋଗାଯୋଗ କରି ଶିଶୁଙ୍କୁ ନିକଟସ୍ଥ ଏଏସ୍‌ଜି ଆଇ ହସ୍ପିଟାଲ୍ କିମ୍ବା ଚକ୍ଷୁ ଜରୁରୀକାଳୀନ ଚିକିତ୍ସା କେନ୍ଦ୍ରକୁ ନେଇଯିବାକୁ ମଧ୍ୟ ପରାମର୍ଶ ଦିଆଯାଇଥିଲା । ଏହି କାର୍ଯ୍ୟକ୍ରମକୁ ହସ୍ପିଟାଲର ଲୋକସମ୍ପର୍କ ଅଧିକାରୀ ଅମୀତ ପଣ୍ଡା ଓ ଅନ୍ୟ କର୍ମଚାରୀମାନେ ପରିଚାଳନା କରିଥିଲେ ।



ଆନ୍ତଃଜିଲ୍ଲା ଗଞ୍ଜେଇ ଚାଲାଣ ରାକେଟ୍‌ର ପର୍ଦ୍ଦାଫାସ; ୬ ଗିରଫ

୬୭.୩୩ କେଜି ଗଞ୍ଜେଇ, ୩ଟି କାର, ୧୨,୩୦୦ ଟଙ୍କା ଜବତ

ଖୋର୍ଦ୍ଧା, (ସବ୍ୟୁ) : ରାଜ୍ୟରେ ନିଶା କାରବାର ବିରୋଧରେ ଖୋର୍ଦ୍ଧା ପୁଲିସକୁ ମିଳିଛି ଏକ ବଡ଼ ସଫଳତା। ଏକ ଆନ୍ତଃଜିଲ୍ଲା ଗଞ୍ଜେଇ ଚାଲାଣ ନେଟୱର୍କର ପର୍ଦ୍ଦାଫାସ କରିବା ସହ ଏହି କାରବାରରେ ସମ୍ପୃକ୍ତ ଥିବା ଅଭିଯୋଗରେ ୬ଜଣଙ୍କୁ ଗିରଫ କରିଛି ସଦର ଥାନା ପୁଲିସ। ସେମାନଙ୍କଠାରୁ ୬୭.୩୩ କିଲୋଗ୍ରାମ ଗଞ୍ଜେଇ, ୩ଟି କାର, ୫ଟି ମୋବାଇଲ ଫୋନ ଏବଂ ନଗଦ ୧୨,୩୦୦ ଟଙ୍କା ଜବତ କରାଯାଇଛି। ଜବତ ସାମଗ୍ରୀର ଆନୁମାନିକ ମୂଲ୍ୟ ୧୬.୨୦ ଲକ୍ଷ ଟଙ୍କା ହେବ ବୋଲି ପୁଲିସ ଆକଳନ କରିଛି। ଗତକାଲି ସନ୍ଧ୍ୟାରେ ଗଡ଼ଗୁଡ଼ୁମ ଅଂଚଳ ଅନ୍ତର୍ଗତ ଦୁର୍ଗାପୁରସ୍ଥିତ ଗାଇଡାନ୍ସ ଇଂଟରନ୍ୟାସନାଲ ସ୍କୁଲ ନିକଟରେ ଏହି ଚଢ଼ଉ କରାଯାଇଥିଲା। ବୁଧବାର ଖୋର୍ଦ୍ଧା ଜିଲ୍ଲା ପୁଲିସ କାର୍ଯ୍ୟାଳୟ (ଡିପିଓ) ଠାରେ ଆୟୋଜିତ ସାମ୍ବାଦିକ ସମ୍ମିଳନୀରେ ଜିଲ୍ଲା ଆରକ୍ଷୀ ଅଧୀକ୍ଷକ ଏହି ସଫଳତା ସମ୍ପର୍କରେ ସୂଚନା ଦେଇଥିଲେ। ସେ କହିଥିଲେ ଯେ, କେବଳ ଗଞ୍ଜେଇ ଚାଲାଣ କରୁଥିବା ବ୍ୟକ୍ତିଙ୍କୁ ଧରିବା ନୁହେଁ, ବରଂ ଏହାର ସଂଗ୍ରହ, ପରିବହନ, ସୁରକ୍ଷା ଓ ବିତରଣରେ ସମ୍ପୃକ୍ତ ବିଭିନ୍ନ ସ୍ତରର ଲୋକଙ୍କୁ ଧରିବା ଥିଲା ଏହି ଅଭିଯାନର ମୁଖ୍ୟ ଉଦ୍ଦେଶ୍ୟ। ମଙ୍ଗଳବାର ଅପରାହ୍ନ ପ୍ରାୟ ୪ଟା ୩୦ ମିନିଟ୍ ରେ ଗଞ୍ଜେଇ ଚାଲାଣ ସମ୍ପର୍କରେ ଏକ ବିଶ୍ୱସନୀୟ ସୂଚନା ମିଳିଥିଲା। ଏସ୍.ପିଙ୍କ ନିର୍ଦ୍ଦେଶକ୍ରମେ ଖୋର୍ଦ୍ଧା ସଦର ଥାନା ଅଧିକାରୀ ବାସୁଦେବ ଜୟସିଂହଙ୍କ ନେତୃତ୍ୱରେ ଏକ ସ୍ୱତନ୍ତ୍ର ପୁଲିସ ଟିମ ଗଠନ କରାଯାଇଥିଲା। ଏସ୍.ଆଇ ଦୀପକ କୁମାର ପାକଳଙ୍କ ନେତୃତ୍ୱରେ ଗଠିତ ଟିମ ସନ୍ଧ୍ୟା ପ୍ରାୟ ୭ଟା ସମୟରେ ଦୁର୍ଗାପୁରଠାରେ ସନ୍ଦିଗ୍ଧମାନଙ୍କୁ ଅଟକାଇ ଯାଂଚ କରିଥିଲେ। ଏହି ସମୟରେ ଗଞ୍ଜେଇ ସହ ୬ ଜଣଙ୍କୁ ଧରିବାରେ ପୁଲିସ ସଫଳ ହୋଇଥିଲା। ଗିରଫ ଅଭିଯୁକ୍ତମାନେ ହେଲେ ବାଲେଶ୍ୱର ଜିଲ୍ଲା ଖଇରା ଥାନା ଅନ୍ତର୍ଗତ ଗୋଳିହା ଗ୍ରାମର ପିତାରଞ୍ଜନ ନାୟକ (୩୨), ସିମୁଳିଆ ଥାନା ଅନ୍ତର୍ଗତ ବାଉରୀପଡ଼ାର ଅଜୟ କୁମାର ମଲ୍ଲିକ (୪୪), ଖଇରା ଥାନା ଅନ୍ତର୍ଗତ ପାଲସା ଗ୍ରାମର ମଧୁସୂଦନ ପାଣିଗ୍ରାହୀ (୨୨) ଓ ସୁଧାଂଶୁ ଭୂଷଣ ଦାଶ (୨୮), ଭଦ୍ରକ ଜିଲ୍ଲା ନାଇକାଣିଡିହି ଥାନା ଅନ୍ତର୍ଗତ ବଳରାମପୁରର ଦୀପୁ ମଲ୍ଲିକ (୩୧) ଏବଂ ବାଲେଶ୍ୱର ଜିଲ୍ଲା ସିମୁଳିଆ ଥାନା ଅନ୍ତର୍ଗତ ବାଉରୀପଡ଼ାର ରାହୁଲ କୁମାର ସିଂହ (୨୭)। କନ୍ଧମାଳ ଜିଲ୍ଲା ଫୁଲବାଣୀର କାଇଞ୍ଚର ଅଂଚଳରୁ ଗଞ୍ଜେଇ ସଂଗ୍ରହ କରାଯାଇ ଏସ୍କର୍ଟ ଟିମ ଜରିଆରେ ଏହାକୁ ବାଲେଶ୍ୱର ଓ ଭଦ୍ରକ ଜିଲ୍ଲାକୁ ପଠାଯାଉଥିଲା। ସେଠାରେ ଏହାର ବିକ୍ରି ଓ ବିତରଣ ପାଇଁ ଏକ ସୁସଂଗଠିତ ବ୍ୟବସ୍ଥା କାର୍ଯ୍ୟ କରୁଥିବା ପୁଲିସ ସନ୍ଦେହ କରୁଛି। ପିତାରଞ୍ଜନ ନାୟକ ଓ ଅଜୟ କୁମାର ମଲ୍ଲିକ ଗଞ୍ଜେଇର ମୂଳ ଉତ୍ସରୁ ଏହାକୁ ସଂଗ୍ରହ କରି ପରିବହନ କରୁଥିଲେ। ଅନ୍ୟପକ୍ଷରେ ଦୀପୁ ମଲ୍ଲିକ ଓ ରାହୁଲ କୁମାର ସିଂହ ବାଲେଶ୍ୱର ଓ ଭଦ୍ରକ ଜିଲ୍ଲାର ବିଭିନ୍ନ ସ୍ଥାନରେ ଗଞ୍ଜେଇ ଗ୍ରହଣ, ବିକ୍ରି ଓ ବିତରଣ ଦାୟିତ୍ୱରେ ଥିବା ପୁଲିସ କହିଛି। ଏହି ଚାଲାଣରେ ତିନୋଟି ଗାଡ଼ି ବ୍ୟବହାର କରାଯାଉଥିବା ତଦନ୍ତରୁ ଜଣାପଡ଼ିଛି। ଜବତ ଗାଡ଼ିଗୁଡ଼ିକ ମଧ୍ୟରେ ଟି.ଏସ -୦୭ୟୁଏଲ-୯୬୩୪, ଓଡି-୩୩ଏଭି-୯୨୦୫ ଏବଂ ଓଡି-୦୨ଡିଡି-୮୫୭୮ ନମ୍ବର ବିଶିଷ୍ଟ ୩ଟି କାର ରହିଛି। ଏନେଇ ପୁଲିସ ୫୨୪/୨୬ ରେ ଏକ ମାମଲା ରୁଜୁ କରି ଗିରଫ ଅଭିଯୁକ୍ତଙ୍କୁ କୋର୍ଟ ଚାଲାଣ କରିଛି। ଏହି ସାମ୍ବାଦିକ ସମ୍ମିଳନୀରେ ଥାନା ଅଧିକାରୀ ବାସୁଦେବ ଜୟସିଂ ଉପସ୍ଥିତଥିଲେ।



ଶ୍ରୀଶ୍ରୀ ବିଶ୍ୱବିଦ୍ୟାଳୟରେ ନୂଆଖାଇ ଭେଟଘାଟ

କଟକ, (ସ୍ୱପ୍ର): ସ୍ଥାନୀୟ ନରାଜ ସ୍ଥିତ ଶ୍ରୀଶ୍ରୀ ବିଶ୍ୱବିଦ୍ୟାଳୟ ପକ୍ଷରୁ ନୂଆଖାଇ ଭେଟଘାଟ ପାଳିତ ହୋଇଯାଇଛି । ବିଶ୍ୱବିଦ୍ୟାଳୟ ଐତିହ୍ୟ କ୍ଲବ୍ ପକ୍ଷରୁ ଆୟୋଜିତ କାର୍ଯ୍ୟକ୍ରମରେ ପଶ୍ଚିମ ଓଡ଼ିଶାର ସମୃଦ୍ଧ ପରମ୍ପରା, ସଙ୍ଗୀତ, କଳା ଓ ପାରମ୍ପରିକ ଖାଦ୍ୟର ଏକ ସୁନ୍ଦର ଝଲକ ଦେଖିବାକୁ ମିଳିଥିଲା । ମା' ସମଲେଶ୍ୱରୀଙ୍କ ପୂଜାର୍ଚ୍ଚନାରୁ କାର୍ଯ୍ୟକ୍ରମ ଆରମ୍ଭ ହୋଇଥିବା ବେଳେ ସମ୍ବଲପୁରୀ ପଞ୍ଚବାଦ୍ୟ, କଣ୍ଠଶିଳ୍ପୀ ପୁଷ୍ପରାଜ ସୁନା ଓ ନୂପୁର ମଲ୍ଲିକଙ୍କ ସଙ୍ଗୀତ ପରିବେଷଣ, ବିଶ୍ୱବିଦ୍ୟାଳୟର ବିଦ୍ୟାର୍ଥୀମାନଙ୍କ ଦ୍ୱାରା ସମ୍ବଲପୁରୀ ହସ୍ତତନ୍ତ ଓ ପାରମ୍ପରିକ ପୋଷାକ ପରିଧାନ ପୂର୍ବକ ରାମ୍ପ ୱାକ୍ ଇତ୍ୟାଦି ଦର୍ଶକଙ୍କ ମନ ମୋହିଥିଲା । ପଶ୍ଚିମ ଓଡ଼ିଶାର କଳାକାର ପ୍ରତାପ ସାହୁ ନିଜର କଳା ପ୍ରଦର୍ଶନ କରିବା ସାଙ୍ଗକୁ ଖ୍ୟାତନାମା କଳାକାର ପ୍ରଥମ କୁମ୍ଭାର ଓ ବିକାଶ ଗୋସାଇଁ ଲୋକପ୍ରିୟ ସମ୍ବଲପୁରୀ ଗୀତ ପରିବେଷଣ କରି ଦର୍ଶକଙ୍କୁ ମୁଗ୍ଧ କରିଥିଲେ । ଏହି ଅବସରରେ ମୁଖ୍ୟ ଅତିଥି ଭାବେ ବିଦ୍ୟାର୍ଥୀ କଲ୍ୟାଣ ବିଭାଗ ଡିନ୍ ପ୍ରାଧ୍ୟାପକ ଜୟପ୍ରକାଶ ଭଟ୍ଟ, ଫ୍ୟାକଲଟି ଅଫ୍ ଆର୍କିଟେକ୍‌ଚର ସହଯୋଗୀ ପ୍ରାଧ୍ୟାପକ ଡ. ପାର୍ଥସାରଥୀ ମିଶ୍ର, ଫ୍ୟାକଲଟି ଅଫ୍ ଏଗ୍ରିକଲଚରର ସହକାରୀ ପ୍ରାଧ୍ୟାପକ ତଥା ମୁଖ୍ୟ ଡ. ସୀମା ତ୍ରିପାଠୀ ଏବଂ ବିଶ୍ୱବିଦ୍ୟାଳୟର ମୁଖ୍ୟ ଲାଇବ୍ରେରିଆନ୍ ବସନ୍ତ କୁମାର ପଣ୍ଡା ଯୋଗ ଦେଇଥିଲେ । କାର୍ଯ୍ୟକ୍ରମର ସଫଳ ଆୟୋଜନ ନିମନ୍ତେ ବିଶ୍ୱବିଦ୍ୟାଳୟ କୁଳାଧକ୍ଷ ଆଦେଶ ଗୋୟଲ, କୁଳପତି ପ୍ରଫେସର ଡ. ତେଜପ୍ରତାପ ଏବଂ କାର୍ମିକ ନିର୍ଦ୍ଦେଶକ ସ୍ୱାମୀ ସତ୍ୟଚୈତନ୍ୟ ଆୟୋଜକ ମଣ୍ଡଳୀକୁ ଧନ୍ୟବାଦ ଦେଇଥିଲେ ।



ଚୌଦ୍ୱାର ଜେଲ୍ ବିବାଦ

ପୂର୍ବତନ ଜେଲର ସନ୍ତୋଷିନୀଙ୍କ କୋର୍ଟରେ ବୟାନ ରେକର୍ଡ

ଚୌଦ୍ୱାର, (ସବ୍ୟୁ): ଚୌଦ୍ୱାର ମଣ୍ଡଳ କାରାଗାରକୁ ଘେରି ରହିଥିବା ବିବାଦ ଏବେ ନୂଆ ମୋଡ଼ ନେଇଛି। ଜେଲ୍ ବିଭାଗର ପୂର୍ବତନ ଜେଲର ସନ୍ତୋଷିନୀ ଦାସ ଟାଙ୍ଗୀ ଜେଏମ୍‌ଏଫ୍‌ସି ଅଦାଲତରେ ହାଜର ହୋଇ ବିଏନ୍‌ଏସ୍‌ଏସ୍ ଧାରା ୧୮୩ ଅନୁଯାୟୀ ନିଜର ବୟାନ ରେକର୍ଡ କରାଇଛନ୍ତି। ଜେଲ୍ ବିଭାଗର ଡିଜି ସୁଶାନ୍ତ ନାଥ ଓ ତାଙ୍କ ସହଯୋଗୀ କୁଳଦୀପ ରଥଙ୍କ ବିରୋଧରେ ଯୌନ ନିର୍ଯାତନା ଏବଂ ଏକ ମାମଲା ରଫାଦଫା ପାଇଁ ଚାପ ପ୍ରୟୋଗ ହୋଇଥିବା ସେ ଅଭିଯୋଗ କରିଥିଲେ। ଏହା ପୂର୍ବରୁ ଚୌଦ୍ୱାର ପୋଲିସ ମଧ୍ୟ ତାଙ୍କ ବୟାନ ରେକର୍ଡ କରିଥିଲା।ସେହିପରି ଚୌଦ୍ୱାର ମଣ୍ଡଳ କାରାଗାରର ବରିଷ୍ଠ ଅଧୀକ୍ଷକ ସୁଜିତ ରାଉଳଙ୍କ ବିରୋଧରେ ମିନିଟ୍ ବୁକ୍ ସମେତ ବିଭିନ୍ନ ସରକାରୀ ନଥିପତ୍ରରେ ଜାଲିଆତି ଅଭିଯୋଗ ଆଣିଥିଲେ ସନ୍ତୋଷିନୀ। ଏହି ଅଭିଯୋଗ ଆଧାରରେ ପୋଲିସ ସୁଜିତଙ୍କୁ ଗିରଫ କରିଥିଲା।ସୂଚନାଯୋଗ୍ୟ, ଚୌଦ୍ୱାର ଜେଲରୁ ଦୁଇ ବିହାରୀ କଏଦୀ ଫେରାର ହେବା ପରେ ସନ୍ତୋଷିନୀଙ୍କୁ କଣ୍ଟାବାଞ୍ଜି ଜେଲ୍‌କୁ ବଦଳି କରାଯାଇଥିଲା। ପରବର୍ତ୍ତୀ ସମୟରେ କାର୍ଯ୍ୟରେ ଅବହେଳା ଅଭିଯୋଗରେ ତାଙ୍କ ଦରମା ବନ୍ଦ ସହ ନିଲମ୍ବନ କରାଯାଇଥିଲା। ଏବେ କୋର୍ଟରେ ତାଙ୍କ ବୟାନ ରେକର୍ଡ ପରେ ଚୌଦ୍ୱାର ପୋଲିସ ଘଟଣାର ବିଭିନ୍ନ ଦିଗକୁ ନେଇ ତଦନ୍ତ ଜାରି ରଖିଛି। ଏହି ମାମଲାରେ ଆଗକୁ କେଉଁ ନୂଆ ତଥ୍ୟ ସାମ୍ନାକୁ ଆସୁଛି, ତାହା ଉପରେ ନଜର ରହିଛି।

ପ୍ରଦ୍ମଶ୍ରୀ ଡାକ୍ତର ଅଶୋକ କୁମାର ମହାପାତ୍ରଙ୍କୁ ଅଶ୍ରୁଳ ଶ୍ରଦ୍ଧାଞ୍ଜଳି

ଭୁବନେଶ୍ୱର, (ସବ୍ୟୁ) : ଭକ୍ତ ଶିରୋମଣି ଦାସିଆଙ୍କ ଜନ୍ମ ଓ ସାଧନା ପୀଠ ପୁରୀ ଜିଲ୍ଲା ତେଇଶିପୁର ପଞ୍ଚାୟତ ଅଧିନସ୍ଥ ବାଲିଗାଁ ଠାରେ ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ମନ୍ଦିର ପ୍ରାଗଣାରେ ଭକ୍ତ ଦାସିଆ ସ୍ମୃତି କମିଟି ଦ୍ୱାରା ଆୟୋଜିତ ସାଧାରଣ ବୈଠକରେ ଅନୁଷ୍ଠାନର କାର୍ଯ୍ୟକାରୀ ସଭାପତି ତଥା ଆନ୍ତର୍ଜାତିକ ଖ୍ୟାତି ସମ୍ପର୍ଣ୍ଣ ସ୍ନାୟୁଶଲ୍ୟ ବିଶେଷଜ୍ଞ ପଦ୍ମଶ୍ରୀ ଡାକ୍ତର ପ୍ରଫେସର ଅଶୋକ କୁମାର ମହାପାତ୍ରଙ୍କ ଅଶ୍ରୁଳ ଶ୍ରଦ୍ଧାଞ୍ଜଳୀସଭା ଅନୁଷ୍ଠିତ ହୋଇଯାଇଅଛି। ଏହି ସଭାରେ ଅନୁଷ୍ଠାନର ସଭାପତି ଡଃ ପ୍ରତିଭା ମହାରଥୀ ଅଧକ୍ଷତା କରିଥିବା ବେଳେ ସାଧାରଣ ସଂପାଦକ ଡଃ ଘନଶ୍ୟାମ ସ୍ୱାଇଁ ସଭାକାର୍ଯ୍ୟ ସଂଯୋଜନା କରିଥିଲେ। ପ୍ରଫେସର ଅଶୋକ ମହାପାତ୍ରଙ୍କ ବିୟୋଗରେ ସାରା ଓଡ଼ିଶା ତଥା ଭାରତ ବର୍ଷର ଅପୂରଣୀୟ କ୍ଷତି ହୋଇଥିବା ସମସ୍ତ ସଦସ୍ୟ ସଭାରେ ଆଲୋକପାତ କରିଥିଲେ। ପୁରୀ ଜିଲ୍ଲା ବୀରଭଦ୍ରପୁର ବ୍ରାହ୍ମଣ ଶାସନରେ ପିତା ସ୍ୱର୍ଗତ ନବକିଶୋର ମହାପାତ୍ର ଓ ମାତା ଦିନମଣି ଦେବୀଙ୍କର ସେ ଥିଲେ ସୁଯୋଗ୍ୟ ସନ୍ତାନ। ଦୀର୍ଘ ୪୨ ବର୍ଷ ରୋଗୀ ସେବାରେ ନିଜର ପାର ଦର୍ଶିତା ପ୍ରଦର୍ଶନ କରି ଆନ୍ତର୍ଜାତିକ ସ୍ତରରେ କନ୍ଧମାଳରେ ଜୋଡାମୁଣ୍ଡ ଜଗା ବଳିଆର ଅସ୍ତ୍ରୋପ୍ରଚାର କରି ନିଜର ଦକ୍ଷତା ପ୍ରଦର୍ଶନ କରିଥିଲେ। ତାଙ୍କ ସମୟକାଳ ମଧ୍ୟରେ ୮୭୦ଟି ବିଷୟରେ ସନ୍ଦର୍ଭ ପ୍ରକାଶନ କରିବା, ୧୬ଗୋଟି ପୁସ୍ତକ ପ୍ରକାଶନ କରିବା ସହିତ ୧୨ଜଣ ଅଭିଜ୍ଞ ଛାତ୍ର ତାଙ୍କ ଅଧିନରେ ପିଏଚଡି ପ୍ରାପ୍ତ ହୋଇଥିଲେ। ସାରାପୃଥିବୀରେ ସମସ୍ତ ସାୟୁଶଲ୍ୟ ଚିକିତ୍ସକ ମଧ୍ୟରେ ୨% ଡାକ୍ତରମାନଙ୍କ ମଧ୍ୟରେ ନିଜର ସ୍ଥାନ ନିରୁପଣ କରିଥିଲେ। ଭକ୍ତ ଶିରୋମଣି ଦାସିଆଙ୍କ ଜନ୍ମପୀଠର ପାରିପାର୍ଶିକ ଉନ୍ନୟନ, ପୂଜା ପଦ୍ଧତିର ସଂସ୍କାର, ପରିଚାଳନା ପଦ୍ଧତିରେ ନବିକରଣ, ଯାତ୍ରୀମାନଙ୍କୁ ପୀଠରେ ଉତ୍ତମ ସେବା ପ୍ରତି ସଦାସର୍ବଦା ଧ୍ୟାନ ଦିଆ ଯିବା ଉପରେ ଗୁରୁତ୍ୱ ଦେଉଥିଲେ। ଭକ୍ତ ସଭାରେ କିଟ୍ ଯୁକ୍ତ ୨ ବିଜ୍ଞାନ ମହାବିଦ୍ୟାଳୟର ଅଧକ୍ଷ ଡଃ ଚିତ୍ତରଞ୍ଜନ ମିଶ୍ର, Wallet for Wealth Management ର ପରିଚାଳନା ନିର୍ଦ୍ଦେଶକ ତ୍ରିନାଥ ଲେଙ୍କା, ବିଶିଷ୍ଟ ସମାଜସେବୀ ଆଶୁତୋଷ ସାମନ୍ତରାୟ ପ୍ରମୁଖ ତାଙ୍କର ବିଶାଳ ପ୍ରତିଭାର ଗୁଣ ଗାନ କରିବା ସହିତ ତାଙ୍କ ଅମର ଆତ୍ମାର ସଦ୍‌ଗତି କାମନା କରିଥିଲେ। ନିମାପଡ଼ା ମହାବିଦ୍ୟାଳୟର ଦର୍ଶନ ବିଭାଗର ପ୍ରାକ୍ତନ ପ୍ରଧ୍ୟାପକ ବୃନ୍ଦାବନ ମହାପାତ୍ର ଧନ୍ୟବାଦ ଅର୍ପଣ କରିଥିଲେ। ସଭାରେ ଅନୁଷ୍ଠାନର ବରିଷ୍ଠ ସଦସ୍ୟ ପ୍ରତାପ ଚନ୍ଦ୍ର ସିଂ, ଶିକ୍ଷାବିତ୍ ବାସନ୍ତୀ ଦାସ, ଆଞ୍ଚଳିକ କମିଟି ସଦସ୍ୟ କୃଷ୍ଣଚନ୍ଦ୍ର ଲେଙ୍କା, ରମେଶ ଚନ୍ଦ୍ର ପ୍ରଧାନ, ଯୁଧିଷ୍ଠିର ପରିଡ଼ା, ସଦାଶିବ ସ୍ୱାଇଁ, ସ୍ୱାତୀ ମିଶ୍ର, ପଞ୍ଚୁଜେନା, ଅର୍ଜୁନ ମାଝୀ, ଜନାର୍ଦ୍ଦନ ଆଲୁକ, ପ୍ରଫୁଲ ବିଶ୍ୱାଳ, ରାଜନ ଛାଟୋଇ ପ୍ରମୁଖ ଯୋଗ ଦେଇଥିଲେ। ସର୍ବଶେଷରେ ପ୍ରସାଦ ବିତରଣ କରାଯାଇଥିଲା।



ବାତ୍ୟା 'ଅର୍ଣ୍ଣବ ପ୍ରଭାବିତ ଗଞ୍ଜାମକୁ ସହାୟତାର ହାତ ବଢ଼ାଇଲା କେଏମ୍‌ସି

ମେୟର ସୁବାସ ସିଂହଙ୍କ ଉପସ୍ଥିତିରେ ଗଲା ରିଲିଫ୍ ସାମଗ୍ରୀ

କଟକ, (ସବ୍ୟୁ): ବାତ୍ୟା 'ଅର୍ଣ୍ଣବ ଦ୍ୱାରା ପ୍ରଭାବିତ ଗଞ୍ଜାମ ଜିଲ୍ଲାବାସୀଙ୍କ ସହାୟତା ପାଇଁ ଆଗେଇ ଆସିଛି କଟକ ମହାନଗର ନିଗମ। ବିପର୍ଯ୍ୟୟ ସମୟରେ ମାନବିକତା ଓ ଭାଇଚାରାର ନିଦର୍ଶନ ସ୍ୱରୂପ କଟକ ମହାନଗର ନିଗମ ପକ୍ଷରୁ ବିଭିନ୍ନ ରିଲିଫ୍ ସାମଗ୍ରୀ ବୋଝେଇ ଏକ ଟ୍ରକ୍ ଆଜି ଗଞ୍ଜାମ ଅଭିମୁଖେ ପଠାଯାଇଛି।

ମେୟର ସୁବାସ ସିଂହଙ୍କ ଉପସ୍ଥିତିରେ ଏହି ସହାୟତା ସାମଗ୍ରୀ ବୋଝେଇ ଟ୍ରକ୍‌ଟି ଗଞ୍ଜାମ ଅଭିମୁଖେ ଯାତ୍ରା ଆରମ୍ଭ କରିଥିଲା। ଟ୍ରକ୍‌ରେ ବାତ୍ୟା ପ୍ରଭାବିତ ଲୋକମାନଙ୍କ ପାଇଁ ଚୁଡ଼ା, ଗୁଡ଼, ବିସ୍କୁଟ୍, ଛତୁଆ, ପାନୀୟ ଜଳ ସମେତ ବିଭିନ୍ନ ଅତ୍ୟାବଶ୍ୟକ ଖାଦ୍ୟ ଓ ସହାୟତା ସାମଗ୍ରୀ ପଠାଯାଇଛି। ଏହି ରିଲିଫ୍ ସାମଗ୍ରୀ ପଠାଇବା ସମୟରେ ଷ୍ଟାଣ୍ଡିଂ କମିଟି ଅଧକ୍ଷ୍ୟା ପ୍ରଳୟା ବେହୁରା , କଟକ ମହାନଗର ନିଗମର ଅତିରିକ୍ତ କମିଶନର ସୋନା ଟୁଡୁ, ସହକାରୀ କମିଶନର ଶ୍ରଦ୍ଧା ଗ୍ରହାଚାର୍ଯ୍ୟଙ୍କ ସମେତ ନିଗମର ଅନ୍ୟାନ୍ୟ ଅଧିକାରୀମାନେ ଉପସ୍ଥିତ ଥିଲେ।



ବାତ୍ୟା 'ଅର୍ଣ୍ଣବ' କ୍ଷୟକ୍ଷତି ଆକଳନ କଲା କେନ୍ଦ୍ରୀୟ ଟିମ୍

ପୁରୁଷୋତ୍ତମପୁର, ହିଞ୍ଜିଳି, ଆସିକା ଓ ଧରାକୋଟ କ୍ଷତିଗ୍ରସ୍ତ ଅଞ୍ଚଳ ପରିଦର୍ଶନ



ବ୍ରହ୍ମପୁର, (ସବ୍ୟୁ): ବାତ୍ୟା "ଅର୍ଣ୍ଣବ' ପରବର୍ତ୍ତୀ ବନ୍ୟା ଯୋଗୁଁ ଗଞ୍ଜାମ ଜିଲ୍ଲାରେ ହୋଇଥିବା ବ୍ୟାପକ କ୍ଷୟକ୍ଷତିର ସ୍ଥଳୀୟ ଅନୁଧ୍ୟାନ କରିଛି ଆଠ ଜଣିଆ ଅନ୍ତଃମନ୍ତ୍ରାଳୟ କେନ୍ଦ୍ରୀୟ ପ୍ରତିନିଧି ଦଳ । କେନ୍ଦ୍ର ଗୃହ ମନ୍ତ୍ରଣାଳୟର ଯୁଗ୍ମ ସଚିବ ରବି ଶଙ୍କରଙ୍କ ନେତୃତ୍ୱରେ ଆସିଥିବା ଏହି ଟିମ୍ ଜିଲ୍ଲାର ବିଭିନ୍ନ ବନ୍ୟା ପ୍ରଭାବିତ ଅଞ୍ଚଳ ପରିଦର୍ଶନ କରି କ୍ଷୟକ୍ଷତିର ବିସ୍ତୃତ ଆକଳନ କରିଛନ୍ତି। କେନ୍ଦ୍ରୀୟ ଟିମ୍ ପୁରୁଷୋତ୍ତମପୁର ବ୍ଲକର ଆଚୁଲି, ହାଣ୍ଡିଘର ଓ ହୀରାଧରବାଟି ଜଳସେଚନ ପ୍ରକଳ୍ପ ପରିଦର୍ଶନ କରିଥିଲେ ।

ସେହିପରି ହିଞ୍ଜିଳି ବ୍ଲକର ଘୋଡ଼ାହାଡ଼ ପୋଲ ଓ ଜୟମଙ୍ଗଳ ଜଳସେଚନ ପ୍ରକଳ୍ପର କ୍ଷୟକ୍ଷତି ଅନୁଧ୍ୟାନ କରିଥିଲେ । ଆସିକାର ଲକ୍ଷ୍ମୀ ବଜାର, ନବରନିପୁର ଓ ଉପଖଣ୍ଡ ଚିକିତ୍ସାଳୟ ସମେତ ଧରାକୋଟ ବ୍ଲକର ଜାହାଡ଼ା ଗ୍ରାମ ଓ ଜାନିବିଲି ଆନିକଟ ମଧ୍ୟ ପରିଦର୍ଶନ କରିଥିଲେ । ଅନୁଧ୍ୟାନ ସମୟରେ ଚାଷଜମିରେ ବାଲିଚର ମାଡ଼ିଯିବା, ନଦୀବନ୍ଧ ଓ ଜଳସେଚନ ପ୍ରକଳ୍ପର କ୍ଷତି, ଗ୍ରାମ୍ୟ ରାସ୍ତା, ବଦ୍ୟୁତ ଭିତ୍ତିଭୂମି, ବାସଗୃହ, ବ୍ୟବସାୟିକ ପ୍ରତିଷ୍ଠାନ ଏବଂ ସ୍ୱାସ୍ଥ୍ୟସେବା ଭିତ୍ତିଭୂମିର କ୍ଷୟକ୍ଷତି ସମ୍ପର୍କରେ ଟିମ୍ ସବିଶେଷ ତଥ୍ୟ ସଂଗ୍ରହ କରିଥିଲା । ଏଥିସହ ବନ୍ୟା ବିପନ୍ନଙ୍କ ସହ ଆଲୋଚନା କରି ସେମାନଙ୍କ ସମସ୍ୟା ଓ କ୍ଷୟକ୍ଷତି ସମ୍ପର୍କରେ ପଚାରି ବୁଝିଥିଲେ । ଚାଷଜମିକୁ ଯାଇ ଫସଲ ନଷ୍ଟର ପରିମାଣ ଅନୁଧ୍ୟାନ କରିବା ସହ ଆବଶ୍ୟକ ନମୁନା ମଧ୍ୟ ସଂଗ୍ରହ କରିଥିଲେ ।

ପ୍ରାଥମିକ ଆକଳନ ଅନୁଯାୟୀ ୫୦୦ କୋଟି ଟଙ୍କାର କ୍ଷୟକ୍ଷତି

ଏହା ପୂର୍ବରୁ ସକାଳେ ଗୋପାଳପୁର ସର୍କିଟ୍ ହାଉସଠାରେ ଜିଲ୍ଲା ପ୍ରଶାସନ ସହ କେନ୍ଦ୍ରୀୟ ପ୍ରତିନିଧି ଦଳର ଏକ ସମୀକ୍ଷା ବୈଠକ ଅନୁଷ୍ଠିତ ହୋଇଥିଲା । ଦକ୍ଷିଣାଞ୍ଚଳ ରାଜସ୍ୱ ଆୟୁକ୍ତ ବିଜୟ ଅମୃତ କୁଲାଙ୍ଗେ ଓ ଗଞ୍ଜାମ ଜିଲ୍ଲାପାଳ ଭି. କୀର୍ତ୍ତି ଭାସନ ଜିଲ୍ଲାର ବିଭିନ୍ନ ବିଭାଗର କ୍ଷୟକ୍ଷତି ସମ୍ପର୍କରେ ପ୍ରତିନିଧି ଦଳକୁ ଅବଗତ କରାଇଥିଲେ । ବିଭାଗଓ୍ୱାରୀ କ୍ଷତିର ବିବରଣୀ ଓ ପୁନରୁଦ୍ଧାର କାର୍ଯ୍ୟର ସ୍ଥିତି ଉପସ୍ଥାପନ କରାଯାଇଥିଲା । ପ୍ରାଥମିକ ଆକଳନ ଅନୁଯାୟୀ, ବାତ୍ୟା ଓ ପରବର୍ତ୍ତୀ ବନ୍ୟା ଯୋଗୁଁ ଗଞ୍ଜାମ ଜିଲ୍ଲାର ବିଭିନ୍ନ କ୍ଷେତ୍ରରେ ପ୍ରାୟ ୫୦୦ କୋଟି ଟଙ୍କାର କ୍ଷୟକ୍ଷତି ହୋଇଛି । ଏହି ଗସ୍ତ ସମୟରେ ରାଜସ୍ୱ ଆୟୁକ୍ତ ଓ ଜିଲ୍ଲାପାଳଙ୍କ ସମେତ ସମ୍ପୃକ୍ତ ଅଞ୍ଚଳର ଜନପ୍ରତିନିଧି, ଅତିରିକ୍ତ ଜିଲ୍ଲାପାଳ, ଜିଲ୍ଲା ପରିଷଦର ମୁଖ୍ୟ ଉନ୍ନୟନ ଅଧିକାରୀ, ଉପଜିଲ୍ଲାପାଳ, ଜିଲ୍ଲାସ୍ତରୀୟ ଅଧିକାରୀ, ବିଡିଓ ଓ ତହସିଲଦାରମାନେ ଉପସ୍ଥିତ ରହି କେନ୍ଦ୍ରୀୟ ଟିମର ଆବଶ୍ୟକ ସହଯୋଗ କରିଥିଲେ ।

ଟ୍ରେଡିଂ ଠକେଇ ମାମଲା: ମୟୂରଭଞ୍ଜରେ ଇଡି ଚଢ଼ାଉ



ବାରିପଦା, (ସବ୍ୟୁ) : ପ୍ରାୟ ୭୦କୋଟି ଟଙ୍କାର ଆର୍ଥିକ ଠକେଇ ଅଭିଯୋଗରେ ମୟୂରଭଞ୍ଜ ଜିଲ୍ଲା କପ୍ତିପଦା ଥାନା ଅନ୍ତର୍ଗତ ବିଶୋଳ ଗ୍ରାମରେ ବୁଧବାର ପ୍ରବର୍ତ୍ତନ ନିର୍ଦ୍ଦେଶାଳୟ (ଇଡି) ଚଢ଼ାଉ କରିଛି । କୋଲକାତା ଭିତ୍ତିକ ଏକ ଟ୍ରେଡିଂ କମ୍ପାନୀର ଓଡ଼ିଶା ମୁଖ୍ୟ ଈଶ୍ୱର ବନ୍ଧାଣୀଙ୍କ ବାସଭବନରେ ଏହି ଚଢ଼ାଉ ହୋଇଛି । ସୂଚନା ଅନୁଯାୟୀ, ଅଧିକ ଲାଭର ପ୍ରଲୋଭନ ଦେଖାଇ କମ୍ପାନୀ ପକ୍ଷରୁ ରାଜ୍ୟର ବିଭିନ୍ନ ଅଞ୍ଚଳର ସାଧାରଣ ଲୋକଙ୍କଠାରୁ ୭୦କୋଟିରୁ ଉର୍ଦ୍ଧ୍ୱ ଟଙ୍କା ଠକେଇ ହୋଇଥିବା ଅଭିଯୋଗ ରହିଛି । ଏହାର ତଦନ୍ତ ପାଇଁ ଇଡିର ତିନିଜଣିଆ ଟିମ୍ ସହ ଦୁଇଜଣ ବ୍ୟାଙ୍କ ଅଧିକାରୀ ଓ ସ୍ଥାନୀୟ ପୁଲିସ ବିଶୋଳ ସ୍ଥିତ ଈଶ୍ୱରଙ୍କ ବାସଭବନରେ ଚଢ଼ାଉ କରିଥିଲେ । ଚଢ଼ାଉ ସମୟରେ ବିଭିନ୍ନ ଗୁରୁତ୍ୱପୂର୍ଣ୍ଣ କାଗଜପତ୍ର, ବ୍ୟାଙ୍କ ଜମାଖାତା ଓ ଆର୍ଥିକ କାରବାର ସମ୍ପର୍କିତ ତଥ୍ୟ ଯାଞ୍ଚ କରାଯାଇଥିବା ଜଣାପଡ଼ିଛି । ଠକେଇ ନେଟଓ୍ୱାର୍କରେ ଅନ୍ୟ କେଉଁମାନେ ସମ୍ପୃକ୍ତ ଅଛନ୍ତି ଏବଂ ଟଙ୍କା କେଉଁ କେଉଁ ବ୍ୟାଙ୍କ ଖାତାକୁ ସ୍ଥାନାନ୍ତର ହୋଇଛି, ସେନେଇ ତଦନ୍ତ ଜାରି ରହିଛି । ଏହି ଘଟଣାକୁ ନେଇ ସ୍ଥାନୀୟ ଅଞ୍ଚଳରେ ଚର୍ଚ୍ଚା ଜୋର ଧରିଛି ।

ରେଡକ୍ରସ ପକ୍ଷରୁ ଚିକିତ୍ସା ସହାୟତା ରାଶି ପ୍ରଦାନ

ଧରାକୋଟ, (ସବ୍ୟୁ) : ଗଞ୍ଜାମ ଜିଲ୍ଲାପାଳ ଭି କୀର୍ତ୍ତି ଭାସନଙ୍କ ନିର୍ଦ୍ଦେଶ କ୍ରମେ ଧରାକୋଟ ତହସିଲଦାର ଲମ୍ବୋଦର ମାରାଣ୍ଡିଙ୍କ ତତ୍ତ୍ୱାବଧାନରେ ରେଡକ୍ରସ ତରଫରୁ ସିଙ୍ଗିପୁର ଗ୍ରାମର କୃଷ୍ଣ ଚନ୍ଦ୍ର ଗୌଡଙ୍କ ଝିଅ ଦେବଶ୍ରି ଗୌଡ଼ ଓ କ୍ୟାମ୍ପ ନାଇକଙ୍କ ପୁଅ ମନୁ ନାଇକଙ୍କୁ ଦଶ ହଜାର ଟଙ୍କା ଲେଖାଏଁ ଅନୁକମ୍ପା ରାଶି ଧରାକୋଟ ତହସିଲ ପକ୍ଷରୁ ବିଭାଗୀୟ ଅଧିକାରୀ କିରଣ କୁମାର ପାଢ଼ୀ ପ୍ରଦାନ କରିଥିବା ବେଳେ ଜାହାଡା ରାଜସ୍ୱ ନିରୀକ୍ଷକ ପ୍ରଭାତ କୁମାର ରାଉଳ ଓ ସୁଦୀପ୍ତ ସ୍ୱାଇଁ ଓ ଗାଙ୍ଗପୁର ପୋଲିସ ଉପସ୍ଥିତ ରହିଥିଲେ । ପ୍ରକାଶ ଥାଉକି ଉଭୟେ ନିଜ ସ୍ୱାସ୍ଥ୍ୟାବସ୍ଥା ଖରାପ ରହିଥିବା ନେଇ ଆର୍ଥିକ ସହାୟତା ପାଇଁ ଜିଲ୍ଲାପାଳଙ୍କୁ ଗୁହାରୀ କରିଥିଲେ ।

ଟ୍ରିମ୍ସ ମେଡିକାଲ କଲେଜରେ ବିଦାୟକାଳୀନ ସମ୍ବର୍ଦ୍ଧନା



କଟକ, (ସ୍ୱପ୍ର): ଟ୍ରିମ୍ସ ମେଡିକାଲ କଲେଜର ବାଇଓକେମେଷ୍ଟ୍ରୀ ବିଭାଗର ମୁଖ୍ୟ ପ୍ରଫେସର ଡା. ମନ୍ମଥ କୁମାର ମଣ୍ଡଳଙ୍କୁ ବିଦାୟକାଳୀନ ସମ୍ବର୍ଦ୍ଧନା ଜ୍ଞାପନ କରାଯାଇଛି । ଟ୍ରିମ୍ସ ବିଶ୍ୱବିଦ୍ୟାଳୟର ପ୍ରତିଷ୍ଠାତା ଅଧ୍ୟକ୍ଷ ଡ. ପ୍ରମୋଦ ଚନ୍ଦ୍ର ରଥ, ଉପାଧ୍ୟକ୍ଷ ଇଂ ଦୁର୍ଗା ପ୍ରସାଦ ରଥ ଅଭାସୀ ମାଧ୍ୟମରେ ପ୍ରଫେସର ମଣ୍ଡଳଙ୍କ କର୍ତ୍ତବ୍ୟ ନିଷ୍ଠା, ଅମାୟିକପଣ ଏବଂ ଶିକ୍ଷାନୁଷ୍ଠାନକୁ ଆଗକୁ ନେବାରେ ତାଙ୍କର ବଳିଷ୍ଠ ଯୋଗଦାନ ପାଇଁ କୃତଜ୍ଞତା ଜଣାଇଥିଲେ ।

ଏହି ଉପଲକ୍ଷେ ଆୟୋଜିତ କାର୍ଯ୍ୟକ୍ରମରେ ଟ୍ରିମ୍ସ ମେଡିକାଲ କଲେଜର ଡିନ୍ ପ୍ରଫେସର ଡା. ରଞ୍ଜନ କୁମାର ଦାସ ପୌରୋହିତ୍ୟ କରିବା ସହ ପ୍ରଫେସର ଡା. ମଣ୍ଡଳଙ୍କୁ ଉତ୍ତରୀୟ ଓ ଉପଢୌକନ ଦେଇ ସମ୍ବର୍ଦ୍ଧିତ କରିଥିଲେ । ଅନ୍ୟମାନଙ୍କ ମଧ୍ୟରେ ପ୍ରଫେସର ଡା. ଅର୍ପିତା ପ୍ରିୟଦର୍ଶିନୀ, ଡା. ପ୍ରଜ୍ଞଦା ରିଚା ଯୋଷୀ, ଡା. ବସନ୍ତ କୁମାର ମହାନ୍ତି, ଡା. ଚନ୍ଦ୍ରଶେଖର ମହାପାତ୍ର, ଡା. ନିକୁଞ୍ଜ କୁମାର ଦାସ, ଡା. ବୁଲୁ ମହାନ୍ତିଙ୍କ ସମେତ ବିଭିନ୍ନ ବିଭାଗର ବିଭାଗୀୟ ମୁଖ୍ୟ, ଅଧ୍ୟାପକ, ଅଧ୍ୟାପିକା ପ୍ରଫେସର ଡା. ମଣ୍ଡଳଙ୍କୁ ଶୁଭେଚ୍ଛା ଜଣାଇବା ସହ ତାଙ୍କର ଦୀର୍ଘ ନିରାମୟ ଜୀବନ କାମନା କରିଥିଲେ। ପ୍ରଦ୍ୟୁତ୍ କୁମାର ଷଡଙ୍ଗୀ, ସାରଦା ପଣ୍ଡା ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ ।

ଏସବିଆଇ ଷ୍ଟାଫଆସୋସିଏସନ ପକ୍ଷରୁ ୪ଶହ ପରିବାରକୁ ସହାୟତା

ଭଞ୍ଜନଗର, (ସବ୍ୟୁ) : ଗଞ୍ଜାମ ଜିଲ୍ଲାରେ ଭୟାବହ ବନ୍ୟା ପରେ ବିଭିନ୍ନ ସରକାରୀ ଓ ବେସରକାରୀ ଅନୁଷ୍ଠାନ ପକ୍ଷରୁ ବିପନ୍ନଙ୍କୁ ସହାୟତାର ହାତ ବଢ଼ାଯାଉଛି । ଏହି କ୍ରମରେ ଗୁରୁବାର ଷ୍ଟେଟ୍ ବ୍ୟାଙ୍କ ଅଫ୍ ଇଣ୍ଡିଆ ଆସିକା ଜୋନ୍ କର୍ମଚାରୀ ସଂଘ, ଭଞ୍ଜନଗର ଷ୍ଟେଟ୍ ବ୍ୟାଙ୍କ କିରାଣି ସଂଘ ଏବଂ ଅବସରପ୍ରାପ୍ତ ବ୍ୟାଙ୍କ କର୍ମଚାରୀମାନେ ମିଳିତ ଭାବେ ଭଞ୍ଜନଗର ବ୍ଲକର ବିଭିନ୍ନ ଗ୍ରାମରେ ପହଞ୍ଚି ପ୍ରାୟ ୪୦୦ ପରିବାରକୁ ରିଲିଫ୍ ସାମଗ୍ରୀ ପ୍ରଦାନ କରିଥିଲେ । ଭଞ୍ଜନଗର ଷ୍ଟେଟ ବ୍ୟାଙ୍କ ମୁଖ୍ୟ ପରିଚାଳକ ହୃଷୀକେଶ ବେହେରା ମୁଖ୍ୟ ଅତିଥି ଭାବେ ଯୋଗଦେଇ ରିଲିଫ୍ ସାମଗ୍ରୀ ବଣ୍ଟନ କାର୍ଯ୍ୟକ୍ରମର ଶୁଭାରମ୍ଭ କରିଥିଲେ । ଏହି ସେବା କାର୍ଯ୍ୟରେ ଷ୍ଟେଟ୍ ବ୍ୟାଙ୍କ କର୍ମଚାରୀ ସଂଘର କର୍ମକର୍ତ୍ତା ବିଶ୍ୱଜିତ ମହାରଣା, ଅମିୟ ରଞ୍ଜନ ଦାସ, ଅଲେଖ ବେହେରା, ଶଙ୍କର ଦୋରା, ଭାସ୍କର ପ୍ରଧାନଙ୍କ ସମେତ ଅବସରପ୍ରାପ୍ତ କର୍ମଚାରୀ ଦେବରାଜ ପାଣିଗ୍ରାହୀ, କୃଷ୍ଣଚନ୍ଦ୍ର ପାଢ଼ୀ ଓ ସୋମନାଥ ନନ୍ଦ ଉପସ୍ଥିତ ରହି ସହଯୋଗ କରିଥିଲେ । ବ୍ୟାଙ୍କ କର୍ମଚାରୀଙ୍କ ଏହି ମାନବିକତା ପୂର୍ଣ୍ଣ ସେବା କାର୍ଯ୍ୟକୁ ସ୍ଥାନୀୟ ଲୋକେ ପ୍ରଶଂସା କରିଥିଲେ । ବ୍ୟାଙ୍କ କର୍ମଚାରୀମାନେ ବ୍ୟାଙ୍କରେ ରହି ଲୋକଙ୍କୁ ଆର୍ଥିକ ସେବା ଯୋଗାଇ ଆସୁଛନ୍ତି । ତେବେ ବିପତ୍ତି ସମୟରେ ମଧ୍ୟ ସେମାନେ ଲୋକଙ୍କ ପାଖରେ ଠିଆ ହୋଇ ସହାୟତାର ହାତ ବଢ଼ାଇବା ଏକ ପ୍ରଶଂସନୀୟ ପଦକ୍ଷେପ । ସେମାନଙ୍କ ଏହି ମାନବିକତା ଓ ସାମାଜିକ ଦାୟିତ୍ୱବୋଧ ଅନ୍ୟମାନଙ୍କ ପାଇଁ ପ୍ରେରଣାଦାୟକ ହୋଇଛି । କବି ସମ୍ରାଟ ଉପେନ୍ଦ୍ର ଭଞ୍ଜ ମହାବିଦ୍ୟାଳୟର ଅଧ୍ୟକ୍ଷ ଡ. ଗଗନ ବିହାରୀ ପୁରୋହିତଙ୍କ ନିର୍ଦ୍ଦେଶକ୍ରମେ ଜାତୀୟ ସେବା ଯୋଜନା (ଏନ୍‌ଏସ୍‌ଏସ୍) କୋ-ୟୁନିଟ୍ ଅଧିକାରୀ ବାବୁଲା ପ୍ରଧାନଙ୍କ ନେତୃତ୍ୱରେ ସ୍ୱେଚ୍ଛାସେବୀମାନେ ବ୍ୟାଙ୍କ କର୍ମଚାରୀ ସଂଘ ପକ୍ଷରୁ ପ୍ରସ୍ତୁତ ୪୦୦ ପ୍ୟାକେଟ୍ ରିଲିଫ୍ ସାମଗ୍ରୀ ବଣ୍ଟନରେ ସହଯୋଗ କରିଥିଲେ । ଏହି ପ୍ୟାକେଟରେ ଶୁଖିଲା ଖାଦ୍ୟ, ରାସନ୍ ସାମଗ୍ରୀ ଓ ନିତ୍ୟ ବ୍ୟବହାର୍ଯ୍ୟ ଜିନିଷ ରହିଥିଲା । ବାହାଡ଼ାପଦର ବିଦ୍ୟାଳୟ ସାହି, ଚଢ଼େୟାପଲ୍ଲୀ, ଗମ୍ଭାରୀଗୋଛା ଏବଂ ବାଇବାଲି ନିକଟସ୍ଥ ବାତ୍ୟା ଆଶ୍ରୟସ୍ଥଳୀରେ ଆଶ୍ରୟ ନେଇଥିବା ବନ୍ୟା ବିପନ୍ନଙ୍କୁ ଏହି ସହାୟତା ପ୍ରଦାନ କରାଯାଇଥିଲା ।

ରୋଟାରୀ କ୍ଲବ ପକ୍ଷରୁ ଅର୍ଣ୍ଣବ ପ୍ରଭାବିତଙ୍କୁ ସାହାଯ୍ୟ

ଭଞ୍ଜନଗର, (ସବ୍ୟୁ) : ରୋଟାରୀ କ୍ଲବ ତରଫରୁ ବାହାଡାପଦର, ଚଢିଆପଲ୍ଲୀ ଗ୍ରାମରେ ବନ୍ୟା ପ୍ରପୀଡ଼ିତ ୪୦ ପରିବାରଙ୍କୁ ଶାଢ଼ୀ, ଲୁଙ୍ଗି, ଗାମୁଛା, ବିସ୍କୁଟ ପକେଟ ସହ ପୋଷାକ ପ୍ରଦାନ କରାଯାଇଛି । ଏଥିରେ ସଭାପତି ସଂଜୀବ କୁମାର ଚୌଧୁରୀ, ରାମଚନ୍ଦ୍ର ମିଶ୍ର, ସୁଧୀର ପାଣିଗ୍ରାହୀ, ରବୀନ୍ଦ୍ର ପାଣିଗ୍ରାହୀ, ମଧୁସୂଦନ ମହାପାତ୍ର, ସନ୍ତୋଷ କୁମାର ଜେନା, ଜଗବନ୍ଧୁ ଜେନା ସହ ବହୁ ମହିଳା ସଦସ୍ୟା ପ୍ରମୁଖ ଉପସ୍ଥିତ ରହି କ୍ଷତିଗ୍ରସ୍ତ ପରିବାରଙ୍କୁ ସାହାଯ୍ୟ, ସହଯୋଗ ସହ ଆଶ୍ୱାସନା ଦେଇଥିଲେ । ବିପନ୍ନ ପରିବାରଙ୍କ କ୍ଷୟକ୍ଷତି ଦେଖି ଦୁଃଖ ପ୍ରକାଶ ସହ ପରବର୍ତ୍ତୀ ସମୟେ ଆଉ କିଛି ସହଯୋଗ ଦେବା ପାଇଁ କହିଥିଲେ । ବାସ୍ତବରେ ଚଳିତ ବନ୍ୟା ବହୁ କ୍ଷୟକ୍ଷତି ସହ ଆର୍ଥିକ ସ୍ଥିତିକୁ ଦୋହଲାଇ ଦେଇଛି । ରୋଟାରୀ କ୍ଲବର ଏଭଳି କାର୍ଯ୍ୟକ୍ରମକୁ ବିଭିନ୍ନ ମହଲରୁ ପ୍ରଶଂସା କରାଯାଇଛି ।

ଏମ୍‌ସିଏ, ଏମ୍‌ବିଏ ଓ ବିସିଏ ପାଠ୍ୟକ୍ରମର ନବାଗତଙ୍କ ପାଇଁ ଇଣ୍ଡକସନ କାର୍ଯ୍ୟକ୍ରମ

ବାରିପଦା, (ସବ୍ୟୁ) : ମହାରାଜା ପୂର୍ଣ୍ଣଚନ୍ଦ୍ର (ଏମ୍‌ପିସି) ସ୍ୱୟଂଶାସିତ ମହାବିଦ୍ୟାଳୟର ଏମ୍‌ସିଏ, ଏମ୍‌ବିଏ ଓ ବିସିଏ ବିଭାଗର ପ୍ରଥମ ବର୍ଷ ଛାତ୍ରଛାତ୍ରୀଙ୍କ ପାଇଁ ଅକ୍ଟୋବର ୪ ତାରିଖରେ ଇଣ୍ଡକସନ କାର୍ଯ୍ୟକ୍ରମ ଆୟୋଜିତ ହୋଇଯାଇଛି । ଅଧ୍ୟକ୍ଷ ପ୍ରଫେସର ନାରାୟଣ ପ୍ରସାଦ ବେହେରାଙ୍କ ଅଧ୍ୟକ୍ଷତାରେ ଆୟୋଜିତ ସଭାରେ ସେ ନୂତନ ଛାତ୍ରଛାତ୍ରୀଙ୍କୁ ସ୍ୱାଗତ କରିବା ସହ ମହାବିଦ୍ୟାଳୟର ଶିକ୍ଷାଗତ ସୁବିଧା ଓ ବିଭିନ୍ନ ଦିଗ ସମ୍ପର୍କରେ ଆଲୋକପାତ କରିଥିଲେ । ମୁଖ୍ୟ ଅତିଥି ଭାବେ ମହାରାଜା ଶ୍ରୀରାମଚନ୍ଦ୍ର ଭଞ୍ଜଦେଓ ବିଶ୍ୱବିଦ୍ୟାଳୟର ପ୍ରଫେସର ଡ. ହିମାବିନ୍ଦୁ ମାରିଙ୍ଗାଣ୍ଡି ଯୋଗଦେଇ କୃତ୍ରିମ ବୁଦ୍ଧିମତ୍ତା (ଏଆଇ)ର ବିଭିନ୍ନ ବ୍ୟବହାର ଓ ଏହାର ସଦୁପଯୋଗ ସମ୍ପର୍କରେ ଆଲୋଚନା କରିଥିଲେ । ଶୈକ୍ଷିକ ମୁଖ୍ୟ ଡ. ଆଲବେର୍ଟିନା ତିର୍କୀ ବୈଷୟିକ ଶିକ୍ଷାର ଗୁରୁତ୍ୱ ଉପରେ ଆଲୋକପାତ କରିଥିଲେ । ବିଷୟ ସଂଯୋଜକ ଡ. ଅନାମ ଚରଣ ରାଉଳ କାର୍ଯ୍ୟକ୍ରମର ଉଦ୍ଦେଶ୍ୟ ଓ ମହାବିଦ୍ୟାଳୟର ସୁବିଧା ସୁଯୋଗ ସମ୍ପର୍କରେ ଅବଗତ କରାଇଥିବା ବେଳେ ଡ. ପ୍ରକାଶ ଚନ୍ଦ୍ର ଦାସ ନିୟମିତ ଉପସ୍ଥାନର ଗୁରୁତ୍ୱ ବୁଝାଇଥିଲେ । ଅଧ୍ୟାପକ ଲଳିତ କୁମାର ସାହୁ ଅତିଥି ପରିଚୟ ଓ ମଞ୍ଚ ପରିଚାଳନା କରିଥିଲେ । ମାନସୀ ପରିଡ଼ା, ଡଃ ଗାୟତ୍ରୀ ଦେ ଓ ଅଜିତ କୁମାର ଦାସ ଛାତ୍ରଛାତ୍ରୀଙ୍କୁ ପାଠ୍ୟକ୍ରମ ଓ ପରୀକ୍ଷା ପ୍ରଣାଳୀ ସମ୍ପର୍କରେ ଧାରଣା ଦେଇଥିଲେ । ଏହି ଅବସରରେ ରାଜେଶ କୁମାର ରାୟ, ରୂପାଲି ଜେନା, ଅନୁଭବ ତ୍ରିପାଠୀ, ବ୍ରଜଗୋପାଳ ଦ୍ୱାରି, ଆଶିଷ କୁମାର ଧଳ, ପ୍ରଶାନ୍ତ ଧଳଙ୍କ ସମେତ ବିଭାଗୀୟ ଅଧ୍ୟାପକ, ଅଧ୍ୟାପିକା ଓ କର୍ମଚାରୀ ଉପସ୍ଥିତ ଥିଲେ । ଶେଷରେ ଅତିଥି ଅଧ୍ୟାପକ ଗୋବର୍ଦ୍ଧନ ମହାରଣା ଧନ୍ୟବାଦ ଅର୍ପଣ କରିଥିଲେ ।

ବନ୍ୟା ପ୍ରଭାବିତ ପରିବାରଙ୍କୁ ରିଲିଫ ସାମଗ୍ରୀ ବଣ୍ଟନ

ବ୍ରହ୍ମପୁର, (ସବ୍ୟୁ) : ଅର୍ଣ୍ଣବ ବାତ୍ୟା ପ୍ରଭାବରେ ପ୍ରଳୟଙ୍କରୀ ବନ୍ୟାରେ ବିପନ୍ନଙ୍କୁ ସହାୟତାର ହାତ ବଢ଼ାଇଛନ୍ତି ବ୍ରହ୍ମପୁର ଅର୍ବାନ ବ୍ୟାଙ୍କ ସଭାପତି ତଥା ପୂର୍ବତନ କର୍ପୋରେଟର ଆର. ମୁରଲୀମୋହନ । ସହରର ଜଳନ୍ଦୀ ଇଲାକାରୁ ଆରମ୍ଭ କରି ବିଭିନ୍ନ ୱାର୍ଡରେ କ୍ଷତିଗ୍ରସ୍ତ ଲୋକ ମାନଙ୍କୁ ଯେମିତି ଭୋକ ଉପାସରେ ନରହିବେ ଏଥିପାଇଁ ନିଜେ ପ୍ରୟାସ ଓ ଅଭିଯାନ ହାତକୁ ନେଇଛନ୍ତି। ଅର୍ଣ୍ଣବ୍ ବନ୍ୟା ପ୍ରଭାବିତ ହୋଇଥବା ପରେ ମୁରାସୁ ବାତ୍ୟା ପ୍ରଭାବିତ ନହେଇଥବାରୁ କିଛି ରିଲିଫ ସାମଗ୍ରୀ ରହିଯାଇଥିବା ହେତୁ କିଛି ଗରିବ ଶ୍ରେଣୀର ପ୍ରାୟ ୧୦୦୦ରୁ ଉର୍ଦ୍ଧ ପରିବାରଙ୍କୁ ଶୁଖିଲା ଖାଦ୍ୟ ସହ ରାସନ ସାମଗ୍ରୀ ଓ ପାଲ ବଣ୍ଟନ କରିଥିଲେ । ଜୀବନଜୀବିକା ପ୍ରଭାବିତ ହୋଇଥିବା ବେଳେ ସେମାନଙ୍କ ପାଖରେ ରିଲିଫ ସାମଗ୍ରୀ ଦେବା ସହ କିଛି ଆର୍ଥିକ ସହାୟତା କରିବା ସହ ସମବେଦନା ମଧ୍ୟ ଜଣାଇଥିଲେ । ବ୍ରହ୍ମପୁର ବିଧାୟକ, ମହାନଗର ନିଗମର ମେୟର, ମହାନଗର ନିଗମର କମିଶନର, ବ୍ରହ୍ମପୁର ତହସିଲଦାର ଏମାନଙ୍କୁ ରିଲିଫ ସାମଗ୍ରୀ ବଣ୍ଟନ ବ୍ୟବସ୍ଥା ସହଯୋଗ କରିଥିବାରୁ ଧନ୍ୟବାଦ ଅର୍ପଣ କରିଥିଲେ । ଏହି ବଣ୍ଟନ କାର୍ଯ୍ୟକ୍ରମରେ ନୀଳକଣ୍ଠ ସାହୁ, ଶ୍ରୀକାନ୍ତ ପାଣିଗ୍ରାହୀ, ସୁଶୀଳ ସେନାପତି, ମନୋରଞ୍ଜନ ପଟ୍ଟନାୟକ, ତିରୁପତି ପାତ୍ର, ବାବୁଲି ଭୂୟାଁ ତୁଳସୀ ନଗର ବଣିକ ସଂଘର କର୍ମକର୍ତ୍ତା ମାନେ ସହଯୋଗ କରିଥିଲେ ।

ଜାତୀୟ ମଞ୍ଚରେ ମୁଣ୍ଡା ଆଦିବାସୀଙ୍କ କରମା ନୃତ୍ୟ

ଜାତୀୟ ଏକତା ଦିବସ ସମାରୋହରେ ୩୨ କଳାକାରଙ୍କ ଯୋଗଦାନ



ବାରିପଦା, (ସବ୍ୟୁ) : ଓଡ଼ିଶାର ମୁଣ୍ଡା ଆଦିବାସୀଙ୍କ ପାରମ୍ପରିକ କଳା ଓ ସଂସ୍କୃତିକୁ ମିଳିଛି ଜାତୀୟ ପରିଚୟ । ଗୁଜରାଟର ଏକତା ନଗର (କେଭାଡ଼ିଆ)ଠାରେ ଅକ୍ଟୋବର ୩୧ରେ ଆୟୋଜିତ ଜାତୀୟ ଏକତା ଦିବସ ସମାରୋହରେ ଓଡ଼ିଶାର ମୁଣ୍ଡା ଆଦିବାସୀ କଳାକାରମାନେ ପାରମ୍ପରିକ କରମ ନୃତ୍ୟ ପରିବେଷଣ କରି ରାଜ୍ୟ ପାଇଁ ଗୌରବ ଆଣିଛନ୍ତି। ଭାରତ ସରକାରଙ୍କ ସଂସ୍କୃତି ମନ୍ତ୍ରଣାଳୟ ଅଧୀନସ୍ଥ ଜାତୀୟ ନାଟ୍ୟ ବିଦ୍ୟାଳୟ ପକ୍ଷରୁ ପରିବେଷିତ ନକ୍ସଲ ମୁକ୍ତ ଭାରତ ନାଟକରେ ଏହି ନୃତ୍ୟକୁ ସାମିଲ କରାଯାଇଥିଲା ।

ଏଥିରେ ବାଲେଶ୍ୱର ଓ ମୟୂରଭଞ୍ଜ ଜିଲ୍ଲାର ୩୨ଜଣ କଳାକାର ଅଂଶଗ୍ରହଣ କରିଥିଲେ । ଦେଶର ୨୦ଟି ଆଦିବାସୀ ସାଂସ୍କୃତିକ ଦଳ ଏହି ସମାରୋହରେ ଯୋଗଦେଇଥିଲେ । ଅନ୍ନପୂର୍ଣ୍ଣା ସିଂ ଓ ଲକ୍ଷ୍ମୀରାମ ସିଂଙ୍କ ନେତୃତ୍ୱରେ ଏହି ଦଳ ଅକ୍ଟୋବର ୧୯ରେ ବାରିପଦାରୁ ଗୁଜରାଟ ଯାତ୍ରା କରିଥିଲା । ଅକ୍ଟୋବର ୨୨ରୁ ୩୦ ପର୍ଯ୍ୟନ୍ତ ଜାତୀୟ ନାଟ୍ୟ ବିଦ୍ୟାଳୟର ପ୍ରଶିକ୍ଷକଙ୍କ ତତ୍ତ୍ୱାବଧାନରେ ଅଭ୍ୟାସ କରିବା ପରେ ୩୧ ତାରିଖରେ ମୁଖ୍ୟ ସମାରୋହରେ ନୃତ୍ୟ ପରିବେଷଣ କରିଥିଲେ । ଏହି ସଫଳତା ମୁଣ୍ଡା ସମାଜ ଓ ମୁଣ୍ଡାରୀ ଭାଷାଭାଷୀ ଲୋକଙ୍କ ପାଇଁ ଗର୍ବର ବିଷୟ ହୋଇଥିବାବେଳେ ଆଦିବାସୀ କଳା, ଭାଷା ଓ ସଂସ୍କୃତିର ସଂରକ୍ଷଣ ଏବଂ ପ୍ରସାର ପାଇଁ ନୂତନ ପ୍ରେରଣା ଯୋଗାଇଛି ।

ଦକ୍ଷିଣ ଓଡ଼ିଶାର ୬ ଜିଲ୍ଲାରେ ବିଦ୍ୟୁତ ଯୋଗାଣ ସ୍ୱାଭାବିକ କଲା ଟିପିଏସ୍‌ଓଡିଏଲ୍

ବ୍ରହ୍ମପୁର, (ସବ୍ୟୁ): ବାତ୍ୟା "ଅର୍ଣ୍ଣବ' ଏବଂ ପରବର୍ତ୍ତୀ ବନ୍ୟା ପରିସ୍ଥିତି ଯୋଗୁଁ ଦକ୍ଷିଣ ଓଡ଼ିଶାରେ ପ୍ରଭାବିତ ବିଦ୍ୟୁତ ଯୋଗାଣର ପୁନରୁଦ୍ଧାର କାର୍ଯ୍ୟରେ ଟିପି ସଦର୍ଣ୍ଣ ଓଡ଼ିଶା ଡିଷ୍ଟ୍ରିବ୍ୟୁସନ୍ ଲିମିଟେଡ୍ (ଟିପିଏସ୍‌ଓଡିଏଲ୍) ଗୁରୁତ୍ୱପୂର୍ଣ୍ଣ ସଫଳତା ହାସଲ କରିଛି । ଦକ୍ଷିଣ ଓଡ଼ିଶାର ୬ଟି ଜିଲ୍ଲା ବୌଦ୍ଧ, ରାୟଗଡ଼ା, ଗଜପତି, ମାଲକାନଗିରି, କୋରାପୁଟ ଓ ନବରଙ୍ଗପୁରରେ ସମସ୍ତ ପ୍ରଭାବିତ ଉପଭୋକ୍ତାଙ୍କୁ ବିଦ୍ୟୁତ ଯୋଗାଣ ସମ୍ପୂର୍ଣ୍ଣ ସ୍ୱାଭାବିକ କରାଯାଇଛି । ଅନ୍ୟ ଦୁଇଟି ଜିଲ୍ଲାରେ ମଧ୍ୟ ପୁନରୁଦ୍ଧାର କାର୍ଯ୍ୟ ଉଲ୍ଲେଖନୀୟ ଅଗ୍ରଗତି କରିଛି । ଗଞ୍ଜାମରେ ୯୮.୪୮% ଏବଂ କନ୍ଧମାଳରେ ୯୯.୭୮% ବିଦ୍ୟୁତ ଯୋଗାଣ ସ୍ୱାଭାବିକ ହୋଇଛି । ଟିପିଏସ୍‌ଓଡିଏଲର ଆଠଟି ଜିଲ୍ଲାର ମୋଟ ୧୭,୮୮,୯୪୨ ଜଣ ପ୍ରଭାବିତ ଉପଭୋକ୍ତାଙ୍କ ମଧ୍ୟରୁ ୧୭,୭୫,୯୭୫ ଜଣଙ୍କୁ ବିଦ୍ୟୁତ ଯୋଗାଣ ପୁନଃସ୍ଥାପନ କରାଯାଇଛି । ଏହା ମୋଟ ପୁନରୁଦ୍ଧାରର ୯୯.୨୮% । ଏହା ସହିତ ୪୭ଟି ପ୍ରଭାବିତ ୩୩ କେଭି ଫିଡର୍, ୧୩୦ଟି ୩୩/୧୧ କେଭି ସବ୍‌ଷ୍ଟେସନ୍ ଏବଂ ୬୫୮ଟି ପ୍ରଭାବିତ ୧୧ କେଭି ଫିଡର ମରାମତି ଓ ପୁନରୁଦ୍ଧାର କାର୍ଯ୍ୟ ସମ୍ପୂର୍ଣ୍ଣ ହୋଇଛି । ଏହି କାର୍ଯ୍ୟରେ ଦକ୍ଷିଣ ଓଡ଼ିଶାରେ ପ୍ରାୟ ୬,୫୦୦ ଜଣ କର୍ମଚାରୀଙ୍କୁ ନିୟୋଜିତ କରାଯାଇଛି । ପୁନରୁଦ୍ଧାର କାମରେ ପ୍ରାୟ ୪୦୦ଟି ଯାନବାହନ, ୬ଟି ମୋବାଇଲ୍ ଡିଷ୍ଟ୍ରିବ୍ୟୁସନ୍ ସବ୍‌ଷ୍ଟେସନ୍ ଏବଂ ୧୬ଟି ଟ୍ରାଞ୍ଜିଟ୍ ଷ୍ଟୋର୍ ସହାୟତା ଯୋଗାଉଛି । ଉଲ୍ଲେଖନୀୟ ପୁନରୁଦ୍ଧାର ସମ୍ପର୍କରେ ଟିପିଏସ୍‌ଓଡିଏଲର ସିଇଓ ଅମିତ କୁମାର ଗର୍ଗ କହିଛନ୍ତି, ଛଅଟି ଜିଲ୍ଲାରେ ଶତ ପ୍ରତିଶତ ବିଦ୍ୟୁତ ଯୋଗାଣ ପୁନରୁଦ୍ଧାର ଆମର ନିରନ୍ତର ପ୍ରୟାସର ଏକ ଗୁରୁତ୍ୱପୂର୍ଣ୍ଣ ସଫଳତା । କଠିନ ପରିସ୍ଥିତିରେ ମଧ୍ୟ ଆମର କ୍ଷେତ୍ର କର୍ମଚାରୀ, ଇଞ୍ଜିନିୟର ଏବଂ ସହାୟକ ଟିମ୍ର ନିଷ୍ଠାପର ଉଦ୍ୟମ ଯୋଗୁଁ ଏହା ସମ୍ଭବ ହୋଇପାରିଛି । ଗଞ୍ଜାମ ଓ କନ୍ଧମାଳର ଅବଶିଷ୍ଟ ପ୍ରଭାବିତ ଉପଭୋକ୍ତାଙ୍କୁ ବିଦ୍ୟୁତ ଯୋଗାଣ ପୁନଃସ୍ଥାପନ ପାଇଁ ଆମର ଟିମଗୁଡ଼ିକ ନିରନ୍ତର କାର୍ଯ୍ୟ କରୁଛନ୍ତି । କର୍ମଚାରୀ ଓ ଉପଭୋକ୍ତାଙ୍କ ସୁରକ୍ଷା ଆମର ସର୍ବୋଚ୍ଚ ପ୍ରାଥମିକତା । ଅବଶିଷ୍ଟ ପ୍ରଭାବିତ ଉପଭୋକ୍ତାଙ୍କୁ ଯଥାଶୀଘ୍ର ବିଦ୍ୟୁତ ଯୋଗାଣ ସ୍ୱାଭାବିକ କରିବା ପାଇଁ ଟିପିଏସ୍‌ଓଡିଏଲର ଟିମ ଗୁଡ଼ିକ ନିରନ୍ତର କାର୍ଯ୍ୟ ଜାରି ରଖିଛନ୍ତି ।

ବିଶୋଇ ଗସ୍ତରେ ଜିଲ୍ଲାପାଳ

ଅଧାପନ୍ତରିଆ କାମ ଶୀଘ୍ର ସାରିବାକୁ ନିର୍ଦ୍ଦେଶ

ବାରିପଦା, (ସବ୍ୟୁ): ମୟୂରଭଞ୍ଜ ଜିଲ୍ଲାପାଳ ହେମକାନ୍ତ ସୟ ମଙ୍ଗଳବାର ବିଶୋଇ ବ୍ଲକର ବିଭିନ୍ନ ଅଞ୍ଚଳ ଗସ୍ତ କରି ରାସ୍ତା, ସ୍ୱାସ୍ଥ୍ୟସେବା, ଶିକ୍ଷା, ବିଦ୍ୟୁତ ଯୋଗାଣ ଓ ଯାତାୟାତ ଭିତ୍ତିଭୂମି ସମ୍ପର୍କିତ ପ୍ରକଳ୍ପ ଗୁଡ଼ିକର ସ୍ଥିତି ସମୀକ୍ଷା କରିଥିଲେ । ଅଧାପନ୍ତରିଆ କାର୍ଯ୍ୟର ତ୍ୱରିତ ସମାପ୍ତି, ଆବଶ୍ୟକ ମରାମତି ଓ ମୌଳିକ ସୁବିଧାର ଉନ୍ନତି ପାଇଁ ସେ ସମ୍ପୃକ୍ତ ବିଭାଗୀୟ ଅଧିକାରୀଙ୍କୁ ନିର୍ଦ୍ଦେଶ ଦେଇଥିଲେ । ଗସ୍ତର ପ୍ରାରମ୍ଭରେ ଜିଲ୍ଲାପାଳ ବିଶୋଇ-ଶଙ୍ଖଭଙ୍ଗା ଭାୟା ହାତୀଛାଡ଼ ପୂର୍ତ୍ତ ବିଭାଗ ରାସ୍ତାର ସ୍ଥିତି ଅନୁଧ୍ୟାନ କରିଥିଲେ ।

ଅଧାପନ୍ତରିଆ ହୋଇ ରହିଥିବା ଏହି ରାସ୍ତାର ନିର୍ମାଣ କାର୍ଯ୍ୟ ଶୀଘ୍ର ପୁନଃ ଆରମ୍ଭ କରି ଯାତାୟାତ ଉପଯୋଗୀ କରିବାକୁ ସେ ଗୁରୁତ୍ୱ ଦେଇଥିଲେ । ଦ୍ୱାରଶୁଣୀ ଘାଟିରେ ଯାନବାହନ ଚଳାଚଳ ବାଧାପ୍ରାପ୍ତ ହେଲେ ଏହି ରାସ୍ତା ବିକଳ୍ପ ମାର୍ଗ ଭାବେ କାର୍ଯ୍ୟ କରିପାରିବ ବୋଲି ସେ କହିଥିଲେ । ପରେ ସେ ମଣଦା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ପରିଦର୍ଶନ କରି କୋଠାର ଛାତ ଓ କାନ'ରୁ ପାଣି ଗଳୁଥିବା ସମସ୍ୟା ଦେଖିଥିଲେ । ଏହାର ତୁରନ୍ତ ମରାମତି ପାଇଁ ପୂର୍ତ୍ତ ବିଭାଗର ଅଧୀକ୍ଷଣ ଯନ୍ତ୍ରୀଙ୍କୁ ନିର୍ଦ୍ଦେଶ ଦେବା ସହ ରଳିଆବିନ୍ଧା ମୌଜାରେ ପ୍ରସ୍ତାବିତ ନୂତନ ମଣଦା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରର ନିର୍ମାଣ ଓ ଟେଣ୍ଡର ପ୍ରକ୍ରିୟାର ସମୀକ୍ଷା କରିଥିଲେ । ମହୁଭଣ୍ଡାର ଅନ୍ତର୍ଗତ ଖଡ଼ିଆସାହି ଗ୍ରାମରେ ବିଦ୍ୟୁତ ସଂଯୋଗ ନଥିବା ସମସ୍ୟା ସମ୍ପର୍କରେ ଜିଲ୍ଲାପାଳ ଅବଗତ ହୋଇଥିଲେ । ଗ୍ରାମବାସୀଙ୍କୁ ବିଦ୍ୟୁତ ସୁବିଧା ଯୋଗାଇବା ପାଇଁ ବାରିପଦା ବିଦ୍ୟୁତ ଡିଭିଜନର ଟିପିଏନ୍‌ଓଡିଏଲ୍ ଅଧୀକ୍ଷଣ ଯନ୍ତ୍ରୀ ଓ ରାଇରଙ୍ଗପୁର ବନଖଣ୍ଡ ଅଧିକାରୀଙ୍କ ସହ ଆଲୋଚନା କରିଥିଲେ । ପାରମ୍ପରିକ ବିଦ୍ୟୁତ୍ ସଂଯୋଗ କିମ୍ବା ବିକଳ୍ପ ଭାବେ ସୌରଶକ୍ତି ମାଧ୍ୟମରେ ବିଦ୍ୟୁତ ଯୋଗାଣ ପାଇଁ ଆବଶ୍ୟକ ପଦକ୍ଷେପ ନେବାକୁ ସେ କହିଥିଲେ । ଶିକ୍ଷା ଓ କ୍ରୀଡ଼ା ଭିତ୍ତିଭୂମିର ବିକାଶ ଉପରେ ମଧ୍ୟ ଜିଲ୍ଲାପାଳ ଗୁରୁତ୍ୱ ଦେଇଥିଲେ । କାଦୁଆଣି ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟକୁ ଗୋଦାବରୀଶ ବିଦ୍ୟାଳୟ ଭାବେ ରୂପାନ୍ତରଣ ପାଇଁ ଆବଶ୍ୟକ ଜମି ପରିଦର୍ଶନ କରିଥିଲେ । ଏଥିସହ କାଦୁଆଣି ମୌଜାରେ ଥିବା ଖେଳପଡ଼ିଆର ଉନ୍ନତିକରଣ ପାଇଁ ବିଡିଓଙ୍କୁ ପଦକ୍ଷେପ ନେବାକୁ କହିଥିଲେ । ଜାମିରଡ଼ିହା ସ୍ଥିତ ଓଡ଼ିଶା ଆଦର୍ଶ ବିଦ୍ୟାଳୟ ପରିଦର୍ଶନ ସମୟରେ କୋଠାର ଶୋଚନୀୟ ଅବସ୍ଥା ଓ ଛାତରୁ କଂକ୍ରିଟ୍ ଖଣ୍ଡ ଖସୁଥିବା ଦେଖି ସେ ଅସନ୍ତୋଷ ପ୍ରକାଶ କରିଥିଲେ । ଛାତ୍ରଛାତ୍ରୀଙ୍କ ସୁରକ୍ଷା ଦୃଷ୍ଟିରୁ କୋଠାର ତୁରନ୍ତ ମରାମତି ପାଇଁ ପୂର୍ତ୍ତ ବିଭାଗକୁ ନିର୍ଦ୍ଦେଶ ଦେଇଥିଲେ । ଏହି ଗସ୍ତ ସମୟରେ ବିଶୋଇ ତହସିଲଦାର, ବିଡିଓ, ପୂର୍ତ୍ତ ବିଭାଗ ରାଇରଙ୍ଗପୁରର ଅଧୀକ୍ଷଣ ଯନ୍ତ୍ରୀ, ଜଳସେଚନ ବିଭାଗର ଏସ୍‌ଡିଓ, ବିଶୋଇ ବିଇଓଙ୍କ ସମେତ ବିଭିନ୍ନ ବିଭାଗର ବରିଷ୍ଠ ଅଧିକାରୀ ଉପସ୍ଥିତ ଥିଲେ ।

ଆଗକୁ ମା' କାଳୀଙ୍କ ପୂଜା, ମୂର୍ତ୍ତି ନିର୍ମାଣରେ ନିମଗ୍ନ କାରିଗର

ବୁଗୁଡ଼ା, (ସବ୍ୟୁ) : ଚଳିତବର୍ଷ ଅତି ଆଡମ୍ବର ସହକାରେ ମା' କାଳୀଙ୍କ ପୂଜା ଅନୁଷ୍ଠିତ ହେବାକୁ ଯାଉଛି । ଏଣୁ କାରିଗରମାନେ ମୂର୍ତ୍ତି ନିର୍ମାଣରେ ନିଜକୁ ନିୟୋଜିତ କରିଛନ୍ତି । ବୁଗୁଡା ସହରାଞ୍ଚଳର ମଦନ ମୋହନ ଛକରେ ମା'କାଳୀ ଏବଂ ଗ୍ରାମାଞ୍ଚଳର ଗୋଲିଆରେ ମା' ଶ୍ୟାମାକାଳୀଙ୍କ ପୂଜା ଉତ୍ସବ ଜାକଜମକରେ ଅନୁଷ୍ଠିତ ହେବ ବୋଲି ସାଧାରଣରେ ଉଦବେଗ ପ୍ରକାଶ ପାଇଛି ।

ଏଣୁ କାରିଗରମାନେ ଆକର୍ଷଣୀୟ ମୂର୍ତ୍ତି କିପରି ଗଢ଼ିବ ସେଥିପ୍ରତି ଗୁରୁତ୍ୱ ଦେଉଛନ୍ତି । ବୁଗୁଡ଼ାର ମା'କାଳୀଙ୍କ ମୂର୍ତ୍ତି ନିର୍ମାଣରେ କାରିଗର କୈଳାସ ବେହେରା ଏବଂ ଗୋଲିଆର ମା' ଶ୍ୟାମାକାଳୀଙ୍କ ମୂର୍ତ୍ତି ନିର୍ମାଣରେ କାରିଗର ପ୍ରସନ୍ନ ଆଚାର୍ଯ୍ୟ ନାୟକ ବ୍ୟସ୍ତ ରହିଛନ୍ତି । ଅନ୍ୟପକ୍ଷରେ ଦୀର୍ଘ ସତୁରି ବର୍ଷରୁ ଉର୍ଦ୍ଧ୍ୱ ସମୟ ହେଲା ବୁଗୁଡା ସହରରେ ମା'କାଳୀଙ୍କ ପୂଜା ଉତ୍ସବ ଅନୁଷ୍ଠିତ ହୋଇ ଆସୁଥିବା ବେଳେ ଚଳିତ ବର୍ଷ ଗୋଲିଆ ଗ୍ରାମର ମା' ଶ୍ୟାମାକାଳୀଙ୍କ ପୂଜା ଉତ୍ସବ ତ୍ରୟୋଦଶ ବର୍ଷରେ ପହଞ୍ଚିଥିବା ଜଣାଯାଇଛି । ଉଭୟ ପୂଜା କମିଟି ପକ୍ଷରୁ ପୂଜା ଉତ୍ସବ ପ୍ରସ୍ତୁତି କାର୍ଯ୍ୟମାନ ମଧ୍ୟ ଜୋରସୋରରେ ଚାଲିଥିବା ଜଣାପଡିଛି ।

ରାଜ୍ୟ ରଗ୍‌ବୀ ପ୍ରତିଯୋଗିତାରେ ଫ୍ୟୁଚର ଷ୍ଟାର ସଫଳତା



ବାରିପଦା, (ସବ୍ୟୁ) : ରାଜ୍ୟ ସବ୍-ଜୁନିଅର୍ ରଗ୍‌ବୀ ଫୁଟବଲ୍ ଚାମ୍ପିଅନସିପ୍-୨୦୨୬ରେ ମୟୂରଭଞ୍ଜର ଫ୍ୟୁଚର ଷ୍ଟାର୍ ସ୍ପୋର୍ଟସ୍ ଏକାଡେମୀ ଉଲ୍ଲେଖନୀୟ ସଫଳତା ହାସଲ କରିଛି । ବାଳକ ବିଭାଗରେ ଚାମ୍ପିଅନ୍ ହୋଇଥିବା ବେଳେ ବାଳିକା ବିଭାଗରେ ତୃତୀୟ ସ୍ଥାନ ଅଧିକାର କରି ଜିଲ୍ଲା ପାଇଁ ଗୌରବ ଆଣିଛି । ଯାଜପୁର ଜିଲ୍ଲାର ଦଶରଥପୁର ହାଇସ୍କୁଲ ସ୍ଥିତ ଦିଲ୍ଲୀପ ତିର୍କୀ ସ୍ପୋର୍ଟସ୍ କମ୍ପ୍ଲେକ୍ସ ଠାରେ ଏହି ପ୍ରତିଯୋଗିତା ଆୟୋଜିତ ହୋଇଥିଲା । ବାଳକ ବିଭାଗ ଫାଇନାଲ୍‌ରେ ଫ୍ୟୁଚର ଷ୍ଟାର୍ ୧୫-୧୦ ପଏଣ୍ଟରେ କିସ୍‌କୁ ପରାସ୍ତ କରି ଟାଇଟଲ୍ ହାସଲ କରିଥିଲା । ସେହିପରି ବାଳିକା ବିଭାଗରେ ୧୫-୧୦ ପଏଣ୍ଟରେ କେନ୍ଦୁଝରକୁ ହରାଇ ତୃତୀୟ ସ୍ଥାନ ହାସଲ କରିଥିଲା । ଗ୍ରାମାଞ୍ଚଳ ଓ ଆଦିବାସୀ ଅଧ୍ୟୁଷିତ ଅଞ୍ଚଳର ପିଲାମାନଙ୍କୁ କ୍ରୀଡ଼ା ସହ ଯୋଡ଼ି ସେମାନଙ୍କ ପ୍ରତିଭା ବିକାଶ ଦିଗରେ ଏକାଡେମୀ ନିରନ୍ତର କାର୍ଯ୍ୟ କରିଆସୁଛି । ଏହି ସଫଳତା ପାଇଁ ମୟୂରଭଞ୍ଜ ମହାରାଜା ପ୍ରବୀଣ ଚନ୍ଦ୍ର ଭଞ୍ଜଦେଓ, ମହାରାଣୀ ରଶ୍ମି ରାଜଲକ୍ଷ୍ମୀ ଭଞ୍ଜଦେଓ, କଳିଙ୍ଗ କେଶରୀ ଜେନା, ଜିଲ୍ଲା କ୍ରୀଡ଼ା ଅଧିକାରୀ ଶୁଭାଶିଷ ନାୟକ, ଜିଲ୍ଲା କ୍ରୀଡ଼ା ସଂଘ ସମ୍ପାଦକ ବିଜୟ କୁମାର ଦାସଙ୍କ ସମେତ ବହୁ କ୍ରୀଡ଼ାପ୍ରେମୀ ଶୁଭେଚ୍ଛା ଜଣାଇଛନ୍ତି । ଏକାଡେମୀ ନିର୍ଦ୍ଦେଶକ ଅମର କୁମାର ସେଠୀ, ଉପଦେଷ୍ଟା ସୋମନାଥ ସିଂହ ଓ ମଙ୍ଗଳ ହାଁସଦା, ପ୍ରତିଷ୍ଠାତା ଦିବ୍ୟରଞ୍ଜନ ଦାସ ଏବଂ ପ୍ରଶିକ୍ଷକମାନେ ଖେଳାଳିଙ୍କ ଏହି ସଫଳତାରେ ଆନନ୍ଦ ପ୍ରକାଶ କରିଛନ୍ତି ।

ଢେଙ୍କାନାଳରେ ମିଳିତ ଗଜଲକ୍ଷ୍ମୀ ପୂଜା ଭସାଣି

ବାଦ୍ୟ, ନୃତ୍ୟ, ସଙ୍ଗୀତରେ ପ୍ରକମ୍ପିତ ସହର

ଢେଙ୍କାନାଳ, (ସବ୍ୟୁ): ପ୍ରସିଦ୍ଧ ଢେଙ୍କାନାଳ ଗଜଲକ୍ଷ୍ମୀ ପୂଜା ଦିର୍ଘ ୯ ଦିନ ଧରି ଅନୁଷ୍ଠିତ ହୋଇଥିବା ବେଳେ ବୁଧବାର ମା' ଧନଲକ୍ଷ୍ମୀଙ୍କୁ ବାଦ୍ୟ, ନୃତ୍ୟ, ସଙ୍ଗୀତର ତାଳେ ତାଳେ ବିଦାୟ ଦିଆଯାଇଛି । ମିଳିତ ମିଳିତ ଶୋଭାଯାତ୍ରାରେ ସହରର ମୋଟ ୩୮ ଟି ପୂଜା ପ୍ରତିଷ୍ଠାନ ସାମିଲ ହୋଇଛନ୍ତି । ପ୍ରସିଦ୍ଧ ଗଜଲକ୍ଷ୍ମୀ ପୂଜା ୯ ଦିନ ଧରି ଚାଲିଥିବା ବେଳେ ଆଜି ସହରବାସୀ ମାଆଙ୍କୁ ବିଦାୟ ଦେଉଛନ୍ତି । ପାରମ୍ପରିକ ବାଦ୍ୟ, ନୃତ୍ୟ ଓ ଢୋଲର ତାଳେ ତାଳେ ମାଙ୍କୁ ଦିଆଯାଉଛି ମେଲାଣି ସମୟରେ ପ୍ରକମ୍ପିତ ହୋଇଉଠୁଛି ସାରା ସହର । ଚଳିତବର୍ଷ ଡି ଜେ ସାଉଣ୍ଡକୁ ବାରଣ କରାଯାଇଥିବା ବେଳେ ୮ ଟି ସାଉଣ୍ଡ ବକ୍ସକୁ ଅନୁମତି ଦିଆଯାଇଛି ।



ସେହିଭଳି ଶାନ୍ତିଶୃଙ୍ଖଳା ପାଇଁ ବିଭିନ୍ନ ସ୍ଥାନରେ ୨୫ ପ୍ଲାଟୁନ ପୋଲିସ ଫୋର୍ସ ମୁତୟନ କରାଯାଇଛି । ଭସାଣି କାଯ୍ୟକ୍ରମକୁ ଅଧିକ ଆକର୍ଷଣ କରିବା ପାଇଁ ସମସ୍ତ ପୂଜା କମିଟି ଜୋର ଦେଇଛନ୍ତି । ଆନନ୍ଦବଜାରର ଉଜ୍ଜୟନୀର କାନ୍ତରା ନୃତ୍ୟ ଆକର୍ଷଣ ପାଲଟିଥିବା ବେଳେ ମିନା ବଜାରର ଅଘୋରୀ ଓ ପୁଷ୍ପା ନୃତ୍ୟ, ଲକ୍ଷ୍ମୀ ବଜାରରେ ଓଡ଼ିଆ ଅସ୍ମିତାର ଝଲକ, ଢ଼ିଙ୍କି କୁଟା, ଚାଟଶାଳୀ, ଭାଗବତ ଟୁଙ୍ଗୀ ଆଦି ବିଭିନ୍ନ ପ୍ରକାର ଦୃଶ୍ୟ ଦେଖିବାକୁ ମିଳିଛି । ବୁଧବାର ଦିନ ପୂର୍ବାହ୍ନରେ ମିଳିତ ଭସାଣ ଉତ୍ସବରେ ଜିଲ୍ଲାପାଳ ଆଶିଷ ଇଶ୍ୱର ପାଟିଲ, ଏସ୍‌ପି ଆଜିଙ୍କ୍ୟ ବି ମାନେ, ନଗରପାଳ ଜୟନ୍ତୀ ପାତ୍ର, ମିଳିତ ବଜାର ପୂଜା କମିଟିର ସଭାପତି ରାମଚନ୍ଦ୍ର ପାତ୍ର, ମୀନା ବଜାର ପୂଜା କମିଟିର ସଭାପତି, ସମ୍ପାଦକ, ସଦସ୍ୟ ସମେତ ପୋଲିସ ଅଧିକାରୀ ମାନେ ଉପସ୍ଥିତ ରହି ଭସାଣି ଶୋଭାଯାତ୍ରାର ଶୁଭାରମ୍ଭ କରିଥିଲେ ।

ପୂଜା ପ୍ରତିଷ୍ଠାନ ଗୁଡିକ ଶୋଭାଯାତ୍ରା ଶେଷ ହେବା ପରେ ମୂର୍ତ୍ତିକୁ ଧାର୍ଯ୍ୟ କାଠଶଙ୍ଖ, କୁକାନ୍ତ, ଯାଉଁଳିପୋଖରୀ, ଦଣ୍ଡାପୋଖରୀ, ସିମିଳିଆ ପୋଖରୀଠାରେ ଅସ୍ଥାୟୀ ବିସର୍ଜନ ସ୍ଥଳରେ ବିସର୍ଜନ କରିବେ ବୋଲି ଜଣାପଡିଛି । ଅନ୍ୟପକ୍ଷେ ଗଜଲକ୍ଷ୍ମୀ ପୂଜା ପାଇଁ ମହିଷାପାଟ ଠାରେ ଅଯୋଜିତ ପଲିଶ୍ରୀ ମେଳାରେ ୫ କୋଟି ୩୨ ଲକ୍ଷ ୭୮ ହଜାର ୪ ଶହ ଟଙ୍କା ବ୍ୟବସାୟ ହୋଇଥିବା ସୂଚନା ରହିଛି । ଭସାଣି ଶୋଭାଯାତ୍ରାରେ ମହାକାଳ ନୃତ୍ୟ, କାଳୀ ନୃତ୍ୟ, ଓଡିଶୀ ନୃତ୍ୟ, ନକଲି ନରେନ୍ଦ୍ର ମୋଦି ରୋବର୍ଟର ପ୍ରଦର୍ଶନ କରାଯାଇଥିଲା ।

ହାତୀ ଆକ୍ରମଣ ନେଇ ରାଜରାସ୍ତାକୁ ଓହ୍ଲାଇଲେ ଜନସାଧାରଣ

ହିନ୍ଦୋଳ, (ସବ୍ୟୁ) : ଢେଙ୍କାନାଳ ଜିଲ୍ଲା ହିନ୍ଦୋଳ ଉପଖଣ୍ଡରେ ହାତୀ ଆକ୍ରମଣ ଜନିତ ମୃତାହତ ଓ ବ୍ୟାପକ ଫସଲ ହାନି ଏବଂ ପ୍ରତିକାର ପାଇଁ ବିଭାଗୀୟ ପଦକ୍ଷେପ ନେବା ଦାବିରେ ରାଜରାସ୍ତାକୁ ଓହ୍ଲାଇଛନ୍ତି ଜନସାଧାରଣ । ଦିନକୁଦିନ ହାତୀ ସମସ୍ୟା ଭୟଙ୍କର ରୂପ ଧାରଣ କରୁଥିବାବେଳେ ମଣିଷ ଜୀବନକୁ ତୁଚ୍ଛ କରି ସରକାର କେବଳ ସାମାନ୍ୟ କିଛି ଆର୍ଥିକ ସହାୟତା ଦେଇ ରହିଯାଇଛି । ଯାହାକୁନେଇ ହିନ୍ଦୋଳ ଉପଖଣ୍ଡରେ ଜନଅସନ୍ତୋଷ ଚରମ ସୀମାରେ ପହଞ୍ଚିଛ ।



ତେବେ ଆଜି ହିନ୍ଦୋଳ ଉପଖଣ୍ଡର ଜନସାଧାରଣ ନର ହନ୍ତା ହାତୀକୁ ସ୍ଥାନାନ୍ତରଣ ଫସଲହାନି କ୍ଷୟକ୍ଷତି, ହାତୀ ଟ୍ରେଞ୍ଚ ତିଆରି, ହାତୀ କରିଡ଼ର ତିଆରି, ହାତୀ ଦ୍ୱାରା ମୃତ୍ୟୁବରଣ କ୍ଷତିପୂରଣ, ବିଭିନ୍ନ କ୍ଷୟକ୍ଷତି ଭରଣ ଇତ୍ୟାଦି ସାତଦଫା ଦାବିନେଇ ଉପଖଣ୍ଡ ସାତମାଇଲ ଛକରେ ରାସ୍ତାରୋକ ଆନ୍ଦୋଳନ କରିଥିଲେ । ତେବେ ହିନ୍ଦୋଳ ଉପଜିଲ୍ଲାପାଳ ପ୍ରଭାସ ବେଉରା, ତହସିଲଦାର ଦିଲୀପ ସେଠି,ରେଞ୍ଜର ତ୍ରିଲୋଚନ ଦେହୁରୀ ପ୍ରମୁଖ ପ୍ରଶାସନିକ ଅଧିକାରୀ ପହଂଚି ଦାବିପୂରଣ ପାଇଁ ପ୍ରତିଶୃତି ଦେବାରୁ ରାସ୍ତା ଅବରୋଧ ହଟିଥିଲା । ତେବେ ଏହି ସମସ୍ୟା ସମାଧାନ ନହେଲେ ଆଗକୁ ହିନ୍ଦୋଳ ନିର୍ବାଚନମଣ୍ଡଳୀ ସାରା ଜନସାଧାରଣ ରାଜରାସ୍ତାକୁ ବାହାରିବେ ବୋଲି ଜନସାଧାରଣ ଚେତାବନୀ ଦେଇଛନ୍ତି ।

ପଲ୍ଲିଶ୍ରୀ ମେଳାରେ ଓଡିଶା ଗ୍ରାମୀଣ ବ୍ୟାଙ୍କର ଷ୍ଟଲ

ଢେଙ୍କାନାଳ, (ସବ୍ୟୁ) : ପ୍ରସିଦ୍ଧ ଗଜଲକ୍ଷ୍ମୀ ପୂଜା ଅବସରରେ ଢେଙ୍କାନାଳର ମହିଷାପାଟଠାରେ ଆୟୋଜିତ ଜାତୀୟ ସ୍ତରର ପଲ୍ଲିଶ୍ରୀ ମେଳାରେ ଓଡ଼ିଶା ଗ୍ରାମୀଣ ବ୍ୟାଙ୍କ ପକ୍ଷରୁ ଏକ ସ୍ୱତନ୍ତ୍ର ଷ୍ଟଲ୍ ଖୋଲାଯାଇଥିଲା । ବ୍ୟାଙ୍କର ମହାପ୍ରବନ୍ଧକ ବାସୁଦେବ ରାଉତରାୟ ଏବଂ ଆଞ୍ଚଳିକ ପ୍ରବନ୍ଧକସନ୍ଦୀପ କୁମାର ପ୍ରଧାନ ମିଳିତ ଭାବେ ଏହି ଷ୍ଟଲ୍‌ର ଉଦ୍‌ଘାଟନ କରିଥିଲେ । ଏହି ଅବସରରେ ଏଚ୍‌ଓଡି ଆଗ୍ରି କ୍ରେଡିଟ୍ ବିଭାଗ ଦିଗ୍‌ବିଜୟ ବାହାଦୁର ଦାସ, ବିଜନେସ୍ ହେଡ୍ ଶୁଭେନ୍ଦୁ ବାରିକଙ୍କ ସମେତ ବ୍ୟାଙ୍କର ଆଞ୍ଚଳିକ କାର୍ଯ୍ୟାଳୟ ଓ ବିଭିନ୍ନ ଶାଖାର କର୍ମଚାରୀମାନେ ଉପସ୍ଥିତ ଥିଲେ । ଏହି ଷ୍ଟଲ୍ ମାଧ୍ୟମରେ ମେଳାକୁ ଆସୁଥିବା ଜନସାଧାରଣଙ୍କୁ ଓଡ଼ିଶା ଗ୍ରାମୀଣ ବ୍ୟାଙ୍କର ଯାନବାହନ ଋଣ, ଗୃହ ଋଣ, ବ୍ୟକ୍ତିଗତ ଋଣ ସମେତ ବିଭିନ୍ନ ଋଣ ଯୋଜନା ଓ ଆର୍ଥିକ ସେବା ସମ୍ପର୍କରେ ସଚେତନ କରାଯାଇଥିଲା ।

ବିଦାୟ ନେଲେ ମା' : ଆଞ୍ଚାଲଡୁ ୧,୬୯,୯୬୬ ଟଙ୍କାରେ ନିଲାମ

ସାଉଥବଲଣ୍ଡା, (ସବ୍ୟୁ) : ତାଳଚେର ବ୍ଲକ କଳମଛୁଇଁ ଗ୍ରାମରେ ମାଆ ଗଜଲକ୍ଷ୍ମୀଙ୍କର ୨୯ତମ ଭସାଣି ଉତ୍ସବ ପାଳିତ ହୋଇଯାଇଛି । ବୁଧବାର ସକାଳେ ସମସ୍ତ ମେଢ଼ ଦେଉଳଛକ ମେଲଣ ପଡ଼ିଆରେ ଏକତ୍ରିତ ହେବା ପରେ ମାଙ୍କ ମୃଣ୍ମୟୀ ପ୍ରତିମାଗୁଡ଼ିକୁ ବିଧି ମୁତାବକ ପୂଜାର୍ଚ୍ଚନା କରାଯାଇଥିଲା । ଦିନ ୧୨ଟା ୩୦ ମିନିଟ ବେଳେ ମେଢ଼ଗୁଡିକ କ୍ରମାନ୍ୱୟରେ ପଛକୁ ପଛ ବାହାରି ଭସାଣି ଶୋଭାଯାତ୍ରାରେ ସାମିଲ ହୋଇଥିଲେ । ଶାନ୍ତିଶୃଙ୍ଖଳା ରକ୍ଷା କରିବା ପାଇଁ ପୋଲିସ ପ୍ରଶାସନ ପକ୍ଷରୁ ବ୍ୟାପକ ବ୍ୟବସ୍ଥା କରାଯାଇଥିଲା। ଭସାଣି ଉତ୍ସବ ସମାପନର କଳମଛୁଇଁ କେନ୍ଦ୍ରୀୟ ଲକ୍ଷ୍ମୀପୂଜା କମିଟିର ସମସ୍ତ ସଦସ୍ୟଙ୍କ ଉପସ୍ଥିତିରେ ମା ଗଜଲକ୍ଷ୍ମୀଙ୍କର ଆଞ୍ଚାଲଡୁକୁ ନିଲାମ କରାଯାଇଥିଲା । କମିଟିର ସଭାପତି ସମାଜସେବୀ ଗଗନ ବିହାରୀ ସାହୁଙ୍କ ଅଧକ୍ଷତାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବରେ ସ୍ଥାନୀୟ ବିଧାୟକ ବ୍ରଜକିଶୋର ପ୍ରଧାନ, ସମ୍ମାନୀତ ଅତିଥି ହିଙ୍ଗୁଳା କ୍ଷେତ୍ରର ମହାପ୍ରବନ୍ଧକ ଏସ୍.କେ.ଯୋଷୀଙ୍କ ସମେତ ଗ୍ରାମର ବହୁ ମାନ୍ୟଗଣ ବ୍ୟକ୍ତି ଯୋଗ ଦେଇଥିଲେ । ଏହି ଅବସରରେ ସର୍ବାଧିକ ୧,୬୯,୯୬୬ ଟଙ୍କା ନିଲାମରେ ଲାଲବାଗ୍ ରାଜା କମିଟି ପକ୍ଷରୁ ଗଦାଧର ସାହୁ ମାଆ ଗଜଲକ୍ଷ୍ମୀଙ୍କ ଆଞ୍ଚାଲଡୁକୁ ମୁଖ୍ୟ ଅତିଥିଙ୍କ ହସ୍ତରୁ ଗ୍ରହଣ କରିଥିଲେ ।

ହିନ୍ଦୋଳରେ ମିଳିତ ଲକ୍ଷ୍ମୀ ପୂଜା ଭସାଣି ଉତ୍ସବ

ହିନ୍ଦୋଳ ,(ସବ୍ୟୁ) :ଢେଙ୍କାନାଳ ଜିଲ୍ଲା ହିନ୍ଦୋଳ ଏନ ଏ ସି ରେ ଆଜି ମା ଲକ୍ଷ୍ମୀଙ୍କ ମିଳିତ ଭସାଣି ଉତ୍ସବ ଅନୁଷ୍ଠିତ ହୋଇଯାଇଛି । ଏଥିରେ ବିଭିନ୍ନ ସାହି ଓ ବଜାର ପ୍ରତିଷ୍ଠାନର ୧୧ ଟି ମେଢ଼ ସାମିଲ ହେଇଥିଲେ । ସମୟ ନିର୍ଘଣ୍ଟ ଅନୁସାରେ ଦିନ ୧୧ ଟା ସମୟରେ ସମସ୍ତ ମେଢ଼ ଗୁଡ଼ିକ ନିଜ ନିଜ ପୂଜା ମଣ୍ଡପରୁ ବାହାରି ସ୍ଥାନିୟ ମେଡିକାଲ ଛକ, ମିନୀ ଷ୍ଟାଡିୟମ, ଲକ୍ଷ୍ମୀ ବଜାର, କଚେରୀ ସାମ୍ନା ଦେଇ ଶାନ୍ତ ସାହି ମଧ୍ୟରେ କ୍ରମାନୁସାରେ ଆଗକୁ ବଢ଼ି ଥିଲେ ।

ପ୍ରଥମ ଲକ୍ଷ୍ମୀ ବଜାର, ଦ୍ୱିତୀୟରେ ଆମଲାପଡ଼ା ବସଷ୍ଟାଣ୍ଡ ଛକ, ତୃତୀୟରେ ନୂତନ ପାଟଣା କ, ଚତୁର୍ଥ ରେ ରାଧା କୃଷ୍ଣ କମିଟି, ପଞ୍ଚମରେ ଶାନ୍ତ ସାହି, ଷଷ୍ଠରେ କାରିଗର ସାହି ଇତ୍ୟାଦି ସାହି ଓ ପୂଜା ପ୍ରତିଷ୍ଠାନର ମେଢ଼ ଗୁଡ଼ିକ ଯାକ ଜମକରେ ଠାକୁରାଣୀଙ୍କୁ ରଙ୍ଗୀନ ଆଲୋକ ମାଳାରେ ସଜାଇ ବାଜା ବାଣ ଓ ସାହି ଯୁବକ ମାନଙ୍କ ନୃତ୍ୟର ତାଳେ ତାଳେ ନେଇ କାନ୍ଦରାଶୁଣି ବଡଯୋରା ନାଳ ସ୍ଥିତ ଅସ୍ଥାୟୀ ପୋଖରରେ ବିସର୍ଜନ କହିଥିଲେ । ଶାନ୍ତି ଶୃଙ୍ଖଳା ରକ୍ଷା ପାଇଁ ବ୍ୟାପକ ପୋଲିସ ଫୋର୍ସ ମୁତୟନ ରହିଥିଲେ । ଏକ୍ଜିକ୍ୟୁଟିଭ ମାଜିଷ୍ଟ୍ରେଟ ତହସିଲଦାରଙ୍କ ଦିଲୀପ କୁମାର ସେଠିଙ୍କ ସମେତ କେତେକ ବରିଷ୍ଠ ଅଧିକାରି ପରିସ୍ଥିତି ଉପରେ ନଜର ରଖିଥିଲେ ।

ଶିକ୍ଷକଙ୍କ ବଦଳିକୁ ନେଇ ଅଭିଭାବକ ଓ ଛାତ୍ରଛାତ୍ରୀଙ୍କ ଗଣଧାରଣା

ବଅଁରପାଳ/ଅନୁଗୋଳ, (ସବ୍ୟୁ) : ଅନୁଗୋଳ ଜିଲ୍ଲା ବଅଁରପାଳ ବ୍ଲକ ତୁବେ ପଞ୍ଚାୟତର ସରକାରୀ ଉପ୍ରା ବିଦ୍ୟାଳୟର, ପ୍ରଧାନ ଶିକ୍ଷକଙ୍କ ବଦଳିକୁ ନେଇ ବୁଧବାର ସ୍କୁଲ ସମ୍ମୁଖରେ ଗଣଧାରଣା ଦେଇଛନ୍ତି ତୁବେ ଗ୍ରାମବାସୀ । ପ୍ରକାଶ ଯେ, ତୁବେ ଉପ୍ରା ବିଦ୍ୟାଳୟର ପ୍ରଧାନ ଶିକ୍ଷକ ସତ୍ୟଜିତ ପ୍ରଧାନଙ୍କୁ ଅନ୍ୟତ୍ର ବଦଳି କରାଯାଇଥିବା ପ୍ରତିବାଦରେ ବିଦ୍ୟାଳୟ ପରିଚାଳନା କମିଟି ସଭ୍ୟ/ସଭ୍ୟାବୃନ୍ଦ, ଅଭିଭାବକ, ଅଭିଭାବିକାମାନେ ବଅଁରପାଳ ଗୋଷ୍ଠୀ ଶିକ୍ଷାଉନ୍ନୟନ ଅଧିକାରୀଙ୍କୁ ତା ୨୧/୧୦/୨୦୨୬ରିଖରେ ଏକ ଲିଖିତ ଦାବିପତ୍ର ପ୍ରଦାନ କରିଛନ୍ତି ।



ତାଙ୍କ କହିବା ମୁତାବକ ଶିକ୍ଷକ ଶ୍ରୀ ପ୍ରଧାନ ଜଣେ ଛାତ୍ରବତ୍ସଳ, ସ୍ନେହୀ, ପାଠପଢାଇବାର ଶୈଳୀ, ବିଦ୍ୟାଳୟର ବିକାଶ ଓ ପ୍ରତ୍ୟେକ ଉନ୍ନୟନ ମୂଳକ କାର୍ଯ୍ୟ ନିଖୁଣଭାବେ ତୁଲାଇ ଆସିଛନ୍ତି । ତାଙ୍କର ହଠାତ ଅନ୍ୟତ୍ର ବଦଳିକୁ ନେଇ ଛାତ୍ରଛାତ୍ରୀଙ୍କୁ ମର୍ମାହତ କରିଛି ବୋଲି ସେମାନେ ଏହା ପ୍ରକାଶ କରିଛନ୍ତି । ତେଣୁ ଏହାକୁ ହୃଦୟଙ୍ଗମ କରି ବିଦ୍ୟାଳୟରେ ଶ୍ରୀ ପ୍ରଧାନଙ୍କୁ ପୁନଃ ଥଇଥାନ କରାଯାଉ ବୋଲି ଦାବିପତ୍ର ମାଧ୍ୟମରେ ଜଣାଇବା ପରେ ମଧ୍ୟ ଗୋଷ୍ଠୀ ଉନ୍ନୟନ ଅଧିକାରୀଙ୍କ କୌଣସି ପ୍ରତିକ୍ରିୟା ନମିଳିବାରୁ ସେମାନେ ବାଧହୋଇ ବିଦ୍ୟାଳୟକୁ ଛାତ୍ରଛାତ୍ରୀଙ୍କୁ ଅଧ୍ୟୟନ କରିବାକୁ ଛାଡ଼ିବେ ନାହିଁ ବୋଲି ସ୍ୱଷ୍ଟ ଚେତାବନୀ ଦେଇଛନ୍ତି ।

ଆଜି ଅଭିଭାବକମାନେ ଛାତ୍ରଛାତ୍ରୀଙ୍କୁ ନେଇ ସ୍କୁଲ ସମ୍ମୁଖରେ ଗଣଧାରଣା ଦେବା ସହ ଯେଉଁ ପର୍ଯ୍ୟନ୍ତ ତାଙ୍କର ଦାବି ପୂରଣ ନହୋଇଛି, ଧାରଣା ଜାରି ରହିବ ବୋଲି ସ୍କୁଲ ପରିଚାଳନା କମିଟି କଡ଼ା ଆଭିମୁଖ୍ୟ ଗ୍ରହଣ କରିଛି । ଏହି ଗଣଧାରଣାରେ ସ୍କୁଲ ପରିଚାଳନା କମିଟି ସଭ୍ୟ/ ସଭ୍ୟା, ଅଭିଭାବକ, ଅଭିଭାବିକା, ଛାତ୍ରଛାତ୍ରୀ ଓ ଶତାଧିକ ଗ୍ରାମବାସୀ ସାମିଲ ହୋଇଛନ୍ତି । ଏନେଇ ବଅଁରପାଳ ବ୍ଲକ ଶିକ୍ଷା ଅଧିକାରୀ ମାନସ ରଞ୍ଜନ ପୃଷ୍ଟି କହିଛନ୍ତି ଶିକ୍ଷକ ସତ୍ୟଜିତ ପ୍ରଧାନ ପଦୋନ୍ନତି ପାଇ ବଦଳି ହୋଇଛି ଯେଉଁମାନେ ସ୍କୁଲର ଶିକ୍ଷାଦାନରେ ବାଧା ସୃଷ୍ଟି କରୁଛନ୍ତି ସେମାନଙ୍କ ବିରୋଧରେ ଆଇନ୍ ଅନୁଯାୟୀ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଉ ।

୧୨୨ କୋଟିର ଠକେଇ ମାମଲା

ନାଇସ କମ୍ପ୍ୟୁଟର ଇନଷ୍ଟିଚ୍ୟୁଟରେ ଇଡି ଚଢ଼ାଉ

ଅନୁଗୋଳ, (ସବ୍ୟୁ) : କୋଟି ଠକେଇ ମାମଲାରେ କଳ୍ପନା ଫାଇନାନ୍ସିଆଲ ସର୍ଭିଶେଷର ମାଲିକ ସଞ୍ଜୟ ସାମଲ ଗିରଫ ହୋଇଛନ୍ତି । ବୁଧବାର ସକାଳୁ ଅନୁଗୋଳର ଅମଲାପଡା ସ୍ଥିତ ନାଇସ ଫାଇନାନ୍ସିଆଲ ସର୍ଭିସେସ ସମେତ ୧୦ ସ୍ଥାନରେ ପ୍ରବର୍ତ୍ତନ ନିର୍ଦ୍ଦେଶାଳୟ (ଇଡି)ର ପାଞ୍ଚ ଜାଣିଆ ଟିମ ଚଢ଼ାଉ କରାଯାଇଥିଲା । ଚଢ଼ାଉ ପରେ ଅନୁଷ୍ଠାନର ମାଲିକ ସଞ୍ଜୟ ସାମଲଙ୍କୁ ଗିରଫ ହୋଇଥିବା ସୂଚନା ମିଳିଛି । କଳ୍ପନା ଫାଇନାନ୍ସିଆଲ୍ ସର୍ଭିସେସ୍ ନାଁରେ ଅଧିକ ସୁଧ ଆଉ ସେୟାର ଟ୍ରେଡିଂରେ ମୋଟା ଲାଭ ଲୋଭ ଦେଖାଇ ହଜାର ହଜାର ଲୋକଙ୍କଠୁ ଟଙ୍କା ନେଇଥିବା ଅଭିଯୋଗ ଥିଲା । ଓଡ଼ିଶା ଆଉ ପଶ୍ଚିମବଙ୍ଗର ୧୦ଟି ସ୍ଥାନରେ- ଅନୁଗୋଳ, କଟକ, ଭୁବନେଶ୍ୱର, ମୟୂରଭଞ୍ଜ, କୋଲକାତା ସମେତ ଏକା ସାଙ୍ଗରେ ଇଡି ପକ୍ଷରୁ ଚଢ଼ାଉ କରାଯାଇଥିଲା । ଏହା ପୂର୍ବରୁ ଇଡି ଏହି ମାମଲାରେ ପଶ୍ଚିମବଙ୍ଗରୁ ଅମିତ ମଣ୍ଡଳ ଆଉ ଅନୁଗୋଳରୁ ଜଣଙ୍କୁ ଗିରଫ କରିସାରିଛି ।

ସଞ୍ଜୟ ସାମଲ ଗିରଫ

ଜିନ୍ଦଲ ଫାଉଣ୍ଡେସନ ଏବଂ ଜିଲ୍ଲା ସ୍ୱାସ୍ଥ୍ୟ ସମିତି ପକ୍ଷରୁ ମଶାରି ବଣ୍ଟନ

ଅନୁଗୋଳ, (ସବ୍ୟୁ): ସାମୁଦାୟିକ ସ୍ୱାସ୍ଥ୍ୟ ଏବଂ ରୋଗ ପ୍ରତିରୋଧ କ୍ଷେତ୍ରରେ ନିଜର ପ୍ରତିବଦ୍ଧତାକୁ ଦୃଢ଼ କରିବା ସହିତ ଜିନ୍ଦଲ ଫାଉଣ୍ଡେସନ ପକ୍ଷରୁ 'ନ୍ୟାସନାଲ୍ ସେଣ୍ଟର ଫର୍ ଭେକ୍ଟର ବୋର୍ନ୍ ଡିଜିଜେସ୍ କଣ୍ଟ୍ରୋଲ୍' (ଏନସିଭିବିଡିସି) ସହଯୋଗରେ ଅନୁଗୋଳ ଜିଲ୍ଲାର ପାଲଲହଡ଼ା ବ୍ଲକ ନଗିରା ଗ୍ରାମର ଅସହାୟ ଓ ଆବଶ୍ୟକତା ଥିବା ପରିବାର ଗୁଡ଼ିକୁ ମଶାରି ବଣ୍ଟନ କରାଯାଇଛି । ମ୍ୟାଲେରିଆ ସମେତ ଅନ୍ୟାନ୍ୟ ମଶାବାହିତ ରୋଗରୁ ଗ୍ରାମବାସୀଙ୍କୁ ସୁରକ୍ଷା ଦେବା ସହ ପ୍ରତିଷେଧକ ସ୍ୱାସ୍ଥ୍ୟସେବାକୁ ସୁଦୃଢ଼ କରିବା ଉଦ୍ଦେଶ୍ୟରେ ଏହି ମଶାରି ବଣ୍ଟନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି । ଏହି କାର୍ଯ୍ୟକ୍ରମରେ ପାଲଲହଡ଼ା ବିଧାୟକ ଅଶୋକ ମହାନ୍ତି ଏଡିପିଏଚଓ (ଭେକ୍ଟର୍ ବୋର୍ନ୍ ଡିଜିଜେସ୍) ଡାକ୍ତର ପୂର୍ଣ୍ଣିମା ଉଦଗାତା ପାଲଲହଡ଼ା ଉପ-ଜିଲ୍ଲାପାଳ ରବି ନାରାୟଣ ପଟେଲ ପାଲଲହଡ଼ା



ବିଡିଓ ନିଶାନ ମିଶ୍ର ସାଂସଦଙ୍କ ପ୍ରତିନିଧି ଲିଙ୍ଗରାଜ ଦାସ ବରିଷ୍ଠ ଆଇନଜୀବୀ ତଥା ବିଧାୟକଙ୍କ ପ୍ରତିନିଧି ତନ୍ମୟ କୁମାର ସାହୁ ଡେପୁଟି କଲେକ୍ଟର ବିଦୁସ୍ମିତା ସାହୁ ପ୍ରମୁଖଙ୍କ ସମେତ ସ୍ୱାସ୍ଥ୍ୟ ବିଭାଗ, ସ୍ଥାନୀୟ ପ୍ରଶାସନ ଏବଂ ସ୍ଥାନୀୟ ସମ୍ପ୍ରଦାୟର ପ୍ରତିନିଧିମାନେ ଉପସ୍ଥିତ ଥିଲେ । ଏହି ଅବସରରେ ଉଦବୋଧନ ଦେଇ ବିଧାୟକ ଅଶୋକ ମହାନ୍ତି ମ୍ୟାଲେରିଆ ଓ ଅନ୍ୟାନ୍ୟ ମଶାବାହିତ ରୋଗର ମୁକାବିଲା ପାଇଁ ପ୍ରତିଷେଧକ ସ୍ୱାସ୍ଥ୍ୟସେବା, ଜନସଚେତନତା ଏବଂ ଗୋଷ୍ଠୀଗତ ସହଭାଗିତାର ଗୁରୁତ୍ୱ ଉପରେ ଆଲୋକପାତ କରିଥିଲେ । ଅସହାୟ ପରିବାର ଗୁଡ଼ିକୁ ଆବଶ୍ୟକ ପ୍ରତିଷେଧକ ସ୍ୱାସ୍ଥ୍ୟସେବା ସହାୟତା ଯୋଗାଇ ଦେବାରେ ଜିନ୍ଦଲ ଫାଉଣ୍ଡେସନର ପ୍ରୟାସକୁ ସେ ପ୍ରଶଂସା କରିଥିଲେ । ଏଥିସହ ଏକ ସୁସ୍ଥ ଓ ରୋଗମୁକ୍ତ ସମାଜ ଗଠନ ପାଇଁ ସମସ୍ତଙ୍କ ସାମୂହିକ ଉଦ୍ୟମ ଏବେ ସ୍ୱଚ୍ଛତା ସମ୍ବନ୍ଧୀୟ ଅଭ୍ୟାସ ଅବଲମ୍ବନ କରିବାକୁ ଆହ୍ୱାନ ଦେଇଥିଲେ । ସେହିପରି ପାଲଲହଡ଼ା ଉପଜିଲ୍ଲାପାଳ ମଧ୍ୟ ଜିନ୍ଦଲ ଫାଉଣ୍ଡେସନର ଏହି ସହଯୋଗକୁ ପ୍ରଶଂସା କରିବା ସହ ସମାଜର ସାମଗ୍ରିକ କଲ୍ୟାଣ ଓ ସ୍ଥାୟୀ ବିକାଶ ସୁନିଶ୍ଚିତ କରିବା ପାଇଁ ବିଭିନ୍ନ ବିଭାଗର ସମନ୍ୱିତ ଉଦ୍ୟମ ଅତ୍ୟନ୍ତ ଜରୁରୀ ବୋଲି ମତବ୍ୟକ୍ତ କରିଥିଲେ ।

ଏହି କାର୍ଯ୍ୟକ୍ରମର ଅନ୍ୟତମ ଅଂଶ ଭାବେ ଏଡିପିଏଚଓ (ଭେକ୍ଟର ବୋର୍ଣ୍ଣ) ବିଭାଗ ପକ୍ଷରୁ ଏକ ସଚେତନତା କାର୍ଯ୍ୟକ୍ରମ ଆୟୋଜିତ ହୋଇଥିଲା । ଏଥିରେ ଗ୍ରାମବାସୀଙ୍କୁ ମଶାରିର ଉପଯୁକ୍ତ ବ୍ୟବହାର ଏବଂ ମଶାବାହିତ ରୋଗରୁ ରକ୍ଷା ପାଇବା ପାଇଁ ଆବଶ୍ୟକ ପ୍ରତିଷେଧକ ବ୍ୟବସ୍ଥା ସମ୍ପର୍କରେ ସଚେତନ କରାଯାଇଥିଲା । ଏଥିସହ ପ୍ରତିଷେଧକ ସ୍ୱାସ୍ଥ୍ୟସେବା ଓ ରୋଗ ନିୟନ୍ତ୍ରଣରେ ଜନସାଧାରଣଙ୍କ ସକ୍ରିୟ ସହଭାଗିତାର ଗୁରୁତ୍ୱ ଉପରେ ଆଲୋକପାତ ମଧ୍ୟ କରାଯାଇଥିଲା ।


ସ୍କୁଲ ଛାତ୍ରଛାତ୍ରୀଙ୍କ ସ୍ୱାସ୍ଥ୍ୟକୁ ନେଇ ଖେଳୁଛି ବିଭାଗ

ବଅଁରପାଳ, (ସବ୍ୟୁ) : ଅନୁଗୋଳ ଜିଲ୍ଲା ବଅଁରପାଳ ବ୍ଲକର ଏକ ବିଦ୍ୟାଳୟ ମଧ୍ୟାହ୍ନ ଭୋଜନ ଚାଉଳରୁ ପୋକ ବାହାରିବାକୁ ନେଇ ଅଭିଭାବକଙ୍କ ମଧ୍ୟରେ ତୀବ୍ର ଅସନ୍ତୋଷ ଦେଖାଦେଇଛି । ଅଭିଯୋଗ ଅନୁଯାୟୀ ବଅଁରପାଳ ବ୍ଲକ୍ ଅନ୍ତର୍ଗତ ବଳରାମପ୍ରସାଦ ଉଚ୍ଚ ବିଦ୍ୟାଳୟର ୪୦୦ ଶହ ଛାତ୍ରଛାତ୍ରୀଙ୍କ ପାଇଁ ମଧ୍ୟାହ୍ନ ଭୋଜନ ପ୍ରସ୍ତୁତ ହେଉଛି । ଚାଉଳରେ ପୋକ ଲାଗିଯାଇଥିବାରୁ ଅଭିଭାବକମାନେ ଉଦବେଗ ପ୍ରକାଶ କରିବା ସହ ବିଦ୍ୟାଳୟର ପ୍ରଧାନ ଶିକ୍ଷୟିତ୍ରୀଙ୍କୁ ଅବଗତ କରାଇଥିଲେ । ଏଥିସହ ବ୍ଲକ ଶିକ୍ଷା ଅଧିକାରୀଙ୍କୁ ଅଭିଯୋଗ ଜଣାଇବା ପାଇଁ ଅଫିସକୁ ଯାଇଥିଲେ । ତେବେ ଶିକ୍ଷା ଅଧିକାରୀ ଅନୁପସ୍ଥିତ ଥିବାରୁ କାର୍ଯ୍ୟାଳୟର ଜଣେ କର୍ମଚାରୀଙ୍କୁ ଏ ସମ୍ପର୍କରେ ଜଣାଇଥିଲେ। ଅଭିଭାବକଙ୍କ ଅଭିଯୋଗ ଅନୁସାରେ, ଏତେ ପରିମାଣର ଚାଉଳକୁ କ'ଣ କରାଯାଇପାରିବ ବୋଲି ପ୍ରଶ୍ନ କରିବାରୁ, ଚାଉଳକୁ ଧୋଇ ସଫା କରି ବ୍ୟବହାର କରିବାକୁ କର୍ମଚାରୀ ଜଣକ ପରାମର୍ଶ ଦେଇଥିଲେ । ଏହି ଉତ୍ତରକୁ ନେଇ ଅଭିଭାବକମାନେ ଅସନ୍ତୋଷ ପ୍ରକାଶ କରିଥିଲେ। ଏହି ଘଟଣା ସମ୍ପର୍କରେ ପ୍ରଧାନ ଶିକ୍ଷୟିତ୍ରୀ ବିଦ୍ୟାଳୟରେ ଅନୁପସ୍ଥିତ ଥିବାରୁ ଫୋନ୍ ଯୋଗେ ଯୋଗାଯୋଗ ପାଇଁ ଉଦ୍ୟମ କରାଯାଇଥିଲେ ମଧ୍ୟ ଯୋଗାଯୋଗ ସମ୍ଭବ ହୋଇନାହିଁ। ତେବେ ବିଦ୍ୟାଳୟରେ ଛାତ୍ରଛାତ୍ରୀଙ୍କୁ ଦିଆଯାଉଥିବା ଖାଦ୍ୟର ଗୁଣବତ୍ତା ଓ ସ୍ୱଚ୍ଛତା ନେଇ ଏବେ ପ୍ରଶ୍ନ ଉଠିଥିବା ବେଳେ, ଏହି ଘଟଣାର ଉଚିତ ତଦନ୍ତ କରି ଦାୟୀ ବ୍ୟକ୍ତିଙ୍କ ବିରୋଧରେ ଆବଶ୍ୟକ ପଦକ୍ଷେପ ନେବାକୁ ଅଭିଭାବକ ମାନେ ଦାବି କରିଛନ୍ତି ।

ତାଳଚେର ବାଇପାସ ବଅଁରପାଳ ରାସ୍ତା ମରାମତି କେବେ?

ତାଳଚେର, (ସବ୍ୟୁ) : କୋଇଲା ନଗରୀ ତାଳଚେରରୁ ପ୍ରତିଦିନ ହଜାର ହଜାର ଲୋକ ଯାତାୟାତ କରୁଥିବା ତାଳଚେର ବାଇପାସରୁ ବଅଁରପାଳ ପର୍ଯ୍ୟନ୍ତ ରାସ୍ତାର ଅବସ୍ଥାକୁ ନେଇ ଏବେ ଉଠିଛି ଜନ ଅସନ୍ତୋଷ । ରାସ୍ତାର ଶୋଚନୀୟ ଅବସ୍ଥା, ଖାଲଖମା ଓ ଯାତାୟାତରେ ସମସ୍ୟା ଯୋଗୁଁ ସାଧାରଣ ଲୋକ ନାହିଁ ନଥିବା ହଇରାଣ ହେଉଛନ୍ତି । ଏହାକୁ ନେଇ ସମାଜସେବୀ ସୁଲେଖ ସେଠୀଙ୍କ ନେତୃତ୍ୱରେ ଅତିରିକ୍ତ ଜିଲ୍ଲାପାଳଙ୍କ ଜରିଆରେ ଜିଲ୍ଲାପାଳଙ୍କୁ ରାସ୍ତାର ତୁରନ୍ତ ମରାମତି ପାଇଁ ଦାବିପତ୍ର ପ୍ରଦାନ କରାଯାଇଛି । ପ୍ରଶ୍ନ ହେଉଛି, ତାଳଚେରରୁ କୋଟିକୋଟି ଟଙ୍କାର ରାଜସ୍ୱ ଯାଉଛି, ହେଲେ ତାଳଚେରବାସୀଙ୍କୁ ଭଲ ରାସ୍ତାଟିଏ ମିଳିବାରେ ଏତେ ଅବହେଳା କାହିଁକି? ଆଉ କେତେ ଦୁର୍ଘଟଣା ଘଟିଲେ ପ୍ରଶାସନର ନିଦ ଭାଙ୍ଗିବ? ଜନସାଧାରଣଙ୍କ ଧୈର୍ଯ୍ୟର ପରୀକ୍ଷା ନିଆ ନଯାଉ, ଆମର ଦାବି, କେବଳ ପ୍ରତିଶ୍ରୁତି ନୁହେଁ, ତୁରନ୍ତ ରାସ୍ତା ମରାମତି କରାଯାଉ ।

ନବ ଆକାଶର ଚନ୍ଦ୍ରମାର ଶାରଦୀୟ ଦୁର୍ଗାପୂଜା ବିଶେଷାଙ୍କ ଉନ୍ମୋଚିତ



କଣିହାଁ, (ସବ୍ୟୁ) : କଣିହାଁରୁ ପ୍ରକାଶ ପାଉଥିବା ତ୍ରୈମାସିକ ଶିଶୁ କିଶୋର ପତ୍ରିକା -ନବ ଆକାଶର ଚନ୍ଦ୍ରମା ଶାରଦୀୟ ବିଶେଷାଙ୍କ ଉନ୍ମୋଚିତ ହୋଇ ଯାଇଛି । ଶିଶୁ ସାହିତ୍ୟ ପତ୍ରିକା ସଂପାଦକ ସମ୍ମିଳନୀର ଦ୍ୱିତୀୟ ଅଧିବେଶନ ପୁରୀସ୍ଥିତଯୁଥ ହଷ୍ଟେଲ ପରିସରରେ ଅନୁଷ୍ଠିତ ହୋଇଥିଲା । କେନ୍ଦ୍ର ଏକାଡେମୀ ପୁରସ୍କାର ପ୍ରାପ୍ତ ବରିଷ୍ଠ ଶିଶୁ ସାହିତ୍ୟିକ ରାଜ କିଶୋର ପାଢ଼ୀଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ଅତିଥି ଭାବରେ ବରିଷ୍ଠ ଶିଶୁ ସାହିତ୍ୟିକ ମାନସ ରଞ୍ଜନ ମହାପାତ୍ର, ମୁଖ୍ୟ ବକ୍ତା ବରିଷ୍ଠ ଶିଶୁ ସାହିତ୍ୟିକ ଡ. ଶ୍ରୀକାନ୍ତ ପାଣିଗ୍ରାହୀ, ସମ୍ମାନିତ ଅତିଥି ବରିଷ୍ଠ ଶିଶୁ ସାହିତ୍ୟିକ ଡ.ଗୋବିନ୍ଦ ଚନ୍ଦ୍ର ଚାନ୍ଦ, ଡ. ପ୍ରିୟଙ୍କା ବେହେରା, ଅନ୍ୟତମ ଅତିଥି ଭାବରେ ଓଡିଶା ଶିଶୁ ସାହିତ୍ୟ ସଂଗଠନର ସଭାପତି ଡ. ରାମଚନ୍ଦ୍ର ଦେଓ, ସାଧାରଣ ସଂପାଦକ ଶିଶୁ ସାହିତ୍ୟିକ ସୁଶାନ୍ତ କୁମାର ସେନାପତି ଓ ବରିଷ୍ଠ ଶିଶୁ ସାହିତ୍ୟିକ ରମେଶ ଚନ୍ଦ୍ର ଦାଶ ପ୍ରମୁଖଙ୍କ ଉପସ୍ଥିତିରେ ପତ୍ରିକା ଉନ୍ମୋଚିତ ହୋଇଥିଲା । ଉକ୍ତ କାର୍ଯ୍ୟକ୍ରମରେ ନବ ଆକାଶ ଚନ୍ଦ୍ରମାର ସଂପାଦକ ବୁଦ୍ଧଦେବ ସେଠି ସଂଯୋଜନା କରିଥିଲେ ।

ଟୁଲୁକା ଗ୍ରାମ ବେଆଇନ ବିସ୍ଥାପନର ତଦନ୍ତ ଆରମ୍ଭ

ଅନୁଗୋଳ, (ସବ୍ୟୁ) : ବଂଶାନୁକ୍ରମିକ ୫ ଶହ ଏକର ଜମି ହରାଇ ଆଦିବାସୀ ଜମିଶୁନ୍ୟ ହେଲେ । ଆଦିବାସୀମାନଙ୍କର ଅଧିକାରର ସୁରକ୍ଷା ଏବଂ ଜୀବନ ଜୀବିକାର ଉନ୍ନତି ନେଇ ଭାରତ ସରକାର ୨୦୦୬ ରେ ଏକ ଜାତୀୟ ଜଙ୍ଗଲ ଅଧିକାର ଆଇନ ପ୍ରଣୟନ କଲେ । ଏହି ଆଇନର ମୁଖବନ୍ଧରେ ଆଦିବାସୀମାନଙ୍କୁ ବର୍ଷ ବର୍ଷ ଧରି ଐତିହାସିକ ଅନ୍ୟାୟ କରାଯାଇଥିବାର ଉଲ୍ଲେଖ କରାଯାଇଅଛି । ଏହି ଆଇନ ବଳରେ ଆଦିବାସୀ ଓ ବନବାସୀ ମାନଙ୍କୁ ଉଭୟ ବ୍ୟକ୍ତିଗତ ଜଙ୍ଗଲ ଜମି ଏବଂ ଗୋଷ୍ଠୀଗତ ଜଙ୍ଗଲ ଜମିର ସ୍ୱୀକୃତି ଦେବାର ବ୍ୟବସ୍ଥା ରହିଅଛି । ଏପରିକି ବ୍ୟାଘ୍ର ସଂରକ୍ଷଣର କୋର ଏରିଆରୁ ସ୍ୱେଚ୍ଛାକୃତ ବିସ୍ଥାପନ ଯୋଜନାରେ ବନ୍ୟପ୍ରାଣୀ ସଂରକ୍ଷଣ ଆଇନରେ ମଧ୍ୟ ଜଙ୍ଗଲ ଅଧିକାର ଆଇନର ବ୍ୟବସ୍ଥାକୁ କାର୍ଯ୍ୟକାରୀ କରାଯିବାର ବ୍ୟବସ୍ଥା ରହିଅଛି । ଜଙ୍ଗଲ ଅଧିକାର ଆଇନ ବଳରେ ଗ୍ରାମରେ ଜଙ୍ଗଲ ଅଧିକାର କମିଟି ଗଠନ ନ ହୋଇ ଏପରିକି ଉଭୟ ବ୍ୟକ୍ତିଗତ ଓ ଗୋଷ୍ଠୀଗତ ଜଙ୍ଗଲ ଅଧିକାରର ଦାବିଦାର ସମ୍ପର୍କିତ କୌଣସି କାର୍ଯ୍ୟଧାରା କରା ନଯାଇ ଟୁଲୁକା ଗ୍ରାମକୁ ବିସ୍ଥାପନ କରାଯାଇଅଛି । ଗ୍ରାମରେ ଅନୁଷ୍ଠିତ ଗ୍ରାମସଭାରେ ଗଣ୍ଡଗୋଳ ହୋଇ ନିଷ୍ପତି ନନିଆଯାଇ ଜୋରଜବରଦସ୍ତ ଗ୍ରାମବାସୀଙ୍କୁ ବାସଚ୍ୟୁତ କରାଯାଇଛି ।

ଏ ସମ୍ବନ୍ଧୀୟ ଗ୍ରାମବାସୀଙ୍କ ପକ୍ଷରୁ ବହୁବାର ଉଚ୍ଚ ଅଧିକାରୀଙ୍କୁ ଜଣାଇଥିଲେ ସୁଦ୍ଧା ତାହାର କୌଣସି ଶୁଣାଣୀ କରାଯାଇ ନାହିଁ । ଟୁଲୁକା ଗ୍ରାମରେ ରହିଥିବା ପ୍ରାୟ୍ଠ ୫ ଶହ ଏକର ଜମିଜମାର ଏରିଆ ଅଭୟାରଣ୍ୟ କିମ୍ବା ବ୍ୟାଘ୍ର ସଂରକ୍ଷଣ ଅଞ୍ଚଳରେ ଆସୁ ନଥିଲେ ମଧ୍ୟ ବନବିଭାଗ ଗ୍ରାମକୁ ବାସଚ୍ୟୁତ କରିବାରେ ସମର୍ଥ ହୋଇଅଛି । ଏପରିକି ଜାତୀୟ ବ୍ୟାଘ୍ର ସଂରକ୍ଷଣ କର୍ତ୍ତୃପକ୍ଷଙ୍କ ପ୍ରୋଟକଲରେ ଥିବା ବ୍ୟବସ୍ଥାକୁ ଉଲଂଘନ କରାଯାଇଅଛି । ଗ୍ରାମରେ ୨୬୫ ପରିବାର ପ୍ରାୟ୍ଠ ୫ ଶହ ଏକର ବ୍ୟକ୍ତିଗତ ଘରୋଇ ଏବଂ ଗୋଷ୍ଠୀଗତ ଜମିକୁ ହରାଇ ବର୍ତ୍ତମାନ ଦାଣ୍ଡର ଭିକାରୀ ହୋଇଛନ୍ତି ।

ଜଙ୍ଗଲ ଅଧିକାର ଆଇନ ବଳରେ ଆଦିବାସୀ ଓ ବନବାସୀ ମାନଙ୍କୁ ଜମି ସ୍ୱୀକୃତି ସ୍ୱତ୍ୱ ଅଧିକାର ବ୍ୟବସ୍ଥା ଥିବା ବେଳେ ଟୁଲୁକା ଗ୍ରାମର ଆଦିବାସୀ ଓ ବନବାସୀ ବଂଶାନୁକ୍ରମିକ ନିଜର ଘରୋଇ ରେକର୍ଡ ଜମିଜମାକୁ ହରାଇ ଏକ ପ୍ରକାର ଜମିଶୁନ୍ୟ ହୋଇଛନ୍ତି । ଗ୍ରାମ ବିସ୍ଥାପନକୁ ଗ୍ରାମବାସୀ ପ୍ରଥମରୁ ବିରୁଦ୍ଧ କରୁଥିଲେ ମଧ୍ୟ ବନ ବିଭାଗ ପକ୍ଷରୁ ଜୋରଜବରଦସ୍ତ ବିସ୍ଥାପନ କରାଯାଇଥିଲା । ଏପରିକି ଗ୍ରାମବାସୀଙ୍କୁ ବିଭାଜନ କରାଯାଇ ବିପକ୍ଷ ଓ ସପକ୍ଷବାଦୀ ସୃଷ୍ଟି କରାଯାଇଥିଲା । ସରକାରୀ ନୀତି ନିୟମ ଓ ଗାଇଡଲାଇନକୁ ଉଲଂଘନ କରାଯାଇ ବିସ୍ଥାପନ କରାଯାଇଥିଲା । ବିସ୍ଥାପନକୁ ବିରୋଧ କରିଥିବା ଗ୍ରାମବାସୀଙ୍କୁ କ୍ଷତିପୂରଣ ପ୍ୟାକେଜରୁ ବଞ୍ଚିତ କରାଯାଇଥିଲା । ଗ୍ରାମ ବିସ୍ଥାପନ ଯୋଜନାରେ ଗ୍ରାମବାସୀଙ୍କ ମତାମତ ଗ୍ରାମସଭାରେ ନିଆଯାଇ ନଥିଲା । ଏପରିକି ସ୍ଥାନୀୟ ଅଞ୍ଚଳର ଜଣେ ସାମାଜିକ ବିଶେଷଜ୍ଞଙ୍କୁ ବିସ୍ଥାପନ ପ୍ରକ୍ରିୟାରେ ସାମିଲ କରାଯାଇ ନଥିଲା । ଜଙ୍ଗଲ ଅଧିକାର ଆଇନର ରହିଥିବା ବ୍ୟବସ୍ଥାରେ ଉଭୟ ବ୍ୟକ୍ତିଗତ ଓ ଗୋଷ୍ଠୀଗତ ଜଙ୍ଗଲ ଜମିର ଅଧିକାରର ସ୍ୱୀକୃତିକୁ ଅନୁପାଳନ କରାଯାଇ ନଥିଲା । ଆଦିବାସୀମାନଙ୍କ ପାଇଁ ରହିଥିବା ସ୍ୱତନ୍ତ୍ର ସୁବିଧା ସମ୍ବନ୍ଧୀୟ କୌଣସି କାର୍ଯ୍ୟକ୍ରମ କରାଯାଇ ନାହିଁ । ସବୁଠାରୁ ଆଶ୍ଚର୍ଯ୍ୟର ବିଷୟ ଜାତୀୟ ବ୍ୟାଘ୍ର ସଂରକ୍ଷଣ କର୍ତ୍ତୃପକ୍ଷ କିମ୍ବା ରାଜ୍ୟ ସରକାରଙ୍କର ପୁନଃବସତି ଓ ଥଇଥାନ ନୀତିକୁ ଅନୁପାଳନ ପୂର୍ବକ କାର୍ଯ୍ୟକାରୀ କରାଯାଇ ନଥିଲା । ଗ୍ରାମବାସୀଙ୍କର ଘରଦ୍ୱାର, ଗାଈ ଗୁହାଳ, ଦୋକାନ ଘର, ଗଛଲତା ପ୍ରଭୃତିର କୌଣସି ସର୍ଭେ କରାଯାଇ ନାହିଁ । ଗ୍ରାମରେ ଦୁଇ ଦୁଇ ଭିନ୍ନକ୍ଷମ ମହିଳା ହାଇକୋର୍ଟରେ କେସ କରି ତାଙ୍କର ସ୍ୱତନ୍ତ୍ର କ୍ଷତିପୂରଣ ପାଇଥିଲେ ସୁଦ୍ଧା ସେମାନଙ୍କୁ ବନ ବିଭାଗ କ୍ଷତିପୂରଣ ଦିଆଯାଇ ନଥିଲା । କ୍ଷୁବ୍ଧ ଗ୍ରାମବାସୀ ଏ ସମ୍ବନ୍ଧୀୟ ଅଭିଯୋଗ ଉଚ୍ଚ ପଦସ୍ଥ ଅଫିସରଙ୍କୁ ଜଣାଇଥିଲେ ସୁଦ୍ଧା ସମସ୍ତ ଅଭିଯୋଗକୁ ବନ ବିଭାଗ ଚାପି ରଖିଥିଲେ ।

ଗ୍ରାମବାସୀଙ୍କ ପକ୍ଷରୁ ଆଦିବାସୀ ବ୍ୟାପାର ମନ୍ତ୍ରୀ ସମେତ ଜାତୀୟ ଆଦିବାସୀ ଆୟୋଗଙ୍କୁ ଲିଖିତ ଅଭିଯୋଗ କରିଥିଲେ । ଗ୍ରାମବାସୀଙ୍କ ଅଭିଯୋଗକୁ ଆଧାର କରି ଜାତୀୟ ଆଦିବାସୀ ଆୟୋଗ ଟୁଲୁକା ଗ୍ରାମ ବିସ୍ଥାପନକୁ ନେଇ ଏକ ତଦନ୍ତ ଆରମ୍ଭ କରିଥିବା ଜଣାଯାଇଛି । ଏହି ତଦନ୍ତ ପ୍ରକ୍ରିୟାରେ ଆୟୋଗ ୭ ଜଣ ବିଭାଗୀୟ ପଦସ୍ଥ ଅଫିସରଙ୍କୁ ତଦନ୍ତ ରିପୋର୍ଟ ୧୫ ଦିନ ମଧ୍ୟରେ ପଠାଇବାକୁ ନିର୍ଦ୍ଦେଶ ଦେଇଛନ୍ତି । ଯଥା ସମୟରେ ତଦନ୍ତ ରିପୋର୍ଟ ଅଧିକାରୀଙ୍କ ପକ୍ଷରୁ ନପହଞ୍ଚିଲେ ଆୟୋଗ ସମ୍ବିଧାନର ୩୩୮ (କ) ଧାରା ବଳରେ ବ୍ୟକ୍ତିଗତ ହାଜର ପାଇଁ ସମନ ପଠାଇବାକୁ ବାଧ ହେବ ବୋଲି ନୋଟିସରେ ଦର୍ଶା ଯାଇଛି । ଆୟୋଗଙ୍କ ପକ୍ଷରୁ ଏହି ନୋଟିସ୍ କେନ୍ଦ୍ର ପରିବେଶ, ଜଙ୍ଗଲ ଓ ଜଳବାୟୁ ବିଭାଗ ସେକ୍ରେଟାରୀ, ରାଜ୍ୟ ସରକାରଙ୍କ ପରିବେଶ ଓ ଜଙ୍ଗଲ ସେକ୍ରେଟାରୀ, ରାଜ୍ୟ ଆଦିବାସୀ ବିଭାଗ ସେକ୍ରେଟାରୀ, ପ୍ରଧାନ ମୁଖ୍ୟ ବନ ସଂରକ୍ଷକ ଓଡ଼ିଶା, ଆଞ୍ଚଳିକ ମୁଖ୍ୟ ବନ ସଂରକ୍ଷକ ଅନୁଗୋଳ, ଜିଲ୍ଲାପାଳ ଓ ଜିଲ୍ଲା ମାଜିଷ୍ଟ୍ରେଟ୍ ଅନୁଗୋଳ ଏବଂ ସାତକୋଶିଆ ବନଖଣ୍ଡ ଅଧିକାରୀଙ୍କୁ ଜାରି ହୋଇଥିବା ଜଣାଯାଇଛି । ଗତ ମାସ ୧୩ ତାରିଖରେ ଏହି ନୋଟିସ୍ ଜାରୀ ହୋଇଥିବା ଟୁଲୁକା ଗ୍ରାମବାସୀଙ୍କ ପକ୍ଷରୁ ଦୋଳ ସାସମଲ, ଅନ୍ତର ସାସମଲ ପ୍ରମୁଖ ପ୍ରକାଶ କରିଛନ୍ତି ।

ଖୋଲିଲା କୁଲଡିହା ଅଭୟାରଣ୍ୟ

ପର୍ଯ୍ୟଟକଙ୍କୁ ଫୁଲ ଚନ୍ଦନ ଦେଇ ସ୍ୱାଗତ



ନୀଳଗିରି,(ସବ୍ୟୁ):ସୌନ୍ଦଯ୍ୟମୟୀ କୁଲଡିହା ଅଭୟାରଣ୍ୟ ବୁଧବାର ପୂର୍ବାହ୍ନ ୧୦ଟାରେ ପର୍ଯ୍ୟଟକଙ୍କ ପାଇଁ ଖୋଲାଯାଇଛି । ଚଳିତ ବର୍ଷ ବୁଲିବାକୁ ଆସିଥିବା ପଯ୍ୟଟକ ଟୁରିଷ୍ଟ ଗାଇଡ୍ ମନୋରଞ୍ଜନ ଦାସଙ୍କ ସହିତ ଅଭୟାରଣ୍ୟର ବାଲିଆନାଳ ଫାଟକ ନିକଟରେ ୭ଟି ଚାରି ଚକିଆ ଗାଡ଼ିରେ ମୋଟ ୫୫ ଜଣ ପର୍ଯ୍ୟଟକ ପହଞ୍ଚିଥିଲେ । ବୁଲିବାକୁ ଆସିଥିବା ପର୍ଯ୍ୟଯଟକଙ୍କୁ ବନ ବିଭାଗ ପକ୍ଷରୁ ପୁଷ୍ପଗୁଚ୍ଛ ଦେଇ ଚନ୍ଦନ ଲଗାଇ ଓ ମିଠା ଖୁଆଇ ସ୍ୱାଗତ କରାଯାଇଥିଲା । ମୁଖ୍ୟ ଅତିଥି ଭାବେ ନୀଳଗିରି ଉପ-ଜିଲ୍ଲାପାଳ ଶୁଭଶ୍ରୀ ରଥ ଫିତା କାଟିଥିବା ବେଳେ ବାଲେଶ୍ୱର ଜିଲ୍ଲା ବନଖଣ୍ଡ ଅଧିକାରୀ ପ୍ରତିକ ପ୍ରକାଶ ଇନ୍ଦଲକର ଗେଟ୍ ଖୋଲିଥିଲେ । ଅନ୍ୟମାନଙ୍କ ମଧ୍ୟରେ ଏସିଏଫ୍ ମାଣିକେଶ୍ୱରୀ ହେମ୍ବ୍ରମ, କୁଲଡିହା ରେଞ୍ଜର ମନୋରଞ୍ଜନ ନାୟକ, ଫରେଷ୍ଟର, ଫରେଷ୍ଟ ଗାର୍ଡ ଓ ସବୁଜ ବାହିନୀ ପ୍ରମୁଖ ଉପସ୍ଥିତ ଥିଲେ । ୨୭୨.୭୫ ବର୍ଗ କି.ମି ପରିମିତ ଏହି ଶାଳ ବଣରେ ହାତୀ, ବାଘ, ଭାଲୁ, ହରିଣ, ବଜ୍ରକାପ୍ତା, ମାଙ୍କଡ଼, ବହୁରୂପୀ, ମୟୂର ଆଦି ବନ୍ୟପ୍ରାଣୀ ଓ ବିଭିନ୍ନ ପ୍ରଜାତିର ଦେଶୀ ବିଦେଶୀ ପକ୍ଷୀଙ୍କ କିଚିରିମିଚିର ଶବ୍ଦ ପର୍ଯ୍ୟଟକଙ୍କୁ ବିମୋହିତ କରିଥାଏ । ଏଥିପାଇଁ ଓଡ଼ିଶା ସମେତ ବହୁ ସଂଖ୍ୟାରେ ପଶ୍ଚିମବଙ୍ଗ ପର୍ଯ୍ୟଟକ କୁଲଡିହାକୁ ଧାଇଁ ଆସନ୍ତି । ଅଭୟାରଣ୍ୟ ଭିତରକୁ ପଯ୍ୟଟକଙ୍କ ପାଇଁ ପ୍ରବେଶ ସମୟ ପୂର୍ବାହ୍ନ ସାଢ଼େ ୯ଟାରୁ ଅପରାହ୍ନ ୧ଟା ପର୍ଯ୍ୟନ୍ତ ରହିଛି । ଭ୍ରମଣ ନିମନ୍ତେ ଅପରାହ୍ନ ୫ଟା ପର୍ଯ୍ୟନ୍ତ ସମୟ ନିର୍ଦ୍ଧାରିତ ହୋଇଛି । ଏଠାରେ ଜଣେ ବ୍ୟକ୍ତି ପାଇଁ ୪୦ ଟଙ୍କା, କ୍ୟାମେରା ପାଇଁ ୫୦ ଟଙ୍କା, ଚାରିଚକିଆ ଯାନ ପାଇଁ ୧୦୦ ଟଙ୍କା ଧାର୍ଯ୍ୟ କରାଯାଇଛି ।

ହ୍ୱାଟ୍ସ୍ ଅପ୍, ଟେଲିଗ୍ରାମ ଜରିଆରେ ମୋବାଇଲ ସିମକାର୍ଡ ଠକେଇ

ଚୀନକୁ ଦେଉଥିଲେ ଓଟିପି, ୧୩୩୩ ସିମ୍ ଜବତ

ଭଦ୍ରକ,(ସବ୍ୟୁ):ଓଡ଼ିଶାର ସିମ କାର୍ଡ, ଚାଇନାରୁ ହେଉଥିଲା ଠକେଇ । କମିଶନ ଟଙ୍କାକୁ କ୍ରିପ୍ଟ କରେନ୍ସୀ ମାଧ୍ୟମରେ ନେଉଥିଲେ । ଏମିତି ଏକ ଗ୍ୟାଙ୍ଗର ଜଣେ ଅଭିଯୁକ୍ତକୁ ଗିରଫ କରିଛି ଭଦ୍ରକ ଜିଲ୍ଲାର ସାଇବର୍ କ୍ରାଇମ ଓ ଇକୋନୋମିକ ଅଫେନ୍ସ ଥାନା। ଭଦ୍ରକ ଏସପିଙ୍କ ସୂଚନା ଅନୁଯାୟୀ ଗିରଫ ଅଭିଯୁକ୍ତ ଭଦ୍ରକ ଜିଲ୍ଲା ଭଣ୍ଡାରିପୋଖରୀ ଥାନା ଅଧୀନ ରଘୁନାଥପୁରର ଶୁଭମ ଜ୍ୟୋତି ନାୟକ। ଶୁଭମ ଏହି ଗ୍ୟାଙ୍ଗର ପ୍ରମୁଖ ସଦସ୍ୟ ବୋଲି ପୋଲିସ କହିଛି। ଶୁଭମ ଓ ତାର ସହଯୋଗୀ ଭୋଡ଼ାଫୋନ ଆଇଡିଆ ଓ ବିଏସଏନ ଏଲର ସିମ ଏକ୍ଟିଭ ଏଜେଣ୍ଟ ଆଇଡି ବ୍ୟବହାର କରି କାର୍ଯ୍ୟ କରୁଥିଲେ । ଲୋକଙ୍କ ନାମରେ ଥିବା ଏହି ଜାଲିଆତି ସିମକୁ ଆକ୍ଟିଭ କରି ୱାଟଅଫ ଓ ଟେଲିଗ୍ରାମରେ ଓଟିପି ଚାଇନାର ସାଇବର୍ ଠକଙ୍କୁ ଦେଉଥିଲେ । ପରେ ଏହି ଠକଙ୍କ ଠାରୁ କମିଶନକୁ ବିନାନ୍ସେ ଓ କ୍ରିପ୍ଟ କରେନ୍ସୀ ମାଧ୍ୟମରେ ଭାରତୀୟ ମୁଦ୍ରାରେ ପରିବର୍ତ୍ତନ କରି ନିଜେ ଆଣୁଥିଲେ । ଏହି ଅଭିଯୁକ୍ତର ଘରେ ଚଢ଼ାଉ ବେଳେ ୧୩୩୩ ଆକ୍ଟିଭ ସିମ, ୧୩ଟି ବ୍ୟାଙ୍କ ପାସବୁକ ,୪ଟି ଚେକ ବହି,୧ଲକ୍ଷ ୭୩ହଜାର ଟଙ୍କା,ଆଇ ଫୋନ,୬ଟି କିପ୍ୟାଡ ମୋବାଇଲ ଓ ବାଇକ ସହ ଠକେଇରେ ବ୍ୟବହୃତ ଅନ୍ୟ ସାମଗ୍ରୀ ଜବତ କରିଛି ପୋଲିସ । ଏହି ଘଟଣାକୁ ଅଧିକ ତଦନ୍ତ ପାଇଁ କ୍ରାଇମବ୍ରାଞ୍ଚକୁ ଦିଆଯିବ ବୋଲି ଏସପି ମନୋଜ ରାଉତ ସୂଚନା ଦେଇଛନ୍ତି । ଅନ୍ୟ ଅଭିଯୁକ୍ତଙ୍କୁ ଧରିବା ପାଇଁ ପୋଲିସ ତଦନ୍ତକୁ ଜୋରଦାର କରିଛି।



ଗୋଟିଏ ଦିନରେ ଦୁଇ ଦୁର୍ଘଟଣା : ଦୁଇ ମୃତ

କୋଇଡ଼ା,(ସବ୍ୟୁ):ସୁନ୍ଦରଗଡ଼ ଜିଲ୍ଲା କୋଇଡ଼ା ଥାନା ଅଞ୍ଚଳରେ ଗୋଟିଏ ଦିନରେ ଘଟିଛି ଦୁଇଟି ମର୍ମନ୍ତୁଦ ସଡ଼କ ଦୁର୍ଘଟଣା। ଦୁଇଟି ଦୁର୍ଘଟଣାରେ ହାଇୱା ଚକା ତଳେ ଚାପି ହୋଇ ଜଣେ ମହିଳା ଓ ଜଣେ ଯୁବକଙ୍କ ଜୀବନ ଚାଲିଯାଇଛି। ଏହି ଘଟଣାକୁ ନେଇ ସମଗ୍ର ଅଞ୍ଚଳରେ ଶୋକର ଛାୟା ଖେଳିଯାଇଛି। ପ୍ରଥମ ଦୁର୍ଘଟଣାଟି ଭଞ୍ଜପାଲି ନିକଟସ୍ଥ ଭବାନୀ ପେଟ୍ରୋଲ ପମ୍ପ ନିକଟରେ ଘଟିଛି। କୋଇଡ଼ା ଲାଲ ହାଟିଂର ଯଶୋଦା ନାମକ ଜଣେ ମହିଳା ହୋଟେଲରେ କାମ କରିବାକୁ ଯାଉଥିବା ସମୟରେ ତେଲ ପକାଇ ପେଟ୍ରୋଲ ପମ୍ପରୁ ବାହାରୁଥିବା ହାଇୱା (ଓଡ଼ି ୧୪ ଏଏଫ ୫୧୪୦) ତାଙ୍କ ଉପରେ ମାଡ଼ିଯାଇଥିଲା। ଫଳରେ ଘଟଣାସ୍ଥଳରେ ହିଁ ମହିଳାଙ୍କ ମୃତ୍ୟୁ ଘଟିଥିଲା।ସେହିପରି ଦ୍ୱିତୀୟ ଦୁର୍ଘଟଣାଟି ରେଙ୍ଗାଲବେଡ଼ା ନିକଟସ୍ଥ ୫୨୦ ନମ୍ବର ଜାତୀୟ ରାଜପଥରେ ଘଟିଛି। ଜଣେ ଯୁବକ ବାଇକ ଯୋଗେ କୋଇଡ଼ା ଅଭିମୁଖେ ଆସୁଥିବା ସମୟରେ ପଛପଟୁ ଦ୍ରୁତଗତିରେ ଆସୁଥିବା ଅନ୍ୟ ଏକ ହାଇୱା (ଓଡ଼ି ୧୪ ଏଏନ ୩୭୮୬) ତାଙ୍କ ବାଇକକୁ ଧକ୍କା ଦେଇ ଘୋଷାଡ଼ି ନେଇଥିଲା। ଫଳରେ ଯୁବକଙ୍କର ମଧ୍ୟ ଘଟଣାସ୍ଥଳରେ ମୃତ୍ୟୁ ଘଟିଥିଲା। ଖବର ପାଇ କୋଇଡ଼ା ପୋଲିସ ଉଭୟ ଦୁର୍ଘଟଣାସ୍ଥଳରେ ପହଞ୍ଚି ଦୁଇଟି ହାଇୱାକୁ ଜବତ କରିବା ସହ ଘଟଣାର ତଦନ୍ତ ଜାରି ରଖିଛି। ଅନ୍ୟପଟେ ମୃତକଙ୍କ ଶବ ବ୍ୟବଚ୍ଛେଦ ପାଇଁ କୋଇଡ଼ା ସ୍ୱାସ୍ଥ୍ୟକେନ୍ଦ୍ରକୁ ପଠାଯାଇଛି।

ଜିଲ୍ଲାସ୍ତରୀୟ ମାଣ୍ଡିଆ ଦିବସ, କିଷାନ୍ ମେଳା ପାଳିତ

ବାଲେଶ୍ୱର,(ସବ୍ୟୁ):ସହନଶୀଳ ଖାଦ୍ୟ ପ୍ରଣାଳୀ ପାଇଁ ଗୋଷ୍ଠୀ ଭିତ୍ତିକ ବିହନ ବ୍ୟବସ୍ଥା ଓ କୃଷି ଜୈବ ବିବିଧତା ପରିପ୍ରେକ୍ଷୀରେ କୃଷି ଓ କୃଷକ ସଶକ୍ତିକରଣ ବିଭାଗ, ବାଲେଶ୍ୱର ଆନୁକୂଲ୍ୟରେ ଜିଲ୍ଲାସ୍ତରୀୟ ମାଣ୍ଡିଆ ଦିବସ ତଥା କ୍ଷେତ ବଞ୍ଚାଅ ଅଭିଯାନ ଆନୁକୂଲ୍ୟରେ ଜିଲ୍ଲାସ୍ତରୀୟ କିଷାନ୍ ମେଳା ସ୍ଥାନୀୟ ଗାନ୍ଧୀ ସ୍ମୃତି ଭବନ ଠାରେ ଆୟୋଜିତ ହୋଇଯାଇଛି ଜିଲ୍ଲା ମୁଖ୍ୟ କୃଷି ଅଧିକାରୀ ବିଶ୍ୱଜିତ ପଣ୍ଡାଙ୍କ ପୌରୋହିତ୍ୟରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ଜିଲ୍ଲା ପରିଷଦ ସଭାପତି, ବାଲେଶ୍ୱର ନାରାୟଣ ପ୍ରଧାନ ମୁଖ୍ୟ ଅତିଥି ଭାବେ ଯୋଗଦେଇ ମାଣ୍ଡିଆ ଚାଷର ଗୁରୁତ୍ୱ ତଥା ମାଣ୍ଡିଆ ଜାତୀୟ ଦ୍ରବ୍ୟର ସ୍ୱାସ୍ଥ୍ୟ ପାଇଁ ଉପାଦେୟତା ସମ୍ପର୍କରେ ଆଲୋଚନା କରିଥିଲେ । ଅନ୍ୟ ମାନଙ୍କ ମଧ୍ୟରେ ସଦର ବିଧାୟକ ମାନସ କୁମାର ଦତ୍ତ, ବସ୍ତା ବିଧାୟିକା ଶ୍ରୀମତୀ ସୁବାସିନୀ ଜେନା, ଜିଲ୍ଲା ପରିଷଦ ଉପ ସଭାପତି ଶ୍ରୀମତୀ ଅନୁସୁୟା ପ୍ରଧାନ ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ । ବାଲେଶ୍ୱର ଜିଲ୍ଲାର ବିଭିନ୍ନ ବ୍ଲକରୁ ୩୦୦ ରୁ ଉର୍ଦ୍ଧ୍ୱ ଚାଷୀ ଏଠାରେ ଯୋଗଦାନ କରିଥିଲେ । ସହକାରୀ କୃଷି ନିର୍ଦ୍ଦେଶକ ଅଜିତ କୁମାର ମଲ୍ଲିକ ଧନ୍ୟବାଦ ଅର୍ପଣ କରିଥିଲେ ।

ପ୍ରାଥମିକ ବିଦ୍ୟାଳୟ ପିଲାଙ୍କୁ ଦିଆଯାଉଛି ପୋକରା ଚାଉଳ : ଦୃଢ଼ କାର୍ଯ୍ୟାନୁଷ୍ଠାନ ଦାବି କଲେ ବିଧାୟକ

ସୋର,(ସବ୍ୟୁ): ସୋର ପୌରାଞ୍ଚଳ ବଡଖୁରୀ ପିଏମଶ୍ରୀ ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟରେ ପୋକରା ଚାଉଳ ପିଲାଙ୍କ ମଧ୍ୟାହ୍ନ ଭୋଜନରେ ଦିଆଯାଉଛି । ଖବର ପାଇ ସୋର ବିଧାୟକ ମାଧବ ଧଡା ସ୍କୁଲରେ ପହଞ୍ଚି ଏହାକୁ ବିରୋଧ କରିଥିବା ଦେଖିବାକୁ ମିଳିଛି। ଦୀର୍ଘଦିନ ଧରି ପିଲାମାନଙ୍କୁ ଏହି ଗଚ୍ଛିତ ଥିବା ପୋକରା ଚାଉଳ ମଧ୍ୟାହ୍ନ ଭୋଜନରେ ଦିଆଯାଉ ଥିଲା। ଏନେଇ ଅଭିଭାବକମାନେ ଅଭିଯୋଗ କରିଥିଲେ ମଧ୍ୟ କୌଣସି ସୁଫଳ ମିଳିନଥିଲା। ଖବର ପାଇ ମଙ୍ଗଳବାର ମଧ୍ୟାହ୍ନରେ ସୋର ବିଧାୟକ ମାଧବ ଧଡା ଅଚାନକ ସ୍କୁଲକୁ ଗସ୍ତ କରିଥିଲେ। ଏବଂ ପିଲାମାନଙ୍କୁ ଦିଆଯାଉଥିବା ମଧ୍ୟାହ୍ନ ଭୋଜନରେ ପୋକରା ଚାଉଳକୁ ଦେଖି କର୍ତ୍ତୃପକ୍ଷଙ୍କ ଉପରେ ଖୁବ ବର୍ଷିଥିଲେ।ଚାଉଳ ଯୋଗାଣ କାରି ସଂସ୍ଥା, ବିଦ୍ୟାଳୟ କତୃପକ୍ଷ ଏବଂ ଏଥିରେ ସମ୍ପୃକ୍ତ ବିଭାଗୀୟ ଅଧିକାରୀଙ୍କ ଉପରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବା ପାଇଁ ବାଲେଶ୍ୱର ଜିଲ୍ଲାପାଳଙ୍କ ନିକଟରେ ଦାବୀ କରିଛନ୍ତି।

ପଞ୍ଚାୟତ ଅଫିସରେ ତାଲା ଭାଙ୍ଗି ଚୋରି

ବେତନଟୀ ,(ସବ୍ୟୁ): ମୟୂରଭଞ୍ଜ ଜିଲ୍ଲା ଅଧୀନ ବୈଶିଙ୍ଗା ଥାନା ଅଞ୍ଚଳରେ ଚୋର ମାନେ ସମ୍ପୂର୍ଣ୍ଣ ସକ୍ରିୟ ହୋଇ ଦୈନନ୍ଦିନ ଚୋରି କରୁଥିବାର ଦେଖିବାକୁ ମିଳୁଛି । ହେଲେ ପୁଲିସ ତଦନ୍ତ ଚଳାଇଥିବା ବେଳେ ଜଣେ ହେଲେ ବି ଚୋର ଧରାପଡୁନାହାଁନ୍ତି । ସୋମବାର ବିଳମ୍ବିତ ରାତ୍ରୀରେ ବୈଶିଙ୍ଗା ଥାନା ଅଧୀନ ସଇତପୁର ଉଚ୍ଚ ବିଦ୍ୟାଳୟର ହିନ୍ଦୀ ଶିକ୍ଷକଙ୍କ ଘରର ତାଲା ଭାଙ୍ଗି ବାଇକ ଏବଂ ଇଲେକ୍ଟ୍ରିକାଲ ସାମଗ୍ରୀ ଚୋରି କରି ନେବାର ୨୪ ଘଣ୍ଟା ନ ପୁରୁଣୁ ସଇତପୁର ପଞ୍ଚାୟତ କାର୍ଯ୍ୟାଳୟର ତାଲା ଭାଙ୍ଗି ଏଲଇଡ଼ି ଟିଭି , ଲାପଟପ ବ୍ୟାଟେରୀ, ଇନଭର୍ଟର , ପ୍ରିଣ୍ଟର ଏବଂ ଅନ୍ୟାନ୍ୟ ସାମଗ୍ରୀ ଚୋରି କରିନେଲେ ଦୁର୍ବୃତ୍ତ । ପ୍ରାପ୍ତ ସୂଚନା ମୁତାବକ ଦୈନନ୍ଦିନ ପରି ମଙ୍ଗଳବାର ମଧ୍ୟ ସଇତପୁର ପଞ୍ଚାୟତ ପିଅନ, ଯୋଗାଣ ସହାୟକ ଏବଂ ଏଡ଼ିଓ ନିଜ ନିଜର କାର୍ଯ୍ୟ ସାରି ଅପରାହ୍ନ ସମୟରେ କାର୍ଯ୍ୟାଳୟରେ ତାଲା ମାରି ଘରକୁ ଯାଇଥିଲେ । ମଙ୍ଗଳବାର ବିଳମ୍ବିତ ରାତ୍ରିରେ କିଛି ଦୁର୍ବୃତ୍ତ ପଞ୍ଚାୟତ କାର୍ଯ୍ୟାଳୟର ତାଲା ଭାଙ୍ଗି ଭିତରକୁ ପଶିବା ସହ କିଛି ସିସି କ୍ୟାମେରା ଗୁଡ଼ିକୁ ମଧ୍ୟ ଭାଙ୍ଗି ଦେଇଥିଲେ । କାର୍ଯ୍ୟାଳୟ ଭିତରେ ଥିବା ବଡ଼ ଏଲଇଡ଼ି ଟିଭି , ଲାପଟପ , ବ୍ୟାଟେରୀ, ଇନଭର୍ଟରେ, ପ୍ରିଣ୍ଟର ସହିତ ଅନ୍ୟାନ୍ୟ ମୂଲ୍ୟବାନ ଆସବାବ ପତ୍ର ଚୋରି କରିନେଇଥିଲେ । ଆଜି ସକାଳ ସମୟରେ ପଞ୍ଚାୟତ ପିଅନ କାର୍ଯ୍ୟାଳୟ ନିକଟରେ ପହଞ୍ଚି ତାଲା ଭଙ୍ଗା ଯାଇଥିବାର ଦେଖିବାକୁ ପାଇଥିଲେ । ସେ ସଙ୍ଗେ ସଙ୍ଗେ ସଇତପୁର ସରପଞ୍ଚ ଖଇରୀ କିସ୍କୁଙ୍କୁ ଖବର ଦେଇଥିଲେ । ସରପଞ୍ଚ ଖଇରୀ କିସ୍କୁ ଘଟଣାସ୍ଥଳରେ ପହଞ୍ଚି ଚୋରି ହୋଇଥିବାର ଜାଣିବାକୁ ପାଇଥିଲେ । ସେ ଏ ନେଇ ଆଜି ବୁଧବାର ବୈଶିଙ୍ଗା ଥାନାରେ ଲିଖିତ ଅଭିଯୋଗ କରିବା ପରେ ଅଭିଯୋଗକୁ ଆଧାର କରି ବୈଶିଙ୍ଗା ଥାନାରେ ଏକ ମାମଲା ରୁଜୁ କରିବା ସହ ଥାନାଧିକାରୀ ବାବା ଶଙ୍କର ସରାଫ ଘଟଣା ସ୍ଥଳରେ ପହଞ୍ଚି ତଦନ୍ତ କରିଥିବା ଜଣାଯାଇଛି । ଏହି ତଦନ୍ତ ସମୟରେ ସଇତପୁର ସରପଞ୍ଚ , ସମିତିସଭ୍ୟ, ଏଡ଼ିଓ, ଯୋଗାଣ ସହାୟକଙ୍କ ସମେତ ଜନସାଧାରଣ ଉପସ୍ଥିତ ଥିଲେ ।

ଯୋଗାଡ଼ ହେଲାନି ହଷ୍ଟେଲ ଟଙ୍କା : ଛାତ୍ରୀଙ୍କ ଆତ୍ମହତ୍ୟା ଉଦ୍ୟମ

ବେତନଟୀ ,(ସବ୍ୟୁ): ହଷ୍ଟେଲରେ ରହିବା ପାଇଁ ଆବଶ୍ୟକ ହଷ୍ଟେଲ ଫି ବାବଦକୁ ଆବଶ୍ୟକ ଟଙ୍କା ଯୋଗାଡ ନ କରିପାରିବାରୁ ନିଜର ଭବିଷ୍ୟତ ନଷ୍ଟ ହେଉଥିବାର ଦେଖି ଜଣେ ଯୁକ୍ତ ୨ ବିଜ୍ଞାନ ବିଭାଗର ଦିତୀୟ ବର୍ଷର ଛାତ୍ରୀ ବିଷ ପିଇ ଆତ୍ମହତ୍ୟା ଉଦ୍ୟମ କରିଛନ୍ତି। ମଙ୍ଗଳବାର ସନ୍ଧ୍ୟାରେ ଉକ୍ତ । ନାବାଳିକା ଛାତ୍ରୀ ଜଣଙ୍କ ବେତନଟୀ ରେଳଷ୍ଟେସନ ପ୍ଲାଟଫର୍ମରେ ବସିଥିବା ବେଳେ ହଠାତ ଗୁରୁତର ଆହତ ହୋଇ ବିଷ ଜାଳାରେ ଛଟପଟ ହେଉଥିଲେ। ଆଖପାଖରେ ଥିବା ଲୋକମାନେ ତାଙ୍କୁ ଉଦ୍ଧାରକରି ବେତନଟୀ ଡାକ୍ତରଖାନାରେ ଭର୍ତ୍ତି କରିଥିଲେ। ବେତନଟୀ ଡାକ୍ତରଖାନାରେ ପ୍ରାଥମିକ ଚିକିତ୍ସା ସମୟରେ ତାଙ୍କ ନିକଟରୁ ଏକ ହାତ ଲେଖା ସୁଇସାଇଡାଲ ନୋଟ ମିଳିଥିଲା। ସେଥିରେ ସେ ମୟୂରଭଞ୍ଜ ଜିଲ୍ଲା ଉଦଳାରେ ହଷ୍ଟେଲରେ ରହି ଯୁକ୍ତଦୁଇ ବିଜ୍ଞାନ ଦିତୀୟ ବର୍ଷରେ ପାଠ ପଢୁଥିବା ବେଳେ ବେତନଟୀରେ ନିଜର ମା'ଙ୍କ ସହିତ ଘରଭଡା ନେଇ ରହୁଛନ୍ତି। ତାଙ୍କର ବାପା ସେମାନଙ୍କର କିଛି କଥା ବୁଝୁ ନଥିବା ବେଳେ ବାପାଙ୍କ ଠାରୁ ଅଲଗା ରହୁଥିବାରୁ ଏକୁଟିଆ ମା' ବହୁ କଷ୍ଟରେ ଝିଅକୁ ପାଠ ପଢାଉଛନ୍ତି। ତେବେ ଫର୍ମ ଫିଲଅପ ପାଇଁ ଆବଶ୍ୟକ ଟଙ୍କା ଯେ ଯୋଗାଡ଼ ହୋଇସାରିଥିବା ବେଳେ ହଷ୍ଟେଲ ବାବଦକୁ ୭ ହଜାର ଦୁଇଶହ ଟଙ୍କାର ଆବଶ୍ୟକତା ଥିବା ବେଳେ ଏକକାଳୀନ ଏତେଗୁଡିଏ ଟଙ୍କା ଦେବା ମା'ଙ୍କ ପକ୍ଷେ ସମ୍ଭବପର ହେଉନଥିବାରୁ ନାବାଳିକା ଜଣକ ମାନସିକ ଦୁଶ୍ଚିନ୍ତାରେ ଥିଲେ। ହଷ୍ଟେଲରେ ନରହିଲେ ପାଠ ପଢ଼ିପାରିବେ ନାହିଁ ।

ବାଗୁଡ଼ି ଖାଦାନରେ ଖଣି ବିଭାଗର ଚଢ଼ାଉ

ସୋର,(ସବ୍ୟୁ):ସୋର ଥାନା ବାଗୁଡ଼ି ଖାଦାନ ଅଞ୍ଚଳରେ ଖଣି ବିଭାଗ ତରଫରୁ ଚଢ଼ାଉ କରି ଦୁଇଟି ପୋକଲିନ, ମାଟି ବୋଝେଇ ଡମ୍ପର ଏବଂ ପାଣି ବାହିବା ପାଇଁ ବ୍ୟବହୃତ ପମ୍ପସେଟ ସହ ଟ୍ରାକ୍ଟରକୁ ଜବତ କରାଯାଇଛି। ବାଗୁଡ଼ି ଖାଦାନ ଅଞ୍ଚଳ ସମେତ ଜଙ୍ଗଲ ଜମିରେ ବେଆଇନ ଭାବେ ପଥର ଚାଲାଣ ହେଉଥିବା ଖବର ପାଇ ବାଲେଶ୍ୱର ଖଣି ଅଧିକାରୀ ଜଗନ ବେହେରା ଅଚାନକ ଚଢ଼ାଉ କରିଥିଲେ। ଏହି ସମୟରେ ଦୁଇଟି ପୋକଲିନ ଖଣି ଖାଦାନରେ କାର୍ଯ୍ୟ କରୁଥିବା ବେଳେ ଦୁଇଟି ପୋକଲିନ ସହ ଓଡି ୦୧ ବିଜି ୦୭୮। ନମ୍ବର ବିଶିଷ୍ଟ ମାଟି ବୋଝେଇ ଡମ୍ପରକୁ ଜବତ କରିଥିଲେ। ଏଥି ସହିତ ଖାଦାନରେ ପାଣି ବାହୁଥିବା ଏକ ପମ୍ପସେଟ ସହ ଓଡି ୦୧ ଏବି ୧୫୮୧ ନମ୍ବର ବିଶିଷ୍ଟ ଟ୍ରାକ୍ଟରକୁ ଜବତ କରି ସୋର ଥାନାରେ ଜିମା ଦେଇଛନ୍ତି। ଏହି ଚଢ଼ାଉ ସମୟରେ କନିଷ୍ଠ ଖଣି ଅଧିକାରୀ ଜଗନ୍ନାଥ ଦାସ ଏବଂ ସମ୍ମିତ କୁମାର ମଣି ଉପସ୍ଥିତ ଥିଲେ।

ପୁତ୍ରସନ୍ତାନ ଜନ୍ମଦେଲେ ଦଶମ ଶ୍ରେଣୀ ଛାତ୍ରୀ

ବେତନଟୀ ,(ସବ୍ୟୁ): ମୟୂରଭଞ୍ଜ ଜିଲ୍ଲାର ବେତନଟୀ ଅଞ୍ଚଳର ଜନୈକା ଦଶମଶ୍ରେଣୀର ଛାତ୍ରୀ ସାତମାସର ଗର୍ଭବତୀ ଥିବାବେଳେ ବୁଧବାର ସକାଳେ ବାରିପଦା ପିଆରଏମରେ ଏକ ପୁତ୍ରସନ୍ତାନ ପ୍ରସବ କରିଛନ୍ତି। ବେତନଟୀ ବ୍ଲକ ଅଞ୍ଚଳର ଜନୈକ ଛାତ୍ରୀ ଧନପୁରସ୍ଥିତ କସ୍ତୁରବା ଗାନ୍ଧୀ ବାଳିକା ବିଦ୍ୟାଳୟର ଛାତ୍ରୀନିବାସରେ ରହି ଦଶମ ଶ୍ରେଣୀରେ ପଢୁଥିଲେ। ତେବେ ମଙ୍ଗଳବାର ଅସୁସ୍ଥ ଅନୁଭବ କରିବା ସହିତ କ୍ରମଶଃ ଗୁରୁତର ଆଡ଼କୁ ଗତି କରିବାରୁ ସ୍କୁଲ କର୍ତ୍ତୃପକ୍ଷ ପ୍ରଥମେ ବେତନଟୀ ଡାକ୍ତରଖାନାରେ ଭର୍ତ୍ତି କରିଥିଲେ। ସେଠାରେ ପ୍ରାଥମିକ ଚିକିତ୍ସା ପରେ ସେ ଗର୍ଭବତୀ ଥିବାର ଜଣାପଡିଥିଲା। କାର୍ଯ୍ୟରତ ଡାକ୍ତରଙ୍କ ନିର୍ଦ୍ଦେଶକ୍ରମେ ସମ୍ପୃକ୍ତା ଗର୍ଭବତୀ ଛାତ୍ରୀଙ୍କୁ ବାରିପଦା ପିଆରଏମ ମେଡିକାଲ କଲେଜକୁ ସ୍ଥାନାନ୍ତର କରାଯାଇଥିବା ବେଳେ ସେଠାରେ ବୁଧବାର ସକାଳେ ଏକ ପୁତ୍ରସନ୍ତାନ ପ୍ରସବ କରିଥିବାର ଜଣାପଡିଛି । ଏନେଇ ଥାନାରେ କୌଣସି ମାମଲା ରୁଜୁ ହୋଇନଥିବା ବେଳେ ସ୍କୁଲ ପ୍ରଧାନଶିକ୍ଷୟିତ୍ରୀଙ୍କୁ ବାରମ୍ବାର ଫୋନ ସତ୍ତ୍ୱେ ସେ ରିସିଭ କରିନଥିବା ଯୋଗୁଁ ସବିଶେଷ ତଥ୍ୟ ମିଳିପାରି ନାହିଁ । ତେବେ ସନ୍ତାନ ପ୍ରସବ କରିଥିବା ଦଶମଶ୍ରେଣୀ ଛାତ୍ରୀଙ୍କ ବୟସ ୧୮ବର୍ଷରୁ ଉର୍ଦ୍ଧ୍ୱ ହୋଇଥିବା ଅସମର୍ଥିତ ସୂତ୍ରରୁ ଜାଣିବାକୁ ମିଳିଛି ।

ସ୍କୁଟିରେ ଗଞ୍ଜେଇ ଚାଲାଣ ମାଡ଼ିବସିଲା ପୋଲିସ

କେନ୍ଦୁଝର,(ଜିପ୍ର): କେନ୍ଦୁଝର ଜିଲ୍ଲା ନନ୍ଦିପଦା ଥାନା ଅଧିକାରୀ ଧର୍ମେନ୍ଦ୍ର କୁମାର ଶାନ୍ତିଙ୍କ ନେତୃତ୍ୱରେ ପୋଲିସର ଏକ ଟିମ ୩ ଗଞ୍ଜେଇ ବେପାରୀଙ୍କୁ ଧରିବାରେ ସଫଳ ହୋଇଛନ୍ତି। ଅଭିଯୁକ୍ତମାନେ ଜଳକଳଙ୍ଗ ଗ୍ରାମର ଜଗନ୍ନାଥ ମଲ୍ଲିକ(୨୭), ବେଡିରା ଗ୍ରାମର ପ୍ରକାଶ କୁମାର ନାୟକ(୪୩) ଏବଂ ସନ୍ନ୍ୟାସୀ ଚରଣ ନାୟକ(୩୯)। ବୁଧବାର ଭୋରୁ ଭୋରୁ ହାଟଡିହୀ ତହସିଲ ପଛପଟ କେନାଲ ନିକଟରେ ଜଗିରହିଥିଲା ପୋଲିସ। କେନାଲ ରାସ୍ତାରେ ସ୍କୁଟିରେ ଯାଉଥିବା ୩ ଜଣ ବ୍ୟକ୍ତିଙ୍କୁ ଯାଞ୍ଚ କରାଯାଇଥିଲା। ସେମାନଙ୍କ ନିକଟରୁ ୨୦ କେଜି ୮୦୦ ଗ୍ରାମ ଗଞ୍ଜେଇ ଭର୍ତ୍ତି ଏକ ବସ୍ତା ଜବତ କରାଯାଇଥିଲା। ଏହାସହ ୨୫୦ ଗ୍ରାମ ରୁପା, ୭୦ ଗ୍ରାମ ସୁନା ଏବଂ ୯୩ ହଜାର ୩୦୦ ଟଙ୍କା ଜବତ କରାଯାଇଛି। ଏହି ଚଢ଼ାଉରେ ଇନ୍ସପେକ୍ଟର ବଳିଆ ବାରିକ, ଏସଆଇ ବିନିତା ଲାଗ୍ରା ଓ କଳିନ୍ଦ୍ର ପ୍ରଧାନ, ଲକ୍ଷ୍ମୀ ବଳ ଏବଂ ଅନ୍ୟ ପୋଲିସ କର୍ମଚାରୀମାନେ ସାମିଲ ଥିଲେ। ହାଟଡିହୀ ତହସିଲଦାର ସଞ୍ଜୟ ସାମନ୍ତରାୟଙ୍କ ଉପସ୍ଥିତିରେ ଆଇନଗତ ପ୍ରକ୍ରିୟା ଅନୁସାରେ ଗଞ୍ଜେଇ ଏବଂ ଅଳଙ୍କାରମାନ ଜବତ କରାଯାଇଛି।

GOVERNMENT OF ODISHA
DEPARTMENT OF WATER RESOURCES
OFFICE OF THE SUPERINTENDING ENGINEER
SUNDARGARH IRRIGATION DIVISION, SUNDARGARH
ଅଧିକ୍ଷଣ ଯନ୍ତ୍ରୀ, ସୁନ୍ଦରଗଡ଼ ଜଳସେଚନ ବିଭାଜନ, ସୁନ୍ଦରଗଡ଼
E.mail-ID- irreesng@yahoo.in / irreesng@gmail.com

32001/1252/2627 'e' Procurement for Civil Works

Bid-Identification No. SID-03/2026-27 (On-line). Dt.02.11.2026

Letter No. 7013 Dt. 2.11.26

1	No. of works	:	One [1 No.]
2	Estimated Cost	:	Rs.8.47 Lakhs
3	Period of completion	:	Three (03) Calendar Months
4	Date & Time of availability	:	Dt.07.11.2026 at 10:00 AM to Dt.20.11.2026 up to 5:30 PM
5	Last date/Time for receipt of bids in the portal	:	Dt.20.11.2026 up to 5:30 PM
6	Date and time of opening of tender	:	Dt.23.11.2026 at 11:00 AM

Further details can be seen from the State Govt. Portal:- www.tendersodisha.gov.in. Any addendum/corrigendum/cancellation of tender can also be seen in the said website.

Sd/- Superintending Engineer
Sundargarh Irrigation Division
Sundargarh

OIPR : 32001/32134/1/26-27/0003

ଅସାଧାରଣ
ଅଂଶ-II-ଖଣ୍ଡ-3, ଉପଖଣ୍ଡ (II)
ରେଳମନ୍ତ୍ରଣାଳୟ
(ପୂର୍ବ ତଟ ରେଳପଥ)
ସୂଚନା ପତ୍ର
ଭୁବନେଶ୍ୱର, ତାରିଖ-12.09.2026
ରେଳ ଆଇନ, 1989 ର ସେକ୍ସନ୍ 20A ଅନ୍ତର୍ଗତ ସୂଚନା

S.O.5053(E).-ରେଲୱେ (ସଂଶୋଧନ) ଆଇନ, 1989 (24/89)-ର ସେକ୍ସନ 20Aର ସବ୍-ସେକ୍ସନ (1) ଦ୍ୱାରା ଦିଆଯାଇଥିବା ଶକ୍ତିରେ କେନ୍ଦ୍ର ସରକାର, ଏହା ନିଶ୍ଚିତ ହେଲା ପରେ ଯେ ଜନସାଧାରଣଙ୍କ ଉଦ୍ଦେଶ୍ୟ ପାଇଁ, ଯାହାର ସଂକ୍ଷିପ୍ତ ବିବରଣୀ ଏଠାରେ ନିମ୍ନଲିଖିତ ସୂଚୀରେ ଦିଆଯାଇଛି, ଏହା ପାଇଁ ସ୍ଥାନ ଆବଶ୍ୟକ ହୋଇଛି ବିଶେଷ ରେଲୱେ ପ୍ରକଳ୍ପ ପୂରଣ କରିବା ପାଇଁ, ପ୍ରକଳ୍ପର ନାମ "ଖୋର୍ଦ୍ଧା ରୋଡ୍ ଡିଭିଜନ୍ ଅଧୀନ, ଓଡ଼ିଶାର ଜଗତସିଂହପୁର ଜିଲ୍ଲାରେ ବଡ଼ବନ୍ଧ ରୋଡ (BDBA)- ପାରାଦୀପ (PRDP) ଷ୍ଟେସନ ମଧ୍ୟରେ KM 491/17-19 ରେ ଲେଭେଲ୍ କ୍ରସିଂ ସଂଖ୍ୟା-CP-55 ବନ୍ଦ କରିବା ପ୍ରତିସ୍ଥାପନରେ ସଡ଼କ ଉପର ଅଧିସେତୁ ନିର୍ମାଣ" ପ୍ରକଳ୍ପ ପାଇଁ, ସେହି ସ୍ଥଳ ଅଧିଗ୍ରହଣ କରିବାକୁ ତାଙ୍କର ଇଚ୍ଛା ପ୍ରକାଶ କରିଛନ୍ତି।

ଉକ୍ତ ଜମିରେ ରୁଚିଯୁକ୍ତ କୌଣସି ବ୍ୟକ୍ତି, ଅଧିକୃତ ଗଜେଟରେ ସୂଚନା ପ୍ରକାଶ ପାଇଁ ତାରିଖରୁ (30) ତିରିଶି ଦିନ ମଧ୍ୟରେ, ଉକ୍ତ ଜମିକୁ ଉଲ୍ଲେଖିତ ଉଦ୍ଦେଶ୍ୟ ପାଇଁ ଅଧିଗ୍ରହଣ କରାଯିବା ଉପରେ ଆପତ୍ତି ଉଠାଇପାରିବେ, ଯାହା ଏହି କାନୁନର ଧାରା 20D ଅନୁଧାରା (1) ଅନ୍ତର୍ଗତ ଆଏ।

ସମସ୍ତ ଆପତ୍ତିଗୁଡ଼ିକୁ ସମ୍ପୂର୍ଣ୍ଣ କ୍ଷମତାଶୀଳ କାର୍ଯ୍ୟାଧିକାରୀଙ୍କୁ, ଅର୍ଥାତ୍ ଜମି ଅଧିଗ୍ରହଣ ପାଇଁ କ୍ଷମତାଶୀଳ କାର୍ଯ୍ୟାଧିକାରୀ (CALA) ଏବଂ କଟକ-ପାରାଦୀପ ଡବଲିଂ ରେଳ ଲିଙ୍କ ପ୍ରକଳ୍ପ, ଜଗତସିଂହପୁରର ସ୍ୱତନ୍ତ୍ର ଭୂମି ଅଧିଗ୍ରହଣ ଅଧିକାରୀଙ୍କୁ, ଲିଖିତ ଭାବରେ ଦାଖଲ କରାଯିବା ଦରକାର ହେବ, ଯାହା ବଡ଼ବନ୍ଧ ରୋଡ (BDBA)- ପାରାଦୀପ (PRDP) ଷ୍ଟେସନ ମଧ୍ୟରେ KM 491/17-19 ରେ ଲେଭେଲ୍ କ୍ରସିଂ ସଂଖ୍ୟା-CP-55 ସଡ଼କ ଉପର ଅଧିସେତୁ ନିର୍ମାଣ ପାଇଁ କଟକ-ପାରାଦୀପ ଲାଇନ୍ ରେଳପଥ ଖୋର୍ଦ୍ଧା ରୋଡ୍ ବିଭାଗରେ ନିର୍ମିତ ହେବ। ଏହାର ତଥ୍ୟ ଓ ତ୍ରୁଟିମୂଳକ ବିବରଣୀ ସହିତ ଦାଖଲ କରାଯିବା ଦରକାର। କ୍ଷମତାଶୀଳ କାର୍ଯ୍ୟାଧିକାରୀ ଆପତ୍ତିକାରୀଙ୍କୁ ସେହି ବିଷୟରେ ଶୁଣିବାର ସୁଯୋଗ ଦେବେ, ସେ ନିଜେ ଲଗତାର କିମ୍ବା ଏକ ଆଇନ ସମ୍ବିଧାନକାରୀ ମାଧ୍ୟମରେ ଆପତ୍ତିଗୁଡ଼ିକୁ ଶୁଣିବେ, ଏବଂ ସମସ୍ତ ଆପତ୍ତିଗୁଡ଼ିକୁ ଶୁଣିବା ପରେ ଏବଂ ଯଥା ଆବଶ୍ୟକ ହେଲେ ଅନ୍ୟାନ୍ୟ ତଦନ୍ତ କରି, କ୍ଷମତାଶୀଳ କାର୍ଯ୍ୟାଧିକାରୀ ଆଦେଶ ମାଧ୍ୟମରେ, ସେହି ଆପତ୍ତିଗୁଡ଼ିକୁ ମାନ୍ୟ କିମ୍ବା ଅମାନ୍ୟ କରିପାରିବେ।

ଏହି କାନୁନର 20D ର ସବ୍-ସେକସନ୍(2) ଅନୁସାରେ ପ୍ରାଧିକୃତ କ୍ଷମତାଶୀଳ କାର୍ଯ୍ୟାଧିକାରୀ ଦ୍ୱାରା ନିର୍ଦ୍ଦିଷ୍ଟ କୌଣସି ଆଦେଶ ଅନ୍ତିମ ନିର୍ଣ୍ଣୟ ହେବ। ଏହି ସୂଚନା ଅଧୀନ ଆସିଥିବା ଜମିର ଯୋଜନା ଏବଂ ଅନ୍ୟାନ୍ୟ ବିବରଣୀ ଉପଲବ୍ଧ ରହିଛି ଏବଂ ଇଚ୍ଛୁକ ବ୍ୟକ୍ତି ପ୍ରାଧିକୃତ କର୍ତ୍ତାଙ୍କର ଉପରୋକ୍ତ କାର୍ଯ୍ୟାଳୟରେ ଯାଇ ସେଗୁଡ଼ିକୁ ନିରୀକ୍ଷଣ କରି ପାରିବେ।

ସୂଚୀ

ଏହା ସହିତ ସଂଲଗ୍ନ ଭୂମିର ସଂକ୍ଷିପ୍ତ ବର୍ଣ୍ଣନା (ଅନେକ୍ସଚର-୧) ଯାହା ସଂରଚନା ସହିତ କିମ୍ବା ବିନା ସଂରଚନାରେ ଅଧିଗ୍ରହଣ କରାଯିବାପାଇଁ, ବିଶେଷ ରେଳପଥ ପ୍ରକଳ୍ପ ପାଇଁ, ଯଥା"ଖୋର୍ଦ୍ଧା ରୋଡ୍ ଡିଭିଜନ ଅଧୀନ ହେଉଥିବା କଟକ-ପାରାଦୀପ ଲାଇନ୍ ରେଳପଥରେ ବଡ଼ବନ୍ଧ ରୋଡ (BDBA)- ପାରାଦୀପ (PRDP) ଷ୍ଟେସନ ମଧ୍ୟରେ KM 491/17-19 ରେ ଲେଭେଲ୍ କ୍ରସିଂ ସଂଖ୍ୟା- CP-55 ବନ୍ଦ କରିବା ପ୍ରତିସ୍ଥାପନାରେ ସଡ଼କ ଉପର ଅଧିସେତୁ ନିର୍ମାଣ") ଜଗତସିଂହପୁର ଜିଲ୍ଲାରେ, ଓଡ଼ିଶା ରାଜ୍ୟରେ।

ଜିଲ୍ଲାରନାମ:-ଜଗତସିଂହପୁର ଏନେକ୍ସର-1

ଜମି ସୂଚୀ
ପ୍ରକଳ୍ପର ନାମ: - ଆରଓବି- CP-55 ନିର୍ମାଣ
ଜିଲ୍ଲାର ନାମ:- ଜଗତସିଂହପୁର, ବିଭାଗର ନାମ:- ଖୋର୍ଦ୍ଧା ରୋଡ୍, ତହସିଲ ର ନାମ:- କୁଜଙ୍ଗ

କ୍ରମିକ ସଂଖ୍ୟା	ଗ୍ରାମର ନାମ	ପ୍ଲଟ ନମ୍ବର	ଭୂମିର କିସମ	ସମ୍ପୂର୍ଣ୍ଣ ଜମି ଏକରରେ	ଅଧିକୃତ ଜମି ଏକରରେ	ଭୂମିର ପ୍ରକାର
1	ଭିତରଗଡ଼	164	ଗୋଚର	21.92	2.646	ସରକାରୀ
2	ଭିତରଗଡ଼	163	ନାଳ	1	0.232	ସରକାରୀ
3	ଭିତରଗଡ଼	178	ନଦୀ	9.13	0.784	ସରକାରୀ
4	ଭିତରଗଡ଼	119	ପତିତ	0.93	0.018	ସରକାରୀ
5	ଭିତରଗଡ଼	120	ପତିତ	1.17	0.024	ସରକାରୀ
6	ଭିତରଗଡ଼	162	ଗୋଚର	16.23	1.92	ସରକାରୀ
7	ଭିତରଗଡ଼	159	ନୟନଯୋରୀ	20.64	0.064	ସରକାରୀ
8	ଭିତରଗଡ଼	158	ରେଳପଥ	3.5	0.061	ସରକାରୀ
9	ଭିତରଗଡ଼	157	ନୟନଯୋରୀ	37	0.262	ସରକାରୀ
10	ଭିତରଗଡ଼	147	ପତିତ	16.8	1.355	ସରକାରୀ
11	ଭିତରଗଡ଼	149	ନଦୀ	2.1	0.167	ସରକାରୀ
12	ଭିତରଗଡ଼	150	ପତିତ	0.8	0.002	ସରକାରୀ
13	ଭିତରଗଡ଼	155	ପତିତ	6.2	1.063	ସରକାରୀ
14	ଭିତରଗଡ଼	151	ପତିତ	7.04	0.151	ସରକାରୀ
15	ଭିତରଗଡ଼	154	ପତିତ	0.86	0.173	ସରକାରୀ
16	ଭିତରଗଡ଼	156	ପତିତ	6.15	0.187	ସରକାରୀ
			ସର୍ବମୋଟ		9.109	

ଉପ ମୁଖ୍ୟ ଇଞ୍ଜିନିୟର/ନିର୍ମାଣ/ଆରଏସପି/
ପୂର୍ବ ତଟ ରେଳପଥ /ଭୁବନେଶ୍ୱର

PR-239/CJ/26-27

ଟୁକୁଣା ଶାସନରେ ବେଦପାଠ, ୧୦୮ବ୍ରାହ୍ମଣ ପୂଜନ



କେନ୍ଦୁଝର ,(ଜିପ୍ର) : କେନ୍ଦୁଝରଜିଲ୍ଲା ଆନନ୍ଦପୁର ଉପଖଣ୍ଡ ବାଇଲୋ ପଞ୍ଚାୟତ ଟୁକୁଣା ଶାସନ ଠାରେ ବେଦ ପାଠ ସହିତ ୧୦୮ଜଣ ବ୍ରାହ୍ମଣଙ୍କୁ ପୂଜନ ଓ ଧର୍ମ ସଭା ଭକ୍ତିମୟ ପରିବେଶ ଅନୁଷ୍ଠିତ ହୋଇଯାଇଛି । ଟୁକୁଣା ଗାଁରେ ପଣ୍ଡିତ ହରିହର ମିଶ୍ରଙ୍କ ନେତୃତ୍ୱରେ ବ୍ରାହ୍ମଣ ପୁଜନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଏହି କାର୍ଯ୍ୟକ୍ରମରେ ଅଖିଳ ଭାରତୀୟ ବ୍ରାହ୍ମଣ ମହାସଂଘ ସଭାପତି ଡ଼ଃ ବିପିନ ବିହାରୀ ମିଶ୍ର ଏବଂ ଓଡିଶା ବ୍ରାହ୍ମଣ ମହାସଂଘର ସଭାପତି ଡ଼ଃ ସଦାନନ୍ଦ ଦୀକ୍ଷିତ ଓ ସାଧୁ ସ୍ୱାମୀ ଚିନ୍ମୟାନନ୍ଦ ସରସ୍ୱତୀ ଏବଂ ଅନେକ ମାନ୍ୟଗଣ୍ୟ ବେକ୍ତି ଯୋଗଦେଇ ଏକ ବହି ଉନ୍ମୋଚନ କରିଥିଲେ । ୧୬ ଶାସନ ର ବ୍ରାହ୍ମଣ ମାନେ ଯୋଗ ଦେଇଥିଲେ । ଏହି କାର୍ଯ୍ୟକ୍ରମରେ ସଂମ୍ମାନିତ ଅତିଥି ଭାବେ ଡ଼ ସୁକାନ୍ତି ମିଶ୍ର ଯୋଗ ଦେଇ ଏହି କାର୍ଯ୍ୟକ୍ରମକୁ ଟୁକୁଣା ଶାସନର ହରିହର ମିଶ୍ର ଙ୍କ ପରିବାର କୁ ସାଧୁ ବାଦ ଜଣାଇଥିଲେ ।ଏହି ଅବସରରେ ବେଦ ପାଠ ୧୦୮ ବ୍ରାହ୍ମଣ ପୂଜନ, ଓ ଧର୍ମ ସଭା ଅନୁଷ୍ଠିତ ହୋଇଥିଲା ।ଏହି ସଭାରେ ଶରତ ଚନ୍ଦ୍ର ମିଶ୍ର ମଧୁସୂଦନ ମିଶ୍ର ବିଭୁତି ଭୂଷଣ ଦାଶ ମଧୁସୂଦନ ମିଶ୍ର ଚିତ୍ତରଞ୍ଜନ ଦାଶ ଭରତ ଚନ୍ଦ୍ର ଦାଶ ତ୍ରିଲୋଚନ ଦାଶ ପୂର୍ଣଚନ୍ଦ୍ର ମହାପାତ୍ର ନରେନ୍ଦ୍ର ପଣ୍ଡା କନକ ଲତା ମିଶ୍ର ଶତାୟୁ ପୁରୁଷ ଅଇଁଠୁ ଚରଣ ମିଶ୍ର ଯୋଗଦେଇ ଥିଲେ କାର୍ଯକ୍ରମକୁ ଜିଲ୍ଲା ଉପସଭାପତି ରଞ୍ଜନ କୁମାର ପାଢ଼ୀ ଆବାହକ ମଦନ ପାଣି, ରାଜ୍ୟ ସମ୍ପାଦକ ଶାନ୍ତନୁ କୁମାର ମିଶ୍ର, ସଂଯୋଜକ ମଦନ ମୋହନ ମିଶ୍ର ଓ ଶ୍ରୀମତୀ ଗୀତାଞ୍ଜଳି କର ପ୍ରମୁଖ କାର୍ଯ୍ୟକ୍ରମକୁ ପରିଚାଳନା କରିଥିଲେ ।

ନୀଳଗିରି ବ୍ଲକ ପରିସରରେ ଖଣ୍ଡ ଯୁଦ୍ଧ

ନୀଳଗିରି ,(ସବ୍ୟୁ): ବୁଧବାର ଅପରାହ୍ନ ପ୍ରାୟ ଗୋଟାଏ ସମୟରେ ନିଳଗିରି ବ୍ଲକ୍ ପରିସରରେ ଏକ ରାଜନୈତିକ ଦଳର ଦୁଇଜଣ ଯୁବକ ପିଟା ମାରା ଦୃଶ୍ୟ ସମସ୍ତଙ୍କୁ ବେଶ୍ ଚକିତ କରିଛି। ସୁଚନା ଅନୁସାରେ ନୀଳଗିରି ବ୍ଲକର ଜଡ଼ିବାଲି ଗ୍ରାମର ଗିରିଶ ଚନ୍ଦ୍ର ମହାନ୍ତିଙ୍କୁ ଉକ୍ତ ପଞ୍ଚାୟତର ବଣଭୁଇଁ ଗ୍ରାମର ଜିତିକାନ୍ତ ବେହେରା ନିଜ ମୋବାଇଲରେ ଗିରିଶ ଚନ୍ଦ୍ର ମହାନ୍ତିଙ୍କୁ, ନିଜ ପୁଅକୁ ନିଜ ଅକ୍ତିରାରେ ରଖ, ନଚେତ୍ ଭବିଷ୍ୟତରେ ଦଶା ଭୋଗିବାକୁ ପଡ଼ିବ ବୋଲି କହିଥିଲା। ଉକ୍ତ କଥାକୁ ଗିରିଶ ମହାନ୍ତି ନିଜ ପୁଅ ସୁନୀଲ କୁମାର ମହାନ୍ତିଙ୍କୁ ଫୋନରେ ଜଣାଇବା ପରେ ବ୍ଲକ ପରିସରରେ ଜିତିକାନ୍ତ ବେହେରା ଓ ସୁନୀଲ କୁମାର ମହାନ୍ତି ଥିବା ବେଳେ ସୁନୀଲ ଜିତିକାନ୍ତକୁ କଣ ପାଇଁ ମୋ ବାପାଙ୍କୁ ଫୋନରେ ଧମକ୍ ଦେଇଥିଲୁ ବୋଲି କେହି ଅଫିସ ଘର ଶିଡି ପାହାଚରେ ଘୋଷରା ଟଣା କରି ସୁନୀଲ ଜୀତିକାନ୍ତକୁ ପିଟା ମାରା କରିଥିଲା। ଜିତିକାନ୍ତ ମଧ୍ୟ ସୁନିଲକୁ ଘୋଷରା ଟଣା ଓଟରା କରି ଥିଲା। ବେଶ୍ କିଛି ସମୟ ଧରି ଉଭୟ ଖଣ୍ଡ ଯୁଦ୍ଧ ଲାଗିଥିବା ବେଳେ ଅଫିସ କର୍ମଚାରୀ ମାନେ ପହଞ୍ଚି ଉଭୟଙ୍କୁ ବିଦା କରି ଦେଇଥିଲେ। ଖବର ପାଇ ନୀଳଗିରି ପୋଲିସ ପହଞ୍ଚିବା ବେଳକୁ କେହି ନ ଥିଲେ। ଏନେଇ ଉଭୟ ପକ୍ଷ ନିଳଗିରି ଥାନାରେ ଅଭିଯୋଗ କରିଛନ୍ତି। ଜିତିକାନ୍ତ ବେହେରା ଗୁରୁତର ଅବସ୍ଥାରେ ବାଲେଶ୍ୱର ମେଡିକାଲରେ ଚିକିସିତ ହେଉଥିବା ପୋଲିସ ଘଟଣାର ତଦନ୍ତ କରୁଥିବାର ପ୍ରକାଶ କରିଛନ୍ତି। ତେବେ ଗୋଟାଏ ରାଜନୈତିକ ଦଳର ଦୁଇଜଣ ଯୁବକ ଏମିତି ଘଟଣା ଘଟାଇବା ଦଳର ଗୋଷ୍ଠୀ କନ୍ଦଳକୁ ପଦାରେ ପକାଇଛି ବୋଲି ବେଶ୍ ଚର୍ଚ୍ଚା ହେଉଛି।

ଶିକ୍ଷୟିତ୍ରୀଙ୍କ ଘରୁ ଚୋରି ଉଦ୍ୟମ ପଣ୍ଡ

ବେତନଟୀ ,(ସବ୍ୟୁ): ମଙ୍ଗଳବାର ସନ୍ଧ୍ୟା ପାଖାପାଖି ୭ ଟାରେ ବୈଶିଙ୍ଗା ଗ୍ରାମ ସ୍ଥିତ ଜନୈକ ଶିକ୍ଷୟତ୍ରୀଙ୍କ ଘରୁ ଗ୍ରୀଲ ତାଡ଼ି ଚୋରି ଉଦ୍ୟମ କରୁଥିବା ବେଳେ ଯୋଜନା ପଣ୍ଡ ହୋଇଥିବା ଜଣାଯାଇଛି । ଘଟଣାରୁ ପ୍ରକାଶ ବୈଶିଙ୍ଗା ଗ୍ରାମର ଶିକ୍ଷକ କଲୋନୀରେ ଥିବା ମନୋଜ ପ୍ରଧାନଙ୍କ ଘରେ ମାନଗୋବିନ୍ଦପୁର ବିଦ୍ୟାଳୟର ଶିକ୍ଷୟତ୍ରୀ ପୂର୍ଣ୍ଣିମା କର ଭଡ଼ାରେ ରହୁଛନ୍ତି । ମଙ୍ଗଳବାର ବିଦ୍ୟାଳୟରୁ ଫେରି ନିଜର ବେଡରୁମ ଥିଲେ । ସନ୍ଧ୍ୟାରେ ସମୟରେ ଜଣେ ଦୁର୍ବୃତ୍ତ ଘରର ପଛ ପଟେ ରୋଷେଇ ଘରର ଗ୍ରୀଲକୁ ତାଡ଼ି ଭିତରକୁ ପଶିବା ପାଇଁ ଉଦ୍ୟମ କରୁଥିଲା । ଏହି ସମୟରେ ଶିକ୍ଷୟତ୍ରୀ ଜଣକ ସେଠାକୁ ଆସି ଚିତ୍କାର କରିବାରୁ ଚୋର ଜଣକ ଦୌଡ଼ି ପଳାଇଯାଇଥିଲା । ଖବର ପାଇ ବୈଶିଙ୍ଗା ଥାନାଧିକାରୀ ବାବା ଶଙ୍କର ସରାଫ ସଦଳବଳ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ କରିବା ସହ ଏଣେତେଣେ ଖୋଜାଖୋଜି କରିଥିଲେ । ବହୁ ଖୋଜାଖୋଜି କରିବା ପରେ ମଧ୍ୟ ଚୋରର ପତ୍ତା ମିଳି ନଥିଲା । ଏହି ଘଟଣାକ୍ରମରେ ଚୋରି ବଢ଼ି ଚାଲିଥିବା ଯୋଗୁଁ ଲୋକେ ଭୟଭୀତ ହୋଇ ପଡ଼ିଛନ୍ତି ।

ଦେବୀ ପ୍ରସନ୍ନ ପଟ୍ଟନାୟକ ପାଇଲେ ପ୍ରଥମ ଭାଷା ଭାସ୍କର ସମ୍ମାନ



ବାଲେଶ୍ୱର,(ସବ୍ୟୁ): ଓଡ଼ିଆ ଭାଷା ବିକାଶ ଆନ୍ଦୋଳନ ପକ୍ଷରୁ ନଭେମ୍ବର ୩ ତାରିଖରେ ଭୁବନେଶ୍ୱରସ୍ଥିତ ବୁଦ୍ଧ ମନ୍ଦିର ପରିସରରେ ଅନୁଷ୍ଠାନର ୧୭ତମ ପ୍ରତିଷ୍ଠା ଦିବସ ପାଳିତ ହୋଇଯାଇଛି। ଆସରରେ ପୌରୋହିତ୍ୟ କରି ଡା. ଚୌଧୁରୀ ସତ୍ୟବ୍ରତ ନନ୍ଦ ବିଶ୍ୱବିଦ୍ୟାଳୟ ମହାବିଦ୍ୟାଳୟରେ ବିଜ୍ଞାନ ପୁସ୍ତକକୁ ଓଡ଼ିଆ ଭାଷାରେ ପ୍ରଚଳନ କରିବା ସପକ୍ଷରେ ମତ ରଖିଥିଲେ। ଓଡ଼ିଆ ଭାଷାର ବିକାଶ ନିମିତ୍ତ ଡାକ୍ତରୀ ଓ ଇଂଜିନିୟରିଂ ପାଠ୍ୟକ୍ରମକୁ ମଧ୍ୟ ଓଡ଼ିଆ ଭାଷାରେ ପ୍ରଚଳନ କରିବାକୁ ସେ ପରାମର୍ଶ ଦେଇଥିଲେ। ଏହି ଅବସରରେ ଚଳିତ ବର୍ଷ ପ୍ରଥମ କରି ଅନୁଷ୍ଠାନ ତରଫରୁ ପ୍ରଚଳନ କରାଯାଉଥିବା 'ଭାଷାଭାସ୍କର' ସମ୍ମାନରେ ପଦ୍ମଶ୍ରୀ ଦେବୀପ୍ରସନ୍ନ ପଟ୍ଟନାୟକଙ୍କୁ ସମ୍ମାନିତ କରାଯାଇଥିଲା। ତାଙ୍କୁ ମାନପତ୍ର ଓ ଉପାୟନ ସହ ୧୦ ହଜାର ଟଙ୍କାର ଅର୍ଥରାଶି ପ୍ରଦାନ କରାଯାଇଥିଲା। ଓଡ଼ିଆ ଭାଷା ପ୍ରତିଷ୍ଠାନର ପୂର୍ବତନ ନିର୍ଦ୍ଦେଶକ ତଥା ଜଗନ୍ନାଥ ସଂସ୍କୃତିର ଗବେଷକ ପ୍ରଫେସର ହରିହର କାନୁନ୍‌ଗୋ ମୁଖ୍ୟଅତିଥି ଭବେ ଯୋଗ ଦେଇ ଦେବୀପ୍ରସନ୍ନଙ୍କୁ ଭାଷାଭାସ୍କର ସମ୍ମାନ ପ୍ରଦାନ କରି ଉପଯୁକ୍ତ ବ୍ୟକ୍ତିଙ୍କୁ ଏହି ସମ୍ମାନ ପ୍ରଦାନ କରାଯାଇଥିବାରୁ ଆନନ୍ଦ ପ୍ରକାଶ କରିଥିଲେ। ଏହି ଆଲୋଚନାଚକ୍ରରେ ଡ. ନିରଞ୍ଜନ ପାଢ଼ୀ ଯୋଗଦେଇ ଭାଷାର ବିକାଶ ପରିବାରରୁ ଆରମ୍ଭ ହୋଇଥିବା ଯୋଗୁଁ ଇଂରାଜୀ ଶବ୍ଦଗୁଡ଼ିକୁ ପରିବାରରେ ପ୍ରୟୋଗ କରିବା ପରିବର୍ତ୍ତେ ମୂଳ ଓଡ଼ିଆ ଭାଷା ବ୍ୟବହାର କରିବା ପାଇଁ ପରାମର୍ଶ ଦେଇଥିଲେ। ଅନୁଷ୍ଠାନର ମୁଖପତ୍ର 'ଭାଷା ବିକାଶ'ର ଶରତ ସଂଖ୍ୟା ଏହି ଅବସରରେ ଅତିଥିମାନଙ୍କଦ୍ୱାରା ଉନ୍ମୋଚିତ ହୋଇଥିଲା। ଉତ୍ସବର ଆରମ୍ଭରେ କବି ଦୀପକ ବୋଷଙ୍କ ରଚିତ 'ଆମ ଭାଷା ଏକ ନଈ' ଶୀର୍ଷକୀୟ ଭାଷା ସଂଗୀତକୁ କଲ୍ୟାଣୀ ନନ୍ଦଙ୍କ ନିର୍ଦ୍ଦେଶନାରେ ବାସନ୍ତୀ ଦେ, ପୁଷ୍ପଲତା ଚକ୍ରବର୍ତ୍ତୀ, ଶାନ୍ତିଲତା ପଣ୍ଡା, ସ୍ନିଗ୍ଧା ସାମନ୍ତରାୟ, କବିତା ଜେନା, ଶାନ୍ତି ବିଶି, କମଳିନୀ ଦାସ ଓ ସୁନାମଣି ଜେନା ପ୍ରମୁଖ ନୃତ୍ୟ ମାଧ୍ୟମରେ ପରିବେଷଣ କରିଥିଲେ। ଭାଷାର ବିକାଶ ନିମିତ୍ତ ଡ. ଲକ୍ଷ୍ମୀକାନ୍ତ ତ୍ରିପାଠୀଙ୍କ ନେତୃତ୍ୱରେ ପଣ୍ଡିତ ସଞ୍ଜୟ କୁମାର ପଣ୍ଡା, ପ୍ରଭାକର ସାହୁ, କଲ୍ୟାଣୀ ନନ୍ଦ, ଡ. ଲକ୍ଷ୍ମଣ ଚରଣ ବିଶ୍ୱାଳ ଓ ପ୍ରଫୁଲ୍ଲ କୁମାର ଦାସଙ୍କଦ୍ୱାରା 'ଆମ ଭାଷା ଶ୍ରେଷ୍ଠ ଭାଷା' ନାମକ ଏକ ପ୍ରବଚନ ପ୍ରଦାନ କରାଯାଇଥିଲା। ଡ. ଶିରୀଶ ଚନ୍ଦ୍ର ଜେନା, ନିବାରଣ ଜେନା, ଅରୂପ ଚାଟାର୍ଜୀ, ଅଞ୍ଜଳି ପଣ୍ଡା ଭାଷା ସଂପର୍କରେ ବକ୍ତବ୍ୟ ଦେଇଥିଲେ ଓ ସୁବ୍ରତା ମହାନ୍ତି ଏକ ସଂଗୀତ ପରିବେଶଣ କରିଥିଲେ। ପରିଶେଷରେ ଅନୁଷ୍ଠାନର ସଦସ୍ୟାମାନଙ୍କଦ୍ୱାରା ବିଦାୟ ସଂଗୀତ ପରିବେଷିତ ହୋଇଥିଲା। ଯୁଗ୍ମସଂପାଦିକା ଶାନ୍ତିଲତା ପଣ୍ଡା ମଞ୍ଚ ଆହ୍ୱାନ କରିଥିବାବେଳେ ଦୀପକ ବୋଷ ଧନ୍ୟବାଦ ଅର୍ପଣ କରିଥିଲେ। ଏହି ଅବସରରେ ମୋ ଜୀବନ ସାରଧନ ଜନନୀ ଉତ୍କଳ ଭାଷା ଶୀର୍ଷକରେ ଏକତ୍ର କବିତା ରଚନା କରାଯାଇଥିଲା।

ସମ୍ପାଦକୀୟ



ଶୋକାକୁଳ ପରିବେଶରେ ଅଶୋକଙ୍କ ଅନ୍ତିମ ସଂସ୍କାର

ଡାକ୍ତର ଅଶୋକ ମହାପାତ୍ର ଓଡ଼ିଶାର ଏକ ପରିଚିତ ନାମ । ଚିକିତ୍ସା କ୍ଷେତ୍ରରେ କେବଳ ନୁହେଁ, ଶିକ୍ଷା, ଗବେଷଣା ଓ ସାଂସ୍କୃତିକ କ୍ଷେତ୍ରରେ ମଧ୍ୟ ତାଙ୍କର ଅବଦାନ ଅତୁଳନୀୟ । ଏକ ଶୋକାକୁଳ ପରିବେଶରେ ଅଶୋକଙ୍କ ଅନ୍ତିମ ସଂସ୍କାର ପୁରୀ ସ୍ୱର୍ଗଦ୍ୱାରଠାରେ ଯେପରି କରାଗଲା, ତାହା ତାଙ୍କର ଲୋକପ୍ରିୟତାକୁ ପ୍ରତିପାଦିତ କରିଥିଲା । ସେ ରାଜନେତା ନଥିଲେ, ମନ୍ତ୍ରୀ ସାଂସଦ ବା ବିଧାୟକ ବି ନଥିଲେ । କିନ୍ତୁ ଓଡ଼ିଶା ଓ ଓଡ଼ିଶା ବାହାରର ଲୋକେ ତାଙ୍କୁ ଖୁବ ଭଲ ପାଉଥିଲେ । କେବଳ ଓଡ଼ିଶାରେ ନୁହେଁ, ସମଗ୍ର ଭାରତରେ ଜଣେ ସ୍ନାୟୁଶଲ୍ୟ ଚିକିତ୍ସକ ଭାବେ ସେ ସୁନାମ ଅର୍ଜନ କରିଥିଲେ । ଓଡ଼ିଶାର ଏକାମୁଣ୍ଡ ନେଇ ଜନ୍ମିଥିବା ଜଗା ବଳିଆଙ୍କର ଅସ୍ତ୍ରୋପଚାର ନୂଆଦିଲ୍ଲୀର ଏମ୍ସରେ ୨୦୧୭ ମସିହାରେ କରି ସେ ଅନେକ ପ୍ରଶଂସା ପାଇଥିଲେ । ବହୁ ବିଳମ୍ବରେ, ୨୦୨୪ରେ ଭାରତ ସରକାର ତାଙ୍କୁ 'ପଦ୍ମଶ୍ରୀ' ଉପାଧି ପ୍ରଦାନ କରିଥିଲେ । ପଦ୍ମଭୂଷଣ ବା ପଦ୍ମବିଭୂଷଣ ବା ଭାରତରତ୍ନ ଉପାଧି ପାଇଁ ସେ କ'ଣ ଅଯୋଗ୍ୟ ଥିଲେ ? ଦୁଃଖର କଥା, ଅନେକ ତାଙ୍କଠାରୁ ଅଯୋଗ୍ୟ ବ୍ୟକ୍ତି ମଧ୍ୟ ଓଡ଼ିଶାରେ ପଦ୍ମଭୂଷଣ ପାଇଛନ୍ତି । ଅବଶ୍ୟ ଅନେକ ଯୋଗ୍ୟ ବ୍ୟକ୍ତି ଅତୀତରେ ପଦ୍ମଭୂଷଣ ପାଇ ପାରିଥିଲେ । ଯାହା ମନେପଡୁଛି ସାମ୍ବାଦିକତା ପାଇଁ ତତ୍କାଳୀନ 'ସମାଜ' ସଂପାଦକ ରାଧାନାଥ ରଥ, ସାହିତ୍ୟ ପାଇଁ କାଳିନ୍ଦୀ ଚରଣ ପାଣିଗ୍ରାହୀ ପ୍ରଭୃତି ପାଇଥିଲେ । ମୃତ୍ୟୁର ମାସ କେତେଟା ପୂର୍ବରୁ ସାରା ବିଶ୍ୱରେ ପ୍ରସିଦ୍ଧି ଲାଭ କରିଥିବା ମନୋଜ ଦାସ ଅବଶ୍ୟ ପଦ୍ମଶ୍ରୀରୁ ପଦ୍ମଭୂଷଣ ପର୍ଯ୍ୟନ୍ତ ପଦୋନ୍ନତି ପାଇଥିଲେ । ନବେ ବର୍ଷ ଅତିକ୍ରାନ୍ତ କରିଥିବା ଭାଷାବିତ ଦେବୀପ୍ରସନ୍ନ ପଟ୍ଟନାୟକ ମଧ୍ୟ ସେହି 'ପଦ୍ମଶ୍ରୀ'ରେ ରହିଗଲେ । ଆହୁରି ଅନେକ ଯୋଗ୍ୟ ଲେଖକ, ଶିକ୍ଷାବିତ ଓ ସମାଜସେବୀ ବା ଚିନ୍ତାନାୟକ ପଦ୍ମ ପୁରସ୍କାରର ସର୍ବନିମ୍ନ ଅବସ୍ଥାରେ ଥିବା 'ପଦ୍ମଶ୍ରୀ' ମଧ୍ୟ ପାଇ ପାରି ନଥିଲେ । ଦୁଇଜଣ କବି ରାଧାମୋହନ ଗଡ଼ନାୟକ ଓ ସଚ୍ଚି ରାଉତରାୟ ଏପରିକି ଗବେଷକ ସତ୍ୟନାରାୟଣ ରାଜଗୁରୁ ମଧ୍ୟ ସେହି 'ପଦ୍ମଶ୍ରୀ'ରେ ରହିଗଲେ । ପଥରଶିଳ୍ପୀ ରଘୁନାଥ ମହାପାତ୍ର 'ପଦ୍ମ ବିଭୂଷଣ' ପାଇଥିବା ବେଳେ ଅନ୍ୟ କେତେଜଣ ଶିଳ୍ପୀ ପଦ୍ମଭୂଷଣ ମଧ୍ୟ ପାଇଥିଲେ । ନୃତ୍ୟଶିଳ୍ପୀ ସଂଯୁକ୍ତା ପାଣିଗ୍ରାହୀ ମଧ୍ୟ 'ପଦ୍ମଶ୍ରୀ' ଉପାଧି ପାଇଥିଲେ । ନୂଆଦିଲ୍ଲୀରେ ଓଡ଼ିଆମାନେ ମଧ୍ୟ କେହି କେହି 'ପଦ୍ମଶ୍ରୀ' ଉପାଧି ପାଇଛନ୍ତି । ଓଡ଼ିଶାରୁ ବଞ୍ଚିଥିଲା ବେଳେ ବା ମରଣୋତ୍ତର ଭାବେ କେହି ଅବଶ୍ୟ ଭାରତରତ୍ନ ପାଇ ନାହାନ୍ତି ।

ଓଡ଼ିଶାର ଏମ୍ସର ସେ ପ୍ରତିଷ୍ଠାତା ନିର୍ଦ୍ଦେଶକ ଭାବେ ଓଡ଼ିଆମାନଙ୍କର ସ୍ମରଣୀୟ ହୋଇ ରହିବେ । ସୋଆ ବିଶ୍ୱବିଦ୍ୟାଳୟର ଏବଂ ସମ୍ ମେଡ଼ିକାଲ କଲେଜ ଓ ହସ୍ପିଟାଲର ଯଥାକ୍ରମେ କୁଳପତି ଓ ନିର୍ଦ୍ଦେଶକ ଭାବେ ତାଙ୍କ ଲୋକପ୍ରିୟତାକୁ ତୁଳନା କରିହେବ ନାହିଁ ।

ଅନେକ ସଭାସମିତିରେ ତାଙ୍କ ସହ ମଞ୍ଚରେ ବସିବାର ସୌଭାଗ୍ୟ ଏ ଲେଖକ ଲାଭ କରିଛି । ଦିଲ୍ଲୀ-ଉତ୍କଳ ଅସ୍ମିତା ଫାଉଣ୍ଡେସନର ଏକ ଉତ୍ସବରେ ନୂଆଦିଲ୍ଲୀ ଏମ୍ସରୁ ଅବସର ନେଇଥିବା ଡାକ୍ତର ଅନିତା ପଣ୍ଡା ଅଧ୍ୟକ୍ଷତା କରୁଥା'ନ୍ତି । ଏ ଲେଖ ପ୍ରକାଶ କରିଥିଲା ଯେ 'ପଦ୍ମଶ୍ରୀ' ପୁରସ୍କାର ଠାରୁ ସେ ବହୁ ଊର୍ଦ୍ଧ୍ୱରେ ଥିଲେ ବୋଲି । ବିଶିଷ୍ଟ ଶାସ୍ତ୍ରୀୟ କଣ୍ଠଶିଳ୍ପୀ ସୁନନ୍ଦା ପଟ୍ଟନାୟକ ମଧ୍ୟ ଉପଯୁକ୍ତ ପଦ୍ମ ପୁରସ୍କାରରୁ ବଞ୍ଚିତ ହୋଇଥିଲେ ବୋଲି ଏ ଲେଖକ କହିଥିଲା ସେତେବେଳେ । ମାତ୍ର ନିଜ କଥାର ଦୃଷ୍ଟାନ୍ତ ଶୁଣି ଡାକ୍ତର ଅଶୋକ ମହାପାତ୍ର କୌଣସି ପ୍ରତିକ୍ରିୟା ତାଙ୍କ ବକ୍ତବ୍ୟରେ ଦେଇ ନଥିଲେ । ତାହା ହିଁ ତାଙ୍କର ମହାନତା ।

ପୂର୍ବତନ କେନ୍ଦ୍ରମନ୍ତ୍ରୀ ସ୍ୱର୍ଗୀୟ ଚିନ୍ତାମଣି ପାଣିଗ୍ରାହୀଙ୍କର ସେ ସମ୍ପର୍କୀୟ ବୋଲି ଶୁଣିଥିଲି । ସ୍ୱର୍ଗୀୟ ପାଣିଗ୍ରାହୀଙ୍କ ସୁପୁତ୍ର ବିବେକାନନ୍ଦ ପାଣିଗ୍ରାହୀ (ମୁନା) ତାଙ୍କ ସହ ମୋତେ ପରିଚୟ କରାଇ ଦେଇଥିଲେ । ଏକ ଶ୍ରାଦ୍ଧ ସଭାରେ ରାମ ମନ୍ଦିର ପରିସରରେ ଅନେକଦିନ ପରେ ଡାକ୍ତର ଅଶୋକ ମହାପାତ୍ରଙ୍କ ସହ ଭେଟ ହୋଇଗଲା, ବିବେକାନନ୍ଦ ବାବୁ ମୋ ସହିତ ଥିଲେ । ସେ କହିଲେ ଦିଲ୍ଲୀ ଛାଡ଼ି ଏବେ ଭୁବନେଶ୍ୱର ସୋଆ ବିଶ୍ୱବିଦ୍ୟାଳୟରେ ଯୋଗ ଦେଇଛି କୁଳପତି ଭାବେ । ପଚାରିଲି ଆପଣଙ୍କ କାମ ତ ଅଲଗା ହୋଇଯିବ ? ସେ କହିଲେ, 'ସମ୍ ହସ୍ପିଟାଲରେ ଚିକିତ୍ସା କାମ ସହିତ କୁଳପତି କାର୍ଯ୍ୟ ତୁଲାଇବି ।' ତାଙ୍କ ସହିତ ଭେଟିଛି ତାଙ୍କର ଜାମାତା ହିସାବରେ ପୂର୍ଣ୍ଣଚନ୍ଦ୍ର ରଥଙ୍କୁ । ସେ ଯୁକ୍ତଦୁଇ ବୋର୍ଡରୁ ଅବସର ନେଇଥିଲେ । ଦୁଃଖର କଥା କାର୍ ଦୁର୍ଘଟଣାରେ ସେ ମଧ୍ୟ ସେତିକି ବେଳେ ଭୁବନେଶ୍ୱର ଏମ୍ସ୍‌ରେ ଚିକିତ୍ସାଧୀନ ଅବସ୍ଥାରେ ପ୍ରାଣ ହରାଇଥିଲେ- ଯେତିକି ବେଳେ ଡାକ୍ତର ଅଶୋକ ମହାପାତ୍ର ଦିଲ୍ଲୀ ଏମ୍ସରେ ପ୍ରାଣ ହରାଇଥିଲେ । ସ୍ୱର୍ଗୀୟ ମନ୍ତ୍ରୀ ଗଂଗାଧର ମହାପାତ୍ରଙ୍କ ସୁପୁତ୍ର ସୀତାବଲ୍ଲଭ ମହାପାତ୍ରଙ୍କ ସହ ମିଶି ତାଙ୍କ ପାଖକୁ ଯାଇଥିଲି ଅନେକ ଥର । ଝାଡ଼ଖଣ୍ଡର ପୂର୍ବତନ ସ୍ୱାସ୍ଥ୍ୟମନ୍ତ୍ରୀ ଡାକ୍ତର ଦୀନେଶ ଷଡ଼ଙ୍ଗୀ ମଧ୍ୟ ଡାକ୍ତର ମହାପାତ୍ରଙ୍କ ବିୟୋଗରେ ଗଭୀର ମର୍ମାହତ।

ଓଡ଼ିଶାର ସ୍ୱାସ୍ଥ୍ୟମନ୍ତ୍ରୀ ନବକିଶୋର ଦାସଙ୍କ ପ୍ରଥମ ମୃତ୍ୟୁବାର୍ଷିକ ପାଳନ ଉତ୍ସବରେ ଶ୍ରୀ ଦେବୁ ପଟ୍ଟନାୟକଙ୍କ ଅନୁରୋଧରେ ଜୟଦେବ ଭବନରେ ଅତିଥି ଭାବେ ଯୋଗ ଦେଇଥିଲି । ସେଠାରେ ଡାକ୍ତର ଅଶୋକ ମହାପାତ୍ର ଥିଲେ ମୁଖ୍ୟ ଅତିଥି । ତାଙ୍କର ବକ୍ତୃତା ମୁଁ ଭୁଲିଯାଇଛି, କିନ୍ତୁ ତାଙ୍କର ହସ କଥା କେଇପଦ ଏଯାଏଁ ବି ମନେରଖିଛି । 'ସମୟ'ର ସମ୍ପାଦକୀୟଗୁଡ଼ିକ ସେ ପ୍ରାୟ ପାଠ କରୁଥିଲେ ଏବଂ ହ୍ୱାଟସଆପରେ ଶ୍ରୀ ଜଗନ୍ନାଥ ଆଶୀର୍ବାଦ କରିବାର ସଂକ୍ଷିପ୍ତ ବାର୍ତ୍ତା ସେ ନିୟମିତ ଏ ଲେଖକକୁ ପଠାଇ ଆସୁଥିଲେ । ତାଙ୍କ ପରି ଜଣେ ବ୍ୟକ୍ତିଙ୍କ ବ୍ୟତିରେକେ ଯେଉଁ ଶୂନ୍ୟସ୍ଥାନ ସୃଷ୍ଟି ହୋଇଛି, ତାହା ସମ୍ଭବତଃ ଆଉ ପୂରଣ ହେବ ନାହିଁ ।

ଓଁ ଶାନ୍ତି ।

(ଗୁରୁକଲ୍ୟାଣ ମହାପାତ୍ର)

ସମ୍ପାଦକୀୟ ପୃଷ୍ଠାପାଇଁ ଆଲେଖ୍ୟ ଏବଂ ସମ୍ପାଦକଙ୍କୁ ପତ୍ର, ଆପଣ ଆମକୁ ନିମ୍ନ ଇ-ମେଲ୍‌ରେ ପଠାଇପାରିବେ ।
(ସମସ୍ତ ଲେଖାରେ ଲେଖକଙ୍କ ସମ୍ପୂର୍ଣ୍ଣ ଠିକଣା ସହ ମୋବାଇଲ ନମ୍ବର ଏବଂ ଫଟୋ ରହିବା ଆବଶ୍ୟକ)
samayaeditorial2021@gmail.com

ଏହି ପୃଷ୍ଠାରେ ସ୍ଥାନିତ ଆଲେଖ୍ୟଗୁଡ଼ିକର ତଥ୍ୟ, ମତାମତ ଆଦି ଲେଖକଙ୍କ ଏକାନ୍ତ ନିଜସ୍ୱ । ଏଥିପାଇଁ 'ସମୟ' କର୍ତ୍ତୃପକ୍ଷ ଦାୟୀ ନୁହଁନ୍ତି ।

ଆଜିର ଅନୁଚିନ୍ତା :

ଭୟ ଏକ ଆରୋପିତ ମାନସିକତା-୩



ରତ୍ନାକର ରାଉତ

ପୂର୍ବ ଆଲେଖ୍ୟରେ, ସାମ୍ପ୍ରତିକ ସମାଜରେ ସବୁଠୁ ବଡ଼ ପ୍ରଶ୍ନ ହେଉଛି- ଭୟରୁ କେମିତି ମୁକ୍ତି ମିଳିବ, ସେ ସମ୍ପର୍କରେ ଆଲୋଚନା କରିଥିଲେ। ସେହି ଆଲୋଚନାକୁ ଜାରି ରଖିବା ଅବସରରେ ମୋର ମନେପଡୁଛି ପିଲାବେଳେ କଥାକଥାକେ ଶୁଣିବାକୁ ମିଳୁଥିଲା, ଯିଏ ଡରେ ସିଏ ମରେ। ଅର୍ଥାତ୍, ଯିଏ କୌଣସି କାରଣ ପାଇଁ ଡରିଯାଏ, ସେ ସେହି କାମକୁ କରିବାରେ ବିଫଳ ହୁଏ। ତେଣୁ କାମ କରିବା ପୂର୍ବରୁ ନିଜ ଭିତରେ ସାହସ ସଂଚୟ କରିବାକୁ ବାରମ୍ବାର ମନେମନେ ଆବୃତ୍ତି କରାଯାଉଥିଲା, ଡର କାହାକୁ ଭୟ କାହାକୁ/ଠାକୁରେ ଅଛନ୍ତି ଚଉବାହାକୁ, ଏବଂ ଠାକୁରଙ୍କୁ ଥରେ ଆଶ୍ରା କରିସାରିଲା ପରେ ଅତି ସ୍ପର୍ଦ୍ଧାର ସହ ଉଚ୍ଚାରଣ କରୁଥିଲୁ, ପଛଘୁଞ୍ଚା ନାହିଁ ବୀରର ଜାତକେ/ ନ ମରେ ସେ କେବେ ପରାଣ ଆତଙ୍କେ। ଏସବୁ ପ୍ରକ୍ରିୟା ଭିତରେ ପିଲାଦିନେ କେତେକେତେ ଦୁଃସାଧ୍ୟ କାମକୁ ଅନାୟାସରେ କରି ହେଉଥିଲା। କେବଳ ମନର ଅଦମ୍ୟ ସାହସ ଓ ଦୃଢ଼ ମନୋବଳ ହିଁ ଯେ କୌଣସି କଠିନ କାର୍ଯ୍ୟକୁ ସମ୍ପାଦନ କରିବା ନିମନ୍ତେ ପ୍ରେରଣା ଦେଉଥିଲା। ଏଥିରେ କେଉଁଠି ନା କେଉଁଠି ଶିକ୍ଷକ ମାନଙ୍କର ଗୁରୁତ୍ୱପୂର୍ଣ୍ଣ ଭୂମିକା ଥିଲା। ବୀରର କେବେ ମୃତ୍ୟୁ ନ ଥାଏ, ସେ ମରି ମଧ୍ୟ ଚିରକାଳ ଅମର ହୋଇଯାଏ। ବୀରମାନେ ଯୁଗେଯୁଗେ ସାହସୀ ଓ ନିର୍ଭୀକ । ଭୟ ଶବ୍ଦ ସେମାନଙ୍କ ଜୀବନ ଅଭିଧାନରେ ନ ଥାଏ। ଏକଲବ୍ୟ, ଅଭିମନ୍ୟୁ, ଧର୍ମପଦ, ବାଜିରାଉତ, ଭଗତ ସିଂ ଏମିତି କେତେକେତେ ତ୍ୟାଗୀ, ଯୋଦ୍ଧା, ସଂଗ୍ରାମୀ, ଦେଶଭକ୍ତ ଦେଶ, ଜାତି ଓ ମହାନ୍ ଆଦର୍ଶ ଆଗରେ ନିଜ ପ୍ରାଣକୁ ତୁଚ୍ଛ ମନେକରି ହସିହସି ନିଜ ଜୀବନକୁ ବଳିଦାନ ଦେଇଛନ୍ତି। ତାହା କେବଳ ସମ୍ଭବ ହୋଇଛି ସେମାନଙ୍କର ନିର୍ଭିକତା, ସାହସ ଓ ଦୃଢ଼ ଇଚ୍ଛାଶକ୍ତି ବଳରେ।

ଅତଏବ, ଯାହାର ମୃତ୍ୟୁକୁ ଭୟ ନାହିଁ, ଯିଏ ମୃତ୍ୟୁଞ୍ଜୟୀ, ଏ ଦୁନିଆରେ ସେ ଅନ୍ୟ କେଉଁଥି ପାଇଁ ଭୟଭୀତ ହେବ? ମାତ୍ର ଏହି ଚରମ ଆଭିମୁଖ୍ୟ ପୋଷଣ କରିବା ବା ମନରେ ଧାରଣ କରିବା ଏତେ ସହଜ ବ୍ୟାପାର ନୁହେଁ। କତିପୟ ଯୁଗଜନ୍ମା ସେ ଅସାମାନ୍ୟ ଗୁଣର ଅଧିକାରୀ ହୋଇପାରନ୍ତି, ମାତ୍ର ସଚରାଚର ବିଶ୍ୱରେ ଅଧିକାଂଶ ଜୀବ ଭୟର ଚାରାକୁ ନିଜ ଭିତରେ ରୋପଣ କରି ତାକୁ ପଲ୍ଲବିତ କରି ରଖିଥାଆନ୍ତି। ସେଥିପାଇଁ ସମାଜ, ପରିବାର, ପାରିପାର୍ଶ୍ୱିକ ପରିସ୍ଥିତି ଓ ନିଜର ବିଚାରଗତ ଅପରିପକ୍ୱତା ଓ ଅପାରଗତା ହିଁ ମୁଖ୍ୟତଃ ଦାୟୀ। ପରନ୍ତୁ ଯିଏ ଜୀବନର ମହାଭାରତରେ ସଫଳ ଯୋଦ୍ଧା ବା ବୀର, କବିଙ୍କ ଭାଷାରେ ତାର ଆଦର୍ଶ ହେଉଛି,ବୀର ମରେ ଅବା ମାରେ କରି ରଣ। ହସିହସି ସ୍ୱାର୍ଥକୁ ଛାଡ଼ି ଏକ ବୃହତ୍ତର ସ୍ୱାର୍ଥ ପାଇଁ ଜୀବନକୁ ଉତ୍ସର୍ଗ କରିବା ବ୍ୟକ୍ତିଙ୍କୁ ହିଁ ଇତିହାସ ସ୍ମରଣ କରେ ଏବଂ ତା ବକ୍ଷରେ ଯତ୍ନରେ ସାଇତେ କାଳକାଳ ।

ଏହି ପ୍ରସଂଗରେ କୋଭିଡ୍-୧୯ର ଭୟାବହତା ସମ୍ପର୍କରେ ଉଲ୍ଲେଖ କରାଯାଇପାରେ । ଯେତେବେଳେ କରୋନାରେ ପୀଡ଼ିତ ହୋଇ ଅସୁମାରି ଲୋକଙ୍କର ଜୀବନହାନି ହେଲା, ସେତେବେଳେ ଅଭିଜ୍ଞ ଡାକ୍ତର, ମନୋବୈଜ୍ଞାନିକ, ଚିକିତ୍ସା ବିଶାରଦମାନେ ମତଦେଲେ, କରୋନା ଆକ୍ରାନ୍ତ ହୋଇ ଯେତେ ଲୋକଙ୍କ ମୃତ୍ୟୁ ହୋଇଛି, ତା'ଠାରୁ ଅଧିକ ଲୋକଙ୍କର ମୃତ୍ୟୁ ହେଲା କରୋନାଜନିତ ଭୟ, ଆତଙ୍କ ଓ ଆଶଙ୍କା ଯୋଗୁଁ। ଯେଉଁମାନେ ମନୋବଳ ଦୃଢ଼ ରଖିଲେ, ସେମାନେ ରୋଗରେ ପଡ଼ି ମଧ୍ୟ ଭଲ ହୋଇଗଲେ । ଏଥିପାଇଁ ଗଣମାଧ୍ୟମରେ କରୋନା ରୋଗର ଭୟାବହତା ସମ୍ପର୍କରେ ଯେଉଁ ଅବାଧ ପ୍ରଚାର ଓ ପ୍ରସାର ହେଲା, ତାହା ରୋଗ ଅପେକ୍ଷା ମାନସିକ ସ୍ତରରେ ଆତଙ୍କ ଓ ଜଟିଳ ଅବସ୍ଥା ସୃଷ୍ଟିକରି ପରିସ୍ଥିତିକୁ ମୁକାବିଲା କରିବାର ମନୋବଳକୁ ଭୀଷଣ ଭାବେ ଦୁର୍ବଳ କରିଦେଲା। ପରିଣତି ସ୍ୱରୂପ ପୋକମାଛି ପରି ଲୋକମାନେ ଜୀବନ ହାରିଲେ ।

ଯେତେବେଳେ କରୋନାରେ ପୀଡ଼ିତ ହୋଇ ଅସୁମାରି ଲୋକଙ୍କର ଜୀବନହାନି ହେଲା, ସେତେବେଳେ ଅଭିଜ୍ଞ ଡାକ୍ତର, ମନୋବୈଜ୍ଞାନିକ, ଚିକିତ୍ସା ବିଶାରଦମାନେ ମତଦେଲେ, କରୋନା ଆକ୍ରାନ୍ତ ହୋଇ ଯେତେ ଲୋକଙ୍କ ମୃତ୍ୟୁ ହୋଇଛି, ତା'ଠାରୁ ଅଧିକ ଲୋକଙ୍କର ମୃତ୍ୟୁ ହେଲା କରୋନାଜନିତ ଭୟ, ଆତଙ୍କ ଓ ଆଶଙ୍କା ଯୋଗୁଁ।

ତେଣୁ ଏସବୁ ପ୍ରସଂଗକୁ ଦୃଷ୍ଟିରେ ରଖି ଭୟର ମୁକାବିଲା କରିବା ପାଇଁ ଯେଉଁ ନିରାକରଣର ପଦ୍ଧତି ବା ପ୍ରକ୍ରିୟାକୁ ଅନୁସରଣ କରିବା ଜରୁରୀ, ତନ୍ମଧ୍ୟରୁ ଆଉ କେତେକ ଉପଚାର ସମ୍ପର୍କରେ ନିମ୍ନରେ ଆଲୋଚନା କରାଯାଇଛି।(୪)- ଆଧ୍ୟାତ୍ମିକତାର ଭୂମିକା- ମୁଁ କିଏ? ଆଦିଯୋଗୀ ଆଶ୍ରମ ଯାହା ଇଶା ଫାଉଣ୍ଡେସନ ଦ୍ୱାରା ପରିଚାଳିତ, ସେଠାକୁ ଯେଉଁମାନେ ପରିଦର୍ଶନ କରିବାକୁ ଯାଇଛନ୍ତି, ସେମାନେ ଜାଣନ୍ତି, ପ୍ରତ୍ୟେକ ଦର୍ଶନାର୍ଥୀଙ୍କୁ ସେଠାରେ ଥିବା ଧ୍ୟାନକେନ୍ଦ୍ରରେ ସାତ ମିନିଟ୍ ପ୍ରଦର୍ଶିତ ଧ୍ୟାନ (Guided meditation) କରିବାକୁ ସୁଯୋଗ ମିଳେ । ସେହି ଧ୍ୟାନ ସମୟରେ ଶ୍ୱାସଠି ଧ୍ୟାନକୁ କେନ୍ଦ୍ରିତ କରି ମନେମନେ ଉଚ୍ଚାରଣ କରିବାକୁ କୁହାଯାଏ, I am not the body, nor even I am the mind. ଅର୍ଥାତ୍, ମୁଁ ଶରୀର ନୁହେଁ, ଏପରିକି ମୁଁ ମଧ୍ୟ ମନ ନୁହେଁ। ତେବେ ପ୍ରଶ୍ନ ଉଠିବା ସ୍ୱାଭାବିକ ମୁଁ କିଏ? ମୁଁ କାହିଁକି ଏଠାକୁ ଆସିଛି? କେଉଁଠୁ ଆସିଛି, ପୁଣି କୁଆଡ଼େ ଯିବି? କିଏ ମୋତେ ପଠେଇଛି? ତାର ଉଦ୍ଦେଶ୍ୟ କଣ? ଅଥବା ମୁଁ କଣ କେବଳ ଏହି ଶରୀର, ଏହି ଚାକିରି, ଏହି ପଦ ପଦବୀ, ଏହି ମାନ, ଅପମାନ, ବଦନାମ ଅବା ଏହାଠୁ ଅଧିକ କିଛି? ଯେତେବେଳେ ଜଣେ ନିଜେ ହୃଦବୋଧ କରେ, ସେ କେବଳ ଏହି ଶରୀର ନୁହେଁ, ସେ ମନ ନୁହେଁ, ସେ ଚେତନା (Consciousness), ସେ ଜାଗ୍ରତ ଚେତନା(Awareness i.e. Awakened consciousness) ଯିଏ ସତ୍ୟ, ସନାତନ, ନିତ୍ୟନୂତନ, ଶାଶ୍ୱତ, ଅଜର, ଅମର, ଅବିନଶ୍ୱର, ନିରାକାର, ଶୂନ୍ୟସ୍ୱରୂପ, ଯାହାର ଜନ୍ମ ନାହିଁ କି ମୃତ୍ୟୁ ନାହିଁ, ସେତେବେଳେ ଭୟ ସ୍ଥିତିହୀନ ହୋଇଯାଏ।


ଶରୀର ମରେ, ଚାକିରି ସରେ, ଘଟଣା ଦୁର୍ଘଟଣା ଅନ୍ତରାଳକୁ ଚାଲିଯାଏ, କ୍ଷମତା, ପ୍ରତିପତ୍ତି, ପଦପଦବୀ, ଧନ ସମ୍ପଦ, କବଚ, କୁଣ୍ଡଳ, ଉପାଧି, ଉପଢୌକନ ସବୁର ଅନ୍ତ ଘଟେ। ପରନ୍ତୁ ଶରୀର ଭିତରେ ଅବସ୍ଥାନ କରିଥିବା ଚେତନା ବା ଜୀବାତ୍ମା ଅମର ହୋଇ ରହିଯାଏ। ଶ୍ରୀମଦ୍ ଭଗବଦ୍ ଗୀତାର ନିମ୍ନୋକ୍ତ ଶ୍ଳୋକ ଏହି ଆଧ୍ୟାତ୍ମିକ ଅନୁଭବକୁ ଆହୁରି ଦୃଢ଼ କରେ।

ବାସାଂସି ଜୀର୍ଣ୍ଣାନି ଯଥା ବିହାୟ/ ନବାନି ଗୃହ୍ଣାତି ନରୋପରାଣି/ ତଥା ଶରୀରାଣି ବିହାୟ ଜୀର୍ଣ୍ଣା-/ ନ୍ୟନ୍ୟାନି ସଂଯାତି ନବାନି ଦେହୀ।

(ଦ୍ୱିତୀୟ ଅଧ୍ୟାୟ- ସାଂଖ୍ୟ ଯୋଗ- ଶ୍ଳୋକ-୨୨) ଅର୍ଥାତ୍, ମନୁଷ୍ୟ ଯେପରି ପୁରୁଣା ବସ୍ତ୍ରମାନ ତ୍ୟାଗ କରି ଅନ୍ୟ ନୂତନ ବସ୍ତ୍ର ଗ୍ରହଣ କରେ, ଜୀବାତ୍ମା ସେହିପରି ପୁରାତନ ଶରୀରମାନ ତ୍ୟାଗ କରି ଅନ୍ୟ ନୂତନ ଶରୀରମାନ ପ୍ରାପ୍ତ ହୋଇଥାଏ। ଠିକ୍ ସେହିପରି ସେହି ଦ୍ୱିତୀୟ ଅଧ୍ୟାୟ- ସାଂଖ୍ୟଯୋଗ- ଶ୍ଳୋକ-୨୮ରେ ଶ୍ରୀକୃଷ୍ଣ ଅର୍ଜ୍ଜୁନଙ୍କୁ କହିଛନ୍ତି, ଅବ୍ୟକ୍ତାଦୀନି ଭୂତାନି ବ୍ୟକ୍ତମଧ୍ୟାନି ଭାରତ।/ ଅବ୍ୟକ୍ତ ନିଧନାନ୍ୟେବ ତତ୍ର କା ପରିଦେବନା ଅର୍ଥାତ୍, ହେ ଅର୍ଜ୍ଜୁନ! ସମସ୍ତ ପ୍ରାଣୀ ଜନ୍ମହେବା ପୂର୍ବରୁ ଅପ୍ରକଟ ହୋଇ ରହିଥାଆନ୍ତି ଏବଂ ମୃତ୍ୟୁ ପରେ ମଧ୍ୟ ଅପ୍ରକଟ ହୋଇଯାଆନ୍ତି। ସେମାନେ କେବଳ ଏହି ମଧ୍ୟବର୍ତ୍ତୀ କାଳରେ ହିଁ ପ୍ରକଟ ହୁଅନ୍ତି। ଏପରି ସ୍ଥିତିରେ ଶୋକ କଣ ପାଇଁ କରିବା?

(୫)-ସର୍ବୋପରି ଆତ୍ମିକ ଶିକ୍ଷା, ଆତ୍ମଜ୍ଞାନ ଓ ଆତ୍ମବିଶ୍ୱାସର ସ୍ଥାପନ:- ଶ୍ରୀମଦ୍ ଭଗବଦ୍ ଗୀତାର ନିମ୍ନୋକ୍ତ ଦୁଇଟି ଶ୍ଳୋକକୁ ଅନୁଶୀଳନ କରାଯାଉ। (କ)- ନୈନଂ ଛିନ୍ଦନ୍ତି ଶସ୍ତ୍ରାଣି ନୈନଂ ଦହତି ପାବକଃ।/ ନଚୈନଂ କ୍ଲେଦୟନ୍ତ୍ୟାପୋ ନ ଶୋଷୟତି ମାରୁତଃ (ଦ୍ୱିତୀୟ ଅଧ୍ୟାୟ- ସାଂଖ୍ୟଯୋଗ- ଶ୍ଳୋକ-୨୩)। ଅର୍ଥାତ୍, ଏହି ଆତ୍ମାକୁ କୌଣସି ଶସ୍ତ୍ର ବି କାଟିପାରେ ନାହିଁ ଅଗ୍ନି ଏହାକୁ ଜଳାଇ ପାରେ ନାହିଁ ଜଳ ଏହାକୁ ଭିଜାଇ ପାରେ ନାହିଁ ଏବଂ ବାୟୁ ଏହାକୁ ଶୁଖାଇପାରେ ନାହିଁ। (ଖ)- ନ ଜାୟତେ ମ୍ରିୟତେ ବା କଦାଚିନ୍-/ ନା ୟଂ ଭୂତ୍ୱା ଭବିତା ବା ନ ଭୂୟଃଛ/ ଅଜୋ ନିତ୍ୟଃ ଶାଶ୍ୱତୋୟଂ ପୁରାଣୋ/ ନ ହନ୍ୟତେ ହନ୍ୟମାନେ ଶରୀରେ (ଦ୍ୱିତୀୟ ଅଧ୍ୟାୟ- ସାଂଖ୍ୟଯୋଗ- ଶ୍ଳୋକ- ୨୦)। ଅର୍ଥାତ୍, ଏହି ଆତ୍ମା କୌଣସି କାଳରେ ବି ଜନ୍ମ ହୁଏ ନାହିଁ କି ମରେ ନାହିଁ ତଥା ଏହା ଉତ୍ପନ୍ନ ହେବା ପରେ ଯେ ହୁଏ, ଏପରି ନୁହେଁ କାରଣ ଏହା ହେଉଛି ଅଜନ୍ମା, ନିତ୍ୟ, ସନାତନ ଏବଂ ପୁରାତନ। ଶରୀରକୁ ବଧ କରିଦେଲେ ମଧ୍ୟ ଏହା ନିହତ ହୁଏ ନାହିଁ। ଏହା ହିଁ ଆତ୍ମଜ୍ଞାନ। ଆତ୍ମଜ୍ଞାନ ଉଦୟ ହେଲେ ସାହସ ଆସେ। ସାହସ ମନରେ ଥିଲେ ସାମର୍ଥ୍ୟ ବଳବତ୍ତର ହୁଏ। ସାମର୍ଥ୍ୟରୁ ଆତ୍ମବିଶ୍ୱାସ ଜନ୍ମନିଏ। ଆତ୍ମବିଶ୍ୱାସୀ ମଣିଷ ଜାଣେ, ସମସ୍ୟା ଆସିବ, ଆସୁ। ମୁଁ ଯେ କୌଣସି ସମସ୍ୟାକୁ ଦୃଢ଼ତାର ସହ ସାମ୍ନା କରିବି। ପଡ଼ିବି, ଉଠିବି, ହାରିବି ଏବଂ ନିଶ୍ଚୟ ପରିଶେଷରେ ଜିତିବି। ଆତ୍ମିକ ଶିକ୍ଷା ବଳରେ ନିଜ ମନ, ନିଜ ଭାବନା, ନିଜ ସଂସ୍କାରକୁ ଚିହ୍ନିବା। ନିଜକୁ ପ୍ରଶ୍ନ କରିବା, ମୁଁ କାହିଁକି ଡରୁଛି, ଏହି ଡର କେଉଁଠୁ ଆସିଲା, ମୋ ପରିବାରଠୁ ଅବା ସମାଜରୁ, ଏହାର ଉତ୍ସ କଣ, **(କ୍ରମଶଃ)**

ନାରୀର ସପ୍ତ ଦିବ୍ୟତ୍ୱ



ଦିଲୀପ ରାଜ ବେହେରା

ପ୍ରକୃତି ଏବଂ ପୁରୁଷ ଦ୍ୱାରା ଜଗତର ନିର୍ମାଣ ହୋଇଛି । ପ୍ରକୃତି ମାତୃ ରୂପରେ ସୃଷ୍ଟିର ନିର୍ମାଣ କରିଥିବା ବେଳେ, ପୁରୁଷ ପାଳନ ଏବଂ ସୁରକ୍ଷା ଦେଇ ସୃଷ୍ଟିକୁ ପରିବର୍ଦ୍ଧନ କରିଛି । ଭଗବାନ ଶ୍ରୀକୃଷ୍ଣ କହିଛନ୍ତି ମୁଁ ନାରୀ ମଧ୍ୟରେ କୀର୍ତ୍ତି, ଶ୍ରୀ, ବାକ, ସ୍ମୃତି, ମେଧା, ଧୃତି ଏବଂ କ୍ଷମା ଆଦି ସାତ ଗୋଟି ଈଶ୍ୱରୀୟ ବିଭୁତି । ନାରୀ ମଧ୍ୟରେ ରହିଥିବା ଏହି ଦିବ୍ୟତା ଏବଂ ଐଶ୍ୱର୍ଯ୍ୟ ସୃଷ୍ଟିକୁ ମନୋରମ ଏବଂ ସୁନ୍ଦର କରିଛି ।

କୀର୍ତ୍ତି, ନାରୀର ସର୍ବ ପ୍ରଧାନ ଦିବ୍ୟତା । ନାରୀ, କୀର୍ତ୍ତି, ପ୍ରତିଷ୍ଠା, ସମ୍ମାନ ଓ ଯଶର ପରିଚୟ । ବାସନା ଯେଉଁଠି ନତମସ୍ତକ ହୁଏ ସେଠି କୀର୍ତ୍ତିର ଗାରିମା ଫୁଟି ଉଠେ । କାମନା ଯେଉଁଠି ହଜି ଯାଏ, ସେଠି କୀର୍ତ୍ତିର ପ୍ରଶାନ୍ତ ଭାବ ଏବଂ ପ୍ରେମର ମାଧୁର୍ଯ୍ୟ ଗୁଣବତ୍ତା ସେହି ସ୍ଥାନ ପୂରଣ କରେ । କୀର୍ତ୍ତି, ପ୍ରଜ୍ୱଳିତ କାମ ଜ୍ୱାଳାକୁ ମାତୃତ୍ୱର ପରଶ ଢ଼ାଳି ଦିଏ । କୀର୍ତ୍ତି, ନାରୀର ସର୍ବୋଚ୍ଚ ଶିଖର ଚେତନା । କୀର୍ତ୍ତି, ନାରୀ ମଧ୍ୟରେ ମାତୃତ୍ୱର ଆବିଷ୍କାର କରେ । କୀର୍ତ୍ତି ସୌନ୍ଦର୍ଯ୍ୟର ମହିମା । କୀର୍ତ୍ତି ଦୃଶ୍ୟମାନ ଶରୀରର ସୁନ୍ଦରତାରୁ ଊର୍ଦ୍ଧ୍ୱରେ । କୀର୍ତ୍ତି ଶୀତଳ କୋମଳତାର ନିସ୍ତବ୍ଧତା ।

ଶ୍ରୀ, ନାରୀର ଦ୍ୱିତୀୟ ସ୍ୱରୂପ । ଶ୍ରୀ, ମଙ୍ଗଳ ମୟ, ଶ୍ରୀ ଲକ୍ଷ୍ମୀ, ଶ୍ରୀ ସୌନ୍ଦର୍ଯ୍ୟମୟ, ଶ୍ରୀ ସମର୍ପଣ, ଶ୍ରୀ ଜନନୀ, ଶ୍ରୀ ମାତୃଗର୍ଭା । ଶ୍ରୀ ଅଗ୍ରଗଣ୍ୟ, ଅଗ୍ରପୂଜ୍ୟ । ସୃଷ୍ଟିର କାରଣ ପରମାତ୍ମା ମାତୃରୂପା । ଶ୍ରୀ, ସୃଷ୍ଟିର ମୂଳ, ଆଦି ଶକ୍ତି ଏବଂ ଜୀବନର ଉତ୍ସ । ଶ୍ରୀ, ଦୁର୍ଗା, ଲକ୍ଷ୍ମୀ, ସରସ୍ୱତୀ ଏବଂ କାଳୀ । ଶକ୍ତିରୂପା, ଜ୍ଞାନରୂପା, ସମ୍ପଦ ସ୍ୱରୂପା । ଆମେ ଜନ୍ମ ମାଟିକୁ ମାତୃଭୂମି କହୁ । ନାରୀଠାରୁ ପୁରୁଷର ଜନ୍ମ । ତେଣୁ ଶ୍ରୀ, ନାମର ପ୍ରଥମ ଅକ୍ଷର ।

ନାରୀର ତୃତୀୟ କଳା ବାକ । ବାକ ଭାଷା, ସୃଜନଶୀଳ, ମଧୁର, କୋମଳ ଲାଳିତ୍ୟ, ନୃତ୍ୟର ଝଙ୍କାର, ସଂଗୀତର ମୂର୍ଚ୍ଛନା, ତୁଳିର ଜୀବନ୍ତ ଛବି, କଳାର ସପ୍ତରଙ୍ଗ ଛଟା । ବାକ ପ୍ରଗଲ୍‌ଭତା, ବାକ ମୌନତାର ଗରିମା, ବାକ ନିଶବ୍ଦତା । ବାକ ନୀରବତାର କାହାଣୀ । ବାକ କଥାରେ ଚାତୁରୀ ।

ନାରୀର ଚତୁର୍ଥ ବିଭବ ସ୍ମୃତି । ସ୍ମୃତି ଏକ ଅଭିଲେଖ, ଅସ୍ତିତ୍ୱର ନକସା, ଭାବ ଓ ଭାଷାର ଗନ୍ତାଘର । ସ୍ମୃତିରେ ଆଙ୍କି ହୋଇଯାଏ ସାରା ସଂସାର । ନାରୀର ଉଚ୍ଚତମ ଚେତନା ମେଧା । ମେଧା ବିଚାରକୁ ସଜାଇ ରଖେ, ମେଧା ଧାରଣା, ମେଧା ବୁଦ୍ଧି, ମେଧା ପ୍ରଜ୍ଞା । ପ୍ରଜ୍ଞା, ମେଧାର ଉଚ୍ଚତମ ସୋପାନ । ସେଥିପାଇଁ ମହିଳାମନେ ଅଧିକ ସଂଖ୍ୟାରେ ମନ୍ଦିର, ଧର୍ମ ଚର୍ଚ୍ଚା, ଧାର୍ମିକ ସଂସ୍କାରରେ ମିଳିଥାନ୍ତି ।

ଧୃତି, ନାରୀର ସର୍ବଶ୍ରେଷ୍ଠ ଗୁଣ । ପୁରୁଷଠାରୁ ବହୁ ଗୁଣରେ ଅଧିକ । ଧୃତି, ଧର୍ଯ୍ୟ, ସ୍ଥିରତା, ଅପେକ୍ଷା ଏବଂ ଭରସା । ଧୃତି ସହନଶୀଳତା ଦିଏ, ପ୍ରଶାନ୍ତି ଭାବ ଦିଏ, ସ୍ଥିର ଅବିଚଳିତ ମନ ଦିଏ । ପାହାଡ଼ ଭଳି ଧର୍ଯ୍ୟ ସ୍ତ୍ରୀର ଥାଏ । ସେ ପୁରୁଷକୁ ସାନ୍ତ୍ୱନା ଦେଇପାରେ ।

କ୍ଷମା, ସ୍ତ୍ରୀର ସର୍ବଶ୍ରେଷ୍ଠ ମହାନ ବିଭୁତି । କ୍ଷମା, ମାତୃତ୍ୱକୁ ମହନୀୟ କରେ, ଜଟିଳ ଓ କଠିନ ଦୁନିଆରେ ସହଜତା ଭରିଦିଏ । କ୍ରୋଧ, ଈର୍ଷାକୁ ଶାନ୍ତ କରେ । କ୍ଷମା ମନକୁ ନିର୍ମଳ ରଖେ । କ୍ଷମା ସ୍ତ୍ରୀର ଆଭୂଷଣ, ଅଭ୍ୟାସ ଗତ ବ୍ୟବହାର । ଶିଶୁକୁ ଜନ୍ମ ଦେବା, ପୁତ୍ର ସନ୍ତାନକୁ ଲାଳନ ପାଳନ କରିବା କ୍ଷମାଶୀଳତାର ପ୍ରାଚୁର୍ଯ୍ୟ ଯୋଗୁ ସ୍ତ୍ରୀ ଏହା ତୁଲାଇ ପାରେ ।

ଏହି ଐଶ୍ୱରିକ ଶକ୍ତିର ମହକରେ ନାରୀ ପ୍ରକୃତିରୂପା ହୋଇ ପୁରୁଷକୁ ଆକର୍ଷଣ କରେ, ପୁରୁଷକୁ ଅଭିଭୂତ କରେ । ନାରୀ ପାଖରେ ଏହି ବିଶେଷତା ସମାଜରେ ଶ୍ରେଷ୍ଠତା ଆଣିଦିଏ । ଅନେକ ପୁରୁଷ ମଧ୍ୟରେ ଜଣେ ସ୍ତ୍ରୀ ଥିଲେ, ବାତାବରଣ ବଦଳି ଯାଏ । ନାରୀ କେନ୍ଦ୍ର ବିନ୍ଦୁ, ପୁରୁଷ ତା'ର ପରିଧି । ସ୍ତ୍ରୀ ଆକର୍ଷଣ, ପୁରୁଷ ଆକ୍ରମଣ । ସ୍ତ୍ରୀ ସୃଜନକାରୀ, ପୁରୁଷ ପାଳନକାରୀ ।

ଏହି ଐଶ୍ୱରିକ ଶକ୍ତିର ମହକରେ ନାରୀ ପ୍ରକୃତିରୂପା ହୋଇ ପୁରୁଷକୁ ଆକର୍ଷଣ କରେ, ପୁରୁଷକୁ ଅଭିଭୂତ କରେ । ନାରୀ ପାଖରେ ଏହି ବିଶେଷତା ସମାଜରେ ଶ୍ରେଷ୍ଠତା ଆଣିଦିଏ । ଅନେକ ପୁରୁଷ ମଧ୍ୟରେ ଜଣେ ସ୍ତ୍ରୀ ଥିଲେ, ବାତାବରଣ ବଦଳି ଯାଏ । ନାରୀ କେନ୍ଦ୍ର ବିନ୍ଦୁ, ପୁରୁଷ ତା'ର ପରିଧି । ସ୍ତ୍ରୀ ଆକର୍ଷଣ, ପୁରୁଷ ଆକ୍ରମଣ । ସ୍ତ୍ରୀ ସୃଜନକାରୀ, ପୁରୁଷ ପାଳନକାରୀ ।

ପ୍ରକୃତି ଏବଂ ପୁରୁଷ, ସମ୍ପର୍ଣ୍ଣ ଭାବେ ପରିପୂରକ । ନାରୀ, ପୁରୁଷର ପ୍ରତିଯୋଗୀ ନୁହେଁ । ପୁରୁଷ ଅଧିକାର ସାବ୍ୟସ୍ତ କରି ଚାଲେ, ନାରୀ ସ୍ୱାଭିମାନ ଜାହିର କରିଥାଏ । ପୁରୁଷର ସ୍ୱଭାବ ଆକ୍ରମଣାତ୍ମକ, ନାରୀ ସର୍ବଦା ସହଯୋଗର ହାତ ବଢ଼ାଏ । ନାରୀ କଳ୍ପନାର ଯାଦୁକାରୀ, ପୁରୁଷ ବାସ୍ତବତାର ଅଧିକାରୀ । ନାରୀ ଆଶାରେ ବଞ୍ଚି ଥାଏ, ପୁରୁଷ ଲକ୍ଷ୍ୟ ପ୍ରାପ୍ତିରେ ଭରସା ରଖେ ।

ପୁରୁଷ ଏକାନ୍ତ ଆନୁଗତ୍ୟ ଚାହେଁ, ନାରୀ ମମତାର ସ୍ନିଗ୍ଧ ପରଶ ଚାହେଁ । ପୁରୁଷ ନିଜ ଅହଙ୍କାର ପ୍ରତିଷ୍ଠିତ କରିବାକୁ ଚାହେଁ, ନାରୀ ନିଜର ପୂର୍ଣ୍ଣ ସ୍ୱୀକୃତି ଦାବି କରେ । ପୁରୁଷ ଚାହେଁ ଅନୁଗାମୀ, ନାରୀ ଚାହେଁ ସହଗାମୀ । ପୁରୁଷର ପ୍ରବୃତ୍ତିଗତ ଭାବେ ଅଧିକାର ସାବ୍ୟସ୍ତ କରିବାକୁ ଚାହେଁ । ନାରୀ ନିଜ ସୌନ୍ଦର୍ଯ୍ୟରେ ଅନ୍ୟର ଦୃଷ୍ଟି ଆକର୍ଷଣ କରିବାକୁ ଚାହେଁ ।

ନାରୀ, ପରିବାରର କେନ୍ଦ୍ର, ମମତାର ଉତ୍ସ, ସୁରକ୍ଷାର କବଚ । ନାରୀ ଗଛର ମୂଳ ଭଳି ଦୃଢ଼ ଭିତ୍ତି ନିର୍ମାଣ କରେ । ପୁରୁଷ ବୃକ୍ଷରଡାଳ ପତ୍ର ଭଳି ନିଜକୁ ବିସ୍ତାରିତ କରିବାକୁ ଚାହେଁ । ନାରୀ ଏବଂ ପୁରୁଷ ମଧ୍ୟରେ ସଂଘର୍ଷ ନାହିଁ, ବିପରୀତ ବୋଧ ନାହିଁ, ଉତ୍ପୀଡ଼ନ ନାହିଁ । ସଂସାରକୁ ସୁନ୍ଦର କରି ଗଢିବା ପାଇଁ ଦୁହେଁ ଅଭିପ୍ରେତ ।

ନାରୀ ଏବଂ ପୁରୁଷ ମଧ୍ୟରେ ପ୍ରକୃତି ଭାରସାମ୍ୟତା ରକ୍ଷା କରିଛି । ନାରୀ ପୁରୁଣା କୁସଂସ୍କାରକୁ ଫିଙ୍ଗି ଆଧୁନିକ ଦୁନିଆରେ ନିଜ ପରାକାଷ୍ଠା ପ୍ରତିପାଦନ କରିବାର ସୁଯୋଗ ପାଇଛି। ନାରୀକୁ ସମ୍ମାନ ଦେବା ଏବଂ ସମାନତାର ସୁଯୋଗ ଦେବା ଦ୍ୱାରା ସୁସ୍ଥ ସମାଜର ଭିତ୍ତିଭୂମି ଦୃଢ଼ ହେବ । ନାରୀ ପାଇଁ ସମାଜରେ ସମ୍ମାନବୋଧ ନିର୍ମାଣ କରିବାର ଆବଶ୍ୟକତା ରହିଛି ।

- ମୋ. ୭୭୩୫୩୪୮୬୬୦
ଭୁବନେଶ୍ୱର

ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ

କୋଟିଆରେ...

ଅଧିକ ପୋଲିସ କର୍ମଚାରୀଙ୍କୁ ନେଇ କୋଟିଆ ଭିତରକୁ ଆଗକୁ ବଢ଼ିବା ଉଦ୍ୟମକୁ ନେଇ ଉତ୍ତେଜନା ବଢ଼ିଛି । ଓଡ଼ିଶା ପୁଲିସ ଓ ଅଧିକାରୀଙ୍କ ପ୍ରତିରୋଧ ପରେ ପଛଘୁଞ୍ଚା ଦେଇଛି ଆନ୍ଧ୍ର । ଫଗୁଣସିନେରୀ, ଫାଟୁସିନେରୀ, ନେନେରେଡ଼ିୱାଲେସାର ୩ ସୀମାରେ ୧୪ ପ୍ଲାଟୁନ ପୁଲିସ ମୁତୟନ ସହ କୋଟିଆର ୨୧ ଗ୍ରାମରେ ୧୬୩ ଧାରା ଲାଗୁ କରାଯାଇଛି । ଆଇନଶୃଙ୍ଖଳା ପରିସ୍ଥିତି ପାଇଁ ୯ ମାଜିଷ୍ଟ୍ରେଟ୍‌ଙ୍କୁ ନିୟୋଜିତ କରାଯାଇଛି । ଓଡ଼ିଶା ସୀମାରେ ଅନଧିକାର ପ୍ରବେଶ ଓ ବିଶୃଙ୍ଖଳା ସୃଷ୍ଟି କଲେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ନିର୍ଦ୍ଦେଶ ଦେଇଛନ୍ତି ଜିଲ୍ଲାପାଳ ମନୋଜ ସତ୍ୟବାନ ମହାଜନ ।

ମଙ୍ଗଳବାର ସକାଳେ ନେରେଡ଼ିୱାଲେସାରେ ଗୋଟିଏ ଅଟୋ ଓ ୨ଟି ବାଇକରେ ଆନ୍ଧ୍ର ନିର୍ବାଚନ ପ୍ରଚାର କରୁଥିଲା । କୋରାପୁଟ ଉପଜିଲ୍ଲାପାଳ ଫାବି ରସିଦ ପ୍ରଚାର ଗାଡ଼ି ଅଟକାଇ ଓ ସୀମା ଭିତରକୁ ନ ପଶିବାକୁ ବାରଣ କରିଥିଲେ । ଓଡ଼ିଶା ଭିତରେ ପଶିବା ପାଇଁ ଆନ୍ଧ୍ରର କୌଣସି ଅଧିକାର ନଥିବା ଉପଜିଲ୍ଲାପାଳ ଚେତାବନୀ ଦେଇଥିଲେ । ଫଳରେ ଓ ପୁଲିସ ଏବଂ ଆନ୍ଧ୍ର ପୁଲିସ ମଧ୍ୟରେ ଧସ୍ତାଧସ୍ତି ହୋଇଥିଲା । ଉଭୟ ରାଜ୍ୟର ସମର୍ଥକଙ୍କ ମଧ୍ୟରେ ଠେଲାପେଲା ଓ ପିଟାପିଟି ହୋଇଥିଲା । ଅପରାହ୍ଣରେ କୋରାପୁଟ ବିଧାୟକ ରଘୁରାମ ମାଛ, କୋଟପାଡ଼ ବିଧାୟକ ରୁପୁ ଭତ୍ରା ଏବଂ ବିଜେପି ଟିମ୍, ପୂର୍ବତନ ସାଂସଦ ଜୟରାମ ପାଙ୍ଗି ପହଞ୍ଚି ଆନ୍ଧ୍ରର ଅନୁପ୍ରବେଶକୁ ଜୋରଦାର ବିରୋଧ କରିଥିଲେ । ସନ୍ଧ୍ୟା ୫ଟାରେ ଓ ଶହ ଶହ ସମର୍ଥକ ଆନ୍ଧ୍ର ଗୋ ବ୍ୟାକ ନାରା ଦେଇ ନେରେଡ଼ିୱାଲେସାରେ ପହଞ୍ଚିବା ପରେ ଆନ୍ଧ୍ର ପୁଲିସ ଓ ସମର୍ଥକ ସୀମା ଛାଡ଼ି ପଳାଇଥିଲେ । ଉପଜିଲ୍ଲାପାଳ ଫାବି ରସିଦ, ପଟାଙ୍ଗି ତହସିଲଦାର ଦେବେନ୍ଦ୍ର ବାହାଦୁର ସିଂ ଧାରୁଆ, ସ୍ୱତନ୍ତ୍ର ଅଧିକାରୀ ସୌରଭକାନ୍ତ ଦାସ, ଅତିରିକ୍ତ ଜିଲ୍ଲାପାଳ ତପନ କୁମାର ନାୟକ, ସିଡିଓ ବେଣୁଧର ଶବର ପ୍ରମୁଖ ସୀମାରେ ରହି ସ୍ଥିତି ଉପରେ ନଜର ରଖିଥିଲେ । ଓଡ଼ିଶା ଭୋଟରଙ୍କୁ ପ୍ରଭାବିତ କରିବା ପାଇଁ ଆନ୍ଧ୍ର ସୋମବାର ଚାଉଳ ଓ ରାସନ ଭର୍ତ୍ତି ଟ୍ରକ ଗଞ୍ଜେଇପଦର ପଠାଇଥିଲା । ଯାହାକୁ ଓ ପ୍ରଶାସନ ଫେରାଇ ଦେଇଥିଲା । ଏହାକୁ ବିରୋଧ କରି ମଙ୍ଗଳବାର ସକାଳେ ତାଡିୱାଲସାରେ ରାସ୍ତାରୋକ ହୋଇଥିଲା । ଓଡ଼ିଶା ଟିମ ରାସ୍ତାରୋକ ହଟାଇବା ସହ ଆନ୍ଧ୍ର ସମର୍ଥକଙ୍କୁ ସେଠାରୁ ତଡ଼ି ଦେଇଥିଲେ ।

ମୁଖ୍ୟମନ୍ତ୍ରୀଙ୍କୁ...

ତାରିଖରେ ମୁଖ୍ୟମନ୍ତ୍ରୀଙ୍କୁ ଲେଖିଥିବା ଚିଠିର ଉତ୍ତର ଅକ୍ଟୋବର ୨୭ ତାରିଖରେ ପାଇଥିଲେ । ସାମ୍ପ୍ରତିକ ଘଟଣାବଳୀ ସମ୍ପର୍କରେ ଉଲ୍ଲେଖ କରି ଶ୍ରୀ ପଟ୍ଟନାୟକ ଉଲ୍ଲେଖ କରିଛନ୍ତି ଯେ କୋଟିଆରେ ଓଡ଼ିଶା ଓ ଆନ୍ଧ୍ରପ୍ରଦେଶ ଅଧିକାରୀମାନଙ୍କ ମଧ୍ୟରେ ବଢ଼ୁଥିବା ଉତ୍ତେଜନା ଓ ମୁହାଁମୁହିଁ ଅବସ୍ଥା ତୃଣମୂଳ ସ୍ତରରେ ସ୍ଥିତିକୁ ଅଧିକ ଜଟିଳ କରିଦେଉଛି ।

ବର୍ତ୍ତମାନର ଉତ୍ତେଜନାପୂର୍ଣ୍ଣ ପରିବେଶ ଏବଂ ଆସନ୍ନ ନିର୍ବାଚନ ସ୍ଥିତିକୁ ଦୃଷ୍ଟିରେ ରଖି, ଏହି ପ୍ରସଙ୍ଗରେ କେନ୍ଦ୍ର ସରକାର ଏବଂ ଆନ୍ଧ୍ରପ୍ରଦେଶ ସରକାରଙ୍କ ସହ ସର୍ବୋଚ୍ଚସ୍ତରରେ ମୁଖ୍ୟମନ୍ତ୍ରୀ ଆଲୋଚନା ଆରମ୍ଭ କରିବାକୁ ଶ୍ରୀ ପଟ୍ଟନାୟକ ପ୍ରସ୍ତାବ ଦେଇଛନ୍ତି ।

ଶ୍ରୀ ପଟ୍ଟନାୟକ ଲେଖିଛନ୍ତି ଯେ ଓଡ଼ିଶା ଓ ଆନ୍ଧ୍ରପ୍ରଦେଶ ଉଭୟ ରାଜ୍ୟ ଏନ୍‌ଡିଏର ଅଂଶୀଦାର ଦଳମାନଙ୍କ ଦ୍ୱାରା ଶାସିତ ହେଉଛି । ବିଜେପି ନେତୃତ୍ୱରେ ଓଡ଼ିଶାର ଭୌଗୋଳିକ ଅଖଣ୍ଡତାର ସୁରକ୍ଷା ପାଇଁ ୨୦୨୪ ନିର୍ବାଚନ ଇସ୍ତାହାର ରେ ବିଜେପି ଦେଇଥିବା ପ୍ରତିଶ୍ରୁତି ଅନୁଯାୟୀ ମୁଖ୍ୟମନ୍ତ୍ରୀ ତୁରନ୍ତ ଏହି ପଦକ୍ଷେପ ନେବା ଜରୁରୀ ହୋଇପଡିଛି । ଓଡ଼ିଶାର ମୁଖ୍ୟମନ୍ତ୍ରୀ ଭାବରେ ରାଜ୍ୟର ନ୍ୟାୟସଙ୍ଗତ ସ୍ୱାର୍ଥର ସୁରକ୍ଷାକୁ ସୁନିଶ୍ଚିତ କରିବା ଏବଂ ତୃଣମୂଳସ୍ତରରେ ପରିସ୍ଥିତି ଯେପରି ଆଉ ଅଧିକ ଉତ୍ତେଜନାପୂର୍ଣ୍ଣ ନ ହେବ ସେ ଦିଗରେ ପଦକ୍ଷେପ ନେବା ମୁଖ୍ୟମନ୍ତ୍ରୀ ଙ୍କ ନୈତିକ ଦାୟିତ୍ୱ ବୋଲି ଶ୍ରୀ ପଟ୍ଟନାୟକ ସ୍ମରଣ କରାଇ ଦେଇଛନ୍ତି । ସେ ଆଶା ବ୍ୟକ୍ତ କରିଛନ୍ତି ଯେ ବିଜେପିର ନେତୃତ୍ୱ ଓଡ଼ିଶାବାସୀଙ୍କୁ ଦେଇଥିବା ପ୍ରତିଶ୍ରୁତିର ସମ୍ମାନ ରଖିବ ଏବଂ ୨୦୨୪ ନିର୍ବାଚନୀ ଇସ୍ତାହାରରେ କୋଟିଆ ପ୍ରସଙ୍ଗରେ ଓଡିଶାବାସୀଙ୍କୁ ଦେଇଥିବା ଗ୍ୟାରେଣ୍ଟିକୁ କେବଳ ପ୍ରତିଶ୍ରୁତିରେ ସୀମିତ ନରଖି କାର୍ଯ୍ୟରେ ପରିଣତ କରିବା ପାଇଁ ଫଳପ୍ରଦ ପଦକ୍ଷେପ ନେବ ।

ରାଜଧାନୀରେ...

ରଖିଥିଲେ । କେୟାରଟେକର ବଳଭଦ୍ର ମହାରଣା ଘର ଖୋର୍ଦ୍ଧା ଟାଙ୍ଗୀ ଅଞ୍ଚଳରେ ହୋଇଥିବା ବେଳେ ସେ ଗତ ୬ମାସ ହେବ କୁଞ୍ଜଲତାଙ୍କ ଘରେ ରହି ତାଙ୍କ ଯନି ନେଉଥିଲା । କାରଣ କୁଞ୍ଜଲତାଙ୍କ ଦୁଇ ପୁଅଙ୍କ ମଧ୍ୟରୁ ଜଣେ ବିଦେଶରେ ରହୁଥିବାବେଳେ ଅନ୍ୟ ଜଣେ ମୁମ୍ବାଇରେ ରୁହନ୍ତି । ଦୁଇ ପୁଅଙ୍କୁ ଛାଡି ଦୁଇ ଝିଅ ବିବାହ କରିଥିବାରୁ ସେମାନେ ଭୁବନେଶ୍ୱରରେ ଅନ୍ୟତ୍ର ରହୁଛନ୍ତି । ଗତ ବର୍ଷେ ହେବ କୁଞ୍ଜଲତାଙ୍କ ସ୍ୱାମୀଙ୍କ ମୃତ୍ୟୁ ହେବାରୁ ତାଙ୍କ ଦେଖାଶୁଣା କରିବା ପାଇଁ ବଳଭଦ୍ରକୁ କେୟାରଟେକର ଭାବେ ପିଲାମାନେ ମା'ଙ୍କ ପାଖରେ ରଖିଥିଲେ ।

ମଙ୍ଗଳବାର ବିଳମ୍ବିତ ରାତିରେ କୁଞ୍ଜଲତାଙ୍କ ହାତ ଓ ମୁହଁକୁ ବଳଭଦ୍ର ବାନ୍ଧିଦେଇ ତାଙ୍କ ମୁଣ୍ଡକୁ ପିଟି ହତ୍ୟା କରିଥିବା ଘଟଣାସ୍ଥଳରୁ ଜଣାପଡ଼ିଛି । ତାଙ୍କୁ ହତ୍ୟା କରିବା ପରେ କୁଞ୍ଜଲତାଙ୍କ ଘରେ ଥିବା ୬ଭରି ସୁନା ଅଳଙ୍କାର ଓ ୬୦ ହଜାର ଟଙ୍କା ବଳଭଦ୍ର ନେଇ ତାଙ୍କ ସ୍କୁଟରରେ ଫେରାର ହୋଇଯାଇଛି । କୁଞ୍ଜଲତାଙ୍କ ଘରେ ଥିବା ସ୍କୁଟର ଓ ଦୁଇଟି ବ୍ୟାଗ୍ ଧରି ରାତି ୨ଟା ୧୫ରେ ତାଙ୍କ ଘରୁ ବାହାରକୁ ଯାଉଥିବା ସିସି କ୍ୟାମେରାରୁ ଜଣାପଡିଛି । ବୁଧବାର ସକାଳେ କୁଞ୍ଜଲତା ଘରୁ ବାହାରକୁ ନଆସିବାରୁ ଭଡା ରହୁଥିବା ଲୋକମାନେ ତାଙ୍କୁ ଡାକିଥିଲେ । ସେ ନଶୁଣିବାରୁ ତାଙ୍କ କବାଟ ପାଖକୁ ଯାଇ ଦେଖିବାରୁ ବାହାରୁ ତାଲା ପଡିଥିବା ଜଣାପଡିଥିଲା । ଏହା ଦେଖି ଭଡା ଲୋକମାନେ ତାଙ୍କ ଝିଅଙ୍କୁ ଫୋନ୍ କରିଥିଲେ । ଝିଅ ପହଞ୍ଚି ତାଲା ପଡିଥିବା ଦେଖିବାରୁ ଲକ୍ଷ୍ମୀସାଗର ଥାନାକୁ ଜଣାଇଥିଲେ । ପୋଲିସ ପହଞ୍ଚି କବାଟ ପ୍ରଭୃତି ଖୋଲି ଦେଖିବା ବେଳକୁ କୁଞ୍ଜଲତାଙ୍କ ହାତ ଓ ମୁହଁକୁ ବାନ୍ଧି ହତ୍ୟା କରାଯାଇଛି । କିଏ ହତ୍ୟା କଲା ବୋଲି ଜାଣିବାକୁ ଚାହିଁବାରୁ କେୟାରଟେକର ବଳଭଦ୍ର ଏପରି ଘଟଣା ଘଟାଇଥିବା ଜଣାପଡିଥିଲା । ଘଟଣାସ୍ଥଳକୁ ପୋଲିସ କମିଶନର ଏସ୍.ଦେବଦତ୍ତ ସିଂ ଓ ଡିସିପି ସର୍ବଣା ବିବେକ ଏମ୍ ଯାଇ ତଦନ୍ତକୁ ତ୍ୱରାନ୍ୱିତ କରିବାକୁ ନିର୍ଦ୍ଦେଶ ଦେଇଛନ୍ତି । ଡିସିପିଙ୍କ କହିବା କଥା କେୟାରଟେକର ବଳଭଦ୍ର ଲୁଟ୍ ଉଦ୍ଦେଶ୍ୟରେ ଏପରି ଘଟଣା ଘଟାଇଥାଇ ପାରେ । ତାଙ୍କୁ ସନ୍ଦେହ ହେବାର କାରଣ କୁଞ୍ଜଲତାଙ୍କ ଘରେ ଥିବା ଏକ ସ୍କୁଟର ନଥିବା ବେଳେ ଘର ଭିତରେ ଖଟ ଉପରେ ସୁନାଗହଣା ଥିବା ଖୋଳଗୁଡିକ ପଡିଥିବା ଦେଖିବାକୁ ମିଳିଥିଲା । ଏଥିସହ ଗଡ୍ରେଜ ସମ୍ପୂର୍ଣ୍ଣ ମୁକୁଳା ଥିଲା । ସିସିଟିଭି ଫୁଟେଜ ଆଧାରରେ ବଳଭଦ୍ରକୁ ଗିରଫ କରିବା ପାଇଁ ପୋଲିସ ସ୍ୱତନ୍ତ୍ର ଟିମ୍ ଗଠନ କରି ତଦନ୍ତକୁ ତ୍ୱରାନ୍ୱିତ କରିଛି ।

ଗାଡକଣ କେଳୁଚରଣ ପାର୍କ ପାଚେରି ଓ ମଞ୍ଚେଶ୍ୱର ରେଲେଓ୍ୱ ଆରପିଏଫ୍ ବାରାକ ମଝିରେ ଥିବା ଜଙ୍ଗଲ ମଝି ଖାଲରେ କଙ୍କାଳ ପଡିଥିବା ମଞ୍ଚେଶ୍ୱର ଥାନା ପୋଲିସ ଖବର ପାଇ ଘଟଣାସ୍ଥଳରେ ପହଞ୍ଚିଥିଲା । ଅପରପାର୍ଶ୍ୱରୁ ଚନ୍ଦ୍ରଶେଖରପୁର ଥାନା ପୋଲିସ ସେଠାରେ ପହଞ୍ଚିଥିଲା । ମାସକ ପୂର୍ବରୁ କେହି ଦୁର୍ବୃତ୍ତ ମହିଳା କିମ୍ବା ପୁରୁଷକୁ ମାରି ସେଠାରେ ଫୋପାଡି ଦେଇଥିବାରୁ ତାହା ସମ୍ପୂର୍ଣ୍ଣ ପଚିସଡି ଯାଇଛି । ଗୋଟିଏ ଗୋଡର ହାଡ ଖଣ୍ଡବିଖଣ୍ଡିତ ହୋଇ ପଡିଥିବାବେଳେ ଅନ୍ୟ ଗୋଡଟି କଙ୍କାଳ ସହ ଲାଗି ରହିଥିବା ଦେଖିବାକୁ ମିଳିଥିଲା । ଏଥିସହ ମୁଣ୍ଡରୁ ବାଳ ବାହାରି ଯାଇଥିବା ବେଳେ ମୁହଁର ଦାନ୍ତ ଦିଶୁଥିଲା । ଦୁଇଟିଯାକ ହାତ ମଧ୍ୟ ସମ୍ପୂର୍ଣ୍ଣ କଙ୍କାଳ ହୋଇଯାଇଛି । ସେହି କଙ୍କାଳ ଦେହରେ ଏକ ହାଫପ୍ୟାଣ୍ଟ ଓ ଗଞ୍ଜିଟିଏ ଲାଗିଥିବା ଭଳି ଦିଶୁଛି । ବର୍ଷା ମାଡରେ ଶବ ସମ୍ପୂର୍ଣ୍ଣ ପଚିସଡି ଯିବା ସହ ଜନ୍ତୁମାନେ ଟଣାଭିଡା କରି ଖଣ୍ଡବିଖଣ୍ଡ କରିଦେଇଥିଲେ । ଘଟଣାସ୍ଥଳରେ ଡିସିପି ସର୍ବଣା ବିବେକ ଏମ୍. ପହଞ୍ଚିବା ପରେ ପଞ୍ଚନାମା କରାଯାଇ ହାଡ କଙ୍କାଳକୁ ଏକ ପଲିଥିନ ଜରିରେ ଗୁଡାଇ ଆମ୍ବୁଲାନ୍ସ ଯୋଗେ ବ୍ୟବଚ୍ଛେଦ ପାଇଁ ପଠାଯାଇଥିଲା । ଡିସିପିଙ୍କ କହିବା କଥା ପ୍ରାୟ ମାସକ ତଳେ ଘଟଣା ଘଟିଥିବାରୁ ତାହା ସମ୍ପୂର୍ଣ୍ଣ ନଷ୍ଟ ହୋଇଯାଇଛି । ପୁରୁଷ କି ମହିଳା ତାହା ସ୍ପଷ୍ଟ ଜଣାପଡୁନାହିଁ । ପରୀକ୍ଷାନିରୀକ୍ଷା ପରେ ତାହା ଜଣାପଡିବ । ଆବଶ୍ୟକ ହେଲେ ନିଖୋଜ ଥିବା ପରିବାର ଲୋକଙ୍କ ଡିଏନ୍‌ଏ ସହ ମିଳିଥିବା କଙ୍କାଳର ଡିଏନ୍‌ଏ ପରୀକ୍ଷା କରାଯିବ । ବହୁଦିନ ପୂର୍ବରୁ ମୃତ୍ୟୁ ହୋଇଥିବାରୁ ତାହା କଳାପଡି ପୋଡିଗଲା ପରି ଦିଶୁଛି ।

ବୁଧବାର ଦିନ ସକାଳୁ ଲକ୍ଷ୍ମୀସାଗର ଓ ଗାଡକଣ ଘଟଣାକୁ ନେଇ କମିଶନରେଟ୍ ପୋଲିସ ନାକେଦମ ହୋଇଛି । ଲକ୍ଷ୍ମୀସାଗର ହତ୍ୟାକାଣ୍ଡର ଆସାମୀକୁ ଗିରଫ କରିବା ଓ ଗାଡକଣ କେଳୁଚରଣ ପାର୍କ ପାଖରୁ ମିଳିଥିବା କଙ୍କାଳର ପରିଚୟ ଖୋଜି ବାହାର କରିବା କମିଶନରେଟ୍ ପୋଲିସ ପାଇଁ ଚାଲେଞ୍ଜ ସୃଷ୍ଟି କରିଛି ।

୭୫% ଅଗ୍ନିବୀରଙ୍କୁ...

କରିବ । ଚିଫ୍ ଅଫ୍ ଡିଫେନ୍ସ ଷ୍ଟାଫ୍ ଜେନେରାଲ୍ ଏନ୍.ଏସ୍. ରାଜା ସୁବ୍ରମଣି କହିଛନ୍ତି ଯେ, ଗତ ଚାରି ବର୍ଷ ଧରି ଅଗ୍ନିବୀରମାନଙ୍କ କାର୍ଯ୍ୟଦକ୍ଷତାର ବିସ୍ତୃତ ସମୀକ୍ଷା ପରେ ଏହି ନିଷ୍ପତ୍ତି ନିଆଯାଇଛି । ତିନି ସେନାବାହିନୀ ଅଗ୍ନିବୀରଙ୍କ ଅଭିଯାନଗତ ଅବଦାନ, ଦକ୍ଷତା, ଉତ୍ସାହ, ଶାରୀରିକ ସକ୍ଷମତା ଏବଂ ଆଧୁନିକ ପ୍ରଯୁକ୍ତି ସହିତ ଖାପ ଖୁଆଇବାର କ୍ଷମତା ସମ୍ପର୍କରେ ରିପୋର୍ଟ ଦେଇଥିଲେ । ସେନାବାହିନୀର ସୁପାରିସ ଆଧାରରେ ଏହି ଅତିରିକ୍ତ ସେବା ଅବଧିକୁ ଅନୁମୋଦନ କରାଯାଇଛି ।

ପ୍ରଥମ ପର୍ଯ୍ୟାୟ – ୪ ବର୍ଷ ପରେ : ପୂର୍ବ ନିୟମ ଅନୁଯାୟୀ, ପ୍ରତ୍ୟେକ ବ୍ୟାଚ୍‌ର ସର୍ବାଧିକ ୨୫ ପ୍ରତିଶତ ଅଗ୍ନିବୀରଙ୍କୁ ଯୋଗ୍ୟତା ଓ ମେରିଟ୍ ଆଧାରରେ ନିୟମିତ କ୍ୟାଡରରେ ଚୟନ କରାଯିବ । ଏହି ପ୍ରକ୍ରିୟାରେ କୌଣସି ପରିବର୍ତ୍ତନ ହୋଇନାହିଁ । ଦ୍ୱିତୀୟ ପର୍ଯ୍ୟାୟ – ୬ ବର୍ଷ ପରେ : ଏହା ନୂଆ ବ୍ୟବସ୍ଥା । ପ୍ରଥମ ପର୍ଯ୍ୟାୟରେ ଚୟନ ହୋଇନଥିବା ଅବଶିଷ୍ଟ ୭୫ ପ୍ରତିଶତ ଅଗ୍ନିବୀର ଇଚ୍ଛା କଲେ ଆଉ ଦୁଇ ବର୍ଷ ସେବା କରିପାରିବେ । ଏହି ଅବଧି ଶେଷ ହେବା ପରେ ସେମାନଙ୍କୁ ନିୟମିତ ସୈନିକ ଭାବେ ନିଯୁକ୍ତି ପାଇଁ ସୁଯୋଗ ମିଳିବ । ତେବେ ଏଥିପାଇଁ ସେନାବାହିନୀର ନିର୍ଦ୍ଧାରିତ ଯୋଗ୍ୟତା ଓ ଆବଶ୍ୟକତା ପୂରଣ କରିବା ଜରୁରୀ ।

ଏହାଦ୍ୱାରା ପ୍ରତ୍ୟେକ ବ୍ୟାଚ୍‌ର ସମସ୍ତ ଅଗ୍ନିବୀରଙ୍କ ପାଇଁ ନିୟମିତ ସେନାରେ ନିଯୁକ୍ତିର ଦ୍ୱାର ଖୋଲା ରହିବ । ତେବେ ଏହା କୌଣସି ସ୍ଥାୟୀ ନିଯୁକ୍ତିର ଗ୍ୟାରେଣ୍ଟି ନୁହେଁ । କାହାକୁ ସ୍ୱତଃସ୍ଫୂର୍ତ୍ତ ଭାବେ ସ୍ଥାୟୀ କରାଯିବ ନାହିଁ । ନିଯୁକ୍ତି ସଂଖ୍ୟା ସେନାବାହିନୀର ଆବଶ୍ୟକତା ଓ ବ୍ୟକ୍ତିଗତ କାର୍ଯ୍ୟଦକ୍ଷତା ଉପରେ ନିର୍ଭର କରିବ । କେନ୍ଦ୍ର ସରକାର ୨୦୨୨ ଜୁନ୍ ୧୪ ତାରିଖରେ ଅଗ୍ନିପଥ ଯୋଜନା ଘୋଷଣା କରିଥିଲେ । ଅଧିକାରୀ ପଦବୀଠାରୁ ତଳସ୍ତରରେ ସେନା କର୍ମଚାରୀ ନିଯୁକ୍ତି ପାଇଁ ଏହା ଏକ ନୂଆ ବ୍ୟବସ୍ଥା ଥିଲା । ଦୀର୍ଘକାଳୀନ ନିଯୁକ୍ତି ପରିବର୍ତ୍ତେ ଚାରି ବର୍ଷର ନିର୍ଦ୍ଦିଷ୍ଟ ସେବା ଅବଧି ଲାଗୁ କରାଯାଇଥିଲା । ସେନାବାହିନୀକୁ ଯୁବ ରଖିବା ଏବଂ ଆଧୁନିକ ପ୍ରଯୁକ୍ତିରେ ଦକ୍ଷ କର୍ମଚାରୀ ସୃଷ୍ଟି କରିବା ଏହାର ମୁଖ୍ୟ ଉଦ୍ଦେଶ୍ୟ ଥିଲା ।

ଏହି ଯୋଜନାରେ ନିଯୁକ୍ତ ଯୁବକଯୁବତୀଙ୍କୁ 'ଅଗ୍ନିବୀର' କୁହାଯାଏ । ସେମାନେ ସାମରିକ ପ୍ରଶିକ୍ଷଣ ନେବା ପରେ ବିଭିନ୍ନ ଅଭିଯାନ ଓ ଅନ୍ୟାନ୍ୟ ଦାୟିତ୍ୱ ତୁଲାଇଥାନ୍ତି । ପ୍ରତ୍ୟେକ ବ୍ୟାଚ୍‌ର ସର୍ବାଧିକ ୨୫ ପ୍ରତିଶତ ଅଗ୍ନିବୀରଙ୍କୁ ଯୋଗ୍ୟତା, କାର୍ଯ୍ୟଦକ୍ଷତା ଓ ସେନାବାହିନୀର ଆବଶ୍ୟକତା ଆଧାରରେ ନିୟମିତ କ୍ୟାଡରରେ ନିଯୁକ୍ତି ଦିଆଯାଇପାରୁଥିଲା । ଅବଶିଷ୍ଟ ଅଗ୍ନିବୀରମାନେ ଚାରି ବର୍ଷ ପରେ 'ସେବା ନିଧି' ପ୍ୟାକେଜ୍ ପାଇ ସେନାରୁ ଅବସର ନେଉଥିଲେ । ଏହି ପ୍ୟାକେଜ୍‌ରେ ଅଗ୍ନିବୀରଙ୍କ ନିଜସ୍ୱ ଅବଦାନ, ସରକାରଙ୍କ ସମାନ ଅବଦାନ ଏବଂ ସୁଧ ଅନ୍ତର୍ଭୁକ୍ତ ଥିଲା । ସରକାରଙ୍କ ଆକଳନ ଅନୁଯାୟୀ, ଏହି ରାଶି ପ୍ରାୟ ୧୧.୭୧ ଲକ୍ଷ ଟଙ୍କା ଥିଲା ।

ପ୍ରଥମ ବର୍ଷରେ ଅଗ୍ନିବୀରଙ୍କ ମାସିକ ପ୍ୟାକେଜ୍ ୩୦ ହଜାର ଟଙ୍କା ଥିବାବେଳେ ଚତୁର୍ଥ ବର୍ଷରେ ଏହା ୪୦ ହଜାର ଟଙ୍କାକୁ ବୃଦ୍ଧି ପାଉଥିଲା । ଏହାର ୭୦ ପ୍ରତିଶତ ରାଶି ସେମାନଙ୍କୁ ମାସିକ ଦରମା ଭାବେ ମିଳୁଥିଲା ଏବଂ ଅବଶିଷ୍ଟ ୩୦ ପ୍ରତିଶତ ଅଗ୍ନିବୀର କର୍ପସ୍ ଫଣ୍ଡରେ ଜମା ହେଉଥିଲା । ସେବା ଅବଧି ମଧ୍ୟରେ ସେମାନଙ୍କୁ ୪୮ ଲକ୍ଷ ଟଙ୍କାର ଅଣ-ଅବଦାନଭିତ୍ତିକ ଜୀବନ ବୀମା ସୁରକ୍ଷା ମଧ୍ୟ ଦିଆଯାଉଥିଲା । ତେବେ ଚାରି ବର୍ଷ ପରେ ସେନା ଛାଡୁଥିବା ଅଗ୍ନିବୀରମାନଙ୍କୁ ପୂର୍ବ ବ୍ୟବସ୍ଥାରେ ଗ୍ରାଚୁଇଟି କିମ୍ବା ପେନସନ୍‌ର ସୁବିଧା ମିଳୁନଥିଲା । ଅଗ୍ନିପଥ ଯୋଜନାରେ ଏହି ନୂଆ ପରିବର୍ତ୍ତନ ଯୁବପିଢ଼ିଙ୍କୁ ସେନାରେ ଅଧିକ ସମୟ ସେବା କରିବା ଏବଂ ନିୟମିତ ସେନାରେ ନିଯୁକ୍ତି ପାଇଁ ଅଧିକ ସୁଯୋଗ ପ୍ରଦାନ କରିବ ବୋଲି ଆଶା କରାଯାଉଛି ।

ସିନେଟ୍...

ନିଜର ଆଧିପତ୍ୟ ସ୍ଥାପନ କରିଛନ୍ତି । ଏହି ନିର୍ବାଚନୀ ଫଳାଫଳ ଟ୍ରମ୍ପଙ୍କ ଶାସନର ଶେଷ ଦୁଇ ବର୍ଷକୁ ଅଧିକ ଚ୍ୟାଲେଞ୍ଜପୂର୍ଣ୍ଣ କରିବା ସହ ଭାରତ-ଆମେରିକା ସମ୍ପର୍କ ଉପରେ ମଧ୍ୟ ପ୍ରଭାବ ପକାଇପାରେ ।

ମୁଦ୍ରାସ୍ଫୀତି, ଜୀବନଯାପନ ଖର୍ଚ୍ଚରେ ଅତ୍ୟଧିକ ବୃଦ୍ଧି, ଟ୍ରମ୍ପଙ୍କ ଲୋକପ୍ରିୟତା ହ୍ରାସ ଏବଂ ଇରାନ୍ ଯୁଦ୍ଧ ରିପବ୍ଲିକାନ୍ ପାର୍ଟିର ପରାଜୟର ପ୍ରମୁଖ କାରଣ ବୋଲି ବିବେଚନା କରାଯାଉଛି । ଡେମୋକ୍ରାଟ୍‌ମାନେ ସିନେଟ୍‌ରେ ଛଅଟି ରିପବ୍ଲିକାନ୍ ଅଧିକୃତ ରାଜ୍ୟକୁ ନିଜ ଦଖଲକୁ ଆଣିଛନ୍ତି । ଏଥିରେ କାନ୍‌ସାସ୍ ଓ ଟେକ୍ସାସ୍ ଭଳି ପାରମ୍ପରିକ ରିପବ୍ଲିକାନ୍ ରାଜ୍ୟ ମଧ୍ୟ ସାମିଲ ରହିଛି । ହାଉସ୍‌ରେ ମଧ୍ୟ ଦୁଇ ଡଜନ୍‌ରୁ ଅଧିକ ଆସନରେ ବିଜୟ ହାସଲ କରି ଡେମୋକ୍ରାଟ୍‌ମାନେ ୨୨୦ରୁ ଅଧିକ ଆସନ ଦଖଲ କରିଛନ୍ତି ।

କଂଗ୍ରେସର ଉଭୟ ସଦନରେ ଡେମୋକ୍ରାଟ୍‌ଙ୍କ ନିୟନ୍ତ୍ରଣ ରହିବା ଫଳରେ ରାଷ୍ଟ୍ରପତି ଟ୍ରମ୍ପଙ୍କ ବିଧାନଗତ ଯୋଜନା ଉପରେ ଅଙ୍କୁଶ ଲାଗିପାରେ । ଡେମୋକ୍ରାଟ୍‌ମାନେ ବିଧେୟକକୁ ଅଟକାଇବା, ସରକାରୀ ନୀତି ଉପରେ ଶୁଣାଣି କରିବା, ସମନ ଜାରି କରିବା ଏବଂ ବିଭିନ୍ନ ମାମଲାରେ ତଦନ୍ତ ଆଦେଶ ଦେବାର ଅଧିକ କ୍ଷମତା ପାଇବେ । ତେବେ ଟ୍ରମ୍ପଙ୍କ ପାଖରେ ରାଷ୍ଟ୍ରପତିଙ୍କ ଭିଟୋ କ୍ଷମତା ରହିଛି । ଏହା ସହ ସିନେଟ୍‌ରେ 'ଫିଲିବଷ୍ଟର' ବ୍ୟବସ୍ଥା ମଧ୍ୟ ରହିଛି । ଏହି ପ୍ରକ୍ରିୟାରେ ଦୀର୍ଘ ଆଲୋଚନା ମାଧ୍ୟମରେ ବିଧେୟକ ଉପରେ ଭୋଟିଂକୁ ବିଳମ୍ବ କିମ୍ବା ଅଟକାଇ ଦିଆଯାଇପାରେ । ତେଣୁ ଡେମୋକ୍ରାଟ୍‌ଙ୍କ ନିୟନ୍ତ୍ରଣ ସତ୍ତ୍ୱେ ଟ୍ରମ୍ପଙ୍କ ପାଇଁ କିଛି ନୀତି କାର୍ଯ୍ୟକାରୀ କରିବାର ସୁଯୋଗ ରହିବ ।

ଆମେରିକାର ରାଜନୈତିକ ପରିବର୍ତ୍ତନ ଭାରତ-ଆମେରିକା ସମ୍ପର୍କରେ ନୂଆ ସମୀକରଣ ସୃଷ୍ଟି କରିପାରେ । ଡେମୋକ୍ରାଟ୍‌ମାନେ ଆମେରିକାର ବୈଦେଶିକ ନୀତି, ବାଣିଜ୍ୟ, ରକ୍ଷା ସହଯୋଗ ଏବଂ ଭାରତ ସହ ରଣନୀତିକ ସମ୍ପର୍କ ଉପରେ ଅଧିକ ଚର୍ଚ୍ଚା ଓ ନିରୀକ୍ଷଣ କରିପାରିବେ । ଭାରତ ସହ ବାଣିଜ୍ୟିକ ସମ୍ପର୍କ, ଶୁଳ୍କ ନୀତି, ପ୍ରବାସୀ ଭାରତୀୟଙ୍କ ଭିସା ଏବଂ ଆମେରିକାରେ ଭାରତୀୟ ପେଶାଦାରଙ୍କ ସୁଯୋଗ ଭଳି ପ୍ରସଙ୍ଗଗୁଡ଼ିକ କଂଗ୍ରେସରେ ଅଧିକ ଗୁରୁତ୍ୱ ପାଇପାରେ । ନର୍ଥ କାରୋଲିନାରେ ଡେମୋକ୍ରାଟ୍‌ଙ୍କ ବଡ଼ ବିଜୟ : ଜାମି ଏଜର୍ ହାଉସ୍ ଆସନରେ ବିଜୟୀ ହୋଇଥିବାବେଳେ ରୟ କୁପର୍ ସିନେଟ୍ ଆସନରେ ମାଇକେଲ୍ ହ୍ୱାଟଲିଙ୍କୁ ପରାସ୍ତ କରିଛନ୍ତି । ୨୦୦୮ ପରେ ପ୍ରଥମଥର ପାଇଁ ଏହି ରାଜ୍ୟର ସିନେଟ୍ ଆସନ ଡେମୋକ୍ରାଟ୍‌ଙ୍କ ଦଖଲକୁ ଆସିଛି ।

ନ୍ୟୁଜର୍ସିରେ ରେବେକା ବେନେଟ୍‌ଙ୍କ ବିଜୟ : ପୂର୍ବତନ ନୌସେନା ହେଲିକପ୍ଟର ପାଇଲଟ୍ ରେବେକା ବେନେଟ୍ ଦୁଇଥର ନିର୍ବାଚିତ ରିପବ୍ଲିକାନ୍ ଟମ୍ କିନ୍ ଜୁନିୟରଙ୍କୁ ପରାସ୍ତ କରି ହାଉସ୍ ଆସନ ଦଖଲ କରିଛନ୍ତି । ପେନ୍‌ସିଲଭାନିଆରେ ଡେମୋକ୍ରାଟ୍‌ଙ୍କ ବିଜୟ : ବବ୍ ବ୍ରୁକ୍ସ ରିପବ୍ଲିକାନ୍ ରିଆନ୍ ମାକେଞ୍ଜିଙ୍କୁ ପରାସ୍ତ କରିଛନ୍ତି ।

ଏହି ବିଜୟ ଡେମୋକ୍ରାଟ୍‌ଙ୍କ ସିନେଟ୍ ନିୟନ୍ତ୍ରଣକୁ ଆହୁରି ମଜବୁତ କରିଛି । ଟେକ୍ସାସ୍‌ରେ ଗିନା ହିନୋଜୋସାଙ୍କ ବିଜୟ : ଗିନା ହିନୋଜୋସା ରିପବ୍ଲିକାନ୍ ଗ୍ରେଗ୍ ଆବଟ୍‌ଙ୍କୁ ପରାସ୍ତ କରି ରାଜ୍ୟର ଗଭର୍ଣ୍ଣର ହୋଇଛନ୍ତି । ୧୯୯୦ ପରେ ପ୍ରଥମଥର ଟେକ୍ସାସ୍‌ରେ ଡେମୋକ୍ରାଟ୍ ଗଭର୍ଣ୍ଣର ନିର୍ବାଚିତ ହୋଇଛନ୍ତି । ସେ ରାଜ୍ୟର ପ୍ରଥମ ଲାଟିନା ମହିଳା ଗଭର୍ଣ୍ଣର ମଧ୍ୟ ।

କାନ୍‌ସାସ୍‌ରେ ଆଡାମ୍ ହାମିଲଟନ୍‌ଙ୍କ ବିଜୟ ଡେମୋକ୍ରାଟ୍ ଆଡାମ୍ ହାମିଲଟନ୍ ରିପବ୍ଲିକାନ୍ ରୋଜର୍ ମାର୍ଶଲଙ୍କୁ ପରାସ୍ତ କରି ସିନେଟ୍ ଆସନ ଜିତିଛନ୍ତି । ପ୍ରାୟ ୯୪ ବର୍ଷ ପରେ ଏହି ରାଜ୍ୟରେ ଡେମୋକ୍ରାଟ୍‌ଙ୍କ ଏପରି ବିଜୟ ଦେଖିବାକୁ ମିଳିଛି । ଓହାଇଓରେ ବିବେକ ରାମାସ୍ୱାମୀଙ୍କ ପରାଜୟ ଭାରତୀୟ ବଂଶୋଦ୍ଭବ ରିପବ୍ଲିକାନ୍ ନେତା ବିବେକ ରାମାସ୍ୱାମୀ ଗଭର୍ଣ୍ଣର ନିର୍ବାଚନରେ ଡେମୋକ୍ରାଟ୍ ଏମି ଆକ୍ଟନ୍‌ଙ୍କଠାରୁ ପରାଜିତ ହୋଇଛନ୍ତି । ଆଇଓ୍ୱାରେ ରବ୍ ସାଣ୍ଡଙ୍କ ବିଜୟ ରବ୍ ସାଣ୍ଡ ରିପବ୍ଲିକାନ୍ ଜାକ୍ ଲାନ୍‌ଙ୍କୁ ପରାସ୍ତ କରି ରାଜ୍ୟର ପ୍ରଥମ ଡେମୋକ୍ରାଟ୍ ଗଭର୍ଣ୍ଣର ହୋଇଛନ୍ତି । ୨୦୦୬ ପରେ ଏହି ରାଜ୍ୟରେ ଡେମୋକ୍ରାଟ୍‌ଙ୍କ ଏହା ପ୍ରଥମ ବିଜୟ । ଗଭର୍ଣ୍ଣର ନିର୍ବାଚନରେ ଐତିହାସିକ ସଫଳତା ଜର୍ଜିଆରେ କେଇଶା ଲାନ୍ସ ବଟମ୍ସ ପ୍ରଥମ କୃଷ୍ଣକାୟ ମହିଳା ଗଭର୍ଣ୍ଣର ହୋଇଛନ୍ତି । ମଧ୍ୟାବଧି ନିର୍ବାଚନରେ ରିପବ୍ଲିକାନ୍ ପାର୍ଟିର ପରାଜୟକୁ ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ ସ୍ୱୀକାର କରିଛନ୍ତି । ସେ ଦେଶର ମଙ୍ଗଳ ପାଇଁ ଡେମୋକ୍ରାଟ୍‌ମାନଙ୍କ ସହ କାମ କରିବାକୁ ପ୍ରସ୍ତୁତ ବୋଲି କହିଛନ୍ତି । ତେବେ ଯଦି ସେ ନିଜେ ନିର୍ବାଚନରେ ପ୍ରାର୍ଥୀ ହୋଇଥାନ୍ତେ, ତେବେ ରିପବ୍ଲିକାନ୍‌ମାନେ ବିପୁଳ ବିଜୟ ହାସଲ କରିଥାନ୍ତେ ବୋଲି ମଧ୍ୟ ଦାବି କରିଛନ୍ତି । ଆମେରିକାର ଏହି ନିର୍ବାଚନୀ ଫଳାଫଳ ଟ୍ରମ୍ପଙ୍କ ଶାସନର ଶେଷ ଦୁଇ ବର୍ଷରେ ରାଜନୈତିକ ଚାପ ବୃଦ୍ଧି କରିବା ସହ ଦେଶର ଆଭ୍ୟନ୍ତରୀଣ ଓ ବୈଦେଶିକ ନୀତିରେ ନୂଆ ମୋଡ଼ ଆଣିପାରେ ।

ଅର୍ଣ୍ଣବ...

ନଗଦ ଅନୁଗ୍ରହ ରାଶି ପ୍ରଦାନ କରାଯିବ । ସେହିପରି କୋରାପୁଟ ଜିଲ୍ଲାର ୧,୦୫୧ଟି ପ୍ରଭାବିତ ପରିବାରକୁ ମଧ୍ୟ ପରିବାର ପିଛା ୨,୫୦୦ ଟଙ୍କା ହାରରେ ଏହି ସହାୟତା ଯୋଗାଇ ଦିଆଯିବ ।

ଏହି ଅର୍ଥରାଶି ସମ୍ପୃକ୍ତ ଜିଲ୍ଲାର ଜିଲ୍ଲାପାଳଙ୍କୁ ଦିଆଯାଇଛି । ନିର୍ଦ୍ଧାରିତ ନିୟମ ଓ ମାର୍ଗଦର୍ଶିକା ଅନୁଯାୟୀ ଯୋଗ୍ୟ ପ୍ରଭାବିତ ପରିବାରଙ୍କୁ ତ୍ୱରିତ ଅନୁଗ୍ରହ ସହାୟତା ପ୍ରଦାନ କରିବାକୁ ଏହି ଅର୍ଥ ବିନିଯୋଗ କରାଯିବ । ବିପର୍ଯ୍ୟୟ ସମୟରେ ପ୍ରଭାବିତ ଜନସାଧାରଣଙ୍କୁ ତ୍ୱରିତ ଆର୍ଥିକ ସହାୟତା ଓ ରିଲିଫ୍ ଯୋଗାଇ ଦେବା ଦିଗରେ ରାଜ୍ୟ ସରକାରଙ୍କ ପ୍ରତିବଦ୍ଧତାର ଏହା ଏକ ପ୍ରମୁଖ ପଦକ୍ଷେପ ।

ବାଲି ବୋଝେଇ ହାଇୱା ଜବତ

ଆଗରପଡ଼ା, (ସବ୍ୟୁ) : ବିନା କାଗଜପତ୍ରରେ ଯାଉଥିବା ଏକ ବାଲି ବୋଝେଇ ହାଇୱାକୁ ଆଗରପଡ଼ା ଥାନାଧିକାରୀ ରାଜେଶ ସେଠୀ ଜବତ୍ କରିଛନ୍ତି । ଏହି ସଂପର୍କରେ ଥାନା କେସ ନଂ-୨୩୯/୨୬ରେ ଏକ ମାମଲା ରୁଜୁ କରି ଥାନାଧିକାରୀ ଅଧିକ ତଦନ୍ତ ଜାରି ରଖିଛନ୍ତି ।

ପୂର୍ବ ତଟ ରେଳପଥ

ଟେଣ୍ଡର ବିଜ୍ଞପ୍ତି ସଂ.SBP-ELECT-2026-T-302-S

କାର୍ଯ୍ୟର ନାମ : ତିନି ବର୍ଷ ଅବଧି ନିମନ୍ତେ ସିନିୟର ସେକ୍ସନ ଇଞ୍ଜିନିୟର/EL/ଟିଟିଲାଗଡ଼ ଏବଂ ସିନିୟର ସେକ୍ସନ ଇଞ୍ଜିନିୟର/EL/କଣ୍ଟାବାଞ୍ଜି ଅଧିନସ୍ଥ ବିଭିନ୍ନ ସ୍ଥାନରେ ସଂସ୍ଥାପିତ ଭିନ୍ନ ଭିନ୍ନ ନିର୍ମିତ ଏୟାର କଣ୍ଡିସନରଗୁଡ଼ିକର ବ୍ୟାପକ ରକ୍ଷଣାବେକ୍ଷଣ, ୱାଟର କୁଲର, ଡିପ୍ ଫ୍ରିଜର ଓ ରେଫ୍ରିଜିରେଟରଗୁଡ଼ିକର ମରାମତି ଏବଂ ରକ୍ଷଣାବେକ୍ଷଣ ।

କାର୍ଯ୍ୟର ଆନୁମାନିକ ମୂଲ୍ୟ : ₹ 43,78,492.28, EMD : ₹ 87,600/-, ଟେଣ୍ଡର ନଥିପତ୍ରର ମୂଲ୍ୟ : ₹ 3,540/-, କାର୍ଯ୍ୟ ଶେଷ ହେବା ଅବଧି : ସ୍ୱୀକୃତିପତ୍ର ଜାରି ହେବା ତାରିଖ ଠାରୁ 36 (ଛତିଶି) ମାସ / ତିନି (03) ବର୍ଷ ।

ଟେଣ୍ଡର ବନ୍ଦ ହେବା ତାରିଖ ଓ ସମୟ: ତା.23.11.2026ରିଖ 1530 ଘଟିକାରେ ।

ଏହି ଇ-ଟେଣ୍ଡରଗୁଡ଼ିକ କ୍ଷେତ୍ରରେ ଡାକ/କୋରିୟରଯୋଗୁଁ ମାଧ୍ୟମରେ କିମ୍ବା ବ୍ୟକ୍ତିଗତ ରୂପେ ପଠାଯାଇଥିବା କୌଣସି ପ୍ରକାର ମାନୁଆଲ ଅଫର ଗ୍ରହଣଯୋଗ୍ୟ ହେବ ନାହିଁ, ଯଦ୍ୟପି ଏଗୁଡ଼ିକ ଫାର୍ମ (Firm)ର ଲେଟର ହେଡ୍‌ରେ ଦାଖଲ କରାଯାଇଥିବ ଏବଂ ଯଥା ସମୟରେ ଗ୍ରହଣ କରାଯାଇଥିବ । ଏହିଭଳି ସମସ୍ତ ମାନୁଆଲ ଅଫରଗୁଡ଼ିକ ଅବୈଧ ବୋଲି ଧରାଯିବ ଏବଂ କୌଣସି ବିଚାର ବିନା ବିଧିବଦ୍ଧ ରୂପେ ନାକଚ କରାଯିବ ।

ଉପରୋକ୍ତ ଇ-ଟେଣ୍ଡରର ସମସ୍ତ ବିବରଣୀ ଇ-ଟେଣ୍ଡର ନଥିପତ୍ର ସହିତ ୱେବ୍‌ସାଇଟ୍ www.ireps.gov.in ରେ ଉପଲବ୍ଧ ଅଟେ ।

ଦ୍ରଷ୍ଟବ୍ୟ : ଏହି ଇ-ଟେଣ୍ଡର ନିମନ୍ତେ ଜାରି କରାଯାଇଥିବା କୌଣସି ପରିବର୍ତ୍ତନ/ଶୁଦ୍ଧିପତ୍ରକୁ ଧ୍ୟାନ ଦେବା ନିମନ୍ତେ ଟେଣ୍ଡର ବନ୍ଦ ହେବା ତାରିଖର 15 (ପନ୍ଦର) ଦିନ ପୂର୍ବରୁ ୱେବ୍‌ସାଇଟ୍‌କୁ ପୁନଃପରିଦର୍ଶନ କରିବା ପାଇଁ ଆଶାୟୀ ଟେଣ୍ଡରଦାତାମାନଙ୍କୁ ପରାମର୍ଶ ଦିଆଯାଉଛି । ଟେଣ୍ଡରଦାତା ବିଡ଼ରମାନଙ୍କ ପାଖରେ ନିଶ୍ଚିତ ଭାବେ କ୍ଲାସ-III ଡିଜିଟାଲ ସ୍ୱାକ୍ଷର ପ୍ରମାଣପତ୍ର ଥିବା ଆବଶ୍ୟକ ଏବଂ ସେମାନେ ନିଶ୍ଚିତ ଭାବେ IREPS ପୋର୍ଟାଲରେ ପଞ୍ଜୀକୃତ ହୋଇଥିବେ । କେବଳ ପଞ୍ଜୀକୃତ ଟେଣ୍ଡରଦାତା / ବିଡ଼ରମାନେ ଇ-ଟେଣ୍ଡରିଙ୍ଗରେ ଅଂଶଗ୍ରହଣ କରିପାରିବେ ।

ବରିଷ୍ଠ ମଣ୍ଡଳ ବିଦ୍ୟୁତ ଯନ୍ତ୍ରୀ (ସାମାନ୍ୟ)/ ସମ୍ବଲପୁର

PR-537/R/26-27

AFFIDAVIT

By virtue of this affidavit sworn before the Executive Magistrate, Binjharpur on dated 4th November 2026, I . Dillip Kumar Mishra, Adhar No - 3792 2507 9730 S/O - Baidyanath Mishra, Village -Goudasahi, Po- Mashra, Dist-Jajpur, Odisha, Pin-755012 that My name is Dillip Kumar Mishra and it was recorded in my adhar, academic certificates, Bank passbook and other usefull documents. But in my wife's (Sulochana Dash's) Reliance Nippon Life insurance policy no 11679872 My name was placed Dilip Ranjan Mishra as nominee .I declare that "Dillip Kumar Mishra" and "Dilip Ranjan Mishra" One and. same. Person.

Sd/- Dillip Kumar Mishra.

ପୂର୍ବ ତଟ ରେଳପଥ

'ଇ' କ୍ରୟ ପ୍ରଣାଳୀ

ନିମ୍ନଲିଖିତ ଟେଣ୍ଡରଗୁଡ଼ିକ ୱେବ୍‌ସାଇଟ : www. ireps.gov.in ରେ ଅପ୍‌ଲୋଡ କରାଯାଇଛି ।

ସଂ. MCS/Stores/Tender Notice/PP/489 ତା.02.11.2026

ଟେଣ୍ଡର ସଂ. 92265823

ବିବରଣୀ : RDSOର ବିନିର୍ଦ୍ଦେଶ ନଂ. RDSO/PE/SPEC/AC/0183 (REV. 2)-2018 କିମ୍ବା ସଦ୍ୟତମ ଅନୁଯାୟୀ LHB କୋଚ୍‌ଗୁଡ଼ିକ ନିମନ୍ତେ ଉପଯୁକ୍ତ 4.5KW ଅଣ୍ଡରସ୍ଲଙ୍ଗ କନଷ୍ଟାଣ୍ଟ ଭୋଲ୍ଟେଜ ରେଗୁଲେଟେଡ କମ ଇମରଜେନ୍ସି ବ୍ୟାଟେରି ଚାର୍ଜର, ପରିମାଣ : 22 ଗୋଟି, ଆନୁମାନିକ ମୂଲ୍ୟ : ₹ 81,51,440/-, ୱାରେଣ୍ଟି ଅବଧି : ଡେଲିଭରୀ ତାରିଖ ପର ଠାରୁ 30 ମାସ, ଯାଞ୍ଚ ଏଜେନ୍ସି : TPI ।

ଟେଣ୍ଡର ବନ୍ଦ ହେବା ତାରିଖ ଓ ସମୟ : ତା.25.11.2026ରିଖ, 1500 ଘଟିକାରେ ।

ବରିଷ୍ଠ ସାମଗ୍ରୀ ପ୍ରବନ୍ଧକ/CRW/ ମଞ୍ଚେଶ୍ୱର

PR-532/R/26-27

AFFIDAVIT

By virtue of an affidavit sworn before Executive Magistrate,Nayagada Odisha on dated 02.11.2026 I,Rakesh Kumar Swain S/o - Dayanidhi Swain Resident of At-Godipalli P.O- Hariharpur P.S-Sarankul Dist-Nayagada,PIN-752080 declare that I have changed my name from Rajesh Swain to Rakesh Kumar Swain Henceforth, I shall be known as Rakesh Kumar Swain for all purposes.

Sd/- Rakesh Kumar Swain

AFFIDAVIT

By virtue of an affidavit sworn before Executive Magistrate,Nayagada Odisha on dated 02.11.2026 Arun Kumar Swain S/o-Banambar Swain Resident of At-Godipalli P.O-Hariharpur P.S-Sarankul Dist-Nayagarh PIN-752080 declare that I have changed my minor Daughter's name from Rutupurna Swain to Rutuparna Swain Henceforth,She shall be known as Rutuparna Swain for all purposes.

Sd/- Arun Kumar Swain

AFFIDAVIT

By virtue of an affidavit sworn before Executive Magistrate,Nayagada Odisha on dated 03.11.2026 I,Chakradhar Pradhan S/o -Khali Pradhan Resident of At-Sanapandusar P.O- Badapandusar P.S- Itamati Dist-Nayagada,PIN-752068 declare that I have changed my name from Chakra Pradhan to Chakradhar Pradhan Henceforth, I shall be known as Chakradhar Pradhan for all purposes.

Sd/- Chakradhar Pradhan

ODISHA HYDRO POWER CORPORATION LTD.

OFFICE OF THE GENERAL MANAGER (ELECTRICAL), BALIMELA HYDRO ELECTRIC PROJECT.
AT/POST BAI [MELA, DIST MALKANGIRI PIN-764051 (ODISHA)
PHONE Nos- 06861 - 232581(O) /232641 (R). FAX No. 06861 - 232541
E-mail : unit-head Balimela@yahoo.com/ unithead.bhep@ohpc.co.in

4001/399/2627

'e'-Procurement Notice

NOTICE INVITING TENDER NO. BHEP/33/2026-27 DATED-04.11.2026

The Unit Head, Balimela Hydro Electric Project, Balimela, Dist-Malkangiri invites percentage rate bids in Single Cover System (i.e. Techno-commercial bid) for the work through e-procurement as detailed in the table below.

Sl. No.	Name of Work	Approx. Estimated cost (in Rs.)	E.M.D. (in Rs.)	Class of Contractor	Cost of bid documents in Rs.	Period of Completion
1	"Construction of new boundary wall around residential quarters of Officer Line of BHEP, Balimela"	39,68,268.00	40,000.00	'B & C' Class Civil	6,000/- + GST @ 18% = 7,080/-	120 Days

Date & Time of availability of bid document in the portal: From 10:00 Hrs of 07.11.2026 to 17:00 Hrs of 16.11.2026
Last date & time of submission of bid: Up to 17:00 Hrs of 16.11.2026
The date & Time of opening of the bid: 11:00 Hrs onwards of 17.11.2026
Further details can be seen from the e-procurement portal https://tendersodisha.gov.in

OIPR : 4001/4019/1/26-27/0032

Sd/- Unit Head,
Balimela Hydro Electric Project, Balimela

GOVT. OF ODISHA
OFFICE OP THE EXECUTIVE ENGINEER (AGRIL.), AGRIL.ENGG. DIVISION, KATAKA
AT/PO : NAYABAZAR, DISTRICT : KATAKA-753004

Phone No. (0671)-2952638

E-mail ID : eeagril.Kataka@gmail.com

e-Procurement Notice : Dated. 03.11.2026

1001/213/2627

Bid Identification No. EE(AGRIL) Kataka Division-02/2026-27

The Executive Engineer (Agril.), Agril.Engg. Division, Kataka, Odisha on behalf of the Governor of Odisha, invites online percentage rate bids in single cover system from the eligible class of contractors through e-procurement in ONLINE MODE only in the website "www.tendersodisha.gov.in". for civil works/construction of buildings in the district of Jagatsinghpur as detailed below.

Sl. No.	Name of the work	Aporoximate Estimated Cost put to Tender (Excluding G.S.T) (Rs. in Lakhs)	Cost of Bid Documents (in Rs.)	EMD (1%) in (Rs.)	Class of Contractor	Period of Completion
1	2	3	4	5	6	7
1	Modernisation, Furnishing and Periphery Development of FIAC, Balikuda, Dist.- Jagatsinghpur	673334.40	4000.00	6800.00	"C" & "D" Class Contractor	90 Days

1. Date & Time of availability of bid document in the portal: 05.11.2026 at 10.00 A.M to 12.11.2026 , 5.30 P.M
2. Last date / Time for receipt of bids in the portal :12.11.2026 up to 5.30 P.M
3. Date of submission of original bid documents in Tender Box: 05.11.2026 at 10.00 A.M to 13.11.2026, up to 5:30P.M
4. Date & Time of opening of original Documents & Verification -16.11.2026 at 11:00 A.M
5. Date &Time of opening of Online bids: 16.11.2026 at 2:00P.M onwards.

The Bidders have to participate in ONLINE bidding only in the e- Procurement website of Govt, of Odisha:www.tendersodisha.gov.in with matching class DSC. Any addendum / corrigendum / cancellation of tender /other details of the DTCN can also be seen in the said website. Authority reserve the right to reject/accept any or all of the tenders, without assigning any reasons thereof.

OIPR : 1001/1447/1/26-27/0002

Sd/- Executive Engineer (Agril.)
Agril. Engg. Division, Kataka

OFFICE OF THE NOTIFIED AREA COUNCIL, REMUNA ,BALASORE

e-mail: remuna-nac@gov.in Tel.No. -06782-291978

13001/2358/2627 Letter No 3016 / Dated : 31.10.2026

E-Procurement Notice

BID Identification No. RN_01_2026_27

Bid Documents consisting of Work, Estimated Cost, Cost of Tender Paper, EMD, time of completion, Class of contractors and the set of terms and conditions of contract and other necessary documents can be seen in Govt, website i.e. https://tendersodisha.gov.in/nicgep./app

01 .	Name of the Work	: Civil works as mentioned in DTCN
02.	No. of works	: 0 7 nos.
03.	Estimated Cost	: As per Work List
04.	Period of Completion	: As per DTCN
05.	Date and Time of Bidding	: 02-11-2026 to 12-11-2026
6.	Last date and time for receipt	: 12-11-2026 up to 5.00 pm
7.	Bids received online shall be opened on	: 13-11-2026 from 11.00 AM onwards
8.	Name and address of the Officer Inviting Bid	: Executive Officer, Remuna NAC

Further details can be seen from the e-procurement portal i.e.https://tendersodisha.gov.in/nicgep/app.

OIPR : 13001/13204/1/26-27/0004

Sd/- Executive Officer
Remuna NAC

OFFICE OF THE EXECUTIVE ENGINEER, LIFT IRRIGATION DIVISION, JAJPUR ROAD

E-mail- eeli.jajpurroad@gmail.com

32001/1241/2627

E-Procurement Notice

Bid Identification No. OLIC/04/2026-27 / J P R /Dt.28.10.2026

The Executive Engineer, Lift Irrigation Division, Jajpur Road on behalf of Odisha Lift Irrigation Corporation Limited, Bhubaneswar invites percentage Rate bids for Restoration of Lift Irrigation Projects on Turnkey basis from reputed Contractors with valid PWD License of required class for Civil Works.

1.	Nature of works	Restoration of L.I.Projects
2	Numbers of Packages	61 Nos
3	Estimated Cost	Rs. 6.06 Lakh to Rs.12.34 Lakh
4.	Cost of tender paper	Rs. 4720.00 to Rs. 7080/- against each Packages through online mode inclusive 18% GST. as mentioned under DTCN
5.	Date & time of publication	Dt. 09.11.2026 from 11.00A.M
6	Date & time of closing	Dt 17.11.2026 upto 5.00P.M
7.	Date & time of opening of bid	Dt 18.11.2026 at 11.00 A.M
8.	The bidders have to participate in online bidding only as per Codal provision.	

Further details can be seen from the website www.tendersorissa.gov.in.
Addendum/ corrigendum/cancellation of tender if any can be seen in the said site.

OIPR : 32001/32146/1/26-27/0006

Sd/- Executive Engineer,
L.I. Division, Jajpur Road

GOVERNMENT OF ODISHA : DEPARTMENT OF WATER RESOURCES
OFFICE OF THE SUPERINTENDING ENGINEER KHORDHA IRRIGATION DIVISION, KHORDHA

32001/1246/2627

Dist: Khordha, Odisha - 752056 Tel/Fax: 06755-796308
Mail id:- eekhurdairrigationdivision@gmail.com

'e'-Procurement Notice No. KHD-05 OF 2026-27, Dtd. 02.11.2026

1. Name of the work : 26 (Twenty Six) nos. of Civil Work
2. Tender Cost : Varies from Rs 15.76 Lakhs to Rs 43.38 Lakhs
3. Bid Document Cost : Rs 6000/-
4. Bid Security : Varies from Rs. 15800/- to Rs 43400/-
5. Class of Contractor : D,C & B
6. Period of Completion : 03 (three), 04 (four), 06 (six) calendar months
7. Other details are as follows.

Procurement Officer	Bid Identification No.	Availability of Tender On-line for bidding		Date of Opening of Bid
		From	To	
Superintending Engineer, Khordha Irrigation Division, Khordha	KHD 05-01 of 2026-27 to KHD 05-26 of 2026-27	06.11.2026 at 11.00 A.M	16.11.2026 up to 5.00 P.M	17.11.2026 at 11.00 A.M.

8. e-mail id eekhurdairrigationdivision@gmail.com
9. If required lottery may be held on 27.11.2026 at 11.00 AM

Further detail conditions can be seen from the Govt, website www.tendersodisha.gov.in
Any addendum/corrigendum cancellation, if any shall be posted online only.

OIPR : 32001/32078/1/26-27/0007

Sd/- Superintending Engineer
Khordha Irrigation Division, Khordha

OFFICE OF THE EXECUTIVE ENGINEER (AGRIL.), AGRIL ENGG. DIVISION NAYAGADA

E-mailID-eeagril.nayargarh@gmail.com

1001/212/2627

INVTTATIONS FOR BIDS THROUGH e-Procurement

Bid Identification No/e-Procurement Notice No. 987 /2026//Agril. Date- 03/11/2026

E.E.(AGRIL.), NAYAGADA-03/2026-27

The Executive Engineer (Agril.), Nayagada Division, Nayagada on behalf of Governor of Odisha invites **Percentage** Rate Bids in **Single cover** system for the works as detailed in table below.

Sl. No.	Name of the work	Approximate Estimated Cost put to Tender (Excluding G.S.T.) (Rs.)	Cost of Bid Documents (in Rs.)	EMD (in Rs.)	Class of Contractor	Period of Completion
1	2	3	4	5	6	7
1.	Construction of Conference Hall on first floor of ADO Office Tangi	42,71,105.00	6000	42800	B	04 (Four Calendar Month)
2.	Strengthening and Furnishing of office of SE (Agril.), Central Zone, Bhubaneswar	7,00,801.00	4000	7000	C & D	02 (Two Calendar Month)

The bidders have to participate in ONLINE bidding only. The web-site for "ONLINE BIDDING" is **http://tendersodisha.gov.in.** Bid documents will be available in above website from **Dt. 04/11/2026 at 11:00 AM** to **Dt. 13/11/2026** up to **5:00 P.M** for "ONLINE BIDDING". **Date of original bid documents submission from Dt. 05/11/2026 at 12:00 PM** to **Dt. 16/11/2026** up to **5:00 P.M.** Bids shall be opened at 11:00 AM onwards on **Dt. 17/11/2026.**

The bidder must possess matching class compatible Digital Signature Certificate (DSC).Further details and other terms and conditions can be seen from DTCN in the e-Procurement website **www.tendersodisha.gov.in.**

N.B: Subsequent corrigendum/addendum if required shall be available in the website as indicated above

OIPR : 1001/1449/1/26-27/0002

Sd/- Executive Engineer (Agril.)
Nayagada Division, Nayagada

ଜିଲ୍ଲା ପ୍ରତିନିଧିଙ୍କ ନାମ ଓ ଟେଲିଫୋନ୍‌ନମ୍ବର

ଅନୁଗୁଳ -ଦ୍ୱାରିକା ପ୍ରସାଦ ନନ୍ଦ- ୯୪୩୭୭୩୧୦୪୦, ବଲାଙ୍ଗିର-ସତ୍ୟ ସୁନ୍ଦର ଭଞ୍ଜ- ୯୪୩୭୧୫୦୬୩୨, ବାଲେଶ୍ୱର-ରଞ୍ଜନ ବାଗ୍- ୯୪୩୭୨୬୪୩୩୬, ବରଗଡ଼-ରବିନାରାୟଣ ପଣ୍ଡା- ୯୪୩୭୧୫୮୩୯୮, କଟକ-ପ୍ରଫୁଲ୍ଲ ମହାନ୍ତି- ୯୪୩୯୦୬୨୯୭୮, ଦେବଗଡ଼-ପ୍ରଣବ କିଶୋର ଗୁରୁ- ୯୪୩୭୨୦୯୫୯୪, ଗଜପତି-ଗରୁଡ଼ଧ୍ୱଜ ଚୌଧୁରୀ- ୯୪୩୭୧୩୫୩୦୭, ଗଞ୍ଜାମ- ଉଦୟନାଥ ପାଣିଗ୍ରାହୀ- ୯୮୬୧୦୩୭୧୦୪, ଜଗତ୍‌ସିଂହପୁର-ସୁବ୍ରତ କୁମାର ନାୟକ- ୯୯୩୭୬୨୦୦୯୮, ଯାଜପୁର-ହାରାଧନ ବାନାର୍ଜୀ- ୯୪୩୯୨୫୪୧୫୮, ଝାରସୁଗୁଡ଼ା-ଜୀବନ ମହାନ୍ତି- ୯୪୩୭୦୫୬୩୮୮, କଳାହାଣ୍ଡି-ଶାନ୍ତନୁ ବେହେରା- ୯୪୩୭୧୫୪୩୮୩, କେନ୍ଦ୍ରାପଡ଼ା-ରବିନ୍ଦ୍ର କୁମାର ଦାସ- ୯୪୩୭୮୩୩୭୪, ଖୋର୍ଦ୍ଧା-ଲଳିତ ମୋହନ ମହାପାତ୍ର- ୯୮୫୩୦୭୧୩୧୩, କୋରାପୁଟ-କେ.ଶ୍ରୀନିବାସ ରାଓ- ୯୪୩୯୫୬୬୭୨୨, କେନ୍ଦୁଝର- ରବିନାରାୟଣ ରାଜ୍- ୯୪୩୭୩୩୭୧୦୦, ମାଲକାନଗିରି-ଏମ୍. ଅମରେଶ କୁମାର- ୯୪୩୯୯୨୮୮୭୭, ମୟୂରଭଞ୍ଜ-ସୌମ୍ୟ ରଞ୍ଜନ ପଟ୍ଟନାୟକ- ୯୪୩୯୮୮୯୧୯, ନବରଙ୍ଗପୁର-କେ. ସାକିଲ ଦୋରା- ୯୪୩୮୩୧୪୦୪୩, ନୟାଗଡ଼-ନିଶିକାନ୍ତ ରଥ- ୯୪୩୭୨୮୭୧୯୯, ନୂଆପଡ଼ା-ସୁରେନ୍ଦ୍ର ତିୱାରୀ- ୯୯୩୭୩୨୪୦୫୫, ଫୁଲବାଣୀ-ସନ୍ତୋଷ ମିଶ୍ର- ୯୪୩୯୩୫୭୬୮୦, ସୁନ୍ଦରଗଡ଼-ଦେବବ୍ରତ ପଟ୍ଟନାୟକ- ୯୪୩୭୦୮୨୭୭୭, ରାୟଗଡ଼ା- ରବୀନ୍ଦ୍ର ପାଟଖଣ୍ଡାଳ- ୯୪୩୭୭୯୦୯୪୯, ପୁରୀ - ବିଶ୍ୱଜିତ୍ ପଟ୍ଟନାୟକ- ୯୪୩୭୨୮୦୭୪୪, ବୌଦ୍ଧ-ରଘୁନାଥ ଷଡଙ୍ଗୀ- ୯୪୩୭୨୯୮୯୭୪, ଭଦ୍ରକ-ପ୍ରିୟଦର୍ଶନ ବୋଇତି- ୯୪୩୭୨୬୫୫୦୧, ଢେଙ୍କାନାଳ-ସନ୍ତୋଷ ଶତପଥୀ-୮୮୯୫୬୫୧୨୨୮ ।

ଜାନୁଆରୀ ୨୦୨୭ରୁ ବିଭିନ୍ନ ଟ୍ରେନ୍‌ର ନମ୍ବର ଓ ସୁପରଫାଷ୍ଟରୁ ମେଲ୍/ ଏକ୍ସପ୍ରେସ୍ ଶ୍ରେଣୀରେ ପରିବର୍ତ୍ତନ

ଭୁବନେଶ୍ୱର, (ସବ୍ୟୁ) : ଜାନୁଆରୀ ୨୦୨୭ରୁ ବିଭିନ୍ନ ଟ୍ରେନ୍‌ର ନମ୍ବର ଓ ଶ୍ରେଣୀରେ ପରିବର୍ତ୍ତନ କରାଯିବ। ସୁପରଫାଷ୍ଟ ଶ୍ରେଣୀରୁ ମେଲ୍/ ଏକ୍ସପ୍ରେସ୍ ଶ୍ରେଣୀକୁ ପରିବର୍ତ୍ତନ ଅନୁଯାୟୀ ଏହି ନୂତନ ନମ୍ବରଗୁଡ଼ିକ ନିର୍ଦ୍ଦିଷ୍ଟ ତାରିଖରୁ କାର୍ଯ୍ୟକାରୀ ହେବ। ଟ୍ରେନ୍ ନମ୍ବର ୨୨୮୬୧ ହାୱଡ଼ା କଣ୍ଟାବାଞ୍ଜି ଇସ୍ପାତ ଏକ୍ସପ୍ରେସ୍‌ର ନୂତନ ନମ୍ବର ୧୮୦୭୩ ସହ ଚଳାଚଳ କରିବ ଏବଂ ଟ୍ରେନ୍ ନମ୍ବର ୨୨୮୬୨ କଣ୍ଟାବାଞ୍ଜି ହାୱଡ଼ା ଇସ୍ପାତ ଏକ୍ସପ୍ରେସ୍‌ର ନୂତନ ନମ୍ବର ୧୮୦୭୪ ହେବ। ଏହି ପରିବର୍ତ୍ତନ ଜାନୁଆରୀ ୧, ୨୦୨୭ରୁ ଲାଗୁ ହେବ। ସେହିପରି, ଟ୍ରେନ୍ ନମ୍ବର ୧୨୮୭୧ ହାୱଡ଼ା ଜୁନାଗଡ଼ ରୋଡ୍ ଇସ୍ପାତ ଏକ୍ସପ୍ରେସ୍‌ର ନୂତନ ନମ୍ବର ୧୮୦୭୧ ହେବ ଏବଂ ଏହା ଜାନୁଆରୀ ୨, ୨୦୨୭ରୁ କାର୍ଯ୍ୟକାରୀ ହେବ। ଅନ୍ୟପକ୍ଷରେ, ଟ୍ରେନ୍ ନମ୍ବର ୧୨୮୭୨ ଜୁନାଗଡ଼ ରୋଡର ହାୱଡ଼ା ଇସ୍ପାତ ଏକ୍ସପ୍ରେସ୍‌ର ନୂତନ ନମ୍ବର ୧୮୦୭୨ ହେବ ଏବଂ ଏହା ଜାନୁଆରୀ ୩, ୨୦୨୭ରୁ ଲାଗୁ ହେବ। ଟ୍ରେନ୍ ନମ୍ବର ୨୨୬୪୩ ଏର୍ଣ୍ଣାକୁଲମର ପାଟନା ଏକ୍ସପ୍ରେସ୍‌ର ନୂତନ ନମ୍ବର ୧୬୩୫୯ ହେବ ଏବଂ ଏହା ଜାନୁଆରୀ ୪, ୨୦୨୭ରୁ କାର୍ଯ୍ୟକାରୀ ହେବ। ସେହିପରି, ଟ୍ରେନ୍ ନମ୍ବର ୨୨୬୪୪ ପାଟନା -ଏର୍ଣ୍ଣାକୁଲମ୍ ଏକ୍ସପ୍ରେସ୍‌ର ନୂତନ ନମ୍ବର ୧୬୩୬୦ ହେବ ଏବଂ ଏହା ଜାନୁଆରୀ ୧, ୨୦୨୭ରୁ ଲାଗୁ ହେବ। ଏହା ବ୍ୟତୀତ, ଟ୍ରେନ୍ ନମ୍ବର



୧୨୮୯୩ ଭୁବନେଶ୍ୱର- ପୁରୁଣାକଟକ ସୁପରଫାଷ୍ଟ ଏକ୍ସପ୍ରେସ୍‌ର ନୂତନ ନମ୍ବର ୧୮୪୧୧ ଏବଂ ଟ୍ରେନ୍ ନମ୍ବର ୧୨୮୯୪ ପୁରୁଣାକଟକ- ଭୁବନେଶ୍ୱର ସୁପରଫାଷ୍ଟ ଏକ୍ସପ୍ରେସ୍‌ର ନୂତନ ନମ୍ବର ୧୮୪୧୨ ହେବ। ଏହି ପରିବର୍ତ୍ତନ ଜାନୁଆରୀ ୬, ୨୦୨୭ରୁ କାର୍ଯ୍ୟକାରୀ ହେବ। · ଟ୍ରେନ୍ ନମ୍ବର ୨୨୮୮୩ ପୁରୀ- ଯଶବନ୍ତପୁର ସୁପରଫାଷ୍ଟ ଏକ୍ସପ୍ରେସ୍‌ର ନୂତନ ନମ୍ବର ୧୮୪୨୯ ହେବ ଏବଂ ଏହା ଜାନୁଆରୀ ୮, ୨୦୨୭ରୁ ଲାଗୁ ହେବ। ସେହିପରି, ଟ୍ରେନ୍ ନମ୍ବର ୨୨୮୮୪ ଯଶବନ୍ତପୁର-ପୁରୀ ସୁପରଫାଷ୍ଟ ଏକ୍ସପ୍ରେସ୍‌ର ନୂତନ ନମ୍ବର ୧୮୪୩୦ ହେବ ଏବଂ ଏହା ଜାନୁଆରୀ ୯, ୨୦୨୭ରୁ କାର୍ଯ୍ୟକାରୀ ହେବ। · ଟ୍ରେନ୍ ନମ୍ବର ୨୦୮୦୭ ବିଶାଖାପାଟଣା- ଅମୃତସର ହୀରାକୁଦ ଏକ୍ସପ୍ରେସ୍‌ର ନୂତନ ନମ୍ବର ୧୮୫୧୩ ହେବ ଏବଂ ଏହା ଜାନୁଆରୀ ୫, ୨୦୨୭ରୁ ଲାଗୁ ହେବ। ଅନ୍ୟପକ୍ଷରେ, ଟ୍ରେନ୍ ନମ୍ବର ୨୦୮୦୮ ଅମୃତସର-ବିଶାଖାପାଟଣା ହୀରାକୁଦ ଏକ୍ସପ୍ରେସ୍‌ର ନୂତନ ନମ୍ବର ୧୮୫୧୪ ହେବ ଏବଂ ଏହା ଜାନୁଆରୀ ୯, ୨୦୨୭ରୁ କାର୍ଯ୍ୟକାରୀ ହେବ। ଯାତ୍ରୀମାନଙ୍କୁ ପରିବର୍ତ୍ତିତ ଟ୍ରେନ୍ ନମ୍ବର ସମ୍ପର୍କରେ ଅବଗତ ହୋଇ ନିଜର ଯାତ୍ରା ଯୋଜନା କରିବାକୁ ପରାମର୍ଶ।

ଚୋରା ମଦ ବେପାରୀଙ୍କୁ ଜେଲ, ଜୋରିମାନା

ବାଲୁଗାଁ ,(ସବ୍ୟୁ):ଏକ ଚୋରା ଦେଶୀ ମଦ ବିକ୍ରି ମାମଲାର ବିଚାର କରି ଚିଲିକା ପ୍ରଥମ ଶ୍ରେଣୀ ବିଚାର ବିଭାଗୀୟ ମାଜିଷ୍ଟ୍ରେଟ ଯୁଧିଷ୍ଠିର ଦଳେଇ ସମ୍ପୃକ୍ତ ଅଭିଯୁକ୍ତଙ୍କୁ ୩ ବର୍ଷ ଜେଲ ଦଣ୍ଡାଦେଶ ସହିତ ୧୦ ହଜାର ଟଙ୍କା ଜୋରିମାନା ଆଦେଶ ଦେଇଛନ୍ତି। ଅଭିଯୁକ୍ତ ହେଲେ ନାଚୁଣୀ ଥାନା ଗ୍ରାମର ଶରତ ଚନ୍ଦ୍ର ଗୁରୁ (୬୧)। ଜୋରିମାନା ଅନାଦେୟ ଅତିରିକ୍ତ ୨ ମାସ ଜେଲ ଦଣ୍ଡ ଭୋଗିବାକୁ ପଡିବ ବୋଲି ରାୟରେ ଉଲ୍ଲେଖ ରହିଛି ।ଗତ ଅଗଷ୍ଟ ମାସ ୨୬ ତାରିଖ ପୂର୍ବାହ୍ନ ପ୍ରାୟ ୧୦ ଘଟିକା ସମୟରେ ଟାଙ୍ଗୀ ରେଞ୍ଜ ଅବକାରୀ ନିରୀକ୍ଷକ ଅଜିତ କୁମାର ପାତ୍ରଙ୍କ ତତ୍ତ୍ୱାବଧାନରେ ବାଲୁଗାଁ ଅବକାରୀ ଅଧିକାରୀ ସୌମ୍ୟ ରଞ୍ଜନ ବେହେରା ସଦଳବଳେ କାଲୁପଡା ନିକଟ ଚିଲିକା କୂଳ ପେଣ୍ଠ ଅଞ୍ଚଳରେ ପାଟ୍ରୋଲିଂ କରୁଥିଲେ। ଏହି ସମୟରେ ଏକ କେବିନ ପଛପଟେ ଶରତ ଏକ ଜରି ବ୍ୟାଗରେ କିଛି ସାମଗ୍ରୀ ଧରି ବିକ୍ରି କରୁଥିବା ବେଳେ ଅବକାରୀ କର୍ମଚାରୀ ଚଢ଼ାଉ କରି ଉକ୍ତ ବ୍ୟାଗକୁ ତଲାସିଥିଲେ । ସେଥିରୁ ୨୦ଟି ଆସ୍କା ଫୋର୍ଟି ମଦ ବୋତଲ ଜବତ କରାଯାଇଥିଲା । ବାଲୁଗାଁ ଅବକାରୀ ବିଭାଗ ପକ୍ଷରୁ ଏ ସଂକ୍ରାନ୍ତରେ ୧୪୦/ ୨୬ ରେ ଏକ ମାମଲା ରୁଜୁ କରାଯାଇ ଅଭିଯୁକ୍ତ ଶରତଙ୍କୁ କୋର୍ଟ ଚାଲାଣ କରାଯାଇଥିଲା । ପରବର୍ତ୍ତୀ ସମୟରେ ଚିଲିକା ପ୍ରଥମ ଶ୍ରେଣୀ ବିଚାରବିଭାଗୀୟ ଅଦାଲତରେ ଏହି ମାମଲା ବିଚାରଧୀନ ଥିଲା । ମାଜିଷ୍ଟ୍ରେଟ ଯୁଧିଷ୍ଠିର ଦଳେଇ ସମସ୍ତ ସାକ୍ଷ୍ୟ ପ୍ରମାଣ ଆଧାରରେ ବିଚାର କରି ଉପରୋକ୍ତ ରାୟ ଶୁଣାଇଛନ୍ତି ୫ ସରକାରଙ୍କ ପକ୍ଷରୁ ଆଇନଜୀବୀ ପ୍ରଦୀପ୍ତ କୁମାର ନନ୍ଦ ଏବଂ ହରେକୃଷ୍ଣ ଜଗଦେବ ଏହି ମାମଲା ପରିଚାଳନା କରୁଥିଲେ ।

ଅରୁନ୍ଧତୀ ଜୁଏଲର୍ସର ମହା ଧନତେରସ୍ ଅଫର

ସମସ୍ତ ୨୨ କ୍ୟାରେଟ୍ ସୁନା ଗହଣାର ଗଢ଼ା ମୂଲ୍ୟ ଉପରେ ଫ୍ଲାଟ୍ ୫୦% ବିଶାଳ ରିହାତି

ଭୁବନେଶ୍ୱର, (ସବ୍ୟୁ) : ଓଡ଼ିଶାର ସର୍ବଶ୍ରେଷ୍ଠ ଓ ସର୍ବବୃହତ ଜୁଏଲାରୀ ବ୍ରାଣ୍ଡ 'ଅରୁନ୍ଧତୀ ଜୁଏଲର୍ସ' ପ୍ରତ୍ୟେକ ଉତ୍ସବରେ ଓଡ଼ିଶାବାସୀଙ୍କ ପାଇଁ ନୂଆ ନୂଆ ଆକର୍ଷଣୀୟ ଅଫର ଭେଟିଦେଇ ଆସିଛି । ଧନତେରସ୍ ଓ ଦୀପାବଳିର ଶୁଭ ଅବସରରେ ଓଡ଼ିଶାବାସୀଙ୍କ ପାଇଁ ଅରୁନ୍ଧତୀ ଜୁଏଲର୍ସ ଭେଟି ଦେଇଛି ଶୁଭଭି, ଲାଭଭି ଓ ସମୃଦ୍ଧିଭି ପାର୍ବଣ ବଜାରର ସର୍ବୋତ୍ତମ ଡିଜାଇନ ଉପରେ ସର୍ବଶ୍ରେଷ୍ଠ ଧନତେରସ ଅଫର । ଏହି ଅଫର୍ ଅଧିନରେ ଗ୍ରାହକମାନେ ସମସ୍ତ ୨୨ କ୍ୟାରେଟ୍ ସୁନା ଗହଣାର ଗଢ଼ା ମଜୁରୀ ଉପରେ ସିଧାସଳଖ ୫୦% ବିଶାଳ ରିହାତିର । ଧନତେରସର ଉତ୍ସାହ ଉଲ୍ଲାସକୁ ଦୃଷ୍ଟିରେ ରଖି ସୁନା ଓ ହୀରାର ଅନେକ ନୂତନ ଲାଇଟ୍ ୱେଟ୍ ଓ ବ୍ରାଇଡାଲ କଲେକ୍ସନ ସହିତ ଓଡ଼ିଶାରେ ଅରୁନ୍ଧତୀର ସମସ୍ତ ୧୧ ଟି ଶାଖାରେ ଏହି ଅଫର ଉପଲବ୍ଧ ରହିଛି ।

Arundhati JEWELLERS ODISHA'S LARGEST JEWELLERY BRAND

୮୦ ଜଣ ଲକ୍ଷପତି ହେବାର ସୁବର୍ଣ୍ଣ ସୁଯୋଗ

ଲାଭ ଉଠେଇପାରିବା ସହ, ପ୍ରତ୍ୟେକ ସୁନା ଗହଣା କ୍ରୟରେ ପାଇବେ ୮୦ ଜଣ ଭାଗ୍ୟଶାଳୀ ବିଜେତାଙ୍କ ମଧ୍ୟରେ 'ଲକ୍ଷପତି' ହେବାର ସୁବର୍ଣ୍ଣ ସୁଯୋଗ

ଏହି ଶୁଭ ଅବସରରେ ଅରୁନ୍ଧତୀ ଗ୍ରୁପ୍‌ର ପ୍ରତିଷ୍ଠାତା ଓ ପରିଚାଳନା ନିର୍ଦ୍ଦେଶକ ବ୍ରହ୍ମାନନ୍ଦ ମେହେର ସମସ୍ତଙ୍କୁ ଶୁଭେଚ୍ଛା ଜଣାଇ କହିଛନ୍ତି, "ଧନତେରସ୍ ଓ ଦୀପାବଳି ହେଉଛି ସୁଖ, ସମୃଦ୍ଧି ଏବଂ ନୂତନ ଆରମ୍ଭର ଏକ ମହାପର୍ବ। ଏହି ପବିତ୍ର ଅବସରରେ ସମସ୍ତ ଓଡ଼ିଶାବାସୀଙ୍କୁ ସର୍ବୋତ୍ତମ ଅଳଙ୍କାର ସହ ସର୍ବଶ୍ରେଷ୍ଠ ଗ୍ରାହକ ସେବା ପ୍ରଦାନ କରିବା ଆମର ପ୍ରାଥମିକତା। ଓଡ଼ିଶାବାସୀଙ୍କ ଅଜସ୍ର ସ୍ନେହ ଶ୍ରଦ୍ଧା ଆଶୀର୍ବାଦ ଏବଂ ଅରୁନ୍ଧତୀ ଉପରେ ଥିବା ସେମାନଙ୍କର ଅତୁଟ ବିଶ୍ୱାସକୁ ଆହୁରି ମଜବୁତ କରି ଆମେ ଏହି ଧନତେରସରେ ସମସ୍ତ ୨୨ କ୍ୟାରେଟ ସୁନା ଗହଣାର ମେକିଙ୍ଗ ଚାର୍ଜ ଉପରେ ବିଶାଳ ରିହାତି ଭେଟିଦେଉଛୁ । ଆପଣମାନେ ସମସ୍ତେ ଆସନ୍ତୁ, ଏଥର ଧନତେରସ୍ ଓ ଦୀପାବଳିକୁ ଅରୁନ୍ଧତୀ ସହିତ ମିଶି ଆହୁରି ସ୍ୱର୍ଣ୍ଣିମ ଏବଂ ସ୍ମରଣୀୟ କରନ୍ତୁ । ମା' ଲକ୍ଷ୍ମୀଙ୍କ କୃପାରୁ ସମସ୍ତଙ୍କ ଘରକୁ ସୁଖ, ସମୃଦ୍ଧି, ଆନନ୍ଦ ଓ ଐଶ୍ୱର୍ଯ୍ୟର ସମ୍ଭାର ଆସୁ, ଏହା ହିଁ ଆମର ଆନ୍ତରିକ କାମନା।"

ନନ୍ଦନକାନନରେ ମଣିପୁର ହରିଣ ଶାବକ ଜନ୍ମ

ବାରଙ୍ଗ,(ସବ୍ୟୁ) : ନନ୍ଦନକାନନ ପ୍ରାଣୀ ଉଦ୍ୟାନର ଉତ୍ତର-ପୂର୍ବ ପାନୋରାମା ଅଞ୍ଚଳର ଏନକ୍ଲୋଜର ନମ୍ବର-୧୧୦ରେ ଏକ ବିରଳ ମଣିପୁରୀ ହରିଣ ଛୁଆ ଜନ୍ମ ହୋଇଛି । ଗତ କିଛି ଦିନ ଧରି କ୍ରମାଗତ ମୃତ୍ୟୁ ଖବର ଭିତରେ ଏହି ନୂଆ ଜନ୍ମ ସାମାନ୍ୟ ଆଶ୍ୱସ୍ତି ଆଣିଛି ।ସୂଚନା ଅନୁସାରେ, ମା' ହରିଣ ଓ ଛୁଆ ଉଭୟ ସୁସ୍ଥ ଅଛନ୍ତି ଏବଂ ପଶୁ ଚିକିତ୍ସକ ଟିମ ତତ୍ତ୍ୱାବଧାନରେ ରହିଛନ୍ତି । ଛୁଆଟିକୁ ଅଲଗା ନଜରରେ ରଖାଯାଇଛି ଏବଂ ମା'ର ଦୁଗ୍ଧପାନ ସହ ଆବଶ୍ୟକ ପୁଷ୍ଟି ଦିଆଯାଉଛି । ମଣିପୁରର ରାଜ୍ୟ ପଶୁ ଭାବେ ପରିଚିତ ଏହି ହରିଣ ବିଶ୍ୱର ବିରଳତମ ହରିଣ ପ୍ରଜାତି ମଧ୍ୟରୁ ଗୋଟିଏ ।ତେବେ ଏଭଳି ବିରଳ ଛୁଆର ସୁରକ୍ଷା ପାଇଁ ସତ୍ତ୍ୱତନ୍ତ୍ର ପ୍ରୋଟୋକଲ କଡ଼ାକଡ଼ି ପାଳନ, ତାପମାତ୍ରା ନିୟନ୍ତ୍ରଣ ଏବଂ ସଂକ୍ରମଣରୁ ରକ୍ଷା ଆବଶ୍ୟକ ବୋଲି ପଶୁପ୍ରେମୀ ମହଲରେ ମତ ପ୍ରକାଶ ପାଉଛି ।

ସମାଜସେବୀ ପ୍ରଦୀପ୍ତ ଦାଶଙ୍କ ପରଲୋକ

ଭୁବନେଶ୍ୱର, (ସବ୍ୟୁ) : କିଶୋରନଗର ଅଞ୍ଚଳରେ ଜଣାଶୁଣା ବ୍ୟକ୍ତି ପ୍ରଦୀପ୍ତ ଦାଶ(ଟୁଟୁ ନନା)ଙ୍କର ପରଲୋକ ଘଟିଛି । ତୀର୍ଥ ଭ୍ରମଣରେ ପତ୍ନୀ ଓ କିଛି ଶ୍ରଦ୍ଧାଳୁଙ୍କ ସହ ସେ ଯାଇଥିଲା ବେଳେ (ରବିବାର) ପଞ୍ଜାବର ୱାଘା ସୀମାନ୍ତରେ ସେ ହୃଦଘାତର ଶିକାର ହୋଇଥିଲେ। ଫଳରେ ସେ ମୃତ୍ୟୁବରଣ କରିଥିଲେ। ମୃତ୍ୟୁ ବେଳକୁ ତାଙ୍କୁ ୫୯ ବର୍ଷ ବୟସ ହୋଇଥିଲା। ତାଙ୍କର ମୃତ୍ୟୁ ଖବର ପ୍ରଚାରିତ ହେବା ପରେ ସମଗ୍ର କିଶୋରନଗର ଅଞ୍ଚଳରେ ଶୋକାକୂଳ ପରିବେଶ ସୃଷ୍ଟି ହୋଇଥିଲା। ମଙ୍ଗଳବାର ସକାଳେ ତାଙ୍କର ମର ଶରୀର କିଶୋରନଗରରେ ପହଞ୍ଚିବାର ପରେ



ବିଧାୟକ ଇ. ପ୍ରକାଶଚନ୍ଦ୍ର ସେଠୀଙ୍କ ସମେତ ଅନେକ ମାନ୍ୟଗଣ୍ୟବ୍ୟକ୍ତି, ମୁରବୀ ଓ ସହପାଠୀମାନେ ତାଙ୍କର ଶେଷ ଦର୍ଶନ କରିଥିଲେ। ତାଙ୍କର ମର ଶରୀରକୁ ଏକ ଶୋଭାଯାତ୍ରାରେ ନିଆଯାଇ ଗ୍ରାମ ଶ୍ମଶାନରେ ଶେଷକୃତ୍ୟ ସମ୍ପନ୍ନ ହୋଇଥିଲା। ଜ୍ୟୋଷ୍ଠ ପୁତ୍ର ସତ୍ୟ ସିଦ୍ଧାନ୍ତ ଦାଶ ମୁଖାଗ୍ନି ଦେଇଥିଲେ। ସାନ ପୁଅ ସତ୍ୟଶତୃଜିତ ଦାଶ ଉପସ୍ଥିତ ଥିଲେ। ସ୍ୱର୍ଗତଃ ପ୍ରଦୀପ୍ତ ଦାଶ କିଶୋରନଗର ଅଞ୍ଚଳର ଜଣେ ଜଣାଶୁଣା ପୁରୋହିତ ଭାବେ ବେଶ୍ ଲୋକପ୍ରିୟ ଥିଲେ। ଭଗବତୀ ନିର୍ମାଣରେ ତାଙ୍କର ପ୍ରମୁଖ ଭୂମିକା ଥିଲା। ତାଙ୍କ ସମ୍ମାନାର୍ଥେ କିଶୋରନଗର ବଜାର ବନ୍ଦ ରହିଥିଲା।

ମାଲାବାର ଗ୍ରୁପର ପ୍ରତିଷ୍ଠା ଦିବସରେ ସ୍ୱଚ୍ଛତା ଅଭିଯାନ

ଭୁବନେଶ୍ୱର, (ସବ୍ୟୁ) : ମାଲାବାର ଗ୍ରୁପର ୩୪ତମ ପ୍ରତିଷ୍ଠା ଦିବସ (ନଭେମ୍ବର ୧) ଅବସରରେ ଦେଶବ୍ୟାପୀ ସ୍ୱଚ୍ଛତା ଅଭିଯାନର ଅଂଶସ୍ୱରୂପ ଓଡ଼ିଶାର ବିଭିନ୍ନ ସ୍ଥାନରେ ସଫେଇ କାର୍ଯ୍ୟକ୍ରମ ଆୟୋଜିତ ହୋଇଛି। ଭୁବନେଶ୍ୱରର ସାଇ ମନ୍ଦିର, ଟଙ୍କପାଣି ରୋଡ୍, ଲିଙ୍ଗରାଜ ମନ୍ଦିର ଓ ନୀଳାଦ୍ରି ବିହାରସ୍ଥିତ ସରକାରୀ ହସ୍ପିଟାଲ, କଟକର ଗଡ଼ଗଡ଼ିଆ ମନ୍ଦିର, ସମ୍ବଲପୁରର ଅଇଁଠାପାଲିସ୍ଥିତ ପିଏଚଡି ପଡ଼ିଆ, ରାଉରକେଲାର ହନୁମାନ ବାଟିକା, ଅନୁଗୁଳର ଇକୋ ପାର୍କ ଏବଂ ବ୍ରହ୍ମପୁରର ଗୋକୁଳଧାମ ମନ୍ଦିର ଆଦି ସ୍ଥାନରେ ଏହି ଅଭିଯାନ ଅନୁଷ୍ଠିତ ହୋଇଥିଲା। ଓଡ଼ିଶାରେ ଥିବା ମାଲାବାର ଗୋଲ୍ଡ ଆଣ୍ଡ ଡାଇମଣ୍ଡସର ସମସ୍ତ ଷ୍ଟୋର୍ର ପ୍ରତିନିଧି ଓ କର୍ମଚାରୀମାନେ ଏହି ସଫେଇ ଅଭିଯାନରେ ସକ୍ରିୟ ଭାବେ ଯୋଗଦେବା ସହ ଏହାର ନେତୃତ୍ୱ ନେଇଥିଲେ। ପରିବେଶ, ସାମାଜିକ ଦାୟିତ୍ୱ ଏବଂ ସୁଶାସନ ନୀତିକୁ ପ୍ରୋତ୍ସାହିତ କରିବା ଲକ୍ଷ୍ୟରେ ଗ୍ରୁପ୍ ପକ୍ଷରୁ ଏହି ବୃହତ୍ ସ୍ୱଚ୍ଛତା ଅଭିଯାନ ଆୟୋଜନ କରାଯାଇଥିଲା। ସାରା ଦେଶରେ



ମାଲାବାର ଗ୍ରୁପର ୯,୦୦୦ରୁ ଅଧିକ କର୍ମଚାରୀ ଏଥିରେ ସାମିଲ ହୋଇଥିଲେ। ଏହି ଅବସରରେ ମାଲାବାର ଗ୍ରୁପର ଅଧ୍ୟକ୍ଷ ଏମ୍. ପି. ଅହମ୍ମଦ କହିଥିଲେ ଯେ, କମ୍ପାନୀ ନିଜର ବ୍ୟବସାୟିକ କାର୍ଯ୍ୟଧାରାରେ ପରିବେଶଗତ ଦାୟିତ୍ୱବୋଧ, ସାମାଜିକ ପ୍ରତିବଦ୍ଧତା, ସ୍ୱଚ୍ଛତା ଏବଂ ନୈତିକ ସୁଶାସନକୁ ସାମିଲ କରି ଇସିଜି ନୀତିକୁ ସୁଦୃଢ଼ କରିବା ପାଇଁ ପ୍ରତିବଦ୍ଧ। ପରିବେଶ ସୁରକ୍ଷା ଓ ସ୍ଥାୟୀ ବିକାଶ ପଦକ୍ଷେପର ଅଂଶସ୍ୱରୂପ ଆସନ୍ତା ଏକ ବର୍ଷ ମଧ୍ୟରେ ସମଗ୍ର ଭାରତରେ ପ୍ରାୟ ୧ ଲକ୍ଷ ଗଛ ଲଗାଇବାକୁ ଗ୍ରୁପ୍ ଲକ୍ଷ୍ୟ ରଖିଛି। ବ୍ୟବସାୟ ବ୍ୟତୀତ ମାଲାବାର ଗ୍ରୁପ୍ ସମାଜର ଉନ୍ନତି ଏବଂ ଲୋକଙ୍କ ଜୀବନଧାରଣର ମାନ ବୃଦ୍ଧି ପାଇଁ ବିଭିନ୍ନ ସାମାଜିକ କାର୍ଯ୍ୟକ୍ରମ ଜାରି ରଖିଛି। ଏଥିମଧ୍ୟରେ 'ହଙ୍ଗର ଫ୍ରି ୱାର୍ଲ୍ଡ', ଅବହେଳିତ ବର୍ଗର ପିଲାମାନଙ୍କ ପାଇଁ ମାଇକ୍ରୋ ଲର୍ଣ୍ଣିଂ ସେଣ୍ଟର, ବାଳିକାମାନଙ୍କ ପାଇଁ ଛାତ୍ରବୃତ୍ତି ଏବଂ ବୟସ୍କା ମହିଳାଙ୍କ ପାଇଁ 'ଗ୍ରାଣ୍ଡମା ହୋମ୍ସ' ଭଳି କାର୍ଯ୍ୟକ୍ରମ ରହିଛି। ଏହି ପଦକ୍ଷେପଗୁଡ଼ିକ ଗ୍ରୁପର ସାମାଜିକ ଦାୟିତ୍ୱବୋଧ ଏବଂ ସ୍ଥାୟୀ ବିକାଶ ପ୍ରତି ପ୍ରତିବଦ୍ଧତାକୁ ପ୍ରତିଫଳିତ କରୁଛି।

ଏସୟୁଡି ଲାଇଫ୍‌ର ଗ୍ରୁପ୍ କ୍ରେଡିଟ୍ ଲାଇଫ୍ ଇନ୍ସୁରାନ୍ସ ଯୋଜନା

ବୀମାଭୁକ୍ତ ବ୍ୟକ୍ତିଙ୍କ ଦେହାନ୍ତ ପରେ ପରିବାରକୁ ଋଣଭାରରୁ ମିଳିଲା ମୁକ୍ତି

ଭୁବନେଶ୍ୱର, (ସବ୍ୟୁ) : ଷ୍ଟାର ୟୁନିଅନ୍ ଡାଏ-ଇଚି ଲାଇଫ୍ ଇନ୍ସୁରାନ୍ସ (ଏସୟୁଡି ଲାଇଫ) ର ଏକ ଗ୍ରୁପ୍ କ୍ରେଡିଟ୍ ଲାଇଫ୍ ବୀମା ଯୋଜନା 'ଏସୟୁଡି ଲାଇଫ୍ ସମ୍ପୂର୍ଣ୍ଣ ଲୋନ ସୁରକ୍ଷା ପ୍ଲସ' ଓଡ଼ିଶାର ଜଣେ ବ୍ୟବସାୟୀଙ୍କ ପରିବାରକୁ ବକେୟା ଗୃହ ଋଣର ଆର୍ଥିକ ବୋଝରୁ ସୁରକ୍ଷା ପ୍ରଦାନ କରିଛି। ଏହି ଘଟଣା ଅପ୍ରତ୍ୟାଶିତ ପରିସ୍ଥିତିରେ ପରିବାରକୁ ଆର୍ଥିକ ସୁରକ୍ଷା ଯୋଗାଇବାରେ ବୀମାର ଗୁରୁତ୍ୱପୂର୍ଣ୍ଣ ଭୂମିକାକୁ ପୁଣିଥରେ ଉଜାଗର କରିଛି।



ଓଡ଼ିଶାର ବ୍ରହ୍ମପୁର–ହଳଦିଆପଦର ଅଞ୍ଚଳର ଜଣେ ବ୍ୟବସାୟୀ ୟୁନିଅନ୍ ବ୍ୟାଙ୍କ ଅଫ୍ ଇଣ୍ଡିଆର ହଳଦିଆପଦର ଶାଖାରୁ ଗୃହ ଋଣ ନେଇଥିଲେ। ଏଥିସହ ସେ ଏସୟୁଡି ଲାଇଫ୍ ର 'ସମ୍ପୂର୍ଣ୍ଣ ଲୋନ୍ ସୁରକ୍ଷା ପ୍ଲସ' ଯୋଜନା ଅଧୀନରେ ଗ୍ରୁପ୍ କ୍ରେଡିଟ୍ ଲାଇଫ୍ ଇନ୍ସୁରାନ୍ସ ମଧ୍ୟ ଗ୍ରହଣ କରିଥିଲେ। ଏହି ବୀମା ଯୋଜନାରେ ପ୍ରାୟ ୧୬.୫୩ ଲକ୍ଷ ଟଙ୍କାର ବୀମା ରାଶି ସୁନିଶ୍ଚିତ କରାଯାଇଥିଲା। ଦାବି ଉପସ୍ଥାପନ ପରେ ବୀମା କମ୍ପାନୀ ମାତ୍ର ୧୨ ଦିନ ମଧ୍ୟରେ ଏହାର ସମାଧାନ କରିଥିଲା। ବୀମାଭୁକ୍ତ ବ୍ୟକ୍ତିଙ୍କ ଦେହାନ୍ତ ତାରିଖ ସୁଦ୍ଧା ବକେୟା ଗୃହ ଋଣର ପରିମାଣ ୧୪.୭୯ ଲକ୍ଷ ଟଙ୍କା ଥିବାବେଳେ, ବୀମା ଦାବି ବାବଦରେ ୧୩,୮୬,୯୬୯ ଟଙ୍କା ପ୍ରଦାନ କରାଯାଇଥିଲା।

ଅନୁଗୋଳ ଠାରେ ନାଲ୍‌କୋର ପ୍ରସ୍ତାବିତ ସ୍ମେଲ୍ଟର ସମ୍ପ୍ରସାରଣ

ଗୁରୁତ୍ୱପୂର୍ଣ୍ଣ ଅନୁମୋଦନ ଏବଂ ସହଭାଗୀତା ସହ ପ୍ରକଳ୍ପ କାର୍ଯ୍ୟ ତ୍ୱରାନ୍ୱିତ

ଭୁବନେଶ୍ୱର, (ସବ୍ୟୁ) : ଭାରତ ସରକାରଙ୍କ ଖଣି ମନ୍ତ୍ରଣାଳୟ ଅଧୀନସ୍ଥ ନବରତ୍ନ ଲୋକ ଉଦ୍ୟୋଗ ନ୍ୟାସନାଲ୍ ଆଲୁମିନିୟମ୍ କମ୍ପାନୀ ଲିମିଟେଡ୍ (ନାଲକୋ), ଓଡ଼ିଶାର ଅନୁଗୋଳ ଠାରେ ଏହାର ପ୍ରସ୍ତାବିତ ବ୍ରାଉନଫିଲ୍ଡ ସ୍ମେଲ୍ଟର ସମ୍ପ୍ରସାରଣ କାର୍ଯ୍ୟ ଗତିଶୀଳ ହୋଇଛି । ଏହି ପ୍ରକଳ୍ପ ମାଧ୍ୟମରେ କମ୍ପାନୀର ସ୍ମେଲ୍ଟିଂ କ୍ଷମତା ବାର୍ଷିକ ୦.୫ ନିୟୁତ ଟନ୍ ବୃଦ୍ଧି ପାଇବ, ଯାହା ଫଳରେ ବର୍ତ୍ତମାନର ୦.୪୬ ନିୟୁତ ଟନ୍ ବାର୍ଷିକ କ୍ଷମତା ଦ୍ୱିଗୁଣିତ ହୋଇ ପ୍ରାୟ ୧.୦ ନିୟୁତ ଟନ୍ ରେ ପହଞ୍ଚିବ । ଏହି ପ୍ରକଳ୍ପ ପାଇଁ ପ୍ରାୟ ୩୦,୦୦୦ କୋଟି ଟଙ୍କାର ନିବେଶକୁ ମଞ୍ଜୁରୀ ମିଳିସାରିଛି । ଏହାର କାର୍ଯ୍ୟକାରିତାକୁ ସୁଗମ କରିବା ପାଇଁ ଆବଶ୍ୟକୀୟ ବୈଧାନିକ ଅନୁମୋଦନ, ରଣନୀତିକ ଭାଗୀଦାରି ଏବଂ ଅନ୍ୟାନ୍ୟ ସହାୟକ ପଦକ୍ଷେପଗୁଡ଼ିକ ପର୍ଯ୍ୟାୟକ୍ରମେ ସୁନିଶ୍ଚିତ କରାଯାଉଛି । ଅନୁଗୋଳରେ ପ୍ରସ୍ତାବିତ ସ୍ମେଲ୍ଟର ସମ୍ପ୍ରସାରଣ ପ୍ରକଳ୍ପ ପାଇଁ ଆବଶ୍ୟକୀୟ ଜମି ଅଧିଗ୍ରହଣ, କ୍ଷତିପୂରଣ ଏବଂ ପୁନର୍ବାସ ପ୍ରସଙ୍ଗକୁ ତ୍ୱରାନ୍ୱିତ କରିବା ପାଇଁ ପୁନର୍ବାସ ଏବଂ ପରିଧି ବିକାଶ ପରାମର୍ଶଦାତା କମିଟିର ବୈଠକ ମଧ୍ୟ ଇତି ମଧ୍ୟରେ ଅନୁଷ୍ଠିତ ହୋଇଯାଇଛି । ଏହା ବ୍ୟତୀତ, ନାଲକୋ ବିଶ୍ୱସ୍ତରୀୟ ପ୍ରମାଣିତ ଏବଂ ଶକ୍ତି-ଦକ୍ଷ ଆଲୁମିନିୟମ ଉତ୍ପାଦନ ପ୍ରକ୍ରିୟା ଗ୍ରହଣ କରିବା ସୁନିଶ୍ଚିତ କରି, ପ୍ରସ୍ତାବିତ ଅନୁଗୋଳ ସ୍ମେଲ୍ଟର ପ୍ଲାଣ୍ଟ ପାଇଁ ଏହାର ସ୍ମେଲ୍ଟିଂ ପ୍ରଯୁକ୍ତିବିଦ୍ୟା ଲାଇସେନ୍ସ ପାଇଁ ଏମିରେଟ୍ସ ଗ୍ଲୋବାଲ୍



ଆଲୁମିନିୟମ ସହିତ ଏକ ଚୁକ୍ତିନାମା ସ୍ୱାକ୍ଷରିତ କରିଛି । ସମ୍ପ୍ରସାରଣ ପାଇଁ ଅତିରିକ୍ତ ୧୧୦୦ ମେଗାୱାଟ୍ସ ବିଦ୍ୟୁତ୍ ଆବଶ୍ୟକ ହେବ । ଏହି ଆବଶ୍ୟକତା ପୂରଣ ନିମନ୍ତେ ନାଲକୋ ପକ୍ଷରୁ ଏନଏଲସି ଇଣ୍ଡିଆ ଲିମିଟେଡ୍ ସହିତ ସହଭାଗୀତା ମାଧ୍ୟମରେ ୧୦୮୦ ମେଗାୱାଟ୍ କ୍ୟାପ୍ଟିଭ୍ ତାପଜ ବିଦ୍ୟୁତ୍ କେନ୍ଦ୍ର ସ୍ଥାପନ ପାଇଁ ଏକ ଯୁଗ୍ମ ଉଦ୍ୟୋଗ ସ୍ଥାପନ କରାଯିବ । ସ୍ଥାୟୀତ୍ୱ ଏବଂ ସ୍ୱଚ୍ଛ ଶକ୍ତି ପ୍ରତି ନିଜର ପ୍ରତିବଦ୍ଧତାକୁ ପ୍ରାଧାନ୍ୟ ଦେଇ, କମ୍ପାନୀ ପ୍ରକଳ୍ପ ଇକୋସିଷ୍ଟମରେ ୨୦୦ ରୁ ୨୫୦ ମେଗାୱାଟ୍ ନବୀକରଣୀୟ ଶକ୍ତିର ଉତ୍ପାଦନ ଦିଗରେ ମଧ୍ୟ ଯୋଜନା କରୁଛି । ଅନୁଗୋଳ ଠାରେ ୦.୫ ଏମଟିପିଏ କ୍ଷମତା ବିଶିଷ୍ଟ ଆଲୁମିନିୟମ୍ ସ୍ମେଲ୍ଟର ସମ୍ପ୍ରସାରଣ ପ୍ରକଳ୍ପକୁ ୨୦୩୦-୩୧ ମସିହା ମଧ୍ୟରେ କାର୍ଯ୍ୟକ୍ଷମ କରିବାକୁ ଲକ୍ଷ୍ୟ ରଖାଯାଇଛି, ଯାହା ନାଲକୋର ଧାତୁ ଉତ୍ପାଦନ କ୍ଷମତାକୁ ଯଥେଷ୍ଟ ବୃଦ୍ଧି କରିବ । ଦାମନଯୋଡ଼ି ଠାରେ ୫ମ ଷ୍ଟ୍ରିମ୍ ଆଲୁମିନା ରିଫାଇନାରୀ ପ୍ରକଳ୍ପ ଏବଂ ଅନୁଗୋଳ ଠାରେ ସ୍ମେଲ୍ଟର ସମ୍ପ୍ରସାରଣ ପ୍ରକଳ୍ପ ଗୁଡ଼ିକ ଓଡ଼ିଶା ସରକାର ଏବଂ ଭାରତ ସରକାରଙ୍କ ଖଣି ମନ୍ତ୍ରଣାଳୟର ସହଯୋଗରେ କାର୍ଯ୍ୟକାରୀ କରାଯାଉଛି । ଏହି ପ୍ରକଳ୍ପଗୁଡ଼ିକ ଉତ୍ପାଦନ କ୍ଷମତା ବୃଦ୍ଧି କରିବା, ନିଯୁକ୍ତି ସୁଯୋଗ ସୃଷ୍ଟି କରିବା ଏବଂ ଆଞ୍ଚଳିକ ଅର୍ଥନୈତିକ ବିକାଶକୁ ପ୍ରୋତ୍ସାହିତ କରିବ ବୋଲି ଆଶା କରାଯାଉଛି । ନିରନ୍ତର ନିବେଶ, ଦକ୍ଷତା ବିକାଶ ତଥା ଡାଉନଷ୍ଟ୍ରିମ୍ ଏବଂ ଅନୁଷଙ୍ଗିକ ଶିଳ୍ପଗୁଡ଼ିକର ପ୍ରୋତ୍ସାହନ ମାଧ୍ୟମରେ ଓଡ଼ିଶାର ଶିଳ୍ପ ବିକାଶ ପାଇଁ ନାଲକୋ ପ୍ରତିଶ୍ରୁତିବଦ୍ଧ । ଉଲ୍ଲେଖନୀୟ ଯେ, ପ୍ରସ୍ତାବିତ ଅନୁଗୋଳ ସ୍ମେଲ୍ଟରର ସମ୍ପ୍ରସାରିତ କ୍ଷମତା ଆବଶ୍ୟକତା ପୂରଣ କରିବା ପରେ ମଧ୍ୟ ଚଳିତ ୫ମ ଷ୍ଟ୍ରିମ୍ ରିଫାଇନାରୀର କାର୍ଯ୍ୟକ୍ଷମ ହେବା ଦ୍ୱାରା ଅତିରିକ୍ତ ଆଲୁମିନା ଉତ୍ପାଦନ ହେବ ବୋଲି ଆଶା କରାଯାଉଛି । ପ୍ରାଥମିକ ଭାବରେ ଅତିରିକ୍ତ ଆଲୁମିନା ରପ୍ତାନି କରାଯିବ, କିନ୍ତୁ ନାଲକୋ ଏହାର ଦୀର୍ଘକାଳୀନ ଅଭିବୃଦ୍ଧି ରଣନୀତିର ଅଂଶ ଭାବରେ ଗ୍ରୀନଫିଲ୍ଡ ଆଲୁମିନିୟମ ପ୍ରକଳ୍ପ ସ୍ଥାପନ ଏବଂ ଏହି କ୍ଷେତ୍ରରେ ଆତ୍ମନିର୍ଭରଶୀଳତାକୁ ସୁଦୃଢ଼ କରିବା ପାଇଁ ସମଗ୍ର ଭାରତରେ ଉପଯୁକ୍ତ ସ୍ଥାନ ଅନୁସନ୍ଧାନ କରୁଛି । ଏହି ପରିପ୍ରେକ୍ଷୀରେ, ନାଲକୋ ଦେଶରେ ଏକ ନୂତନ ୦.୫ ଏମଟିପିଏ ଗ୍ରୀନଫିଲ୍ଡ ଆଲୁମିନିୟମ ସ୍ମେଲ୍ଟରର ପ୍ରତିଷ୍ଠାର ମଧ୍ୟ ମୂଲ୍ୟାଙ୍କନ କରୁଛି, ଯାହାର ଲକ୍ଷ୍ୟ ଅତିରିକ୍ତ ଆଲୁମିନାକୁ ଆଲୁମିନିୟମରେ ରୂପାନ୍ତର କରି ଘରୋଇ ମୂଲ୍ୟ ଶୃଙ୍ଖଳାରେ ପ୍ରବେଶ କରାଇବା ।

୧୨୨ କୋଟି ଠକେଇ, ଦୁଇ ରାଜ୍ୟର ୧୦ ସ୍ଥାନରେ ଇଡି ଚଢାଉ

ଭୁବନେଶ୍ୱର, (ସବ୍ୟୁ) : ୧୨୨ କୋଟି ଟଙ୍କା ଠକେଇ କରିଥିବା ଫାଇନାନ୍ସ କମ୍ପାନୀର ମାଲିକଙ୍କ ଘର ସମେତ ପଶ୍ଚିମବଙ୍ଗ ଓ ଓଡ଼ିଶାର ୧୦ ସ୍ଥାନରେ ବୁଧବାର ଇଡି (ପ୍ରବର୍ତ୍ତନ ନିର୍ଦ୍ଦେଶାଳୟ) ଚଢାଉ କରି ବହୁ ଗୁରୁତ୍ୱପୂର୍ଣ୍ଣ କାଗଜପତ୍ର ଜବତ କରିଛି । ଫାଇନାନ୍ସ କମ୍ପାନୀ ମାଲିକ ଈଶ୍ୱର ବିନ୍ଧାଣୀଙ୍କୁ ଅର୍ଥନୈତିକ ଅପରାଧ ଶାଖା (ଇଓଡବ୍ଲ୍ୟୁ) ଗିରଫ କରିଥିବା ବେଳେ ସେ ଜେଲ୍‌ରେ ଅଛନ୍ତି । ସେହି ମାମଲାର ତଦନ୍ତଭାର ଇଡିକୁ ହସ୍ତାନ୍ତର ହେବା ପରେ ବୁଧବାର ଏହି ଚଢାଉ କରାଯାଇଛି । ଈଶ୍ୱର ବିନ୍ଧାଣୀଙ୍କ ଗାଁ ବିଶୋଇ ସମେତ ଓଡ଼ିଶାର ୬ ଜିଲ୍ଲା ଓ ପଶ୍ଚିମବଙ୍ଗର କୋଲ୍‌କାତାରେ ଏକ ସଂଗେ ଚଢାଉ କରାଯାଇଛି । ଈଶ୍ୱର ବିନ୍ଧାଣୀଙ୍କ ଫାଇନାନ୍ସ କମ୍ପାନୀ ଲୋକଙ୍କୁ ବିନିଯୋଗ କଲେ ଅଧିକ ଲାଭ ହେବ ପ୍ରତିଶ୍ରୁତି ଦେଇ ୧୨୨ କୋଟି ଟଙ୍କା ଠକି ନେଇଥିବା ଅଭିଯୋଗ ଅଛି । ବାରିପଦା, କଟକ, ଭୁବନେଶ୍ୱର, ଜଗତସିଂହପୁର, କୋଲ୍‌କାତା ସମେତ ୧୦ସ୍ଥାନରେ ଇଡିର ସ୍ୱତନ୍ତ୍ର ଟିମ୍‌ମାନେ ଏକ ସଂଗେ ଚଢାଉ କରି ଠକେଇର ବହୁ ରହସ୍ୟଜନକ କାଗଜପତ୍ର ଜବତ କରିଛି । ଈଶ୍ୱର ବିନ୍ଧାଣୀ ଗାଁରେ ଯେଉଁଭଳି ଘର କରିଛନ୍ତି ତାହା ସହରରେ ନିର୍ମିତ ବହୁତଳ ପ୍ରସାଦଠାରୁ ଅଧିକ ସୁନ୍ଦର ହୋଇଛି ବୋଲି ଖବର ମିଳିଛି । ଈଶ୍ୱରଙ୍କ ଫାଇନାନ୍ସ କମ୍ପାନୀ ରାଜ୍ୟର ୬ ଜିଲ୍ଲାର ଲୋକଙ୍କୁ ମିଛ ପ୍ରତିଶ୍ରୁତି ଦେଇ ଫାଇନାନ୍ସ କମ୍ପାନୀ ମାଧ୍ୟମରେ ଠକେଇ କରିଥିଲେ । ପ୍ରତିଶ୍ରୁତି ଅନୁଯାୟୀ ଟଙ୍କା ନିବେଶ କରିଥିବା ଲୋକଙ୍କୁ ଲାଭ ମିଳିଲା ନାହିଁ କିମ୍ବା ମୂଳ ଟଙ୍କା ପାଇଲେ ନାହିଁ । ମୂଳ ଟଙ୍କା ଫେରିପାଇବାକୁ ଦାବି ହେଉଥିବା ବେଳେ କମ୍ପାନୀର ଯେଉଁ ଆକାଉଣ୍ଟରେ ଲୋକମାନେ ପଇସା ଦାଖଲ କରୁଥିଲେ ତାହାକୁ ସେ ବ୍ଲକ୍ କରି ଦେଇଥିଲେ । ଯାହା ଫଳରେ ନିବେଶକାରୀମାନେ ଟଙ୍କା ପାଇବା ପାଇଁ ବାରମ୍ବାର ଫୋନ୍ କରି ବିଫଳ ହେଲେ । ଶେଷକୁ ଆକାଉଣ୍ଟକୁ ବ୍ଲକ୍ କରିଦେଇଥିଲେ ଈଶ୍ୱର ବିନ୍ଧାଣୀ । ଲୋକଙ୍କ ଫୋନ୍ ଧରିବା ପରିବର୍ତ୍ତେ ତାହାକୁ ବନ୍ଦ କରି ଦେଇଥିଲେ । ଉପାୟଶୂନ୍ୟ ହୋଇ ସେମାନେ ଅଭିଯୋଗ କରିଥିଲେ । ଅଭିଯୋଗ ଅନୁଯାୟୀ ଇଓଡବ୍ଲ୍ୟୁ ଓ ପରେ ଇଡି ମାମଲାର ତଦନ୍ତ କରିବା ସହ ବୁଧବାର ଏକ ସଂଗେ ୧୦ଟି ସ୍ଥାନରେ ଚଢାଉ କରିଛି ।

ଶ୍ରୀ ଜଗନ୍ନାଥ ମହାମନ୍ତ୍ର ଓ ଭଜନ ଲୋକାର୍ପଣ


ଭୁବନେଶ୍ୱର, (ସବ୍ୟୁ) : 'ଶ୍ରୀ ଜଗନ୍ନାଥ ସଂସ୍କୃତି ପ୍ରଚାର ସଂସ୍ଥାନ' ପକ୍ଷରୁ ମା' କାମାକ୍ଷା ଓ ମହାପ୍ରଭୁ ଶ୍ରୀ ଜଗନ୍ନାଥଙ୍କ



ଶ୍ରୀଚରଣରେ ଶ୍ରୀ ଜଗନ୍ନାଥ ମହାମନ୍ତ୍ର ହରେ ରାମ ହରେ କୃଷ୍ଣ ଜଗନ୍ନାଥ ହରେ... ଭଜନ ଜଗନ୍ନାଥ ଚରଣ ରେ ମନଲାଗାରେ.. ହରି ଚରଣେ ମନ ଲଗାରେ ଓ ଲୋକାର୍ପିତ ହୋଇଛି। ପରବର୍ତ୍ତୀ ପର୍ଯ୍ୟାୟରେ ଏହାର ହିନ୍ଦୀ ଭାଷା ସଂସ୍କରଣ ବ୍ୟାପକ ଭାବେ ପ୍ରଚାର କରାଯିବ। ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ କୃପା ଓ ଆଶୀର୍ବାଦରୁ ସମଗ୍ର ଭାରତବର୍ଷରେ ଜଗନ୍ନାଥ ସଂସ୍କୃତି ଓ ମହାମନ୍ତ୍ରର ପ୍ରଚାର ହେବା ସହିତ ସନାତନ ଧର୍ମକୁ ସୁଦୃଢ଼ କରିବାକୁ ଆମର ପ୍ରୟାସ ଏହି ମହାମନ୍ତ୍ର ଓ ଭଜନର ରଚନା ଡ଼ ନାରାୟଣ ମହାପାତ୍ର ପ୍ରଭୁଙ୍କ କୃପା ଆଶୀର୍ବାଦରୁ ଲେଖିଛନ୍ତି । ଏହି ମହାମନ୍ତ୍ର ଓ ଭଜନକୁ ଭାରତୀ ଭୂଷଣ ପଟ୍ଟନାୟକ ଓ ସ୍ୱର୍ଣ୍ଣଲତା ପାଣି କଣ୍ଠ ଦାନ କରିଛନ୍ତି ।

ସ୍ୱତନ୍ତ୍ର ଟ୍ରେଜେରୀ ନଂ ୧, ଭୁବନେଶ୍ୱରରେ ବାର୍ଷିକ ଜୀବନ ପ୍ରମାଣପତ୍ର ଦାଖଲ କାର୍ଯ୍ୟକ୍ରମ

ଭୁବନେଶ୍ୱର, (ସବ୍ୟୁ) : ଯୋଗ୍ୟ ପେନ୍‌ସନଭୋଗୀମାନଙ୍କ ପାଇଁ ବାର୍ଷିକ ଜୀବନ ପ୍ରମାଣପତ୍ର ଦାଖଲ କାର୍ଯ୍ୟକ୍ରମ ୦୨.୧୧.୨୦୨୬ ତାରିଖରୁ ସ୍ୱତନ୍ତ୍ର ଟ୍ରେଜେରୀ ନଂ ୧, ଭୁବନେଶ୍ୱରଠାରେ ଆରମ୍ଭ ହୋଇଛି। ଏହି ଟ୍ରେଜେରୀ ଅଧୀନରେ ୧୪,୦୦୦ରୁ ଅଧିକ ପେନ୍‌ସନଭୋଗୀଙ୍କ ଜୀବନ ପ୍ରମାଣପତ୍ର ଗ୍ରହଣ କରାଯିବାକୁ ଥିବାରୁ, ଯାହାକି ରାଜ୍ୟରେ ସର୍ବାଧିକ, ପେନ୍‌ସନଭୋଗୀମାନେ ଯେପରି କୌଣସି ଅସୁବିଧାର ସମ୍ମୁଖୀନ ନହୁଅନ୍ତି, ସେଥିପାଇଁ ଟ୍ରେଜେରୀ ଅଫିସରଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ବ୍ୟାପକ ବ୍ୟବସ୍ଥା କରାଯାଇଛି। ପେନ୍‌ସନଭୋଗୀମାନେ ଯେପରି ଶୀଘ୍ର ନିଜର ବାୟୋମେଟ୍ରିକ୍ ପ୍ରମାଣ ଦାଖଲ କରି ଜୀବନ ପ୍ରମାଣ ପୋର୍ଟାଲ୍ ମାଧ୍ୟମରେ ଜୀବନ ପ୍ରମାଣପତ୍ର ପଞ୍ଜୀକରଣ କରିପାରିବେ, ସେଥିପାଇଁ ୮ଟି ଆମ ସେବା କେନ୍ଦ୍ର ସହାୟତା କାଉଣ୍ଟର ସ୍ଥାପନ କରାଯାଇଛି। ସେହିପରି, ଆଣ୍ଡ୍ରଏଡ୍ ଆପ୍ ଏବଂ ଭିଡିଓ ଆଧାରିତ ପେନ୍‌ସନଭୋଗୀ ପରିଚୟ ପୋର୍ଟାଲ୍ ମାଧ୍ୟମରେ ଜୀବନ ପ୍ରମାଣପତ୍ର ଦାଖଲ କରିବାରେ ସହାୟତା ପାଇଁ ଅତିରିକ୍ତ ଟ୍ରେଜେରୀ ଅଧିକାରୀମାନଙ୍କ ତତ୍ତ୍ୱାବଧାନରେ ୩ଟି ଟ୍ରେଜେରୀ ସହାୟତା କାଉଣ୍ଟର ସ୍ଥାପନ କରାଯାଇଛି। ଟ୍ରେଜେରୀ



ପରିସରରେ ସ୍ଥାପିତ ଟ୍ରେଜେରୀ ସହାୟତା କାଉଣ୍ଟର ଏବଂ ଆମ ସେବା କେନ୍ଦ୍ର ମାଧ୍ୟମରେ ଏପର୍ଯ୍ୟନ୍ତ ପ୍ରାୟ ୧,୦୦୦ ଜଣ ପେନ୍‌ସନଭୋଗୀ ସେମାନଙ୍କର ଜୀବନ ପ୍ରମାଣପତ୍ର ଦାଖଲ କରିଛନ୍ତି ।ପେନ୍‌ସନଭୋଗୀମାନଙ୍କ ସୁବିଧା ନିମନ୍ତେ ପାନୀୟ ଜଳ ଏବଂ ହ୍ୱିଲ୍‌ଚେୟାର୍ ସମେତ ଆବଶ୍ୟକୀୟ ବ୍ୟବସ୍ଥା କରାଯାଇଛି। ଏଥିସହିତ, ଅନଲାଇନ୍ ମାଧ୍ୟମରେ ଜୀବନ ପ୍ରମାଣପତ୍ର ଦାଖଲ କରିବାର ବିଭିନ୍ନ ପର୍ଯ୍ୟାୟ ସମ୍ପର୍କରେ ପେନ୍‌ସନଭୋଗୀମାନଙ୍କୁ ସଚେତନ କରିବା ପାଇଁ ଏକ ସ୍ୱତନ୍ତ୍ର ଅଡିଓ-ଭିଜୁଆଲ୍ ଡିସ୍‌ପ୍ଲେ ୟୁନିଟ୍ ସ୍ଥାପନ କରାଯାଇଛି । ଏହି ସମସ୍ତ ବ୍ୟବସ୍ଥାକୁ ନେଇ ପେନ୍‌ସନଭୋଗୀମାନେ ସନ୍ତୋଷ ପ୍ରକାଶ କରିବା ସହ ଅନଲାଇନ୍ ମାଧ୍ୟମରେ ଜୀବନ ପ୍ରମାଣପତ୍ର ଦାଖଲ କରିବା ପାଇଁ ବେଶ୍ ଉତ୍ସାହିତ ଅଛନ୍ତି ।ଭୁବନେଶ୍ୱରସ୍ଥିତ ଟ୍ରେଜେରୀ ଓ ନିରୀକ୍ଷଣ ନିର୍ଦ୍ଦେଶାଳୟର ନିର୍ଦ୍ଦେଶକଙ୍କ ପକ୍ଷରୁ ସ୍ୱତନ୍ତ୍ର ଟ୍ରେଜେରୀ ନଂ ୧, ଭୁବନେଶ୍ୱରର ସମସ୍ତ ଅଧିକାରୀ ଓ କର୍ମଚାରୀଙ୍କୁ ପେନ୍‌ସନଭୋଗୀମାନଙ୍କ ସହିତ ଭଦ୍ର ଓ ସୌଜନ୍ୟମୂଳକ ବ୍ୟବହାର କରିବା ସହ ସେମାନଙ୍କୁ ଏକ ସୁଖଦ ଅନୁଭୂତି ପ୍ରଦାନ କରିବା ପାଇଁ ନିର୍ଦ୍ଦେଶ ଦିଆଯାଇଛି ।ଏହି କାର୍ଯ୍ୟକ୍ରମ ୩୦.୧୧.୨୦୨୬ ତାରିଖ ପର୍ଯ୍ୟନ୍ତ ଚାଲୁ ରହିବ।

ବାଣୀବିହାର ଅଶୀର ତ୍ରୟମାସିକ ବୈଠକ

ଭୁବନେଶ୍ୱର, (ସବ୍ୟୁ) : ବୁଧବାର ମଧ୍ୟାହ୍ନରେ ବାଣୀବିହାର ଅଶୀ ସଂଗଠନର ତ୍ରୟ ମାସିକ ବୈଠକ କଟକ ପ୍ରତାପନଗରୀସ୍ଥିତ ମାଆ ଧାକୁଲେଇ ପୀଠରେ ସଂଗଠନର ସଭାପତି ପ୍ରତୀପ ମିଶ୍ରଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଯାଇଛି । ସଂଗଠନର ପଚାଶରୁ ଉର୍ଦ୍ଧ୍ୱ ସଭ୍ୟସଭ୍ୟା ଏଥିରେ ଯୋଗଦାନ କରିଥିଲେ । ଡିସେମ୍ବର ମାସରେ ଅନୁଷ୍ଠିତ ହେବାକୁ ଥିବା ସଂଗଠନର ବାର୍ଷିକ ବୈଠକ ଆୟୋଜନ ଉପରେ ଏହି ବୈଠକରେ ବିଶଦ ଆଲୋଚନା କରାଯାଇଥିଲା । ସଂଗଠନର ସମ୍ପାଦକ ଆଶୁତୋଷ ଦାଶ, କୋଷାଧ୍ୟକ୍ଷ ପରେଶ ମହାନ୍ତି, ଉପ



କୋଷାଧ୍ୟକ୍ଷ ନରହରି ଶିଅଳ, ପତ୍ରିକା ସମ୍ପାଦକ ଅଜୟ ମିଶ୍ର, ବରିଷ୍ଠ ସଭ୍ୟ ସଭ୍ୟା ସୁକାନ୍ତ ମହାନ୍ତି, ନିହାରିକା ମିଶ୍ର, ମନୋରଞ୍ଜନ ଦାଶ, ସବିତା ସାମନ୍ତରାୟ, ସବିତା ମହାନ୍ତି, ମେନକା ମଲ୍ଲିକ, ନିର୍ମଳା ନାୟକ, ସଞ୍ଜୁ ପଣ୍ଡା, ପ୍ରତାପ ସାହୁ, ରମେଶ ନାୟକ, ଅଲେଖ ନନ୍ଦୀ, ପୂର୍ଣ୍ଣ ମିଶ୍ର, ପ୍ରଦ୍ୟୋତ ପ୍ରଧାନ, ଦୁର୍ଗା ଷଡ଼ଙ୍ଗୀ, ଦୁର୍ଗା ମଲ୍ଲ, ସମୀର ମିଶ୍ର, ଅରବିନ୍ଦ ଚୟନି, କଣ୍ଟୁରି ପୃଷ୍ଟି, ଅଶୋକ ପଣ୍ଡା, ଭଜହରି ନାୟକ , ରେଣୁବାଳା ପୃଷ୍ଟି, ବଟକୃଷ୍ଣ ସାମଲ, ଚୈତନ୍ୟ ରାଉତ, କ୍ଷମାକର ସ୍ୱାଇଁ, ବଟକୃଷ୍ଣ ସାମଲ, ଗୀତା ମହାପାତ୍ର, ସୁବଳ ରାଉତରାୟ, ଶିଶିର ପରିଡ଼ା ଓ ମହେଶ୍ୱର ରଥ ଏହି ବୈଠକରେ ଯୋଗ ଦେଇଥିଲେ ।

ଟ୍ରମ୍ପଙ୍କୁ ମହଙ୍ଗା ପଡିଲା ଇରାନ ଯୁଦ୍ଧ

ସ୍ପଷ୍ଟ ରାୟ ଦେଇଛନ୍ତି ଆମେରିକାବାସୀ



ତେହେରାନ୍/ୱାଶିଂଟନ୍: ଆମେରିକାର ମଧ୍ୟବର୍ତ୍ତୀକାଳୀନ ନିର୍ବାଚନରେ ଶାସକ ରିପବ୍ଲିକାନ୍ ପାର୍ଟିକୁ ଧୂଳିସାତ୍ କରି ବିରୋଧୀ ଡେମୋକ୍ରାଟିକ୍ ପାର୍ଟି କଂଗ୍ରେସର ଉଭୟ ସଦନରେ ବିଶାଳ ବିଜୟ ହାସଲ କରିବା ପରେ, ଏହା ଉପରେ ଇରାନ ପକ୍ଷରୁ କଡ଼ା ପ୍ରତିକ୍ରିୟା ପ୍ରକାଶ ପାଇଛି। ଆମେରିକା ସହ ଆଲୋଚନା ପାଇଁ ଇରାନର ମୁଖ୍ୟ ମଧ୍ୟସ୍ଥ ତଥା ବରିଷ୍ଠ ନେତା ମହମ୍ମଦ ବାଘେର ଗାଲିବାଫ୍ ବୁଧବାର କହିଛନ୍ତି ଯେ, ଆମେରିକାର ଜନସାଧାରଣ ନିର୍ବାଚନ ମାଧ୍ୟମରେ "ଯୁଦ୍ଧକୁ ନା" ବୋଲି ସ୍ପଷ୍ଟ ଜନାଦେଶ ଦେଇଛନ୍ତି।ସୋସିଆଲ ମିଡିଆ "ଏକ୍ସ" ରେ ଏକ ପୋଷ୍ଟ କରି ଗାଲିବାଫ୍ ଲେଖିଛନ୍ତି, ବିବେକ ହେଉ କିମ୍ବା ବୃଦ୍ଧିପାଉଥିବା ନିତ୍ୟବ୍ୟବହାର୍ଯ୍ୟ ସାମଗ୍ରୀର ମୂଲ୍ୟ, ଆମେରିକାବାସୀ ଯୁଦ୍ଧ ବିରୋଧରେ ନିଜର ମତ ଦେଇଛନ୍ତି ଏବଂ ଆମେ ଏହି ବାର୍ତ୍ତାକୁ ସମର୍ଥନ କରୁଛୁ। ଏହା ସହିତ ସେ ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପଙ୍କ ପ୍ରଶାସନକୁ ଚେତାବନୀ ଦେଇ କହିଛନ୍ତି ଯେ, ଯଦି ଆମେରିକା ସରକାର ନିଜ ଜନସାଧାରଣଙ୍କ ଇଚ୍ଛାକୁ ବିଶ୍ୱସ୍ତରୀୟ ଷଡ଼ଯନ୍ତ୍ରକାରୀଙ୍କ ସ୍ୱାର୍ଥ ପାଇଁ ବଳି ଦିଅନ୍ତି, ତେବେ ଇରାନର "ନାଁ" ସେମାନଙ୍କ ପାଇଁ ଏକ ଭୟଙ୍କର ସ୍ୱପ୍ନ ପାଲଟିବ। ସୂଚନାଯୋଗ୍ୟ ଯେ, ଗତ ଫେବୃଆରୀ ମାସରୁ ଆମେରିକା-ଇସ୍ରାଏଲ୍ ଏବଂ ଇରାନ ମଧ୍ୟରେ ଆରମ୍ଭ ହୋଇଥିବା ଯୁଦ୍ଧ ଯୋଗୁଁ ବିଶ୍ୱ ବଜାରରେ ତୈଳ ଦର ଅତ୍ୟାଧିକ ବୃଦ୍ଧି ପାଇଛି, ଯାହା ଆମେରିକାରେ ଦ୍ରବ୍ୟମୂଲ୍ୟ ବୃଦ୍ଧି ଓ ସାଧାରଣ ନାଗରିକଙ୍କ ମଧ୍ୟରେ ତୀବ୍ର ଅସନ୍ତୋଷ ସୃଷ୍ଟି କରିଥିଲା। ତେବେ ଏକ ସାକ୍ଷାତକାରରେ ନିଜ ଦଳର ଏହି ଶୋଚନୀୟ ପରାଜୟ ପଛରେ ଇରାନ ଯୁଦ୍ଧ ଅନ୍ୟତମ ପ୍ରମୁଖ କାରଣ ଥିଲା ବୋଲି ରାଷ୍ଟ୍ରପତି ଟ୍ରମ୍ପ ନିଜେ ସ୍ୱୀକାର କରିଛନ୍ତି।

ଭାରତୀୟ ଜାହାଜକୁ ଅନୁମତି ଦେଲା ଇରାନ

ତେହେରାନ: ଇରାନ ପକ୍ଷରୁ ଭାରତ, ଚୀନ୍, ଇରାକ ଏବଂ କତାରରୁ ଆସୁଥିବା ଜାହାଜଗୁଡ଼ିକୁ ହର୍ମୁଜ୍ ପ୍ରଣାଳୀରେ ପରିବହନ ପ୍ରତିବନ୍ଧକରୁ ମୁକ୍ତ କରିଛି। ଇରାନ ସଂସଦର ସୁରକ୍ଷା ଏବଂ ବୈଦେଶିକ ନୀତି କମିଟିର ଉପାଧ୍ୟକ୍ଷ ଆମିର ହାୟାତ ମୋକଦ୍ଦମ ଇରାନୀ କହିଛନ୍ତି ଯେ, ଏହି ଚାରି ଦେଶର ଜାହାଜଗୁଡ଼ିକୁ ଗୁରୁତ୍ୱପୂର୍ଣ୍ଣ ସମୁଦ୍ର ପଥରେ ପରିବହନ ପାଇଁ ଅନୁମତି ଦିଆଯାଇଛି। ଆମେ ବର୍ତ୍ତମାନ ଭାରତ, ଚୀନ୍, ଇରାକ ଏବଂ କତାରକୁ ହର୍ମୁଜ୍ ପ୍ରଣାଳୀରେ ଗତିବିଧି ଉପରେ କଟକଣାରୁ ମୁକ୍ତ କରିଛୁ। ଏହି ଦେଶଗୁଡ଼ିକରୁ ଜାହାଜଗୁଡ଼ିକ କୌଣସି ବାଧା ବିନା ଯାଇପାରିବେ, ଏବଂ ଆମେରିକୀୟମାନେ ମଧ୍ୟ ସେମାନଙ୍କୁ ଅଟକାଇ ନଥାନ୍ତି । ଏହି ପଦକ୍ଷେପ ଇରାନ ଏବଂ ସମ୍ପୃକ୍ତ ଦେଶଗୁଡ଼ିକ ମଧ୍ୟରେ ପାରସ୍ପରିକ ସ୍ୱାର୍ଥକୁ ପ୍ରତିଫଳିତ କରୁଛି। ତେହେରାନ ଭାରତୀୟ ଜାହାଜଗୁଡ଼ିକର ଗମନାଗମନକୁ ସହଜ କରୁଛି ଯାହା ଦ୍ୱାରା ଇରାନ ଭାରତରୁ ଔଷଧ ଆମଦାନୀ କରିପାରିବ। ଚୀନ୍ ଜାହାଜଗୁଡ଼ିକୁ ଏଥିରୁ ମୁକ୍ତ କରାଯାଇଛି କାରଣ, ଏହା ବେଜିଂରୁ ରାଜନୈତିକ



ସମର୍ଥନ ହାସଲ କରିବା ପାଇଁ ଉଦ୍ଦିଷ୍ଟ। ଇରାନ ଭାରତୀୟ ଏବଂ ଚୀନ୍ ଜାହାଜଠାରୁ ପରିବହନ ଶୁଳ୍କ ଆଦାୟ କରେ, କିନ୍ତୁ କାତାର ଜାହାଜଗୁଡ଼ିକୁ କୌଣସି ଶୁଳ୍କ ବିନା ଯିବାକୁ ଅନୁମତି ଦେଇଥାଏ। ଇରାକୀ ଜାହାଜଗୁଡ଼ିକୁ ପରିବହନ ଶୁଳ୍କ ଦେବାକୁ ପଡିବ କି ନାହିଁ ତାହା ସେ ସ୍ପଷ୍ଟ କରିନାହାନ୍ତି।

ସୁନା ଦରରେ ଉତ୍ଥାନପତନ ସତ୍ତ୍ୱେ ବଜାୟ ରହିଛି ଚାହିଦା

ନୂଆଦିଲ୍ଲୀ,୪।୧୧(ଏଜେନ୍ସି): ସୁନା ମୂଲ୍ୟରେ ଲଗାତାର ଉତ୍ଥାନ-ପତନ ସତ୍ତ୍ୱେ ବିଶ୍ୱ ବଜାରରେ ଏହାର ଚାହିଦା ବଳବତ୍ତର ରହିଛି। ୱାର୍ଲ୍ଡ ଗୋଲ୍ଡ କାଉନ୍ସିଲ୍ ପକ୍ଷରୁ ପ୍ରକାଶିତ ୨୦୨୬ର ତୃତୀୟ ତ୍ରୈମାସିକ ଗୋଲ୍ଡ ଡିମାଣ୍ଡ ଟ୍ରେଣ୍ଡ୍ସ ରିପୋର୍ଟରେ ଏହା ଦର୍ଶାଯାଇଛି। ରିପୋର୍ଟ ଅନୁଯାୟୀ, ତୃତୀୟ ତ୍ରୈମାସିକରେ ବିଶ୍ୱର ମୋଟ ସୁନା ଚାହିଦା ବାର୍ଷିକ ଆଧାରରେ ୧ ପ୍ରତିଶତ ହ୍ରାସ ପାଇ ୧,୩୬୯ ଟନ୍ରେ ପହଞ୍ଚିଛି। ଏହି ସମୟରେ ସୁନାର ହାରାହାରି ମୂଲ୍ୟ ପ୍ରତି ଆଉନ୍ସ ୪,୨୬୨ ଡଲାର ରହିଥିବାବେଳେ ଚାହିଦାର ମୋଟ ମୂଲ୍ୟ ବାର୍ଷିକ ୨୨ ପ୍ରତିଶତ ବୃଦ୍ଧି ପାଇ ୧୮୮ ବିଲିୟନ ଡଲାରରେ ପହଞ୍ଚିଛି। ତୃତୀୟ ତ୍ରୈମାସିକରେ କେନ୍ଦ୍ରୀୟ ବ୍ୟାଙ୍କ ଏବଂ ଅନ୍ୟାନ୍ୟ ସରକାରୀ ସଂସ୍ଥାଗୁଡ଼ିକ ନିଜ ସୁନା ଭଣ୍ଡାରରେ ଅତିରିକ୍ତ ୩୨୧ ଟନ୍ ସୁନା ଯୋଡ଼ିଛନ୍ତି। ଏହା ବାର୍ଷିକ ଆଧାରରେ ୪୨ ପ୍ରତିଶତ ଅଧିକ ଏବଂ ୨୦୨୪ର ଚତୁର୍ଥ ତ୍ରୈମାସିକ ପରଠାରୁ ସର୍ବାଧିକ ତ୍ରୈମାସିକ ସଂଗ୍ରହ। ଚଳିତ ବର୍ଷ ଏପର୍ଯ୍ୟନ୍ତ କେନ୍ଦ୍ରୀୟ ବ୍ୟାଙ୍କଗୁଡ଼ିକ ମୋଟ ୬୭୫ ଟନ୍ ସୁନା କ୍ରୟ କରିଛନ୍ତି, ଯାହା ଗତବର୍ଷର ସମାନ ଅବଧି ତୁଳନାରେ ୬ ପ୍ରତିଶତ ଅଧିକ। ସେହିପରି ଦ୍ୱିତୀୟ ତ୍ରୈମାସିକ ତୁଳନାରେ ତୃତୀୟ ତ୍ରୈମାସିକରେ ଭୌତିକ ସୁନା ଦ୍ୱାରା ସମର୍ଥିତ ଗୋଲ୍ଡ ଏକ୍ସଚେଞ୍ଜ ଟ୍ରେଡେଡ୍ ଫଣ୍ଡ (ଇଟିଏଫ୍)ରେ ପୁଣି ନିବେଶ ପ୍ରବାହ ବୃଦ୍ଧି ପାଇଛି। ଏହି ଅବଧିରେ ଇଟିଏଫ୍ରେ ୨୧୧ ଟନ୍ ସୁନା ଯୋଡ଼ାଯାଇଛି। ଏହା ୨୦୨୫ର ତୃତୀୟ ତ୍ରୈମାସିକରେ ଦେଖାଯାଇଥିବା ଦୃଢ଼ ନିବେଶ ପ୍ରବାହ ତୁଳନାରେ ମାତ୍ର ୬ ପ୍ରତିଶତ କମ୍। ଏହି ସମୟରେ ଇଟିଏଫ୍ର ମୋଟ ସୁନା ଭଣ୍ଡାର ୪,୨୫୬ ଟନ୍କୁ ବୃଦ୍ଧି ପାଇଛି। ଅନ୍ୟପକ୍ଷରେ ଓଭର ଦି କାଉଣ୍ଟର (ଓଟିସି) ଏବଂ ଅନ୍ୟାନ୍ୟ କ୍ଷେତ୍ରରେ ସୁନା ଚାହିଦା ଗତବର୍ଷର ୧୦୧ ଟନ୍ ତୁଳନାରେ ବୃଦ୍ଧି ପାଇ ୧୪୩ ଟନ୍ରେ ପହଞ୍ଚିଛି। ତେବେ ଏହା ଚଳିତ ବର୍ଷର ପ୍ରାରମ୍ଭରେ ଦେଖାଯାଇଥିବା ଉଚ୍ଚ ଚାହିଦା ସ୍ତରଠାରୁ କମ୍ ରହିଛି। ଏ ସମ୍ପର୍କରେ ୱାର୍ଲ୍ଡ ଗୋଲ୍ଡ କାଉନ୍ସିଲ୍ର ବରିଷ୍ଠ ବଜାର ବିଶ୍ଳେଷକ ଲୁଇସ୍ ଷ୍ଟ୍ରିଟ୍ କହିଛନ୍ତି, "ତୃତୀୟ ତ୍ରୈମାସିକ ସୁନା ଚାହିଦା ପାଇଁ ଏକ ମିଶ୍ରିତ ସମୟ ଥିଲା। ଗୋଲ୍ଡ ଇଟିଏଫ୍ରେ ନିବେଶ ପ୍ରବାହ ପୁଣି ବୃଦ୍ଧି ପାଇଥିବାବେଳେ ଭୂରାଜନୈତିକ ବିପଦ ଏବଂ ଆର୍ଥିକ ସ୍ଥିରତାକୁ ନେଇ ଚିନ୍ତା ସଂସ୍ଥାଗତ ନିବେଶକଙ୍କ ଆଗ୍ରହ ବଢ଼ାଇଛି।

୩ ଦିନରେ ୩ କୋଟି ଖର୍ଚ୍ଚ କରିଦେଲେ ବିଲ ଗେଟ୍ସଙ୍କ ଝିଅ



ୱାଶିଂଟନ: ଦୁନିଆର ଧନୀ ବ୍ୟକ୍ତିଙ୍କ ମଧ୍ୟରେ ଗଣା ହୁଅନ୍ତି ମାଇକ୍ରୋସଫ୍ଟର ସହ-ପ୍ରତିଷ୍ଠାତା ବିଲ୍ ଗେଟ୍ସ। ତାଙ୍କ ସମ୍ପତ୍ତି ହଜାର ହଜାର କୋଟି ଟଙ୍କା। ହେଲେ ଧନୀ ହେଲେ ବି ଟଙ୍କା ଖର୍ଚ୍ଚ କରିବା ବେଳେ ବେଶ୍ ହିସାବୀ ବିଲ୍ ଗେଟ୍ସ। କିନ୍ତୁ ତାଙ୍କ ସାନ ଝିଅ ଫୋଏବି ଗେଟ୍ସଙ୍କ କ୍ଷେତ୍ରରେ ଚିତ୍ର କିଛି ଅଲଗା। ବାପାଙ୍କ ଟଙ୍କା ଖର୍ଚ୍ଚ କରିବାରେ ତାଙ୍କର ହାତ ଖୁବ୍ ଖୋଲା। ଏକ ପଡକାଷ୍ଟରେ ନିଜେ ବିଲ୍ ଗେଟ୍ସ ଝିଅଙ୍କ ଏହି ଖର୍ଚ୍ଚ ଅଭ୍ୟାସ ବିଷୟରେ କହିଛନ୍ତି। ତାଙ୍କ କହିବା ଅନୁସାରେ, ଫୋଏବିଙ୍କୁ ପ୍ରତି ସପ୍ତାହରେ ୩ ଲକ୍ଷ ୫୦ ହଜାର ଡଲାର ଦିଅନ୍ତି। ଭାରତୀୟ ମୁଦ୍ରାରେ ଏହା ପ୍ରାୟ ୩ କୋଟି ଟଙ୍କା। କିନ୍ତୁ ଆଶ୍ଚର୍ଯ୍ୟର କଥା, ଏତେ ଟଙ୍କା ମିଳିବାର ମାତ୍ର ତିନି ଦିନ ପରେ ପୁଣି ସମାନ ପରିମାଣର ଟଙ୍କା ମାଗିଥାନ୍ତି ଝିଅ। ଏତେ କମ୍ ସମୟ ମଧ୍ୟରେ କୋଟି କୋଟି ଟଙ୍କା କୁଆଡ଼େ ଯାଉଛି, ତାହା ଜାଣିବାକୁ ଚାହିଁଥିଲେ ବିଲ୍ ଗେଟ୍ସ। ହେଲେ ଝିଅଙ୍କ ଖର୍ଚ୍ଚର ସଠିକ୍ ହିସାବ ମିଳୁନଥିବାରୁ ବଢ଼ିଥିଲା ତାଙ୍କ ଚିନ୍ତା। ଏପରିକି ଟଙ୍କା କେଉଁଠି ଖର୍ଚ୍ଚ ହେଉଛି, ସେନେଇ ଫୋଏବି ସବୁବେଳେ ସତ କହୁନଥିବା କଥା ମଧ୍ୟ ସେ ପ୍ରକାଶ କରିଛନ୍ତି। ଝିଅଙ୍କ ଏଭଳି ଅଭ୍ୟାସ ଦେଖି ଶେଷରେ କଡ଼ା ଚେତାବନୀ ଦେଇଛନ୍ତି ବିଲ୍ ଗେଟ୍ସ। ଯଦି ଦାୟିତ୍ୱର ସହ ଟଙ୍କା ଖର୍ଚ୍ଚ କରିବା ଶିଖିବ ନାହିଁ, ତେବେ ଆଉ ଟଙ୍କା ଦେବେ ନାହିଁ ବୋଲି ସଫା ସଫା ଶୁଣାଇଦେଇଛନ୍ତି। ବିଲ୍ ଗେଟ୍ସଙ୍କ ମତରେ, ଟଙ୍କା ରୋଜଗାର କରିବା ଯେତିକି ଗୁରୁତ୍ୱପୂର୍ଣ୍ଣ, ତାକୁ ସଠିକ୍ ଭାବେ ଖର୍ଚ୍ଚ କରିବା ମଧ୍ୟ ସେତିକି ଜରୁରୀ। କାରଣ ଅର୍ଥର ମୂଲ୍ୟ ନବୁଝିଲେ ଯେତେ ଧନ ଥିଲେ ବି ତାହା ଦିନେ ଶେଷ ହୋଇପାରେ। ତେବେ ବିଶ୍ୱର ଜଣେ ଧନୀ ବାପାଙ୍କ ଏହି ଚେତାବନୀ ପରେ ଝିଅଙ୍କ ଖର୍ଚ୍ଚରେ କେତେ ବ୍ରେକ୍ ଲାଗୁଛି, ତାହା ଦେଖିବାକୁ ବାକି ରହିଲା।

ଦୀପାବଳି ଓ ଛଟ୍ ପୂଜା ପାଇଁ ରେଳବାଇର ବଡ଼ ଘୋଷଣା

ନୂଆଦିଲ୍ଲୀ: ଦୀପାବଳି ଓ ଛଟ୍ ପର୍ବ ସମୟରେ ଘରକୁ ଯାଉଥିବା ଯାତ୍ରୀଙ୍କ ବଢୁଥିବା ଭିଡ଼କୁ ଦୃଷ୍ଟିରେ ରଖି ରେଳବାଇ ପକ୍ଷରୁ ସ୍ୱତନ୍ତ୍ର ବ୍ୟବସ୍ଥା କରାଯାଇଛି। ପର୍ବପର୍ବାଣୀ ସମୟରେ ଅତିରିକ୍ତ ଯାତ୍ରୀଙ୍କୁ ସେମାନଙ୍କ ଗନ୍ତବ୍ୟସ୍ଥଳରେ ପହଞ୍ଚାଇବା ପାଇଁ ସ୍ପେଶାଲ୍ ଟ୍ରେନ୍ ଚଳାଚଳ କରାଯାଉଛି। ଏଥିପାଇଁ ଲକ୍ଷ୍ନୌ ରେଳ ମଣ୍ଡଳ ପକ୍ଷରୁ ୫୦ ଯୋଡ଼ା ସ୍ୱତନ୍ତ୍ର ଟ୍ରେନ୍ ଚଳାଇବାକୁ ଘୋଷଣା କରାଯାଇଛି। ଏହାବ୍ୟତୀତ ଦୀପାବଳି ଓ ଛଟ୍ ପୂଜାକୁ ଦୃଷ୍ଟିରେ ରଖି ଉତ୍ତର ରେଳବାଇ



ମଧ୍ୟ ଫେଷ୍ଟିଭାଲ୍ ସ୍ପେଶାଲ୍ ଟ୍ରେନ୍ର ବ୍ୟବସ୍ଥା କରିଛି। ରେଳବାଇର ସୂଚନା ଅନୁଯାୟୀ, ଲକ୍ଷ୍ନୌ ମଣ୍ଡଳରେ ଘୋଷଣା କରାଯାଇଥିବା ୫୦ ଯୋଡ଼ା ସ୍ପେଶାଲ୍ ଟ୍ରେନ୍ ମୋଟ ୧,୬୮୨ ଥର ଚଳାଚଳ କରିବ। ଏଥିମଧ୍ୟରୁ ୧୫ ଯୋଡ଼ା ଟ୍ରେନ୍ ଲକ୍ଷ୍ନୌ ମଣ୍ଡଳରୁ ଯାତ୍ରା ଆରମ୍ଭ କରିବ କିମ୍ବା ଏଠାରେ ଆସି ଯାତ୍ରା ଶେଷ କରିବ। ଏହି ଟ୍ରେନ୍ଗୁଡ଼ିକ ମୋଟ ୩୪୨ ଥର ଚଳାଚଳ କରିବ। ସେହିପରି ଅନ୍ୟ ୩୫ ଯୋଡ଼ା ଟ୍ରେନ୍ ଲକ୍ଷ୍ନୌ ମଣ୍ଡଳ ଦେଇ ଯାତାୟାତ କରିବ। ଏହି ଟ୍ରେନ୍ଗୁଡ଼ିକର ମୋଟ ୧,୩୪୦ ଥର ଚଳାଚଳ ନିର୍ଦ୍ଧାରଣ କରାଯାଇଛି। ଏହି ସ୍ପେଶାଲ୍ ଟ୍ରେନ୍ ଚଳାଚଳ ଦ୍ୱାରା ଲକ୍ଷ୍ନୌର ଚାରବାଗ୍, ଆଲମନଗର ଓ ଐଶବାଗ୍ ଭଳି ଷ୍ଟେସନ୍ର ଯାତ୍ରୀମାନଙ୍କୁ ଅଧିକ ଟ୍ରେନ୍ର ସୁବିଧା ମିଳିବ। ପର୍ବପର୍ବାଣୀ ସମୟରେ ନିୟମିତ ଟ୍ରେନ୍ଗୁଡ଼ିକରେ ବଢୁଥିବା ଯାତ୍ରୀଙ୍କ ଭିଡ଼ ଓ ଚାପକୁ କମ୍ କରିବା ହେଉଛି ରେଳବାଇର ଏହି ଯୋଜନାର ମୁଖ୍ୟ ଉଦ୍ଦେଶ୍ୟ।

ସିଇସି, ଇସିଙ୍କୁ ଆଇନଗତ ସୁରକ୍ଷା ମାମଲା : ସୁପ୍ରିମକୋର୍ଟଙ୍କ ନୋଟିସ୍



ନୂଆଦିଲ୍ଲୀ: ମୁଖ୍ୟ ନିର୍ବାଚନ କମିଶନର (ସିଇସି) ଓ ଅନ୍ୟ ନିର୍ବାଚନ କମିଶନରଙ୍କୁ ସମ୍ପୂର୍ଣ୍ଣ ଆଇନଗତ ସୁରକ୍ଷା ପ୍ରଦାନ କରୁଥିବା ୨୦୨୩ ଆଇନର ଧାରା ୧୬କୁ ଚ୍ୟାଲେଞ୍ଜ୍ କରି ଦାଖଲ ହୋଇଥିବା ଜନସ୍ୱାର୍ଥ ମାମଲା ଉପରେ ସୁପ୍ରିମକୋର୍ଟ ନୋଟିସ୍ ଜାରି କରିଛନ୍ତି। ପ୍ରଧାନ ବିଚାରପତି ସୂର୍ଯ୍ୟକାନ୍ତ, ବିଚାରପତି ଜୟମାଲ୍ୟ ବାଗଚୀ ଓ ଭି. ମୋହନାଙ୍କ ଖଣ୍ଡପୀଠ ଏହି ଆବେଦନ ଉପରେ ଜବାବ ତଲବ କରିଛନ୍ତି। ଆଇନଜୀବୀ ତଥା ସାମାଜିକ କର୍ମୀ ଅରୁଣ କୁମାର ଅଗ୍ରୱାଲ ଆବେଦନରେ ଯୁକ୍ତି ଦର୍ଶାଇଛନ୍ତି ଯେ, ଧାରା ୧୬ ନିର୍ବାଚନ କମିଶନରଙ୍କୁ ସେମାନଙ୍କ କାର୍ଯ୍ୟକାଳ ସମୟରେ କରିଥିବା କାର୍ଯ୍ୟ, ବକ୍ତବ୍ୟ ଓ ନିଷ୍ପତ୍ତି ପାଇଁ ଆଇନଗତ ସୁରକ୍ଷା ଦେଉଛି। ଏଥିରେ ଅସଦ୍‌ଉଦ୍ଦେଶ୍ୟ କିମ୍ବା କ୍ଷମତା ବାହାରେ କରାଯାଇଥିବା କାର୍ଯ୍ୟ ପାଇଁ ମଧ୍ୟ ବ୍ୟତିକ୍ରମ ନାହିଁ ତେଣୁ ଏହା ନାଗରିକଙ୍କ ଦେୱାନୀ ଓ ଫୌଜଦାରୀ ପ୍ରତିକାର ଅଧିକାରକୁ କ୍ଷୁଣ୍ଣ କରୁଛି। ଧାରା ୧୬କୁ ଅସାମ୍ବିଧାନିକ ଘୋଷଣା କରିବାକୁ ଆବେଦନକାରୀ ଦାବି କରିଛନ୍ତି।

ଅନ୍ୟପଟେ, ଭୋଟର ତାଲିକାର ସ୍ୱତନ୍ତ୍ର ସଘନ ସଂଶୋଧନ (ଏସ୍ଆଇଆର୍) ମାମଲାର ଶୁଣାଣି ସମୟରେ କୋର୍ଟ ନିର୍ବାଚନ କମିଶନଙ୍କୁ ପ୍ରଶ୍ନ କରିଛନ୍ତି। ଦିଲ୍ଲୀରେ ନିର୍ବାଚନ ନଥିବା ସତ୍ତ୍ୱେ ଏହି ପ୍ରକ୍ରିୟାରେ ତରବରିଆ କାହିଁକି ବୋଲି ଖଣ୍ଡପୀଠ ପଚାରିଛନ୍ତି। ବିଳମ୍ବରେ ଗଣନା ଫର୍ମ ଦାଖଲ ପାଇଁ ସୁଯୋଗ ଖୋଲା ରଖିବାକୁ ମଧ୍ୟ କହିଛନ୍ତି।

ଭୋଟରଙ୍କ ନାମ ଡ୍ରାଫ୍ଟ ତାଲିକାରୁ ବାଦ୍ ପଡ଼ିଲେ ପୁନର୍ବାର ଫର୍ମ-୬ ପୂରଣ କରିବାକୁ କାହିଁକି କୁହାଯାଉଛି ବୋଲି କୋର୍ଟ ପ୍ରଶ୍ନ କରିଛନ୍ତି। ବାଦ୍ ପଡ଼ିଥିବା ଭୋଟରଙ୍କ ତାଲିକା ବ୍ଲକ୍ ସ୍ତରରେ ସ୍ଥାନୀୟ ଭାଷାରେ ପ୍ରଦର୍ଶନ ପାଇଁ ନିର୍ଦ୍ଦେଶ ଦିଆଯାଇଛି। ନାମ ବାଦ୍ ପଡ଼ିବା କିମ୍ବା ସମୟସୀମା ଶେଷ ହେବା ଦ୍ୱାରା ଭୋଟରଙ୍କ ଅଧିକାର ସ୍ଥାୟୀ ଭାବେ ଶେଷ ହୁଏନାହିଁ। ନାମାଙ୍କନର ଶେଷ ତାରିଖ ପର୍ଯ୍ୟନ୍ତ ନାମ ଯୋଡ଼ିବା କିମ୍ବା ସଂଶୋଧନ ପାଇଁ ଆବେଦନ କରିହେବ। ଏସ୍ଆଇଆର୍ ମାମଲାର ପରବର୍ତ୍ତୀ ଶୁଣାଣି ନଭେମ୍ବର ୧୯ ରେ ହେବ।

ଇତିହାସ ରଚିଲେ ପ୍ରଥମ ଭାରତୀୟ ବଂଶୋଦ୍ଭବ ମହିଳା



ନୂଆଦିଲ୍ଲୀ: ଭାରତୀୟ ବଂଶୋଦ୍ଭବ ଡେମୋକ୍ରାଟିକ୍ ପ୍ରାର୍ଥୀ ପିୟା ଡାଣ୍ଡିଆ ଫ୍ଲୋରିଡାର ୨୨ତମ କଂଗ୍ରେସସିଆଲ ଜିଲ୍ଲାର ନିର୍ବାଚନରେ ବିଜୟୀ ହୋଇଛନ୍ତି। ଏହି ନିର୍ବାଚନରେ ସେ ରିପବ୍ଲିକାନ୍ ପ୍ରାର୍ଥୀ କେସି ଆସ୍କରଙ୍କୁ ପରାସ୍ତ କରିଛନ୍ତି। ଦକ୍ଷିଣ ଫ୍ଲୋରିଡାରେ ୨୦୨୬ ମସିହାର ଆମେରିକୀୟ ମଧ୍ୟବର୍ତ୍ତୀ ନିର୍ବାଚନରେ ପିୟା ଡାଣ୍ଡିଆ ଓ କେସି ଆସ୍କରଙ୍କ ମଧ୍ୟରେ ହୋଇଥିବା ଲଢ଼େଇ ସବୁଠାରୁ ଚର୍ଚ୍ଚିତ ନିର୍ବାଚନ ମଧ୍ୟରୁ ଅନ୍ୟତମ ଥିଲା।ମଙ୍ଗଳବାର, ନଭେମ୍ବର ୩ରେ ଘୋଷିତ ଫଳାଫଳ ଅନୁଯାୟୀ, ହାଇସ୍କୁଲର ପୂର୍ବତନ ପ୍ରଧାନଶିକ୍ଷୟିତ୍ରୀ ଡାଣ୍ଡିଆ ୫୧.୯ ପ୍ରତିଶତ ଭୋଟ୍ ପାଇଥିବାବେଳେ ତାଙ୍କ ପ୍ରତିଦ୍ୱନ୍ଦ୍ୱୀ ଆସ୍କର ୪୯.୧ ପ୍ରତିଶତ ଭୋଟ୍ ପାଇଛନ୍ତି। ରିପୋର୍ଟ ଅନୁଯାୟୀ, ପିୟା ଡାଣ୍ଡିଆଙ୍କ ବିଜୟ ଭାରତୀୟ-ଆମେରିକୀୟ ସମୁଦାୟ ପାଇଁ ଏକ ଗୁରୁତ୍ୱପୂର୍ଣ୍ଣ ମାଇଲଖୁଣ୍ଟ। ସେ ଫ୍ଲୋରିଡାରୁ ଆମେରିକାର ପ୍ରତିନିଧି ସଭାକୁ ନିର୍ବାଚିତ ହେବାରେ ପ୍ରଥମ ଭାରତୀୟ-ଆମେରିକୀୟ ହୋଇଛନ୍ତି। ସେହିପରି ଆମେରିକୀୟ କଂଗ୍ରେସକୁ ନିର୍ବାଚିତ ହେବାରେ ସେ ଦଶମ ଭାରତୀୟ ବଂଶୋଦ୍ଭବ। ପିୟାଙ୍କ ନିର୍ବାଚନ ପ୍ରଚାରରେ ଶିକ୍ଷା, ସୁଲଭ ଜୀବନଯାପନ ଏବଂ ଆର୍ଥିକ ସୁଯୋଗ ଉପରେ ଅଧିକ ଗୁରୁତ୍ୱ ଦିଆଯାଇଥିଲା। ବିଜୟ ପରେ ସେ ଫ୍ଲୋରିଡାର ପୁନଃନିର୍ଦ୍ଧାରିତ ୨୨ତମ କଂଗ୍ରେସସିଆଲ ଜିଲ୍ଲାର ପ୍ରତିନିଧିତ୍ୱ କରିବେ।ପିୟା ଡାଣ୍ଡିଆଙ୍କ ଜନ୍ମ ଓ ପିଲାଦିନ ଫ୍ଲୋରିଡାର ପାମ୍ ବିଚ୍ କାଉଣ୍ଟିରେ କଟିଥିଲା। ସେ ପ୍ରଥମ ପିଢ଼ିର ଭାରତୀୟ-ଆମେରିକୀୟ। ତାଙ୍କ ମାତାପିତା ୧୯୮୦ ମସିହାରେ ରାଜସ୍ଥାନର ଜୟପୁରରୁ ଆସି ଆମେରିକାରେ ବସବାସ କରିଥିଲେ।ଭାରତୀୟ ବଂଶୋଦ୍ଭବ ପିୟା ପୂର୍ବରୁ ଶିକ୍ଷୟିତ୍ରୀ ଥିଲେ।

ଶରଦ ପାୱାରଙ୍କୁ ଫୋନ୍ କରି ସ୍ୱାସ୍ଥ୍ୟାବସ୍ଥା ପଚାରି ବୁଝିଲେ ପ୍ରଧାନମନ୍ତ୍ରୀ

ପୁଣେ: ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଆଜି ସକାଳେ ଏନ୍ସିପି (ଏସ୍ପି) ମୁଖ୍ୟ ଶରଦ ପାୱାରଙ୍କୁ ଫୋନ୍ କରି ତାଙ୍କ ସ୍ୱାସ୍ଥ୍ୟାବସ୍ଥା ସମ୍ପର୍କରେ ପଚାରି ବୁଝିଛନ୍ତି। ଏହି ସମୟରେ ମୋଦୀ ତାଙ୍କୁ ସମ୍ପୂର୍ଣ୍ଣ ବିଶ୍ରାମ ନେବାକୁ ପରାମର୍ଶ ଦେଇଛନ୍ତି। ପାୱାରଙ୍କ ଘନିଷ୍ଠ ସହଯୋଗୀ ବିଠଲ ମଣିୟାର ଗଣମାଧ୍ୟମକୁ ଏହି ସୂଚନା ଦେଇଛନ୍ତି।

ମଣିୟାରଙ୍କ କହିବା ଅନୁଯାୟୀ, କାମକୁ ନେଇ ଚିନ୍ତା ନ କରି କେବଳ ସ୍ୱାସ୍ଥ୍ୟ ଉପରେ ଧ୍ୟାନ ଦେବାକୁ ମୋଦୀ ପାୱାରଙ୍କୁ କହିଛନ୍ତି। ଏବେ ସୁପ୍ରିୟା ସୁଳେ ଦାୟିତ୍ୱ ତୁଲାଇବାକୁ ପ୍ରସ୍ତୁତ ହୋଇଗଲେଣି, ତେଣୁ ସେ ନିଜ ସ୍ୱାସ୍ଥ୍ୟର ଯତ୍ନ ନିଅନ୍ତୁ ବୋଲି ମୋଦୀ କହିଥିବା ମଣିୟାର ସୂଚନା ଦେଇଛନ୍ତି। ପ୍ରଧାନମନ୍ତ୍ରୀଙ୍କ ଫୋନ୍ କଲ୍ ପାଇଁ



ପାୱାର ତାଙ୍କୁ ଧନ୍ୟବାଦ ଜଣାଇବା ସହ ବିଶ୍ରାମ ନେବେ ବୋଲି ନିଶ୍ଚିତ କରିଛନ୍ତି। ଉଲ୍ଲେଖଯୋଗ୍ୟ ଯେ, ଅସୁସ୍ଥତା ଯୋଗୁଁ ଶରଦ ପାୱାର ନିକଟରେ ପୁଣେର ଏକ ଘରୋଇ ହସ୍ପିଟାଲ୍ରେ ଚିକିତ୍ସିତ ହେଉଥିଲେ। ଆଜି ସୁସ୍ଥ ହୋଇ ହସ୍ପିଟାଲ୍ରୁ ଘରକୁ ଫେରିବା ପରେ ମୋଦୀ ତାଙ୍କ ସହ କଥା ହୋଓଡ଼ିଶାର ଶିଳ୍ପ ଅଭିବୃଦ୍ଧି ପାଇଁ ବଢ଼ିଲା ଆହ୍ୱାନ।

୨୩ ଭାରତୀୟଙ୍କ ଜୀବନ ନେଲାଣି ପଶ୍ଚିମ ଏସିଆ ଯୁଦ୍ଧ



ନୂଆଦିଲ୍ଲୀ: ଓମାନ ନିକଟରେ ଏକ ବାଣିଜ୍ୟିକ ଜାହାଜ ଉପରେ ଆକ୍ରମଣରେ ଜଣେ ଭାରତୀୟ ନାବିକଙ୍କ ମୃତ୍ୟୁ ହେବା ସହିତ ପଶ୍ଚିମ ଏସିଆ ଯୁଦ୍ଧରେ ମୃତ ଭାରତୀୟ ନାଗରିକଙ୍କ ସଂଖ୍ୟା ୨୩ କୁ ବୃଦ୍ଧି ପାଇଛି। ଏହି ୨୩ ଜଣ ଭାରତୀୟଙ୍କ ମଧ୍ୟରୁ ୧୫ ଜଣ ନାବିକ ଥିଲେ। ଓମାନର ଲିମାହ ନିକଟରେ ଏମ୍ଏସ୍ଭି ଏଏଲ ଜୁସୁଫି ଉପରେ ଆକ୍ରମଣକୁ ଭାରତ ନିନ୍ଦା କରିଛି।ମଙ୍ଗଳବାର ଜାହାଜ ଚଳାଚଳ ମନ୍ତ୍ରୀ ସର୍ବାନନ୍ଦ ସୋନୋୱାଲ 'ଏକ୍ସ'ରେ କହିଥିଲେ ଯେ ନଭେମ୍ବର ୨ (ସୋମବାର) ରେ ୧୪ ଜଣ ଭାରତୀୟ ନାବିକଙ୍କୁ ନେଇ ଯାଉଥିବା ଭାରତୀୟ ଜାହାଜଟି ଓମାନ ଉପକୂଳ ନିକଟରେ ନାଭିଗେଟ୍ କରିବା ସମୟରେ ଆକାଶମାର୍ଗରୁ ଏକ ଅଜଣାବସ୍ତୁ ଏହାକୁ ଆଘାତ ଦେଇଥିଲା। ଓମାନ ତଟରକ୍ଷୀ ବାହିନୀ ୧୩ ଜଣଙ୍କୁ ସୁରକ୍ଷିତ ଉଦ୍ଧାର କରିଥିବାବେଳେ ଜଣେ ନାବିକ ଗୁଜରାଟ ବାସିନ୍ଦା ଗାନ୍ଧାର ନହିମ୍ ଅଜିଜୁଲ୍ଲଙ୍କ ମୃତ୍ୟୁ ହୋଇଥିଲା।ଏକ ବିବୃତିରେ, ବିଦେଶ ମନ୍ତ୍ରଣାଳୟ କହିଛି ଯେ, ପଶ୍ଚିମ ଏସିଆରେ ବାଣିଜ୍ୟିକ ଜାହାଜ ଚଳାଚଳ ଉପରେ ନିରନ୍ତର ଆକ୍ରମଣ ଗଭୀର ଭାବରେ ଚିନ୍ତାଜନକ ଓ ଏହି କ୍ଷେତ୍ରରେ ଶାନ୍ତି ଏବଂ ସ୍ଥିରତା ଫେରିବା ପାଇଁ ତୁରନ୍ତ ଉତ୍ତେଜନା ହ୍ରାସ ଓ କୂଟନୈତିକ ସମାଧାନ ପାଇଁ ଚାଲିଥିବା ଆଲୋଚନା ସମାପ୍ତ କରିବା ପାଇଁ ଭାରତର ଆହ୍ୱାନକୁ ଦୋହରାଇଛି।

ପ.ବଙ୍ଗ, ଆନ୍ଧ୍ରର ଦ୍ରୁତ ଶିଳ୍ପାୟନ ସୃଷ୍ଟି କରିଛି ପ୍ରତିଯୋଗିତା

ନୂଆଦିଲ୍ଲୀ: ପ୍ରଚୁର ଖଣିଜ ସମ୍ପଦ, ସୁଦୃଢ଼ ଶିଳ୍ପ ଭିତ୍ତିଭୂମି ଏବଂ ବୃହତ୍ ନିବେଶ ପ୍ରତିଶ୍ରୁତି ସତ୍ତ୍ୱେ ଓଡ଼ିଶାର ଶିଳ୍ପ ଅଭିବୃଦ୍ଧି ଏବେ ନୂଆ ଆହ୍ୱାନର ସମ୍ମୁଖୀନ ହୋଇଛି। ପଡ଼ୋଶୀ ରାଜ୍ୟ ପଶ୍ଚିମବଙ୍ଗ ଓ ଆନ୍ଧ୍ରପ୍ରଦେଶରେ ଦ୍ରୁତ ଶିଳ୍ପାୟନ ଏବଂ ବୃହତ୍ ନିବେଶ ଓଡ଼ିଶା ପାଇଁ ଶିଳ୍ପ କ୍ଷେତ୍ରରେ ପ୍ରତିଯୋଗିତା ବଢ଼ାଇଛି। ଏଭଳି ସ୍ଥିତିରେ ରାଜ୍ୟରେ ଅଟକି ରହିଥିବା ଶିଳ୍ପ ପ୍ରକଳ୍ପଗୁଡ଼ିକର ତ୍ୱରିତ କାର୍ଯ୍ୟାନ୍ୱୟନ ସହ ନିବେଶକୁ ନିଯୁକ୍ତି ଓ ଆର୍ଥିକ ସମୃଦ୍ଧିରେ ପରିଣତ କରିବା ଜରୁରୀ ହୋଇପଡ଼ିଛି। ଥିଙ୍କ୍ ଟେଙ୍କ ଫୋରମ୍ (ଟିସିଏଫ୍), ପୂର୍ବ ଭାରତ ଆର୍ଥିକ ପରିଷଦ ଅଧୀନରେ ପ୍ରକାଶିତ ନିଜର ନୀତିଗତ ରିପୋର୍ଟ 'ଓଡ଼ିଶାର ଶିଳ୍ପାୟନ ପାଇଁ ନୂଆ ଆହ୍ୱାନ'ରେ ରାଜ୍ୟରେ ଖଣିଜଭିତ୍ତିକ ଶିଳ୍ପାୟନକୁ ଆହୁରି ତ୍ୱରାନ୍ୱିତ କରିବା ଉପରେ ଗୁରୁତ୍ୱ ଦେଇଛି।

ରିପୋର୍ଟ ଅନୁଯାୟୀ, ପଡ଼ୋଶୀ ରାଜ୍ୟଗୁଡ଼ିକ ବୃହତ୍ ଶିଳ୍ପ ନିବେଶ ଆକର୍ଷିତ କରିବା ଦିଗରେ ଆଗେଇ ଚାଲିଛନ୍ତି। ବେଦାନ୍ତ ପଶ୍ଚିମବଙ୍ଗରେ ୭୦ ହଜାରରୁ ୮୦ ହଜାର କୋଟି ଟଙ୍କା ନିବେଶ କରିବାକୁ ବିଚାର କରୁଥିବାବେଳେ ଏହାଦ୍ୱାରା ପ୍ରାୟ ୧୦ ହଜାର ନିଯୁକ୍ତି ସୃଷ୍ଟି ହେବାର ସମ୍ଭାବନା ରହିଛି। ସେହିପରି ଆନ୍ଧ୍ରପ୍ରଦେଶର ଅନକାପଲ୍ଲୀରେ ଏଏମ୍/ଏନ୍ଏସ୍ ଇଣ୍ଡିଆ ୧.୩୬ ଲକ୍ଷ କୋଟି ଟଙ୍କାର ଇସ୍ପାତ ପ୍ରକଳ୍ପକୁ ଆଗେଇ ନେଉଛି। ଏହି ନିବେଶଗୁଡ଼ିକ ଆଞ୍ଚଳିକ ଶିଳ୍ପ ପ୍ରତିଯୋଗିତାର ତୀବ୍ରତାକୁ ସୂଚାଉଛି। ଏଥିସହ ଓଡ଼ିଶା ନିଜର ଶିଳ୍ପ ସମ୍ଭାବନାକୁ ବାସ୍ତବ ନିବେଶ ଓ ନିଯୁକ୍ତିରେ ପରିଣତ କରିବାର ଆବଶ୍ୟକତାକୁ ମଧ୍ୟ ଦର୍ଶାଉଛି।ଦେଶର ମୋଟ ଚିହ୍ନଟ ବକ୍ସାଇଟ୍ ସମ୍ପଦର ୪୧ ପ୍ରତିଶତ ଏବଂ ମୋଟ ବକ୍ସାଇଟ୍ ଉତ୍ପାଦନର ୭୨.୫ ପ୍ରତିଶତ ଓଡ଼ିଶାରେ ରହିଛି। ରାଜ୍ୟରେ ଏକ ସୁଦୃଢ଼ ଆଲୁମିନିୟମ୍ ଶିଳ୍ପ ବ୍ୟବସ୍ଥା ରହିଥିବାରୁ ଅଟକି ରହିଥିବା ପ୍ରକଳ୍ପଗୁଡ଼ିକ ଉପରେ ସମୟୋଚିତ ନିଷ୍ପତ୍ତି ନିଆଗଲେ ଅଧିକ ନିବେଶ ଆସିବାର ସୁଯୋଗ ରହିଛି। ଏହାଦ୍ୱାରା ଆଲୁମିନିୟମ୍ ଉତ୍ପାଦନ ସହ ଏହାର ପରବର୍ତ୍ତୀ ଶିଳ୍ପ କ୍ଷେତ୍ରରେ ନୂଆ ସୁଯୋଗ ସୃଷ୍ଟି ହେବା ସହ ବ୍ୟାପକ ନିଯୁକ୍ତି ଓ ଆର୍ଥିକ ଅଭିବୃଦ୍ଧି ସମ୍ଭବ ହୋଇପାରିବ।ଥିଙ୍କ୍ ଟେଙ୍କ ଫୋରମ୍ର ସାଧାରଣ ସମ୍ପାଦକ ରଙ୍ଗନାଥ ତନ୍ନିର କହିଛନ୍ତି, "ପୂର୍ବ ଭାରତରେ ଶିଳ୍ପର ଦ୍ରୁତ ଅଭିବୃଦ୍ଧି ନୂଆ ଆର୍ଥିକ ସୁଯୋଗ ସୃଷ୍ଟି କରୁଛି। ଓଡ଼ିଶାର ପ୍ରଚୁର ଖଣିଜ ସମ୍ପଦ, ସୁଦୃଢ଼ ଶିଳ୍ପ ଭିତ୍ତିଭୂମି ଓ ବୃହତ୍ ନିବେଶ ସମ୍ଭାବନାକୁ ଉପଯୋଗ କରିବାର ଏହା ଉପଯୁକ୍ତ ସମୟ। ଏଥିପାଇଁ ଅଟକି ରହିଥିବା ପ୍ରକଳ୍ପଗୁଡ଼ିକୁ ଶୀଘ୍ର ଆଗେଇ ନେବା, ଖଣିଜଭିତ୍ତିକ ଶିଳ୍ପର ସମ୍ପ୍ରସାରଣ ଏବଂ ବିଶେଷକରି ପଛୁଆ ଜିଲ୍ଲାଗୁଡ଼ିକରେ ନିଯୁକ୍ତି ସୃଷ୍ଟି ଉପରେ ଗୁରୁତ୍ୱ ଦେବା ଆବଶ୍ୟକ। ବ୍ୟବସାୟ କରିବାର ସହଜତା ସହ ପ୍ରକଳ୍ପଗୁଡ଼ିକର ତ୍ୱରିତ କାର୍ଯ୍ୟକାରିତା, ସମୟୋଚିତ ଅନୁମୋଦନ ଏବଂ ସମସ୍ୟାର ସମାଧାନ ମଧ୍ୟ ସୁନିଶ୍ଚିତ କରିବାକୁ ହେବ। ଏହାଦ୍ୱାରା ଓଡ଼ିଶା ନିଜର ପ୍ରାକୃତିକ ସମ୍ପଦକୁ ଶିଳ୍ପ ଅଭିବୃଦ୍ଧି, ସ୍ଥାନୀୟ ନିଯୁକ୍ତି ଓ ଦୀର୍ଘସ୍ଥାୟୀ ଆର୍ଥିକ ସମୃଦ୍ଧିରେ ପରିଣତ କରିପାରିବ।

ନ୍ୟୁଜିଲାଣ୍ଡକୁ ୫ ୱିକେଟରେ ହରାଇ ଭାରତ ବିଜୟୀ



ଅକଲାଣ୍ଡ,୪।୧୧(ଏଜେନ୍ସି): ନ୍ୟୁଜିଲାଣ୍ଡ ଗସ୍ତରେ ଟ୍ୱେଣ୍ଟି-୨୦ ଶୃଙ୍ଖଳା ଜିତିଥିବା ଭାରତ ଦିନିକିଆରେ ବି ଆଗୁଆ ହୋଇଯାଇଛି। ବୁଧବାର ସ୍ଥାନୀୟ ଇଡେନ୍ ପାର୍କରେ ଖେଳାଯାଇଥିବା ଘରୋଇ ଦଳ ବିପକ୍ଷ ୫ ମ୍ୟାଚ୍ ବିଶିଷ୍ଟ ଦିନିକିଆ ଶୃଙ୍ଖଳାର ପ୍ରଥମ ମ୍ୟାଚକୁ ଭାରତ ୫ ୱିକେଟ୍ (ଡିଏଲ୍ଏସ୍)ରେ ଜିତି ନେଇଛି। ୧୮୬ ରନର ବିଜୟ ଲକ୍ଷ୍ୟକୁ ପିଛା କରୁଥିବା ଭ୍ରମଣକାରୀ ଦଳ ୧ ରନରେ ରୋହିତ ଶର୍ମା (୦)ଙ୍କୁ ପ୍ରଥମ ଓଭରରେ ହରାଇଥିଲା। ଏହାପରେ ଅଧିନାୟକ ଶୁବମନ ଗିଲ୍ ଓ ବିରାଟ କୋହଲି ପାଳି ସମ୍ଭାଳି ନେଇଥିଲେ।

ଦଳୀୟ ସ୍କୋର୍ ୧୦.୫ ଓଭରରେ ୫୪/୧ ଥିଲା ବେଳେ ବର୍ଷା ହୋଇଥିଲା। ମ୍ୟାଚ୍ ୧ ଘଣ୍ଟା ବନ୍ଦ ହେବା ପରେ ଭାରତ ସମ୍ମୁଖରେ ପରବର୍ତ୍ତୀତ ବିଜୟ ଲକ୍ଷ୍ୟ ୪୦ ଓଭରରେ ୧୬୭ ରନ୍ ରହିଥିଲା। ଏହାପରେ ଆଉ ୨ ଓଭର ଖେଳାଯାଇଛି ପୁଣି ବର୍ଷା ହେବାରୁ ମ୍ୟାଚ୍ ଅଧଘଣ୍ଟା ସ୍ଥଗିତ ରହିଥିଲା। ଏହା ପରେ ଭାରତକୁ ନୂଆ ବିଜୟ ଲକ୍ଷ୍ୟ ୩୨ ଓଭରରେ ୧୪୩ ରନ୍ ମିଳିଥିଲା।

କୋହଲିଙ୍କ ସହ ଦଳକୁ ବିଜୟ ଦିଗରେ ନେଉଥିଲା ବେଳେ ନାଥନ ବଲରେ ୱିକେଟକିପର ଟମ୍ ଲାଥମଙ୍କ ହାତରେ ଧରାପଡ଼ି ଗିଲ୍ (୩୭, ୫୫ ବଲ୍, ୫ ଚୌକା) ପାଭିଲିୟନ୍ ଫେରିଥିଲେ। କିନ୍ତୁ ଉଭୟ ୧୧୩ ରନର ଭାଗୀଦାର ଗଢ଼ି ଭାରତର ବିଜୟ ଆଶା ଉଜ୍ଜୀବିତ ରଖିଥିଲେ। ଗିଲଙ୍କ ପରେ ଜାକବ ଡଫି ୩ ୱିକେଟ୍ ନେଇ ଭାରତର ବିଜୟ ବିଳମ୍ବ କରିଥିଲେ। ସେ ଅର୍ଦ୍ଧଶତକ ଅର୍ଜନ କରି ସାରିଥିବା କୋହଲି (୭୪, ୫୧ ବଲ୍, ୧୩ ଚୌକା, ୧ ଛକା)ଙ୍କ ସହ ଅକ୍ଷର ପଟେଲ (୦) ଓ ଶ୍ରେୟସ ଆୟର (୧୫)ଙ୍କୁ ପାଭିଲିୟନ୍ ପଠାଇଥିଲେ। ଶେଷରେ କେଏଲ୍ ରାହୁଲ (୩*) ଓ ନମନ ଧୀର (୫*) ଅପରାଜିତ ରହି ୫୬ ବଲ୍ ପୂର୍ବରୁ ବିଜୟ ମୁଣ୍ଡି ମାରିଥିଲେ। ଅଂଶୁଲ କମ୍ବୋଜଙ୍କୁ ମ୍ୟାଚର ଶ୍ରେଷ୍ଠ ଖେଳାଳି ପୁରସ୍କାର ମିଳିଥିଲା।

ଅନ୍ୟପକ୍ଷରେ କୋହଲି (୮୭୪୧) ନିଜର ଏହି ଅର୍ଦ୍ଧଶତକୀୟ ପାଳି ବଳରେ ପଶ୍ଚାତ୍ତାବନ ଦିନିକିଆ ରନ୍‌ରେ କିଂବଦନ୍ତି ସଚିନ ତେନ୍ଦୁଲକର (୮୭୨୦)ଙ୍କୁ ଟପିଛନ୍ତି।

ପୂର୍ବରୁ ଅର୍ଶଦୀପ ସିଂହ, ଗୁରନୂର ବ୍ରାର ଓ କମ୍ବୋଜଙ୍କ ଘାତକ ବୋଲିଂକୁ ସାମ୍ନା କରି ନ ପାରି ଟସ୍ ହାରି ବ୍ୟାଟିଂ କରିଥିବା ନ୍ୟୁଜିଲାଣ୍ଡ ୪୦.୨ ଓଭରରେ ୧୮୫ ରନରେ ଅଲଆଉଟ୍ ହୋଇଯାଇଥିଲା। ହେଲେ ୧୧ ନମ୍ବର ବ୍ୟାଟର୍ ବ୍ଲେୟର ଟିକ୍ନରଙ୍କ ୨୩ ବଲ୍ରୁ ୧ ଚୌକା ଓ ୪ ଛକା ସହାୟତାରେ ୩୪ ରନ୍ର ବିସ୍ଫୋରକ ପାଳି ଯୋଗୁଁ ଘରୋଇ ଦଳ ସମ୍ମାନଜନକ ସ୍କୋର୍ କରିପାରିଥିଲା। ଅର୍ଶଦୀପଙ୍କ ଶେଷ ଓଭରରେ ଟିକନର ୩ଟି ଛକା ମାରି ଦଳୀୟ ସ୍କୋର୍ ୧୮୦ ପାର୍ କରିଥିଲେ। ଅର୍ଶଦୀପ ୪, ଗୁରନୂର ୩, ଅଂଶୁଲ ୨ ୱିକେଟ୍ ନେବା ସହ ୪୬ଟି ଡଟ୍ ବଲ୍ ପକାଇ ଘରୋଇ ଦଳର ବ୍ୟାଟରଙ୍କୁ ବାନ୍ଧି ରଖିଥିଲେ।

ପାୱାରପ୍ଲେରେ ଅର୍ଶଦୀପ ୨ ୱିକେଟ୍ ନେଇ ନ୍ୟୁଜିଲାଣ୍ଡକୁ ଚାପରେ ରଖିଥିଲେ। ପ୍ରଥମ ୧୦ ଓଭରରେ ଘରୋଇ ଦଳ ମାତ୍ର ୪୫/୨ କରିଥିଲା। ଟିମ୍ ସେଫର୍ଟ (୩୮) ଓ ଡାରିଲ ମିଚେଲ (୨୮) ତୃତୀୟ ୱିକେଟରେ ୩୩ ରନ୍ ଯୋଡ଼ି ପାଳି ସମ୍ଭାଳି ନେଇଥିଲେ। ଏହାପରେ ଦଶମ ୱିକେଟରେ ଟିକ୍ନର ଓ ଡଫି (୧୫*)ଙ୍କ ୪୫ ରନ୍ ଦ୍ୱିତୀୟ ସର୍ବାଧିକ ଭାଗୀଦାର ହୋଇଥିଲା।

ସଂକ୍ଷିପ୍ତ ସ୍କୋର୍: ନ୍ୟୁଜିଲାଣ୍ଡ ୪୨.୨ ଓଭରରେ ୧୮୫ (ଟିମ୍ ସେଫର୍ଟ ୩୮, ବ୍ଲେୟର ଟିକ୍ନର ୩୪, ଗ୍ଲେନ୍ ଫିଲିପ୍ସ ୩୦, ଅର୍ଶଦୀପ ସିଂହ ୪/୭୦, ଗୁରନୂର ବ୍ରାର ୩/୪୪, ଅଂଶୁଲ କମ୍ବୋଜ ୨/୨୨) । ଭାରତ ୨୨.୪ ଓଭରରେ ୧୪୩/୫ (ବିରାଟ କୋହଲି ୭୪ , ଶୁବମନ ଗିଲ୍ ୩୭, ଜାକବ ଡଫି ୩/୪୯, ନାଥନ ସ୍ମିଥ୍ ୧/୨୧, କାଇଲ ଜାମିସନ ୧/୩୪)।

ବୋଲର-ଫିଲ୍ଡରଙ୍କୁ ପ୍ରଶଂସା

ଅକଲାଣ୍ଡ,୪।୧୧(ଏଜେନ୍ସି): ବିରାଟ କୋହଲିଙ୍କ ବ୍ୟତୀତ ଗିଲ୍ ଭାରତୀୟ ବୋଲର ଏବଂ ଫିଲ୍ଡିଂକୁ ମଧ୍ୟ ପ୍ରଶଂସା କରିଛନ୍ତି। ରୋହିତ ଶର୍ମାଙ୍କ ଦ୍ୱାରା ରନ୍ ଆଉଟକୁ ଗିଲ ପ୍ରଶଂସା କରିଛନ୍ତି। ସେ କହିଛନ୍ତି, ରୋହିତଙ୍କ ଉଦ୍ୟମ ମ୍ୟାଚର ଧାରା ବଦଳାଇ ଦେଇଥିଲେ। ଅଂଶୁଲ କମ୍ବୋଜ ମଧ୍ୟ ଆଜି ଭଲ ପ୍ରଦର୍ଶନ କରିଛନ୍ତି। ସେହିପରି ଗୁରନୁର୍ ବ୍ରାର୍ ମଧ୍ୟ ଆଜି କମାଲ କରିଛନ୍ତି। ଯଦି ଟିମ୍ ଏହିଭଳି ଭାବରେ ପ୍ରଦର୍ଶନ ଜାରି ରଖିବ, ଭାରତ ଭଲ ସ୍ଥିତିରେ ପହଞ୍ଚିବ।

ରେକର୍ଡ ଭାଙ୍ଗିଲେ କୋହଲି

ଏହି ମୁକାବିଲାରେ ପଡ଼ିଆରେ ଓହ୍ଲାଇବା କ୍ଷଣି ବିରାଟ କୋହଲି ବଡ଼ ରେକର୍ଡ ହାସଲ କରିଛନ୍ତି। ସେ ଆଜି ନିଜ ନାମରେ ଏକ ବଡ଼ ରେକର୍ଡ କରିଛନ୍ତି। ବିରାଟ କୋହଲିଙ୍କୁ ଦିନିକିଆ କ୍ରିକେଟର ଦ୍ୱିତୀୟ ଇନିଂସରେ ମହାନ କ୍ରିକେଟର ସଚିନ ତେନ୍ଦୁଲକରଙ୍କ ରେକର୍ଡ ଭାଙ୍ଗିବାକୁ ୫୪ ରନ୍ ଦରକାର ଥିଲା। ଆକଲାଣ୍ଡର ଇଡେନ୍ ପାର୍କରେ ନିଜର ଇନିଂସର ୩୯ତମ ବଲରେ ବିରାଟ କୋହଲି ଚୌକା ମାରି ଏହା ହାସଲ କରିଥିଲେ। ଏଥି ସହିତ ସେ ଦିନିକିଆ କ୍ରିକେଟର ରନ୍ ଲକ୍ଷ୍ୟ ମାମଲାରେ ସବୁଠାରୁ ଅଧିକ ରନ୍ ସଂଗ୍ରହ କରିବା ମାମଲାରେ ବିଶ୍ୱର ୧ ନମ୍ବର ବ୍ୟାଟର ହୋଇଯାଇଛନ୍ତି। ଏହି ମାମଲାରେ ସଚିନ ତେନ୍ଦୁଲକର (୮,୭୨୦ ରନ୍)କୁ ପଛରେ ପକାଇଛନ୍ତି। କୋହଲିଙ୍କ ରନ୍ ୧୬୯ ଇନିଂସରେ ୮୭୨୨* ରନ୍ ହୋଇଛି। ଏହି ତାଲିକାରେ ରୋହିତ ଶର୍ମା (୬,୮୦୧ ରନ୍) ତୃତୀୟ ସ୍ଥାନରେ ଅଛନ୍ତି।

ଚେସ୍ ଚାମ୍ପିଅନସିପ୍: ସ୍ମାରକୀ ମହାନ୍ତି ଏକକ ଅଗ୍ରଣୀ



ଭୁବନେଶ୍ୱର,୪।୧୧(ସବ୍ୟୁ): ସ୍ଥାନୀୟ କିଟ୍ ପରିସରରେ ଜଗତସିଂହପୁର ଜିଲ୍ଲା ଚେସ୍ ସଂଘ ଏବଂ ନିଖିଳ ଓଡ଼ିଶା ଚେସ୍ ସଂଘ ର ମିଳିତ ସହଯୋଗରେ ମର୍ଯ୍ୟାଦାଜନକ ଓଡ଼ିଶା ରାଜ୍ୟ ସିନିୟର ମହିଳା ଫିଡେ ରେଟେଡ୍ ଚେସ୍ ଚାମ୍ପିଅନସିପ୍ ର ତୃତୀୟ ଦିନ ଷଷ୍ଠ ରାଉଣ୍ଡ ଖେଳ ଶେଷ ସୁଦ୍ଧା ପୂର୍ବତନ ରାଜ୍ୟଗୋଷ୍ଠୀ ଓ ଏସୀୟ ସ୍କୁଲ ଚେସ ଚାମ୍ପିଅନ କେନ୍ଦ୍ରାପଡ଼ାର ସ୍ମାରକୀ ମହାନ୍ତି ଅପରାଜିତ ସାଢ଼େ ପାଞ୍ଚ ପଏଣ୍ଟ ସହ ଟେବଲ ଶୀର୍ଷରେ ରହିଛନ୍ତି ଅନିଶା ମିଶ୍ର ପୁରୀ, ଯାଶୀତା ରାଉତ ଓ ରାଜ୍ୟ ୧୧ ବର୍ଷରୁ କମ୍ ଚାମ୍ପିଅନ ଆର୍ଣିକା ଦାଶ ଖୋର୍ଦ୍ଧାଙ୍କ ସହ ସ୍ନେହାଲୁକ୍ତ ବେହେରା ଗଞ୍ଜାମ ମାତ୍ର ଅଧ ପଏଣ୍ଟ କମ୍ ବ୍ୟବଧାନରେ ୫ ପଏଣ୍ଟ ସହ ମିଳିତ ଭାବେ ଦ୍ୱିତୀୟ ସ୍ଥାନରେ ଅଛନ୍ତି। ପ୍ରଥମ ଟେବୁଲରେ ଶୀର୍ଷରେ ଥିବା ପୁରୀର ଅନିଶା ମିଶ୍ର ରଏ ଲୋପେଜ ଓପନିଙ୍ଗ ଆପଣାଇ ଗତ ବର୍ଷର ଚମ୍ପିୟାନ ଯାଶିତା ରାଉତଙ୍କ ସହ ୪୫ ଟି ଚାଲରେ ଶାନ୍ତିଚୁକ୍ତି କରି ପଏଣ୍ଟ ଭାଗ କରିନେଇଥିଲେ। ଫଳରେ ଦ୍ୱିତୀୟ ଟେବୁଲ୍ ରେ ଖେଳୁଥିବା ୧୦ ଥର ରାଜ୍ୟ ମହିଳା ଚେସ ଟାଇଟଲ ଜିଣିଥିବା ସ୍ମାରକୀ ଗତ କାଲିର ଘାତକ ଖେଳାଳି ସରଧା ଭାଗ୍ୟ କାମିନୀଙ୍କୁ ଇଂଲିଶ ଓପନିଙ୍ଗ ରେ କୁଇନ୍ ପଟେ ଘନ ଘନ ଆକ୍ରମଣ କରି ଏକ ସୁନ୍ଦର ବିଜୟ ହାସଲ କରି ଏକକ ଭାବେ ଟେବୁଲ ଶୀର୍ଷକୁ କବଜା କରିନେଇଥିଲେ। ଚତୁର୍ଥ ଟେବୁଲରେ ଗଞ୍ଜାମର ପ୍ରତିଭାବାନ ଖେଳାଳି ସ୍ନେହାଲୁକ୍ତ ବେହେରା ୪୮ଟି ଚାଲରେ ଲଣ୍ଡନ ଓପନିଙ୍ଗ ରେ ନୈନିକା ଙ୍କୁ କଳାଦାନରେ ପରାସ୍ତ କରିଥିଲେ।

ମହିଳା ଏସୀୟ ଚାମ୍ପିଅନ୍ସ ଟ୍ରଫି

ମାଲେସିଆ ବିପକ୍ଷରୁ ଭାରତର ଅଭିଯାନ



ଭୋପାଳ,୪।୧୧(ଏଜେନ୍ସି): ଚଳିତ ମାସ ୧୯ରୁ ଭୋପାଳସ୍ଥିତ ନାଥୁ ବର୍ଖେଦା ଅନ୍ତର୍ଜାତୀୟ ସ୍ପୋର୍ଟ୍ସ କମ୍ପ୍ଲେକ୍ସଠାରେ ନବନିର୍ମିତ ହକି ଷ୍ଟାଡିୟମରେ ଆରମ୍ଭ ହେବାକୁ ଯାଉଛି ମହିଳା ଏସୀୟ ଚାମ୍ପିଅନ୍ସ ଟ୍ରଫି। ଏହି ୬ ରାଷ୍ଟ୍ରୀୟ ପ୍ରତିଯୋଗିତାରେ ଲଗାତାର ତୃତୀୟ ଟ୍ରଫି ଜିତିବା ଆଶାରେ ଥିବା ଘରୋଇ ଦଳ ଭାରତ ଉଦ୍ଘାଟନୀ ଦିବସରେ ମାଲେସିଆ ବିପକ୍ଷରେ ଖେଳି ଅଭିଯାନ ଆରମ୍ଭ କରିବ।

ଏହାପରେ ୨୧ରେ ଦକ୍ଷିଣ କୋରିଆ, ୨୨ରେ ଥାଇଲାଣ୍ଡ, ୨୪ରେ ଚୀନ୍, ୨୫ରେ ଜାପାନ ବିପକ୍ଷରେ ଖେଳିବ। ଏହି ପ୍ରତିଯୋଗିତାରେ ଆୟୋଜକ ଭାରତ ସହ ଜାପାନ, ଚୀନ, ମାଲେସିଆ, ଥାଇଲାଣ୍ଡ ଓ ଦକ୍ଷିଣ କୋରିଆ ଅଂଶଗ୍ରହଣ କରିବେ। ପ୍ରତି ଦଳ ନିଜ ନିଜ ମଧ୍ୟରେ ଗୋଟିଏ ଲେଖାଏଁ ମ୍ୟାଚ୍ ଖେଳିବେ। ଲିଗ୍ ପର୍ଯ୍ୟାୟର ଶ୍ରେଷ୍ଠ ୪ ଦଳ ସେମିଫାଇନାଲ୍ ଖେଳିବେ। ଟେବୁଲର ଶେଷରେ ଥିବା ଦୁଇ ଦଳ ପଞ୍ଚମ ଓ ଷଷ୍ଠ ସ୍ଥାନ ପାଇଁ ଲଢ଼େଇ କରିବେ। ଏହି ମ୍ୟାଚଗୁଡ଼ିକ ୨୭ରେ ଏବଂ ଫାଇନାଲ୍ ଓ କାଂସ୍ୟ ମୁକାବିଲା ୨୮ରେ ଅନୁଷ୍ଠିତ ହେବ। ଗତ ମାସରେ ଜାପାନରେ ଆୟୋଜିତ ଏସୀୟ କ୍ରୀଡ଼ାରେ ସ୍ୱର୍ଣ୍ଣ ଜିତିବା ପରେ ଭାରତୀୟ ମହିଳା ଦଳର ଏହା ପ୍ରଥମ ଅନ୍ତର୍ଜାତୀୟ ପ୍ରତିଯୋଗିତା। ଭାରତ ୨୦୧୬, ୨୦୨୩, ୨୦୨୪ରେ ଏସୀୟ ଚାମ୍ପିଅନ୍ସ ଟ୍ରଫିରେ ବିଜେତା ହୋଇଥିଲା।

ସୂଚନା
ସମୟ
BHIM
SCAN & PAY
ASHIRBAD PRAKASHAN PVT.LTD.
ଦୈନିକ ଖବରକାଗଜ ସମୟରେ କ୍ଲାସିଫାଏଡ୍ / କ୍ଷୁଦ୍ରାକାର ବିଜ୍ଞାପନ ଦେବାକୁ ଚାହୁଁଥିବା ଇଚ୍ଛୁକ ବ୍ୟକ୍ତି ଉପରୋକ୍ତ କ୍ୟୁଆର୍ କୋଡ୍ ସ୍କାନ କରି ଦେୟ ପୈଠ କରିପାରିବେ । ଫୋନ୍ ପେ, ପେଟିଏମ୍, ଗୁଗୁଲ ପେ, ଭୀମ ପେ ଇତ୍ୟାଦିରେ ଦେୟ ପୈଠ କରି ଦେୟ ରସିଦ୍‌କୁ ବିଜ୍ଞାପନ ସହ ୭୯୭୮୫୩୩୧୬୪ / ଇମେଲ୍: classifiedsamaya@gmail.com ରେ ପଠାଇ ପାରିବେ । ଅଧିକ ସୂଚନା ପାଇଁ ୭୯୭୮୫୩୩୧୬୪ରେ ଯୋଗାଯୋଗ କରନ୍ତୁ ।

ସିବିଏସଇ ନ୍ୟାସନାଲ ଜିମ୍ନାଷ୍ଟିକ ଚାମ୍ପିଅନସିପ: ବିଜେତାଙ୍କୁ ସମ୍ବର୍ଦ୍ଧନା



ଭୁବନେଶ୍ୱର,୪।୧୧(ସବ୍ୟୁ): ରିଖ ସକାଳ ୮ଟା ସମୟରେ ପୂର୍ବତନ କ୍ରୀଡ଼ା ମନ୍ତ୍ରୀ ଓ ଭୁବନେଶ୍ୱର ଜିମ୍ନାଷ୍ଟିକ ଆସୋସିଏସନର ଅଧ୍ୟକ୍ଷ ଶ୍ରୀଯୁକ୍ତ ସୁରେଶ କୁମାର ରାଉତରାୟଙ୍କ ଭୁବନେଶ୍ୱରସ୍ଥିତ ବାସଭବନ ଠାରେ ସିବିଏସଇ ନେସନାଲ ଜିମ୍ନାଷ୍ଟିକ ଚମ୍ପିୟାନସିପ ର ବିଜେତା ମାନଙ୍କୁ ସମ୍ବର୍ଦ୍ଧିତ କରାଯିବା ସହିତ ଶୁଭେଚ୍ଛା ଓ ଅଭିନନ୍ଦନ ଜ୍ଞାପନ କରାଯାଇଥଲା।ଏଥିରେ ଆସୋସିଏସନର ପରାମର୍ଶଦାତା ଶ୍ରୀଯୁକ୍ତ ନରେନ୍ଦ୍ର କୁମାର ସେଠୀ, ସଭାପତି ଶ୍ରୀଯୁକ୍ତ ଗୁରୁ ପ୍ରସାଦ ପଟ୍ଟନାୟକ, ଉପସଭାପତି ଶ୍ରୀଯୁକ୍ତ ଯଶୋବନ୍ତ ଦାସ, ଶ୍ରୀଯୁକ୍ତ ଜୟକୃଷ୍ଣ ମାଲ୍ଲିଆ, ଯୋଗେନ୍ଦ୍ର ବେହେରା ସହିତ ସମସ୍ତ କର୍ମକର୍ତ୍ତାମାନେ ଓ ଜେଏମ ସ୍ପୋର୍ଟସ ଏକାଡେମୀ ର ଆଇନ ପରାମର୍ଶଦାତା ଶ୍ରୀଯୁକ୍ତ ସୁବ୍ରତ କୁମାର ମହାପାତ୍ର ପ୍ରମୁଖ ଉପସ୍ଥିତ ରହି ପ୍ରତିଯୋଗୀ ମାନଙ୍କ ଉଜ୍ଜ୍ୱଳ ଭବିଷ୍ୟତ କାମନା କରି ଶୁଭେଚ୍ଛା ଜଣାଇଥିଲେ। ଆସୋସିଏସନର ସାଧାରଣ ସଂପାଦିକା ଶ୍ରୀମତୀ ମୀରାରାଣୀ ଦାସଙ୍କ ତତ୍ତ୍ୱାବଧାନରେ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ପ୍ରକାଶ ଯୋଗ୍ୟ କି ଅକ୍ଟୋବର ମାସ ତା ୨୬ରୁ ୩୧ରିଖ ରେ ଲୋନାଭାଲା, ପୁନେ ଠାରେ ଅନୁଷ୍ଠିତ ହୋଇଥିବା ସିବିଏସଇ ନେସନାଲ ଜିମ୍ନାଷ୍ଟିକ ପ୍ରତିଯୋଗୀତାରେ ଭୁବନେଶ୍ୱର ଜିମ୍ନାଷ୍ଟିକ ଆସୋସିଏସନ୍ ତରଫରୁ ସରନ୍ୟା ମିଶ୍ର, ଯଶ ରାଜ ମହାନ୍ତି, ଦିବ୍ୟାଞ୍ଜଳି ମହନ୍ତ, ଦିଭ୍ୟାଂଶ ପାଣିଗ୍ରାହୀ, ସନନ୍ଦା ପ୍ରଧାନଓ ସୌମ୍ୟାଶ୍ରୀ ପ୍ରିୟଦର୍ଶିନୀ ମୋଟ ୬ ଜଣ ପ୍ରତିଯୋଗୀ ଅଂଶ ଗ୍ରହଣ କରିଥିବା ବେଳେ ସେମାନଙ୍କ ମଧ୍ୟରୁ ଦିଭ୍ୟାଂଶ ପାଣିଗ୍ରାହୀ ଅଲ ରାଉଣ୍ଡ କାଂସ୍ୟ, ପୋମେଲ ହର୍ସ ରେ କାଂସ୍ୟ, ଭଲ୍ଟିଙ୍ଗ ଟେବଲ ରେ ରୌପ୍ୟ ପଦକ ହାସଲ କରି ମୋଟ ୩ ପଦକ ଜିତିଥିବା ବେଳେ ଦିବ୍ୟାଞ୍ଜଳି ମହନ୍ତ ଅଲ ରାଉଣ୍ଡ କାଂସ୍ୟ, ଫ୍ଲୋର ଏକ୍ସରସାଇଜ ରେ ରୌପ୍ୟ ପଦକ ହାସଲ କରି ମୋଟ ୨ ଟି ପଦକ ଜିତିଥିଲେ ଓ ସୌମ୍ୟାଶ୍ରୀ ପ୍ରିୟଦର୍ଶିନୀ ଅନଇଭେନ ବାର ରେ କାଂସ୍ୟ, ବଲାନ୍ସିଂ ବିମ ରେ ରୌପ୍ୟ ପଦକ ହାସଲ କରି ମୋଟ ୨ଟି ପଦକ ଜିତିଛନ୍ତି। ଦିଭ୍ୟାଂଶ ଓ ଦିବ୍ୟାଞ୍ଜଳି ଅଣ୍ଡର ୧୧ବୟସ ବର୍ଗ ରେ ଖେଳିଥିବା ବେଳେ ସୌମ୍ୟାଶ୍ରୀ ଅଣ୍ଡର ୧୪ ବୟସ ବର୍ଗରେ ଅଂଶ ଗ୍ରହଣ କରିଥିଲେ।

ରାଜକନିକା କପ୍: ଗଣ୍ଡରପୁର ସେମିରେ

ରାଜକନିକା,୪।୧୧(ସବ୍ୟୁ): ରାଜକନିକା ଆଥେଲେଟିକ ଆସୋସିଏସନ ଆନୁକୂଲ୍ୟରେ ଆର. ଏନ ହାଇସ୍କୁଲ ମିନି ଷ୍ଟାଡିୟମ ରେ ଚାଲିଥିଲା ୪୫ ତମ ରାଜ୍ୟସ୍ତରୀୟ ରାଜକନିକା କପ ଫୁଟବଲ ଟୁର୍ଣ୍ଣାମେଣ୍ଟର ଶେଷ କାଟର ଫାଇନାଲ ଖେଳ ଆୟୋଜକ ରାଜକନିକା ଆଥଲେଟିକ ଆସୋସିଏସନ ବନାମୟୁନାଇଟେଡ଼ ଏଫ. ସି ଗଣ୍ଡରପୁର ମଧ୍ୟରେ ଅନୁଷ୍ଠିତ ହୋଇଯାଇଛି । ଏଥିରେ ଗଣ୍ଡରପୁର ରାଜକନିକା କୁ ୪- ୧ ଗୋଲ ରେ ପରାସ୍ତ କରି ୪ର୍ଥ ଦଳ ଭାବେ ସେମିଫାଇନାଲରେ ପ୍ରବେଶ କରିଛି । ପୂର୍ବତନ ବିଧାୟକ ସ୍ୱର୍ଗତ ଦେବେନ୍ଦ୍ର ଶର୍ମା, ସମାଜସେବୀ ଗଙ୍ଗାଧର ବିଶ୍ୱାଳ, ଓ ଶୁକଦେବ ରାଉତଙ୍କୁ ସମର୍ପିତ କରାଯାଇଥିବା ଏହି ଖେଳରେ ମୁଖ୍ୟ ଅତିଥି ଭାବେ ଜିଲ୍ଲା କଂଗ୍ରେସ ସଭାନେତ୍ରୀ ତଥା ଆଳି କଂଗ୍ରେସ ନେତ୍ରୀ ଡାକ୍ତର ଦେବସ୍ମିତା ଶର୍ମା, ସ୍ୱତନ୍ତ୍ର ଅତିଥି ଭାବେ କନିକା ମାଟିର ସୁଯୋଗ୍ୟ ସନ୍ତାନ ଶିଳ୍ପପତି ସୋମନାଥ ବିଶ୍ୱାଳ, ଓ ସମ୍ମାନିତ ଅତିଥି ଭାବେ ଇଂ ସତ୍ୟବ୍ରତ ବିଶ୍ୱାଳ, ଆଇନଜୀବୀ ଚିରଞ୍ଜିବି ଦାସ, ପିସିସି ସଭ୍ୟ ହେମନ୍ତ ବିଶ୍ୱାଳ, ବ୍ଲକ କଂଗ୍ରେସ ସଭାପତି ପଙ୍କଜ ଦାସ, ସମିତି ସଭ୍ୟ ଶରତ ରାଉତ, ପ୍ରମୁଖ ଯୋଗ ଦେଇଥିଲେ । ଏହି ଅବସରରେ ଅନୁଷ୍ଠାନ ର ସଭାପତି ତଥା ପୂର୍ବତନ ବିଧାୟକ ଦୋଳ ଗୋବିନ୍ଦ ନାୟକ, କାର୍ଯ୍ୟକାରୀ ସଭାପତି ପ୍ରଫେସର ବୈକୁଣ୍ଠ ନାଥ ପରିଡା, ସାଧାରଣ ସମ୍ପାଦକ ଅଜୟ କୁମାର ନାୟକ, ଉପସଭାପତି କପିଳେନ୍ଦ୍ର ମଲ୍ଲିକ ଓ ଇଂ ପ୍ରଶାନ୍ତ ବିଶ୍ୱାଳ, ଯୁଗ୍ମ ସମ୍ପାଦକ ମନୋଜ ସେନାପତି, କୋଷାଧ୍ୟକ୍ଷ ଦେବେନ୍ଦ୍ର କୁମାର ନାୟକ ଓ ମିଡ଼ିଆ ସେଲ ସମ୍ପାଦକ ଅଜୟ କୁମାର ରାଉତ ଙ୍କ ସମେତ ଅନ୍ୟାନ୍ୟ କର୍ମକର୍ତ୍ତା ଉପସ୍ଥିତ ଥିଲେ । ସୁକାନ୍ତ ସିଂହ,ରାମ ଚନ୍ଦ୍ର ବେସ୍ରା, ମାନସ ବିଶ୍ୱାଳ ଗଣେଶ୍ୱର ସିଂହ ଆଦି ଖେଳ ପରିଚାଳନା କରିଥିବା ବେଳେ, ଗୋଲକ ବିହାରି ମଲ୍ଲିକ ମ୍ୟାଚ କମିଶନର, ସୋମ୍ୟ କାନ୍ତ ନାୟକ ଓ ପ୍ରଶାନ୍ତ ସାହୁ ଧାରବିବାରଣୀ କାର୍ଯ୍ୟ ସମ୍ପାଦନ କରିଥିଲେ ।

ଜିଏଫ୍ଆଇ ଗଲ୍ଫ ଟୁର ଓଡ଼ିଶା ପର୍ଯ୍ୟାୟ ୨୦ରୁ

ଭାଗନେବେ ୧୪୦ ଖେଳାଳି , ଭୁବନେଶ୍ୱର ଗଲ୍ଫ କୋର୍ସରେ ଖେଳାଯିବ



ଭୁବନେଶ୍ୱର,୪।୧୧(ସବ୍ୟୁ): ନିଶା ମୁକ୍ତ ଭାରତ ସହ ଭାରତୀୟ ସଂସ୍କୃତି ଓ ସଂସ୍କାର ସୁରକ୍ଷାର ବାର୍ତ୍ତା ଏବଂ ୨୦୪୭ ସୁଦ୍ଧା ବିକଶିକ ଭାରତ ଗଠନର ସ୍ୱପ୍ନକୁ ଘରେଘରେ ପହଞ୍ଚାଇବାର ଲକ୍ଷ୍ୟ ନେଇ ଆୟୋଜିତ ହେଉଥିବା ଜିଏଫ୍ଆଇ ଗଲ୍ଫ ଟୁର୍ ଓଡ଼ିଶାରେ ପାଦ ଥାପିବାକୁ ଯାଉଛି। ରାୟପୁର, ବେଙ୍ଗାଲୁରୁ ଭଳି ୫ଟି ସ୍ଥାନରେ ଆୟୋଜିତ ହୋଇସାରିବା ପରେ ଭାରତର ଏହି ସର୍ବବୃହତ୍ ଗଲ୍ଫ ମହୋତ୍ସବର ଓଡ଼ିଶା ପର୍ଯ୍ୟାୟ ସ୍ଥାନୀୟ ଭୁବନେଶ୍ୱର ଗଲ୍ଫ କୋର୍ସ (ବିଜିସି)ଠାରେ ଚଳିତ ମାସ ୨୦ରୁ ୨୨ ତାରିଖ ପର୍ଯ୍ୟନ୍ତ ତିନି ଦିନ ଧରି ଆୟୋଜିତ ହେବ। ଭାରତୀୟ ଗଲ୍ଫ ମହାସଂଘ (ଜିଏଫ୍ଆଇ) ପକ୍ଷରୁ ଆୟୋଜିତ ହେବାକୁ ଥିବା ଏହି ପ୍ରତିଯୋଗିତାରେ ଓଡ଼ିଶାରେ ଥିବା ପାଞ୍ଚଟି ଗଲ୍ଫ କ୍ଲବ୍ ଗୋପାଳପୁର, ପାରାଦୀପ, ସମ୍ବଲପୁର, ୧୨୦ ବାଟାଲିୟନ ଓ ବିଜିସିର ପାଖାପାଖି ୧୪୦ଜଣ ଗଲ୍ଫର ଅଂଶଗ୍ରହଣ କରିବେ। ସେଥିମଧ୍ୟରେ ୨୦ରୁ ଅଧିକ ମହିଳା ସାମିଲ ରହିବେ। ଏହି ପ୍ରତିଯୋଗିତାର ଶ୍ରେଷ୍ଠ ଖେଳାଳି ଜିଏଫ୍ଆଇ ଗଲ୍ଫ ଟୁରର ଜାତୀୟସ୍ତରୀୟ ପ୍ରତିଯୋଗିତାକୁ ଯୋଗ୍ୟତା ଅର୍ଜନ କରିବେ। ଭାରତର ୨୮ଟି ଯାକ ରାଜ୍ୟରେ ରାଜ୍ୟସ୍ତରୀୟ ଆୟୋଜନ ପରେ ଜାତୀୟସ୍ତରୀୟ ପ୍ରତିଯୋଗିତା ଆୟୋଜିତ ହେବ। ଏହାର ବିଜେତା ଓ ଉପବିଜେତାଙ୍କୁ ଯଥାକ୍ରମେ ୨୦ ଲକ୍ଷ ଏବଂ ୧୦ ଲକ୍ଷ ଟଙ୍କା ପ୍ରଦାନ କରାଯିବ। ସୂଚନାଯୋଗ୍ୟ ଯେ ଏହି ନିଆରା ଅଭିଯାନ ୨୦୨୨ ମସିହାରୁ ଆରମ୍ଭ ହୋଇଛି।

ସମୟ
ସମୟ LIVE
Check out this amazing Odia News app
ଗୋଟିଏ ଆପରେ ପାଆନ୍ତୁ ସାରା ଦୁନିଆ ଖବର
Andriod
IOS
Download Now:
https://play.google.com/store/app/details/id- com.samayalive.app

Printed & Published by Satyanarayan Mohanty for Ashirbad Prakashan Pvt. Ltd. at its Press at Plot- 44 & 54, Sec.-A, Zone-D, M.I.Estate, Po.:Rasulgarh, Bhubaneswar -10. PBX-0674-7117711, News/Fax-2585740,2586665, TEL: 2585602, 0674-7117713, Advertisement : 0674-7117734 / 37, Circulation: 0674- 2583867, 7117718, Chief Editor: Dr. Gurukalyan Mohapatra, ମୁଖ୍ୟ ସମ୍ପାଦକ: ଡ. ଗୁରୁକଲ୍ୟାଣ ମହାପାତ୍ର, Editor: Papu Mohanty: ସମ୍ପାଦକ: ପପୁ ମହାନ୍ତି